# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁଲାଇ ୩୧/୨୦୨୨ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, July 31/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୨୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**୧୦୦ତମ ଡେଭିସ୍ କପ୍ ମ୍ୟାଚ ଖେଳିଲେ ଭିସିନି**

ଡେଭିସ୍ କପ୍ ଟୁର୍ନାମେଣ୍ଟ ଇତିହାସରେ ପ୍ରଥମ ଖେଳାଳି ଭାବେ ୧୦୦ମ୍ୟାଚ ଖେଳି ଇତିହାସ ସୃଷ୍ଟି କରିଛନ୍ତି ଡୋମେନିକୋ ଭିସିନି। ୧୬

୧୨ **ଘର ବିକିଲେ ଜାହ୍ନବୀ**

ହିନ୍ଦୀ ଚଳଚ୍ଚିତ୍ର ନାୟିକା ଜାହ୍ନବୀ କପୁର ମୁମ୍ବାଇ ଜୁହୁରେ ଥିବା ତାଙ୍କର ଲକ୍ଜ୍ୟୁରି ଆପାର୍ଟମେଣ୍ଟକୁ ୪୪ କୋଟିରେ ବିକ୍ରି କରିଛନ୍ତି।



**ରାଜ୍ୟଗୋଷ୍ଠୀ କ୍ରୀଡ଼ା**

## ଭାରୋତ୍ତୋଳନରେ ଭାରତକୁ ୩ ପଦକ

# ସ୍ୱର୍ଣ୍ଣ ଜିତିଲେ ମୀରାବାଈ



**ବର୍ମିଂହାମ୍,୩୦।୭(ପି.ଟି)**

ରାଜ୍ୟଗୋଷ୍ଠୀ କ୍ରୀଡାର ଦ୍ୱିତୀୟ ଦିବସ ଶନିବାର ଭାରତ୍ତୋଳିକା ମୀରାବାଈ ଚାନୁ ଜିତିଛନ୍ତି ସ୍ୱର୍ଣ୍ଣ ପଦକ। ସମୁଦାୟ ୨୦୧ କିଗ୍ରାର ଭାରୋତ୍ତଳନ ସହିତ ଏହି ପଦକ ହାସଲ କରିଛନ୍ତି। ୪୯ କିଗ୍ରା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଚାନୁ ରେକର୍ଡ ସହିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ନିଜର ତୃତୀୟ ପଦକ ଜିତିଛନ୍ତି। ଏହା ପୂର୍ବରୁ ୨୦୧୪ରେ ରୌପ୍ୟ ଓ ୨୦୧୮ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅଲିମ୍ପିକ୍ସ ରୌପ୍ୟ ବିଜୟିନୀ ଚାନୁ ସ୍ନାଚରେ ପ୍ରଥମ ପ୍ରୟାସରେ ୮୪ କିଗ୍ରା ଓଜନ ଉଠାଇଥିଲେ। ଦ୍ୱିତୀୟ ପ୍ରୟାସରେ ୮୮ କିଗ୍ରା ଓଜନ ଉଠାଇବା ସହିତ ରେକର୍ଡ କରିଥିଲେ। ସମାନ ଢଙ୍ଗରେ କ୍ଲିନ୍ ଆଣ୍ଡ ଜର୍କରେ ୧୧୩ କିଗ୍ରା ଓଜନ ଉଠାଇଥିଲେ ଚାନୁ। ମରିସସ୍‌ର ମାରି ହାନିତ୍ରା ରୋଇଲା ରାନିଭୋସୋଆ(୧୭୨ କିଗ୍ରା) ଓ କାନାଡାର ହାନ୍ନା କାମିନସ୍କି(୧୭୧ କିଗ୍ରା) ଓଜନ ଉଠାଇବା ସହିତ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଶନିବାର ଭାରତ ଭାରତ୍ତୋଳନରୁ ଗୋଟିଏ ଲେଖାଏଁ ରୌପ୍ୟ ଏବଂ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସଙ୍କେତ୍ ସରଗର ୫୫ କିଗ୍ରା ବର୍ଗରେ ରୌପ୍ୟ ଓ ଗୁରୁରାଜ ପୂଜାରୀ ୬୧ କିଗ୍ରା ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୨୭ ବର୍ଷୀୟା ଚାନୁ ନିଜ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ସମର୍ଥ ହୋଇନଥିଲେ ହେଁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହା ପୂର୍ବରୁ ଚାନୁଙ୍କ ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା ୨୦୭ କିଗ୍ରା(୮୮+୧୧୯)। ୧୧୯ କିଗ୍ରାର କ୍ଲିନ୍ ଆଣ୍ଡ ଜର୍କ ଉଠାଇବାର ବିଶ୍ୱ ରେକର୍ଡ ଚାନୁଙ୍କ ନାମରେ ରହିଛି। ଏନଏଫ୍‌ସି ଆରେନାରେ ଚାନୁଙ୍କ ପ୍ରଥମ ଦୁଇ ପ୍ରୟାସ ବେଶ୍ ଚମତ୍କାର ରହିଥିଲା। ୮୪ ଓ ୮୮ କିଗ୍ରାର ସ୍ନାଚ୍ ପରେ ୯୦ କିଗ୍ରାର ସ୍ନାଚ୍ ପାଇଁ ଚାନୁ ପ୍ରୟାସ କରି ବିଫଳ ହୋଇଥିଲେ। ସେହିପରି ୧୧୫ କିଗ୍ରାର କ୍ଲିନ୍ ଆଣ୍ଡ ଜର୍କ ପାଇଁ ତୃତୀୟ ପ୍ରୟାସରେ ବିଫଳ ହୋଇଥିଲେ ଚାନୁ। ପ୍ରଥମ ଦୁଇ ପ୍ରୟାସରେ ୧୦୯ ଓ ୧୧୩ କିଗ୍ରାର ଓଜନ ଉଠାଇଥିଲେ। ଚାନୁଙ୍କ ସମସ୍ତ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତାଙ୍କଠାରୁ ୧୫ କେଜି କମ୍ ଓଜନ ଉଠାଉଥିଲେ। ବାଂଲାଦେଶର ମରିଜା ଅଖତର ୭୦ କିଗ୍ରାର ଓଜନ ଉଠାଉଥିବା ସମୟରେ ତଳେ ପଡିଯାଇଥିଲେ।

# ପ୍ରଭାତ ବିଶ୍ୱାଳଙ୍କ ୨୫ ଲକ୍ଷ ଟଙ୍କା ଜବତ କଲା ଇଡି

**ସି-ଶୋର୍ ଚିଟ୍ ଫଣ୍ଡ୍ ମାମଲା**

- ଜବତ ତାଲିକାରେ ରହିଛି ମୋଟ ୩.୯୨କୋଟି
- ମିଡିଆ ଗୁରୁ କନ୍‌ସଲଟାନ୍ସି ସଂସ୍ଥାର ମଧ୍ୟ ସମ୍ପତ୍ତି ଆଟାଚ୍
- ୨୦୧୭ରେ ଗିରଫ ହୋଇ ଜେଲ ଯାଇଥିଲେ

**ଭୁବନେଶ୍ୱର, ୩୦।୭(ବ୍ୟୁରୋ)**

ବହୁ ଚର୍ଚ୍ଚିତ ସି-ଶୋର୍ ଚିଟ୍‌ଫଣ୍ଡ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ୩କୋଟି ୯୨ଲକ୍ଷ ୨୦ହଜାର ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଆଟାଚ୍ କରିଛି। ଏହି ସମ୍ପତ୍ତିରେ ପୂର୍ବତନ କଟକ-ଚୌଦ୍ୱାର ବିଧାୟକ ପ୍ରଭାତ



ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ

ବିଶ୍ୱାଳଙ୍କ କଟକ ଏସ୍‌ବିଆଇ ଶାଖାରେ ଥିବା ୨୫ ଲକ୍ଷ ଟଙ୍କା ରହିଛି। ଏଥିସହ ବାକି ସମ୍ପତ୍ତି ନୋଏଡାସ୍ଥିତ ମିଡିଆ ଗୁରୁ କନ୍‌ସାଲଟାନ୍ସି ସଂସ୍ଥାର ବୋଲି ଇଡି ପକ୍ଷରୁ କୁହାଯାଇଛି। ସି-ଶୋର୍ କମ୍ପାନୀଠାରୁ ଏସବୁ ଅର୍ଥ ଆସିଥିବା ପ୍ରମାଣ ମିଳିବା ପରେ ପ୍ରିଭେନଶନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମ୍‌ଏଲ୍‌ଏ), ୨୦୦୨ ଅନୁଯାୟୀ ଇଡି ଏଭଳି ପଦକ୍ଷେପ ନେଇଛି। ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଓ ସିବିଆଇ ପକ୍ଷରୁ ଏଫ୍‌ଆଇଆର୍ ଓ ଚାର୍ଜଶିଟ୍ ଆଧାରରେ ଏହି ସମ୍ପତ୍ତି ଆଟାଚ୍ ହୋଇଛି। ଏପର୍ଯ୍ୟନ୍ତ ଏହି ମାମଲାରେ ୨୬୧.୯୨ କୋଟି ଟଙ୍କା ଆଟାଚ୍ କରାଯାଇଥିବା ଇଡି ପକ୍ଷରୁ ସୂଚନା ଦିଆଯାଇଛି।

ଇଡି ସୂଚନା ଅନୁଯାୟୀ, ସି-ଶୋର୍ କମ୍ପାନୀ ଏକ ଅଣବ୍ୟାଙ୍କିଙ୍ଗ୍ ସଂସ୍ଥା ହୋଇ ମଧ୍ୟ ଏକାଧିକ ଲୋକଙ୍କ ☞ପୃଷ୍ଠା-୧୦

**ଆଜିର ସମ୍ପାଦକୀୟ** ଇଡିକୁ ଏତେ କ୍ଷମତା ?

# ବନ ବିଭାଗର ନିରସ୍ତ୍ର ମୁକାବିଲା

- ଢାଞ୍ଚା ବଦଳୁନି, ଯତ୍ନବାନ ହେଉନାହାନ୍ତି ରାଜ୍ୟ ସରକାର
- ପଦା ହେଲାଣି ଜଙ୍ଗଲ, ବଢୁଛି ହାତୀମୃତ୍ୟୁ
- ଠେଙ୍ଗାଧରି ପଇଁତରାରେ କାର୍ଯ୍ୟ ସୀମିତ
- ଶିକାରୀ, କାଠଚୋରଙ୍କ ମୁକାବିଲାରେ ବିଫଳ

**ରତନ ନାୟାର**
**ଢେଙ୍କାନାଳ ଅଫିସ୍, ୩୦।୭**

ବଦଳିଗଲାଣି ଶିକାର କୌଶଳ। ଏକଦା ତୀର, ବିଦ୍ୟୁତ୍ ଫାଶରେ ବନ୍ୟପ୍ରାଣୀଙ୍କୁ ମାରୁଥିବା ଶିକାରୀ ଏବେ ଧରିଲେଣି ଅତ୍ୟାଧୁନିକ ବନ୍ଧୁକ। ବନ ବିଭାଗ ଡାଳେ ଡାଳେ ଗଲେ ସେମାନେ ଯାଉଛନ୍ତି ପତ୍ରେ ପତ୍ରେ। କେଉଁଠି ହାତୀ ବିଚରଣ କରୁଛନ୍ତି, କେଉଁ ସ୍ଥାନରେ ବାଘ ରହୁଛନ୍ତି, କେଉଁ ଜଳାଶୟ ନିକଟକୁ କେଉଁ ସମୟରେ ବନ୍ୟଜନ୍ତୁ ପାଣି ପିଇବାକୁ ଆସୁଛନ୍ତି, ଯାହା ବନ କର୍ମଚାରୀ ଜାଣିପାରୁନାହାନ୍ତି ସେସବୁର ସବିଶେଷ ସୂଚନା ସେମାନଙ୍କ ପାଖରେ। ଏବେ ଓଡ଼ିଶାରେ ଯେଉଁଭଳି ଭାବେ ଐତିହ୍ୟ ପ୍ରାଣୀ ହାତୀ, ବାଘ ସମେତ ଅନ୍ୟ ଜଙ୍ଗଲୀ ଜୀବଙ୍କ ଶିକାର ଚାଲିଛି, ଏମିତି ଲାଗୁଛି ମାତ୍ର ବର୍ଷ କେଇଟାରେ ଅନେକ ସଂରକ୍ଷିତ ଜଙ୍ଗଲରୁ ସେମାନଙ୍କ ସତ୍ତା ଲିଭିଯିବ। ହେଲେ ଏହାକୁ ଗୁରୁତ୍ୱର ସହ ନେଉନାହାନ୍ତି ରାଜ୍ୟ ସରକାର। ବନ ବିଭାଗର ଢାଞ୍ଚାଗତ ପରିବର୍ତ୍ତନ ହେଉ ନ ଥିବାବେଳେ ଆଧୁନିକ ଅସ୍ତ୍ର ଓ କୌଶଳ ବ୍ୟବହାରରେ ଅନଭିଜ୍ଞ କର୍ମଚାରୀ ଶିକାରୀ ଏବଂ କାଠଚୋରଙ୍କ ଉଚିତ ମୁକାବିଲା କରିପାରୁନାହାନ୍ତି। ଆଇନ ଶୃଙ୍ଖଳା ରକ୍ଷା ଲାଗି ପୋଲିସ, ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଅଗ୍ନିଶମ ବାହିନୀକୁ ଆଧୁନିକୀକରଣ କରାଯାଉଥିବାବେଳେ ଏ କ୍ଷେତ୍ରରେ ବହୁ ପଛରେ ପଡ଼ିଛି ବନ ବିଭାଗ। ଏବେ ବି ପୁରୁଣାକାଳିଆ ଢଙ୍ଗରେ କର୍ମଚାରୀମାନେ ଠେଙ୍ଗା ଧରି ଜଙ୍ଗଲରେ ପଇଁତରା ମାରୁଥିବାବେଳେ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଶିକାରୀଙ୍କ ସମ୍ମୁଖୀନ କିପରି ହେବେ, ତାହା ସବୁଠାରୁ ବଡ଼ ପ୍ରଶ୍ନ ପାଲଟିଛି।

ଜଙ୍ଗଲ ସମ୍ପଦରେ ସମୃଦ୍ଧ ଆସାମ, ଛତିଶଗଡ଼, ମଧ୍ୟପ୍ରଦେଶ, କର୍ନାଟକ ଭଳି ରାଜ୍ୟରେ ଶିକାରୀଙ୍କ ମୁକାବିଲା ଲାଗି ସେଠାକାର ସରକାର ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛନ୍ତି। ଅତ୍ୟାଧୁନିକ ବନ୍ଧୁକ, ଯାନବାହନଠାରୁ ଆରମ୍ଭ କରି ଆନୁଷଙ୍ଗିକ ଉପକରଣ ପ୍ରଦାନ କରାଯାଇଛି। ଡ୍ରୋନ୍, ଜିପିଏସ୍ ଟେକ୍ନୋଲୋଜି ସହାୟତାରେ ସଂରକ୍ଷିତ ଜଙ୍ଗଲ ଉପରେ କଡ଼ା ନଜର ରଖାଯାଉଛି। ହେଲେ ଓଡ଼ିଶାରେ ଏହା କ୍ୱଚିତ ଦେଖିବାକୁ ମିଳୁଛି। ବନ କର୍ମଚାରୀ ଠେଙ୍ଗା, ପୁରୁଣା ବନ୍ଧୁକଠାରୁ ଉପରକୁ ଉଠିପାରୁନାହାନ୍ତି। ଜଙ୍ଗଲରେ ବନ୍ଧୁକଧାରୀ ଶିକାରୀଙ୍କ ସହ ମୁହାଁମୁହିଁ ହେଲେ ଜୀବନ ବଞ୍ଚାଇବାକୁ ବନ କର୍ମଚାରୀ ☞ପୃଷ୍ଠା-୪



ସାତମାଇଲ ଅଞ୍ଚଳରେ କିଛିଦିନ ତଳେ ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ପ୍ରାଣ ହରାଇଥିବା ଦନ୍ତା।


**ଆଜି ଚକାଜାମ ଆନ୍ଦୋଳନ** ୩

**ଜୟନାରାୟଣ ମିଶ୍ର ବିରୋଧୀ ଦଳ ନେତା** ୭



**୨ ଲକ୍ଷ କୋଟିର ବ୍ୟୟମଞ୍ଜୁରୀ ବିଲ୍ ଗୃହୀତ** ୧୦


# ସାବିତ୍ରୀ ଜିନ୍ଦଲ ଏସିଆର ଧନୀ ମହିଳା

**ନୂଆଦିଲ୍ଲୀ, ୩୦।୭**

ଭାରତର ସାବିତ୍ରୀ ଜିନ୍ଦଲ ଏସିଆର ସବୁଠୁ ଧନୀ ମହିଳା ହୋଇଛନ୍ତି। ଶୁକ୍ରବାର ପ୍ରକାଶିତ ବ୍ଲୁମ୍‌ବର୍ଗ ବିଲିୟନେୟାର ଇଣ୍ଡେକ୍ସ ଅନୁସାରେ ୭୨ ବର୍ଷୀୟା ଜିନ୍ଦଲଙ୍କ ସମ୍ପତ୍ତି ୧୮ ବିଲିୟନ ଡଲାର ରହିଛି। ଏସିଆର ପୂର୍ବତନ ସବୁଠୁ ଧନୀ ମହିଳା ତଥା ଚାଇନାର ୟାଙ୍ଗ୍ ହୁଇୟାନଙ୍କୁ ସେ ଟପିଛନ୍ତି। ୨୦୨୧ରେ ୟାଙ୍ଗ୍ ପ୍ରାୟ ୨୪ ବିଲିୟନ ଡଲାର ସମ୍ପତ୍ତି ସହ ଏସିଆର ସବୁଠୁ ଧନୀ ମହିଳା ହୋଇପାରିଥିଲେ। ହେଲେ ବର୍ଷକରେ ଏହି ୪୧ ବର୍ଷୀୟା ଚାଇନିଜ୍ ଉଦ୍ୟୋଗପତିଙ୍କ ସମ୍ପତ୍ତି ଅର୍ଦ୍ଧାଧିକ ହ୍ରାସ ପାଇ ୧୧ ବିଲିୟନ ଡଲାରରେ ପହଞ୍ଚିଛି। ଫଳରେ ସାବିତ୍ରୀ ଜିନ୍ଦଲ ଏହି ତାଲିକାର ଶୀର୍ଷରେ ପହଞ୍ଚିଛନ୍ତି।

୧୯୫୦ରେ ଆସାମର ତିନସୁକିଆରେ ସାବିତ୍ରୀ ଜିନ୍ଦଲଙ୍କ ଜନ୍ମ। ୧୯୭୦ ଦଶକରେ ଜିନ୍ଦଲ ଗ୍ରୁପ୍‌ର ପ୍ରତିଷ୍ଠାତା ଓମ୍ ପ୍ରକାଶ ଜିନ୍ଦଲଙ୍କୁ ସେ ବିବାହ କରିଥିଲେ। ଓମ୍ ପ୍ରକାଶ ହରିୟାଣା ସରକାରରେ ମନ୍ତ୍ରୀ ମଧ୍ୟ ଥିଲେ। ୨୦୦୫ରେ ଏକ ହେଲିକପ୍ଟର ଦୁର୍ଘଟଣାରେ ଓ. ପି. ଜିନ୍ଦଲଙ୍କ ମୃତ୍ୟୁ ହେବା ପରେ ସେ ହିଁ ଜିନ୍ଦଲ ଗ୍ରୁପ୍‌ର ଦାୟିତ୍ୱ ନେଇଥିଲେ। ତାଙ୍କ ନେତୃତ୍ୱରେ ଏହି କମ୍ପାନୀର ଆୟ ୪ ଗୁଣା ବୃଦ୍ଧି ପାଇଥିଲା। ମାତ୍ର ୨ ବର୍ଷରେ ସାବିତ୍ରୀଙ୍କ ସମ୍ପତ୍ତି ୧୨ ବିଲିୟନ ଡଲାର ବଢ଼ିଛି। ୨୦୧୮ରେ ଏହା ୮.୮ ବିଲିୟନ ଡଲାର ରହିଥିବାବେଳେ ୨୦୧୯ରେ ☞ପୃଷ୍ଠା-୧୦



ସାବିତ୍ରୀ ଜିନ୍ଦଲ



**୧୩ ବିଲିୟନ ଡଲାର ହରାଇଲେ ଚାଇନାର ୟାଙ୍ଗ୍ ହୁଇୟାନ୍**




**ଛାତ୍ରଙ୍କୁ କ୍ଲାସ୍‌ରେ ତାଲା ପକାଇ ୧୦ ନିଲମ୍ବିତ**

ଉତ୍ତର ପ୍ରଦେଶର ହାଥରାସ ଗ୍ରାମରେ ଜଣେ ୨ୟ ଶ୍ରେଣୀ ଛାତ୍ରଙ୍କୁ ଶ୍ରେଣୀ ଗୃହରେ ବନ୍ଦ କରିବା ଅଭିଯୋଗରେ ପ୍ରଧାନଶିକ୍ଷକଙ୍କ ସମେତ ୧୦ ଜଣ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ୬ ବର୍ଷୀୟ ପ୍ରକାଶ କ୍ଲାସ୍ ରୁମ୍‌ରେ ଶୋଇପଡ଼ିଥିବାବେଳେ ସ୍କୁଲ କର୍ମଚାରୀ ଏ ବିଷୟରେ ଅବଗତ ନ ଥିଲେ। ହଠାତ୍ ପ୍ରକାଶଙ୍କ ନିଦ ଭାଙ୍ଗିଥିଲା ଓ ସେ ଜୋରରେ କାନ୍ଦିବାକୁ ଲାଗିଥିଲେ। କାନ୍ଦ ଶୁଣି ଆଖପାଖ ଲୋକେ ସ୍କୁଲରେ ଜମା ହୋଇଥିଲେ। ପ୍ରକାଶଙ୍କ ବାପା ସ୍କୁଲରେ ପହଞ୍ଚି କବାଟ ଭାଙ୍ଗି ପୁଅଙ୍କୁ ବାହାରକୁ ଆଣିଥିଲେ।

## ସଂକ୍ଷେପରେ

### ଏମ୍‌ଜିଏମ୍ ମେଡିକାଲ କଲେଜରେ ରାଗିଂ
## ୮ ବରିଷ୍ଠ ଛାତ୍ରଙ୍କ ନାଁରେ ମାମଲା

**ଇନ୍ଦୋର,୩୦।୭:** ଇନ୍ଦୋରର ମହାତ୍ମା ଗାନ୍ଧୀ ମେମୋରିଆଲ୍ (ଏମ୍‌ଜିଏମ୍) ମେଡିକାଲ କଲେଜରେ ଜୁନିୟର ପିଲାମାନଙ୍କୁ ସିନିୟରମାନେ ରାଗିଂ କରାଯାଉଥିବା ଅଭିଯୋଗ ହୋଇଛି। ୮ ଜଣ ବରିଷ୍ଠ ଏମ୍‌ବିବିଏସ୍ ଛାତ୍ରଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ସେମାନେ ଜୁନିୟରମାନଙ୍କୁ ଚାପୁଡ଼ା ମାରିବା ସହ ଅଶାଳୀନ କାର୍ଯ୍ୟ କରିବା ଲାଗି ବାଧ କରାଉଥିଲେ। ନୂଆ ଛାତ୍ରୀଛାତ୍ରମାନେ ୟୁଜିସିର ଆଣ୍ଟି-ର୍‍ୟାଗିଂ ହେଲ୍ପଲାଇନରେ ଅଭିଯୋଗ କରିବା ପରେ ଏତଲା ଦାଏର ହୋଇଥିଲା। କଲେଜର ଜଣେ କର୍ମଚାରୀଙ୍କ ଆନୁଷ୍ଠାନିକ ଅଭିଯୋଗ ପରେ ମାମଲା ରୁଜୁ ହୋଇଛି। ଜୁନିୟର ଛାତ୍ରମାନେ ଅଭିଯୋଗରେ ସେମାନଙ୍କ ଉପରେ ହେଉଥିବା ନିର୍ଯାତନାର ଅଡ଼ିଓ, ଫଟୋଗ୍ରାଫ ଆଦି ସଂଯୋଗ କରିଛନ୍ତି।

## ପିଏମ୍‌ଓ ହସ୍ତକ୍ଷେପରେ ଅଟକିଲା ବାରାଣସୀ ଜିଲାପାଳଙ୍କ ବଦଳି


କୌଶଳ ରାଜ ଶର୍ମା

**ବାରାଣସୀ,୩୦।୭:** ଉତ୍ତରପ୍ରଦେଶ ସରକାର ବାରାଣସୀ ଜିଲାପାଳ(ଡିଏମ୍) କୌଶଳ ରାଜ ଶର୍ମାଙ୍କୁ ପ୍ରୟାଗରାଜକୁ ବଦଳି କରିଥିଲେ। ତେବେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ହସ୍ତକ୍ଷେପ ଫଳରେ ରାତି ଅଧରେ ଏହି ବଦଳିକୁ ବାତିଲ କରିଦିଆଯାଇଛି, ଯାହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। କୌଶଳଙ୍କୁ ଡିଭିଜନାଲ କମିଶନର ଭାବେ ପ୍ରୟାଗରାଜ ବଦଳି ହୋଇଥିଲା, ଯାହା ଜୁଲାଇ ୩୧ରେ କାର୍ଯ୍ୟକାରୀ ହୋଇଥାନ୍ତା। ଏବେ ଆଜମଗଡ଼ର ଡିଭିଜନାଲ କମିଶନର ବିଜୟ ବିଶବାସ ପନ୍ତଙ୍କୁ ପ୍ରୟାଗରାଜ ଦାୟିତ୍ୱ ଦିଆଯିବ ବୋଲି ଜଣାପଡ଼ିଛି।

## ପ୍ରୟାଗରାଜ ବିସ୍ଫୋରଣ: ୮ ଛାତ୍ରଙ୍କୁ ଜେଲ

**ପ୍ରୟାଗରାଜ,୩୦।୭:** ଉତ୍ତରପ୍ରଦେଶର ପ୍ରୟାଗରାଜ ସହରରେ ଗତ ଦୁଇ ସପ୍ତାହ ମଧ୍ୟରେ ଘଟିଥିବା ଏକାଧିକ ବିସ୍ଫୋରଣ ଘଟଣା ସହ ଛାତ୍ରମାନଙ୍କ ଗ୍ୟାଙ୍ଗ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ବର୍ତ୍ତମାନ ସୁଦ୍ଧା ଗ୍ୟାଙ୍ଗ୍‌ରେ ସମ୍ପୃକ୍ତ ୩୫ ଛାତ୍ରଙ୍କୁ ପୋଲିସ ଧରିବା ପରେ ସେମାନଙ୍କ ମଧ୍ୟରୁ ୮ ସାବାଳକଙ୍କୁ ଜେଲ୍ ଏବଂ ୨୭ ଜଣ ନାବାଳକଙ୍କୁ ସୁଧାର ଗୃହକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ସାବାଳକ ଛାତ୍ରଙ୍କ ବିରୋଧରେ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ)ରେ ମାମଲା ରୁଜୁ କରିବା ଲାଗି ପୋଲିସ କର୍ତ୍ତୃପକ୍ଷ ବିଚାର କରୁଛନ୍ତି। ପ୍ରଥମ ବିସ୍ଫୋରଣ ଗତ ମେ'ରେ ସିଭିଲ୍ ଲାଇନ୍ ଥାନା ଅଞ୍ଚଳରେ ଘଟିଥିବାବେଳେ ଜୁଲାଇ ୪, ୧୫, ୧୬, ୨୨ ଏବଂ ୨୫ରେ ବିଭିନ୍ନ ସ୍କୁଲ୍ ଓ ଦୋକାନ ବାହାରେ ବିସ୍ଫୋରଣ ଘଟାଯାଇଥିଲା। ୧୦ଟି ଛାତ୍ର ଗୋଷ୍ଠୀଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ ପୋଲିସ ଯାଞ୍ଚ କରୁଛି। ବିସ୍ଫୋରଣ ସହ ଆହୁରି ଅଧିକ ଛାତ୍ର ସମ୍ପୃକ୍ତ ଥିବା ବିଶ୍ୱାସ କରାଯାଉଛି ବୋଲି ପ୍ରୟାଗରାଜ ଏସ୍‌ଏସ୍‌ପି ଶୈଳେଶ କୁମାର ପାଣ୍ଡେ କହିଛନ୍ତି।

## କୁଳପତିଙ୍କୁ ହସ୍ପିଟାଲ ଅସନା ବେଡ୍‌ରେ ଶୁଆଇଲେ ମନ୍ତ୍ରୀ

**ଚଣ୍ଡିଗଡ଼,୩୦।୭:** ପଞ୍ଜାବ ଫରିଦକୋଟ୍‌ରେ ଥିବା ବାବା ଫରିଦ ୟୁନିଭର୍ସିଟି ଅଫ୍ ହେଲ୍‌ଥ ସାଇନ୍ସର କୁଳପତି ଡା. ରାଜ୍ ବାହାଦୁର ଶନିବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏ ନେଇ ସେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଲେଖିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ତାଙ୍କୁ ସର୍ବସମ୍ମୁଖରେ ଦୁର୍ବ୍ୟବହାର କରିଥିବା ସେ ଏଥିରେ ଉଲ୍ଲେଖ କରିଛନ୍ତି। ତେବେ ପଞ୍ଜାବ ସ୍ୱାସ୍ଥ୍ୟମନ୍ତ୍ରୀ ଚେତନ ସିଂ ଜେରାମଜରା ବାବା ଫରିଦ ୟୁନିଭର୍ସିଟି ଅଫ୍ ହେଲ୍‌ଥ ସାଇନ୍ସର ସମୀକ୍ଷା ପାଇଁ ପହଞ୍ଚିଥିଲେ। ଡାକ୍ତରଖାନା ପରିସରରେ କୁଢ଼ କୁଢ଼ ଅଳିଆ ଜମା ଥିବାବେଳେ ହସ୍ପିଟାଲ ୱାର୍ଡର ଅବସ୍ଥା ମଧ୍ୟ ଭଲ ନ ଥିଲା। ହସ୍ପିଟାଲ ଅସନା ଶଯ୍ୟାରେ ମନ୍ତ୍ରୀଙ୍କ ଆଖି ପଡ଼ିଥିବାବେଳେ ସେ ଜବରଦସ୍ତ କୁଳପତି ରାଜ୍ ବାହାଦୁରଙ୍କୁ ସେଥିରେ ଶୁଆଇ ଦେଇଥିଲେ।

**ବିପତ୍ତି ଆଣୁଛି ଜଳବାୟୁ ପରିବର୍ତ୍ତନ**


ଫୁଜେିରା ସହରରେ ଏକ ରାସ୍ତାରେ ଦୁଇଟି କାର୍ ବନ୍ୟା ପାଣିରେ ବୁଡ଼ିଯାଇଛି।


ଆକାଶମାର୍ଗରୁ ବନ୍ୟା ପ୍ରଭାବିତ ୟୁଏଇର ଦୃଶ୍ୟ।

# ୟୁରୋପରେ ନିଆଁ, ୟୁଏଇରେ ବନ୍ୟା

**■ମରୁଭୂମିରେ ୨୭ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା: ୭ ମୃତ**
**■ବନ୍ୟାରେ ଭାସିଲା ଶତାଧିକ ବିଳାସପୂର୍ଣ୍ଣ ଗାଡ଼ି**
**■ରାସ୍ତା ଭାଙ୍ଗିଲା, ଏକାଧିକ ସହରକୁ ଯୋଗାଯୋଗ ବିଚ୍ଛିନ୍ନ**

**ଆବୁଧାବି, ୩୦।୭**

ଜଳବାୟୁ ପରିବର୍ତ୍ତନ ପୃଥିବୀକୁ ବିପର୍ଯ୍ୟୟ ମୁହାଁ କରିଛି। ଥଣ୍ଡା ଦେଶ ୟୁରୋପୀୟ ରାଷ୍ଟ୍ରଗୁଡ଼ିକରେ ତାପମାତ୍ରା ରେକର୍ଡ ଭାଙ୍ଗୁଥିବାବେଳେ ମରୁଭୂମିର ଦେଶ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ରେ ମୂଷଳ ଧାରାରେ ବର୍ଷା ଜଳବାୟୁ ପରିବର୍ତ୍ତନର ଭୟାବହତାକୁ ଦର୍ଶାଉଛି। ଏଠାରେ ଗୁରୁବାରଠାରୁ ଲାଗି ରହିଥିବା ବର୍ଷା ଗତ ୨୭ ବର୍ଷର ରେକର୍ଡ ଭାଙ୍ଗିଛି। ଫଳରେ ଦେଶର ବହୁ ସହର ଜଳମଗ୍ନ ହୋଇଛି। ବନ୍ୟା ଯୋଗୁ ବିଶେଷକରି ରାସ୍ ଅଲ୍ ଖୈମାହ୍, ଶାରଜା ଏବଂ ଫୁଜେିରା ସହର ଅଧିକ ପ୍ରଭାବିତ ହୋଇଛି। ଅଦ୍ୟାବଧି ବନ୍ୟାରେ ୭ ଜଣଙ୍କ ମୃତ୍ୟୁ ଘଟିଥିବା ୟୁଏଇ ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଦେଶରେ ବର୍ଷା, ବନ୍ୟା ଭଳି ସ୍ଥିତିର ମୁକାବିଲା ପାଇଁ ସେଭଳି ବ୍ୟବସ୍ଥା ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

ୟୁଏଇରେ ବର୍ଷା ଓ ବନ୍ୟାର ଅସ୍ୱାଭାବିକ ଚିତ୍ର ଏବଂ ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବାରେ ଲାଗିଛି। ସେପରି ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ଘରେ, ଦୋକାନ ବଜାରରେ ପ୍ରବେଶ କରିଛି। ଫୁଜେିରାର ମାର୍କେଟଗୁଡ଼ିକରେ ପାର୍କିଂ ହୋଇଥିବା ବିଳାସପୂର୍ଣ୍ଣ ଗାଡ଼ିଗୁଡ଼ିକ ପାଣିରେ ବୁଡ଼ିଯାଇଥିବା ଏବଂ ଅନେକେ ଭାସି ଭାସି ଯାଉଥିବା ଦେଖିବାକୁ ମିଳିଛି। ବନ୍ୟା ଯୋଗୁ ରାସ୍ତାଗୁଡ଼ିକ ଭାଙ୍ଗି ଯାଇଛି। ପୂର୍ବ ୟୁଏଇର ଅନେକ ସ୍ଥାନକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଘରଗୁଡ଼ିକ ପାଣିରେ ବୁଡ଼ିରହିବା ସହ ଲୋକଙ୍କ ବହୁ ସମ୍ପତ୍ତି ନଷ୍ଟ ହୋଇଛି। ସେନା ପକ୍ଷରୁ ଲୋକଙ୍କୁ ଉଦ୍ଧାର କରାଯାଉଛି। ଶାରଜା ଓ ଫୁଜେିରାରେ ଅସ୍ଥାୟୀ ଆଶ୍ରୟସ୍ଥଳରେ ୪ ହଜାରରୁ ଊର୍ଦ୍ଧ୍ୱ ଲୋକ ଆଶ୍ରୟ ନେଇଛନ୍ତି। ଅନେକ ସ୍ଥାନରେ ହୋଟେଲଗୁଡ଼ିକୁ ଆଶ୍ରୟସ୍ଥଳୀ କରାଯାଇଛି। ଆଗକୁ ଆହୁରି ବର୍ଷିବ ବୋଲି ନ୍ୟାଶନାଲ ସେଣ୍ଟର ଅଫ୍ ମେଟେରୋଲୋଜି (ଏସ୍‌ସିଏମ୍) ପକ୍ଷରୁ ସେଠାରେ ରେଡ୍ ଆଲର୍ଟ ଜାରି କରାଯାଇଛି। ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ହିଁ ଏମିରେଟ୍ସରେ ଏଭଳି ଅସ୍ୱାଭାବିକ ବର୍ଷାର କାରଣ ବୋଲି ସେଠାକାର ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଦୁବାଇ ଓ ଆବୁଧାବିରେ ଅପେକ୍ଷାକୃତ ଭାବେ କମ୍ ବର୍ଷା ରେକର୍ଡ ହୋଇଛି। ବନ୍ୟାସ୍ଥିତିର ମୁକାବିଲା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ୟୁଏଇ କ୍ୟାବିନେଟ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛି।

## ଆମେରିକାରେ ଜଳତାଣ୍ଡବ: ୨୫ ମୃତ

**ଉଦ୍ଧାରକାର୍ଯ୍ୟରେ ଲାଗିଛି ୫୦ ହେଲିକପ୍ଟର**

**କେଣ୍ଟୁକି, ୩୦।୭:** ଆମେରିକା ମଧ୍ୟ ଜଳବାୟୁ ପରିବର୍ତ୍ତନର ଭୟଙ୍କର ପରିଣାମ ଭୋଗୁଛି। ଦେଶର ପଶ୍ଚିମ ଭାଗରେ ଭୀଷଣ ଗରମ ଓ ମରୁଡ଼ି ଭଳି ସ୍ଥିତି ଲାଗିରହିଥିବାବେଳେ ଦକ୍ଷିଣ-ପୂର୍ବ ଅଞ୍ଚଳରେ ପ୍ରବଳ ବର୍ଷା ଜାରି ରହିଛି। ବୁଧବାରଠାରୁ ଲଗାଣ ବର୍ଷା ଯୋଗୁ କେଣ୍ଟୁକି ରାଜ୍ୟରେ ବନ୍ୟା ହୋଇଛି। ଏଥିରେ ଅନ୍ୟୁନ ୨୫ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୬ ଶିଶୁ ରହିଛନ୍ତି। ଏହି ସଂଖ୍ୟା ଆହୁରି ବଢ଼ିବା ଆଶଙ୍କା ରହିଥିବା କେଣ୍ଟୁକି ଗଭର୍ନର ଆଣ୍ଡି ବେଶିଅର୍ କହିଛନ୍ତି। ଅନେକ ଘର ଓ ଦୋକାନରେ ପାଣି ପଶିଥିବାବେଳେ ବହୁସଂଖ୍ୟାରେ ଗାଡ଼ି ଭାସିଯାଇଛି। ରାଷ୍ଟ୍ରପତି ଜୋ ବାଇଡେନ୍ ବନ୍ୟାକୁ 'ଏକ ବଡ଼ ବିପର୍ଯ୍ୟୟ' ଘୋଷଣା କରିଛନ୍ତି। ଉଦ୍ଧାର କାର୍ଯ୍ୟରେ ପ୍ରାୟ ୫୦ ହେଲିକପ୍ଟର ଏବଂ ଶତାଧିକ ବୋଟ୍ ନିୟୋଜିତ କରାଯାଇଛି। ପ୍ରଭାବିତ ଅଞ୍ଚଳରେ ୩୩ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଘରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଛି।


ବନ୍ୟା ଯୋଗୁ କେଣ୍ଟୁକି ରାଜ୍ୟର ଏକ ସହରରେ ବନ୍ୟାର ଦୃଶ୍ୟ।

## ଶାହାଙ୍କ ଉପସ୍ଥିତିରେ ଜଳାଗଲା ୩୧ ହଜାର କେ.ଜି. ଡ୍ରଗ୍ସ

**ନୂଆଦିଲ୍ଲୀ, ୩୦।୭**

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଭର୍ଚୁଆଲ ଉପସ୍ଥିତିରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଶନିବାର ୪ ସ୍ଥାନରେ ପ୍ରାୟ ୩୧ ହଜାର କେ.ଜି. ଡ୍ରଗ୍ସ ଜାଳିଛି। ପଞ୍ଜାବର ଚଣ୍ଡିଗଡ଼ରୁ ଶାହା ଭର୍ଚୁଆଲ ଭାବେ ଦିଲ୍ଲୀ, ଚେନ୍ନାଇ, ଗୁଆହାଟୀ ଏବଂ କୋଲକାତାରେ ଏନ୍‌ସିବି ପକ୍ଷରୁ ନିଷିଦ୍ଧ ନିଶାଦ୍ରବ୍ୟଗୁଡ଼ିକୁ ଜଳାଯାଉଥିବା ଦେଖିଥିଲେ।

ଚଣ୍ଡିଗଡ଼ରେ ବେଆଇନ ଡ୍ରଗ୍ସ କାରବାର ଏବଂ ରାଷ୍ଟ୍ରୀୟ ସୁରକ୍ଷା ଉପରେ ଏନ୍‌ସିବି ପକ୍ଷରୁ ଆୟୋଜିତ ଏକ ଜାତୀୟ ସମ୍ମିଳନୀରେ ଶାହା ଯୋଗ ଦେଇଥିଲେ। ଏହି ଅବସରରେ ସେ କହିଥିଲେ, ବେଆଇନ ଡ୍ରଗ୍ସ ଚାଲାଣ ଜାତୀୟ ସୁରକ୍ଷା ପ୍ରତି ଏକ ବିପଦ। ୨୦୧୪ରୁ ୨୦୨୧ ମଧ୍ୟରେ ଡ୍ରଗ୍ସ ସେବନ ଜନିତ ମାମଲା ୨୬୦% ବଢ଼ିଛି। ୨୦୦୬ରୁ ୨୦୧୩ ମଧ୍ୟରେ ୧.୫୨ ଲକ୍ଷ କେଜି ଡ୍ରଗ୍ସ ଜବତ ହୋଇଥିବାବେଳେ ୨୦୧୪ରୁ ୨୦୨୧ ମଧ୍ୟରେ ଏହି ପରିମାଣ ୩.୩ ଲକ୍ଷ କେ.ଜି ରହିଛି। ଡ୍ରଗ୍ସ ଉପରେ ଶୂନ ସହନଶୀଳ ନୀତି ଆପଣାଯିବା ଜରୁରୀ। ପଞ୍ଜାବ ସରକାର ଜମି ଯୋଗାଇଦେଲେ କେନ୍ଦ୍ର ସେଠାରେ ଏକ ଫୋରେନ୍ସିକ୍ ଲାବ୍ ଏବଂ ଏନ୍‌ସିବିର ଏକ ଟ୍ରେନିଂ ସେଣ୍ଟର ପ୍ରତିଷ୍ଠା କରିବ ବୋଲି ଶାହା ଏହି ଅବସରରେ କହିଛନ୍ତି। ଆଜାଦୀ କା ଅମୃତ ମହୋତ୍ସବ ପାଳନ ଉପଲକ୍ଷେ ଗତ ଜୁନ୍ ୧ରେ ଏନ୍‌ସିବି ଡ୍ରଗ୍ସ ନିଷେଧ ଅଭିଯାନ ଆରମ୍ଭ କରିଛି। ସମ୍ମିଳନୀରେ ପଞ୍ଜାବ ରାଜ୍ୟପାଳ ବନଓ୍ୱାରିଲା ପୁରୋହିତ, ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ସିଂ ମାନ୍, ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର, ଏନ୍‌ସିବି ମୁଖ୍ୟ ଏସ୍. ଏନ୍ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



**ଡ୍ରଗ୍ସ କାରବାରକୁ ବରଦାସ୍ତ କରାଯିବନି : ସ୍ୱରାଷ୍ଟ୍ର ମନ୍ତ୍ରୀ**

## ବୁକର ବିଜେତାଙ୍କ କାର୍ଯ୍ୟକ୍ରମ ବାତିଲ

**ଶିବପାର୍ବତୀଙ୍କ ଉପରେ ଆପତ୍ତିଜନକ ମନ୍ତବ୍ୟ**

**ଆଗ୍ରା,୩୦।୭(ପି.ଟି.)**


ଗୀତାଞ୍ଜଳି ଶ୍ରୀ

ଇଣ୍ଟରନ୍ୟାଶନାଲ ବୁକର ପ୍ରାଇଜ ବିଜେତା ଗୀତାଞ୍ଜଳି ଶ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ଲାଗି ଶନିବାର ଆଗ୍ରାରେ ଏକ କାର୍ଯ୍ୟକ୍ରମ ଆୟୋଜନ ହେବାର ଥିଲା। ତେବେ ଲେଖିକାଙ୍କ ବିରୋଧରେ ଅଭିଯୋଗ ଆସିବା ପରେ ଆୟୋଜକମାନେ ଉକ୍ତ କାର୍ଯ୍ୟକ୍ରମକୁ ବାତିଲ କରିଦେଇଛନ୍ତି। ସାଂସ୍କୃତିକ ସଂଗଠନ ରଙ୍ଗଲୀଳା ଏବଂ ଆଗ୍ରା ଥିଏଟର କ୍ଲବ୍ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାର ଥିଲା। ଗୀତାଞ୍ଜଳି ତାଙ୍କ ଉପନ୍ୟାସରେ ଭଗବାନ ଶିବ ଓ ଦେବୀ ପାର୍ବତୀଙ୍କ ସମ୍ପର୍କରେ ଆପତ୍ତିଜନକ ମନ୍ତବ୍ୟ ରଖିଥିବା ଅଭିଯୋଗ ହୋଇଛି ବୋଲି ରଙ୍ଗଲୀଳାର କାର୍ଯ୍ୟକର୍ତ୍ତା ଅନିଲ ଶୁକ୍ଳା କହିଛନ୍ତି। ହଥ୍ରାସ ଜିଲା ସଦାବାଦ ଅଞ୍ଚଳର ସନ୍ଦୀପ କୁମାର ପାଠକ ଲେଖିକାଙ୍କ ବିରୋଧରେ ଅଭିଯୋଗ ଦାଏର କରିଛନ୍ତି। ଶିବପାର୍ବତୀଙ୍କ ସମ୍ପର୍କରେ ଗୀତାଞ୍ଜଳିଙ୍କ ଆପତ୍ତିଜନକ ମନ୍ତବ୍ୟ ହିନ୍ଦୁମାନଙ୍କ ଭାବାବେଗକୁ ଆଘାତ ଦେଇଥିବା ସନ୍ଦୀପ କହିଛନ୍ତି। ଗୀତାଞ୍ଜଳିଙ୍କ ଉପନ୍ୟାସ 'ରେତ୍ ସମାଧି'ଲାଗି ଗତ ମେ'ରେ ତାଙ୍କୁ ଇଣ୍ଟରନ୍ୟାଶନାଲ ବୁକର ପ୍ରାଇଜ ମିଳିଥିଲା।

## ତିସ୍ତାଙ୍କୁ ମିଳିଲାନି ଜାମିନ

**ଗୁଜରାଟ ଦଙ୍ଗା ମାମଲା**

**ଅହମଦାବାଦ,୩୦।୭**

୨୦୦୨ ଗୁଜରାଟ ଦଙ୍ଗା ମାମଲାରେ ମୁମ୍ବାଇର ନାଗରିକ ଅଧିକାରୀ କର୍ମୀ ତିସ୍ତା ସିତଲଭାଡ ଏବଂ ଗୁଜରାଟର ଅବସରପ୍ରାପ୍ତ ପୋଲିସ ଡିଜି ଆର୍.ବି. ଶ୍ରୀକୁମାରଙ୍କ ଜାମିନ ଆବେଦନକୁ ଅହମଦାବାଦର ଏକ ସେସନ୍ସ କୋର୍ଟ ଶନିବାର ଖାରଜ କରିଦେଇଛନ୍ତି। ଷଡ଼ଯନ୍ତ୍ର ଓ ପ୍ରମାଣ ଜାଲିଆତି କରିବା ନେଇ ସେମାନଙ୍କ ବିରୋଧରେ ମାମଲା ରହିଛି। ସେମାନଙ୍କୁ ଜାମିନରେ ଛାଡ଼ିଲେ ଏହା ଅନ୍ୟ ଅପରାଧୀମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି ବିଚାରପତି କହିଛନ୍ତି। ୨୦୦୨ ଦଙ୍ଗା ମାମଲାରେ ତତ୍କାଳୀନ ଗୁଜରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଦେଇଥିବା କ୍ଲିନ୍‌ଚିଟ୍‌କୁ ଗତ ଜୁନ୍ ୨୪ରେ ସୁପ୍ରିମକୋର୍ଟ କାଏମ ରଖିବା ସହ ମୃତ କଂଗ୍ରେସ ଏମ୍‌ପି ଆହସାନ ଜାଫ୍ରିଙ୍କ ସ୍ତ୍ରୀ ଜାକିଆ ଜାଫ୍ରିଙ୍କ ପିଟିଶନକୁ ଖାରଜ କରିଦେବା ପରଦିନ ତିସ୍ତା ଏବଂ ଶ୍ରୀକୁମାରଙ୍କୁ ଗିରଫ କରାଯାଇଥିଲା। ଏମାନଙ୍କ ସହ ପୂର୍ବତନ ଆଇପିଏସ୍ ଅଫିସର ସଞ୍ଜୀବ ଭଟ୍ଟ ମଧ୍ୟ ଜାକିଆଙ୍କ ପାଇଁ ସାକ୍ଷ୍ୟ ଦେଇଥିଲେ। ଭଟ୍ଟଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା।


ତିସ୍ତା ସିତଲଭାଡ

## ବିକାଶରେ ବାଧକ କଟ୍ଟରପନ୍ଥୀ

**ଆନ୍ତଃ ଧର୍ମୀୟ ସମ୍ମିଳନୀରେ ଡୋଭାଲ**

**■ପପୁଲାର ଫ୍ରଣ୍ଟ ଭଳି ସଙ୍ଗଠନ ବ୍ୟାନ୍ ହେଉ**
**■ଧର୍ମ, ବିଚାରଧାରା ନାଁରେ ଅସ୍ଥିରତା ସୃଷ୍ଟି କରାଯାଉଛି**

**ନୂଆଦିଲ୍ଲୀ, ୩୦।୭**

କେତେକ ତତ୍ତ୍ୱ ଧର୍ମ ଓ ବିଚାରଧାରା ନାଁରେ ଦେଶରେ ଅସ୍ଥିରତା ସୃଷ୍ଟି ଉଦ୍ୟମ କରୁଛନ୍ତି। କେତେକ କଟ୍ଟରପନ୍ଥୀ ସଙ୍ଗଠନ ଦେଶର ଏକତା ଏବଂ ଶାନ୍ତି ଭଙ୍ଗ କଲାଭଳି କାର୍ଯ୍ୟ କରୁଛନ୍ତି। ଏଭଳି ପରିବେଶ ଦେଶର ବିକାଶରେ ବାଧକ ସାଜୁଛି ବୋଲି କହିଛନ୍ତି ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ। ଦିଲ୍ଲୀରେ ଶନିବାର ଅଲ୍ ଇଣ୍ଡିଆ ସୁଫି ସଜ୍ଜାଦନାଶିନ୍ କାଉନ୍‌ସିଲ ପକ୍ଷରୁ ଆୟୋଜିତ ଆନ୍ତଃ ଧର୍ମୀୟ ସମ୍ମିଳନୀରେ ଧର୍ମୀୟ ଗୁରୁଙ୍କ ଉପସ୍ଥିତିରେ ଡୋଭାଲ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ଭଳି ସଙ୍ଗଠନକୁ ଟାର୍ଗେଟ କରିଥିଲେ। ସେମାନଙ୍କ କାର୍ଯ୍ୟକଳାପକୁ କେବଳ ନିନ୍ଦା ପର୍ଯ୍ୟାପ୍ତ ନୁହେଁ। ଏଭଳି ବିଭିଜନକାରୀ ମୌଳବାଦୀ ଶକ୍ତିବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ବୈଠକରେ ସାମିଲ ମୁସଲମାନ ଲିଡରମାନେ ମଧ୍ୟ ପିଏଫ୍‌ଆଇ ଉପରେ କଟକଣା ଲଗାଇବାକୁ ଦାବି କରି ଏ ସମ୍ପର୍କିତ ପ୍ରସ୍ତାବକୁ ସମର୍ଥନ ଦେଇଥିଲେ।

ଭାଜପାରୁ ନିଲମ୍ବିତ ପୂର୍ବତନ ଦଳୀୟ ମୁଖପାତ୍ର ନୂପୁର ଶର୍ମା ପ୍ରଫେଟ ମହମ୍ମଦଙ୍କ ଉପରେ ବିବାଦୀୟ ଟିପ୍ପଣୀ ଦେବାର ପ୍ରାୟ ୨ ମାସ ପରେ ଡୋଭାଲଙ୍କ ଏଭଳି ମନ୍ତବ୍ୟ ଆସିଛି। ନୂପୁର ଶର୍ମା ବିବାଦ ପରେ ଏକାଧିକ ହତ୍ୟା ମାମଲା ଏବଂ ବିଶୃଙ୍ଖଳା ସୃଷ୍ଟିକାରୀଙ୍କ ଲିଙ୍କ୍ ପିଏଫ୍‌ଆଇ ସହ ରହିଛି। ନିକଟରେ ଗିରଫ ହୋଇଥିବା କେତେଜଣ ଆତଙ୍କବାଦୀ ମଧ୍ୟ ଏହି ସଙ୍ଗଠନର ବୋଲି ଜଣାପଡ଼ିଛି। ଦିଲ୍ଲୀ ଦଙ୍ଗାରେ ପିଏଫ୍‌ଆଇର ସମ୍ପୃକ୍ତି ଥିବା ସାମ୍ନାକୁ ଆସିଥିଲା। ବୈଠକ ପରେ ଆୟୋଜକଙ୍କ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, କେତେକ ଅସାମାଜିକ ତତ୍ତ୍ୱ ଏବଂ ଗୋଷ୍ଠୀ ଯୋଗୁ ଦେଶ କଠିନ ପରିସ୍ଥିତି ଦେଇ ଗତିକରୁଛି। ସେମାନଙ୍କ କଟ୍ଟରପନ୍ଥୀ ବିଚାରଧାରା ଏବଂ ବିଭାଜନକାରୀ ନୀତି ଏଥିପାଇଁ ଦାୟୀ। ବୈଠକରେ ୮ ସୂତ୍ରୀ ପ୍ରସ୍ତାବ ଅଣାଯାଇଛି। ପିଏଫ୍‌ଆଇକୁ ବ୍ୟାନ କରାଯିବା ସେଥିରୁ ଅନ୍ୟତମ। ଏହା ଉପରେ ଉକ୍ତ ବୈଠକରେ ସହମତି ପ୍ରକାଶ ପାଇଛି। ସଂଖ୍ୟାଲଘୁ ଭାବିପାରନ୍ତି ଯେ ସେମାନଙ୍କ ସ୍ୱର ଛୋଟ। କିନ୍ତୁ ତାହା ନୁହେଁ। ସେମାନେ ବେଶ୍ ଦକ୍ଷ ଏବଂ ସକ୍ଷମ। ସେମାନଙ୍କୁ ସ୍ୱର ଉତ୍ତୋଳନ କରିବାକୁ ପଡିବ। ପ୍ରତ୍ୟେକ ନାଗରିକ ଏହି ଦେଶ ପାଇଁ ଗର୍ବ ଅନୁଭବ କରିବା ଉଚିତ। ଏହି ଦେଶକୁ ଆଗକୁ ନେବାରେ ସବୁ ଧର୍ମ ଏବଂ ପ୍ରତି ନାଗରିକଙ୍କ ଯୋଗଦାନ ରହିଛି ବୋଲି ଡୋଭାଲ କହିଥିଲେ।



ଅଜିତ ଡୋଭାଲ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୮,୧୨,୯୮,୭୩୬ | ୬୪,୧୮,୩୭୧ | ୫୫,୧୧,୫୬,୬୪୬ |
| ଭାରତ | ୪,୪୦,୦୦,୧୩୮ | ୫,୨୬,୩୧୨ | ୪,୩୩,୩୦,୪୪୨ |
| ଓଡ଼ିଶା | ୧୩,୧୨,୧୧୬ | ୯୧୨୮(+୫୩) | ୧୨,୯୭,୩୪୪ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଶିଳ୍ପ ସ୍ୱାର୍ଥରେ ବିସ୍ଥାପିତ ବଳି

**ଯାଜପୁର ଅଫିସ,୩୦।୭**

- ■ ନିଷ୍କ୍ରିୟ ହୋଇଛି ଆର୍‌ପିଡିଏସି
- ■ ରାଜ୍ୟ ପୁନର୍ବସତି, ଥଇଥାନ ଆଇନ ଦିଗହରା

ବିସ୍ଥାପିତ ଓ ଜମିହରାଙ୍କ ସମସ୍ୟାର ପ୍ରତିକାର ଏବଂ ପ୍ରଭାବିତ ଅଞ୍ଚଳର ଉନ୍ନୟନ ପାଇଁ ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ଉପଦେଷ୍ଟା କମିଟି(ଆର୍‌ପିଡିଏସି) ୬।୭।୨୦୦୬ରୁ ଗଠିତ ହୋଇଛି। ଜିଲାସ୍ତରରେ ପ୍ରତି ୩ ମାସରେ ଥରେ ଅର୍ଥାତ୍ ବର୍ଷକୁ ୪ ଥର ଆର୍‌ପିଡିଏସି ବୈଠକ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ପରିପ୍ରେକ୍ଷୀରେ ଗତ ୧୬ ବର୍ଷରେ ଜିଲା ସ୍ତରରେ ପ୍ରାୟ ୬୪ ଆର୍‌ପିଡିଏସି ବୈଠକ ହେବା କଥା। ହେଲେ ବିଡମ୍ବନା, ରାଜ୍ୟରେ କେତେକ ଖଣି ଓ ଶିଳ୍ପାଞ୍ଚଳରେ ସର୍ବାଧିକ ୧୧ ଥର ଆରପିଡିଏସି ବୈଠକ ହୋଇଥିବା ଚଳିତ ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି। ଏହି କମିଟିରେ ଆର୍‌ଡିସି (ରେଭିନ୍ୟୁ ଡିଭିଜନାଲ କମିଶନର) ଅଧ୍ୟକ୍ଷ ଏବଂ ଜିଲାପାଳ ଆବାହକ ରହିଛନ୍ତି। ଅଧିକାରୀମାନଙ୍କ ଉଦାସୀନ ମନୋଭାବ ଆର୍‌ପିଡିଏସିକୁ ନିଷ୍କ୍ରିୟ କରିଦେଇଛି ବୋଲି ମତପ୍ରକାଶ ପାଇଛି।

ଯେଉଁଠି ଜିଲା ପ୍ରଶାସନ ସ୍ତରରେ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ନ ହେଉଛି ସେଇଠି ଆର୍‌ପିଡିଏସି ବୈଠକର ଆହ୍ୱାନ କରିବା ନିୟମ ରହିଛି। ଆଇନ ଅନୁଯାୟୀ ଆର୍‌ପିଡିଏସି ବୈଠକରେ ହୋଇଥିବା ନିଷ୍ପତ୍ତି ଚୂଡାନ୍ତ ହୋଇ ତାହା କାର୍ଯ୍ୟକାରୀ ହେବା କଥା। ତେବେ ଶିଳ୍ପ ସଂସ୍ଥା ମାଲିକଙ୍କୁ ଖୁସି କରିବା ଲାଗି ଆର୍‌ପିଡିଏସି ବୈଠକକୁ ଅଣଦେଖା କରାଯାଇ ବିସ୍ଥାପିତ ଓ ଜମିହରାଙ୍କ ସମସ୍ୟା ପ୍ରତି ଆଖିବୁଜି ଦିଆଯାଉଛି ବୋଲି ଅଭିଯୋଗ ହେଉଛି।

ତଥ୍ୟ ଅନୁସାରେ ଅନୁଗୋଳ ଜିଲାର ମହାନଦୀ କୋଇଲା ସଂସ୍ଥା, ତାଳଚେର ପ୍ରକଳ୍ପ ନିମନ୍ତେ ୨୦୧୨ରୁ ୨୦୨୧ ଅଗଷ୍ଟ ମଧ୍ୟରେ ମାତ୍ର ୬ ଥର ଆର୍‌ପିଡିଏସି ବୈଠକ ବସିଛି। ବଲାଙ୍ଗୀର ଜିଲା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ପାଇଁ ୨୦୦୭ରୁ ୨୦୧୮ ମଧ୍ୟରେ ୩ ଥର, କଟକ ଜିଲା ଆରତି ଷ୍ଟିଲ୍ ଲିମିଟେଡ୍ ନିମନ୍ତେ ୨, ଟାଟା ପାୱାର ଲାଗି ୩, କେଭିକେ ନୀଳାଚଳ ପାୱାର ନିମନ୍ତେ ୨ ଏବଂ ଢେଙ୍କାନାଳ ଜିଲାର ରୁଙ୍ଗଟା ମାଇନ୍ସ ପାଇଁ ୩ ଥର ଆର୍‌ପିଡିଏସ ବୈଠକ ବସିଛି। ସେହିପରି ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ୨୦୦୬ରୁ ୨୦୧୬ ମଧ୍ୟରେ ମାତ୍ର ୭ଥର, ଝାରସୁଗୁଡ଼ା ଜିଲା ମହାନଦୀ କୋଇଲା ସଂସ୍ଥା ନିମନ୍ତେ ୧୧ ଥର, ବେଦାନ୍ତ ଆଲୁମିନା ପାଇଁ ୯, ଓପିଜିସି ସକାଶେ ୩, କଳାହାଣ୍ଡି ଜିଲାର ଲାଞ୍ଜିଗଡ଼ ବେଦାନ୍ତ ଆଲୁମିନା ପାଇଁ ୮, କେନ୍ଦୁଝର ଜିଲାର କାନପୁର ବୃହତ୍ ଜଳସେଚନ ପ୍ରକଳ୍ପ ଲାଗି ୫, ରାୟଗଡ଼ା ଜିଲାର ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ନିମନ୍ତେ ୫, ଆଦିତ୍ୟ ଆଲୁମିନିୟମ ପ୍ରକଳ୍ପ ପାଇଁ ୩, ସମ୍ବଲପୁର ଜିଲାର ଆଦିତ୍ୟ ଆଲୁମିନା ପ୍ରକଳ୍ପ ସକାଶେ ୧୦, ହିଣ୍ଡାଲକୋ ହୀରାକୁଦ ନିମନ୍ତେ ୯, ବୁର୍ଲା ଏମସିଏଲ୍ ପାଇଁ ୯, ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ ଲାଗି ୯, ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜୀ ନିମନ୍ତେ ୬, ଏମ୍‌ସିଏଲ୍ ବସୁନ୍ଧରା ପାଇଁ ୫, ଏନ୍‌ଟିପିସି ଲାଗି ୫, ଦୁଲଙ୍ଗା କୋଲ ମାଇନ୍ସ ସକାଶେ ୫, ଓପିଜିସି ପାଇଁ ୪, ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ ନିମନ୍ତେ ୪, ଆଧୁନିକ ମେଟାଲିକ୍ସ ଲାଗି ୨, କୋରାପୁଟ ଜିଲାର ନାଲ୍‌କୋ ଦମନଯୋଡି ପାଇଁ ୯ଥର ବୈଠକ ବସିଛି।

ସୂଚନାଯୋଗ୍ୟ, ଓଡ଼ିଶା ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତିର ସଫଳ ରୂପାୟନ ପାଇଁ ଯାଜପୁର ସମେତ ଶିଳ୍ପ ବହୁଳ ଜିଲାଗୁଡିକରେ ୨୦୦୮ରୁ ଓଡ଼ିଶା ପ୍ରଶାସନିକ ସେବାର ଜଣେ ଲେଖାଏ ବରିଷ୍ଠ ପଦାଧିକାରୀଙ୍କୁ ପ୍ରକଳ୍ପ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ) ଭାବେ ଅବସ୍ଥାପିତ କରାଯାଇଛି। କିନ୍ତୁ କେତେକ ଜିଲାରେ ଏହି ପଦବୀ ଖାଲି ପଡ଼ିଛି। ତେଣୁ ଅଧିକାଂଶ ପ୍ରକଳ୍ପ ନିମନ୍ତେ ୨୦୧୬ରୁ ଏଯାଏ ଆର୍‌ପିଡିଏସି ବୈଠକ ବସିନାହିଁ। ଅପରପକ୍ଷରେ ବିସ୍ଥାପିତ ଓ ଜମିହରାଙ୍କ ଅସନ୍ତୋଷରୁ ବିଭିନ୍ନ କାରଖାନାରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଏବଂ କାରଖାନା ପ୍ରତିଷ୍ଠାରେ ବାଧା ସୃଷ୍ଟି ହେଉଥିଲେ ବି ପ୍ରଶାସନ ତତ୍ପରତା ପ୍ରକାଶ କରୁନାହିଁ। ଶିଳ୍ପଜନିତ ପରିବେଶ ଓ ସାମାଜିକ ପ୍ରଦୂଷଣରେ ଅତିଷ୍ଠ ହୋଇ ଏକାଧିକ ଗ୍ରାମ ବିସ୍ଥାପିତ ହେବାକୁ ଦାବି କରି ଆସୁଛନ୍ତି। ଏହାସହ ସ୍ଥାନୀୟ ନିଯୁକ୍ତିକୁ ନେଇ ଖଣି ଓ ଶିଳ୍ପାଞ୍ଚଳରେ ଅନେକ ଦ୍ୱନ୍ଦ୍ୱ ଦେଖାଦେଉଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ୨୦୧୭-୨୧ ମଧ୍ୟରେ କଳିଙ୍ଗନଗର ଶିଳ୍ପାଞ୍ଚଳର ଏକ କାରଖାନାରେ ୨୦ ଜଣ ରାଜ୍ୟର ଓ ୧୦ ଜଣ ରାଜ୍ୟ ବାହାରର ନିଯୁକ୍ତି ପାଇଥିବା ଦର୍ଶାଯାଇଛି। ତେବେ ନିଯୁକ୍ତି ପାଇଥିବା ବାହାର ରାଜ୍ୟର ସମସ୍ତେ ଅଫିସର କ୍ୟାଡର ହୋଇଥିବାବେଳେ ରାଜ୍ୟର ସମସ୍ତେ ଶ୍ରମିକ ଶ୍ରେଣୀଭୁକ୍ତ। ଏହା କେବଳ ଉଦାହରଣ ମାତ୍ର। ପ୍ରାୟ ସମସ୍ତ ଶିଳ୍ପ ଓ ଖଣି କମ୍ପାନୀରେ ଏଭଳି ନୀତି ଚାଲିଛି। ଏଭଳିସ୍ଥିତିରେ ଆରପିଡିଏସି ବୈଠକ ନ ବସିବା ପ୍ରଶାସନର କମ୍ପାନୀ ପ୍ରୀତି ଜଳଜଳ ହୋଇ ଦିଶୁଛି ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ବିସ୍ଥାପିତମାନଙ୍କ ସମସ୍ତ ସମସ୍ୟାର ସମାଧାନ ପ୍ରଶାସନସ୍ତରରେ ସମ୍ଭବ ହେଉଛି। ସ୍ଥାନୀୟ ନିଯୁକ୍ତି ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯାଉଛି। ତେବେ ଆର୍‌ପିଡିଏସି ବୈଠକ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ।

# ‘ଲକ୍‌ଡାଉନ ଲିରିକ୍ସ’ ପୁସ୍ତକ ଉନ୍ମୋଚନକଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩୦।୭(ବ୍ୟୁରୋ)**




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ‘ଲକ୍‌ଡାଉନ ଲିରିକ୍ସ’ ପୁସ୍ତକର ଉନ୍ମୋଚନ କରିଛନ୍ତି। ସଞ୍ଜୁକ୍ତା ଦାଶଙ୍କ ଦ୍ୱାରା ଲିଖିତ ଏହି ଇଂଲିଶ କବିତା ସଙ୍କଳନରେ କରୋନା ମହାମାରୀ ସମୟରେ ହୋଇଥିବା ସମସ୍ୟା ଓ ସ୍ୱାସ୍ଥ୍ୟ ସଙ୍କଟ ସମ୍ପର୍କରେ ଉଲ୍ଲେଖ କରାଯାଇଛି। କରୋନା ମହାମାରୀ ମହାସଙ୍କଟ ମଧ୍ୟରେ ଲୋକମାନେ କିପରି ପରିସ୍ଥିତିର ମୁକାବିଲା କରି ଅଣ୍ଟା ସଳଖିଥିଲେ ଓ ପୁଣିଥରେ ଜୀବନ ବଞ୍ଚିବାର ସ୍ଥିତିକୁ ଫେରିଥିଲେ, ତାହାକୁ ନିଜ କବିତା ମାଧ୍ୟମରେ ବିଶ୍ୱବାସୀଙ୍କ ପାଖରେ ପହଞ୍ଚାଇବା ପାଇଁ ଲେଖିକା ଚେଷ୍ଟା କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ପୁସ୍ତକ ଉନ୍ମୋଚନ କରିବା ସହିତ ସଞ୍ଜୁକ୍ତା ଦାଶଙ୍କ ଏପରି ସର୍ଜନାତ୍ମକ ଚିନ୍ତାଧାରା ପାଇଁ ତାଙ୍କୁ ପ୍ରଶଂସା କରିଛନ୍ତି। ଦାଶ ଜଣେ ପରିଚିତ ଓ ଜ୍ଞାନୀ ସାହିତ୍ୟିକ। ‘ଅନ୍ତସ୍ୱର’, ‘ଅମୃତ ଅନ୍ୱେଶ’ ଓ ‘ଅପେକ୍ଷାରେ ଏବେ ବି’ ଭଳି ବହୁ ଓଡ଼ିଆ ପୁସ୍ତକ ସେ ରଚନା କରିଥିବାବେଳେ ‘ଲକ୍‌ଡାଉନ୍ ଲିରିକ୍ସ’ ହେଉଛି ପ୍ରଥମ ଇଂଲିଶ ସାହିତ୍ୟକୃତି।

# ୩ କମ୍ପାନୀର ୨.୫୨ କୋଟି ଅଚଳ

**ଭୁବନେଶ୍ୱର,୩୦।୭ (ବ୍ୟୁରୋ)**

**ଲୋନ୍ ଆପ୍ ଠକେଇ ମାମଲାରେ ଇଓଡବ୍ଲ୍ୟୁ କାର୍ଯ୍ୟାନୁଷ୍ଠାନ**

- ■ କମ୍ପାନୀ ଚଳାଉଥିଲେ ଚାଇନା ନାଗରିକ ଲିୟୁ ଇ
- ■ ପୂର୍ବରୁ ଲୁକ୍ ଆଉଟ୍ ସର୍କୁଲାର ଜାରି ହୋଇଛି
- ■ ଗିରଫ ହୋଇଛନ୍ତି ୫ ସହଯୋଗୀ

ଗ୍ରାହକଙ୍କୁ ଆପ୍‌ଦ୍ୱାରା ଲୋନ୍‌ଦେଇ ପରବର୍ତ୍ତୀ ସମୟରେ ମାନସିକ ନିର୍ଯାତନା ଦେବା ସହ ଅଧିକ ଟଙ୍କା ଆଦାୟ ମାମଲାରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)। ଏହି ମାମଲାରେ (ନଂ.୯/୨୦୨୨)ରେ ମାଷ୍ଟରମାଇଣ୍ଡ ଥିବା ଚାଇନା ନାଗରିକ ଲିୟୁ ଇ’ଙ୍କ ବିରୋଧରେ ପୂର୍ବରୁ ଲୁକ୍ ଆଉଟ୍ ସର୍କୁଲାର ଜାରି କରାଯାଇଥିବାବେଳେ ଏବେ ଇଓଡବ୍ଲ୍ୟୁ ତାଙ୍କର ୩ଟି ସେଲ୍ କମ୍ପାନୀର ଆକାଉଣ୍ଟରୁ ୨.୫୨ କୋଟି ଟଙ୍କା ଅଚଳ (ଫ୍ରିଜ୍) କରିଛି। ଏନେଇ ଇଓଡବ୍ଲ୍ୟୁ ପକ୍ଷରୁ ଶନିବାର ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଟଙ୍କା ଫ୍ରିଜ୍ କରାଯାଇଥିବା ସେଲ୍ କମ୍ପାନୀଗୁଡ଼ିକ ହେଲା ଝାଡ଼ଖଣ୍ଡ ଜାମ୍‌ସେଦ୍‌ପୁରସ୍ଥିତ ବିଟିଡବ୍ଲ୍ୟୁଓ କନ୍‌ସଲ୍‌ଟିଂ ପ୍ରାଇଭେଟ ଲିମିଟେଡ୍, ପୁଣେସ୍ଥିତ ଜିୟାଲିଙ୍ଗ୍ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍ ଓ ବେଙ୍ଗାଲୁରୁସ୍ଥିତ ଓମ୍‌ଲେଟ୍ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍। ଏହି ମାମଲାରେ ପୂର୍ବରୁ ଲିୟୁଙ୍କ ୫ ସହଯୋଗୀ ଇଓଡବ୍ଲ୍ୟୁ ଦ୍ୱାରା ଗିରଫ ହୋଇ ଜେଲରେ ଅଛନ୍ତି। ସେହିପରି ପୂର୍ବରୁ ସେଲ୍ କମ୍ପାନୀ ‘ମହାଗ୍ରାମ ପେମେଣ୍ଟ୍ସ ପ୍ରାଇଭେଟ ଲିମିଟେଡ’ର ୪ଟି ଆକାଉଣ୍ଟରୁ ୬ କୋଟି ୫୭ ଲକ୍ଷ ୩୪ ହଜାର ୮୨୯ ଟଙ୍କା ମଧ୍ୟ ଫ୍ରିଜ୍ କରିଛି ଇଓଡବ୍ଲ୍ୟୁ। ଫ୍ରିଜ୍ କରାଯାଇଥିବା ସେଲ୍ କମ୍ପାନୀର ନିର୍ଦ୍ଦେଶକମାନଙ୍କୁ ଇଓଡବ୍ଲ୍ୟୁ ଧରିବାକୁ ଚେଷ୍ଟା ଜାରି ରଖିଛି। ଏଥିସହ ମାଷ୍ଟରମାଇଣ୍ଡ ଲିୟୁ ଇଙ୍କୁ ମଧ୍ୟ ଗିରଫ କରିବାକୁ ଖୋଜା ଚାଲିଛି। ତାଙ୍କ ଉପରେ ନଜର ରଖିବାକୁ ଲ’ ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଓ ପୋଲିସକୁ ମଧ୍ୟ କୁହାଯାଇଛି।

ସୂଚନାଯୋଗ୍ୟ, ୨୦୧୯ରେ ଭାରତରେ ବେଆଇନ ଲୋନ ଆପ୍ କାରବାର ଆରମ୍ଭ କରିଥିଲେ ମାଷ୍ଟରମାଇଣ୍ଡ୍ ଲିୟୁ ଇ। ସହଯୋଗୀଙ୍କ ଦ୍ୱାରା ଲିୟୁ ସାଧାରଣ ଲୋକଙ୍କୁ ପ୍ରବର୍ତ୍ତାଇ ସେମାନଙ୍କ ନାମରେ ସିମ୍ କାର୍ଡ ସହ ବ୍ୟାଙ୍କ ଆକାଉଣ୍ଟ ଖୋଲୁଥିଲେ। ଏଥିସହ ଉକ୍ତ ଲୋକଙ୍କୁ କମ୍ପାନୀର ନିର୍ଦ୍ଦେଶକ ଓ କର୍ମଚାରୀ ଦାୟିତ୍ୱ ଦେଉଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଓ କମ୍ପାନୀକୁ ଲିୟୁ ହିଁ ପରିଚାଳନା କରୁଥିଲେ। କୋକୋ ଓ ଜୋଜୋ ଆପ୍ ସମେତ ଏକାଧିକ ଲୋନ୍ ଆପ୍ ମାଧ୍ୟମରେ ଠକେଇ ପାଇଁ ଜାଲ ବିଛାଉଥିଲେ। ଯେଉଁ ଗ୍ରାହକଙ୍କ ଆକାଉଣ୍ଟରେ ଠକେଇ ଟଙ୍କା କାରବାର ହେଉଥିଲା, ସେମାନଙ୍କୁ ୩ରୁ ୧୦ ହଜାର ଟଙ୍କା ଦେଇ ବହୁଗୁଣା ଟଙ୍କା ନିଜେ ନେଉଥିଲେ। ଟଙ୍କା ନ ଦେଲେ କର୍ମଚାରୀଙ୍କ ଦ୍ୱାରା ଗାଳି, ଧମକ ଓ ନିର୍ଯାତନା ଦିଆଯାଉଥିଲା। ତଦନ୍ତ ବାଟବଣା କରିବାକୁ ଗ୍ରାହକଙ୍କଠାରୁ ମାଷ୍ଟରମାଇଣ୍ଡ୍ ଲିୟୁ ବିଭିନ୍ନ ମାଧ୍ୟମ ଦେଇ ଟଙ୍କା ନେଇଥାନ୍ତି। ୧୦୦ରୁ ଊର୍ଦ୍ଧ୍ୱ ଅଭିଯୋଗ ହେବା ପରେ ଇଓଡବ୍ଲ୍ୟୁ ଏପ୍ରିଲ୍ ୨୧ରେ ଏକ ମାମଲା (ନଂ.୯/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଆଜି ଚକାଜାମ୍ ଆନ୍ଦୋଳନ

**ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ**

**ଭୁବନେଶ୍ୱର,୩୦।୭(ବ୍ୟୁରୋ)**

ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ରବିବାର ସମଗ୍ର ଦେଶରେ ଚକାଜାମ୍ ଆନ୍ଦୋଳନ ଡାକରା ଦିଆଯାଇଛି। ଓଡ଼ିଶାରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ଯାଏ ଏହି ଆନ୍ଦୋଳନ ହେବ। ଧାନ ଓ ଅନ୍ୟାନ୍ୟ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, କୃଷକଙ୍କ ବିରୋଧରେ ଥିବା ସମସ୍ତ ମାମଲାକୁ ପ୍ରତ୍ୟାହାର, ଉତ୍ତର ପ୍ରଦେଶର ଲକ୍ଷ୍ମୀପୁର ଖେରି କୃଷକ ହତ୍ୟାକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଗତ ବିଦ୍ୟୁତ୍ ବିଲ୍-୨୦୨୦କୁ ବିରୋଧ କରି ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ଏହି ଚକାଜାମ୍ ଆନ୍ଦୋଳନ ଡାକରା ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଶନିବାର ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଚକାଜାମ୍ ଆନ୍ଦୋଳନକୁ ଦୃଷ୍ଟିରେ ରଖି ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହି ଚାକଜାମ୍ ଆନ୍ଦୋଳନରେ ନବନିର୍ମାଣ କୃଷକ ସଂଗଠନ ସାମିଲ ହେଉ ନ ଥିଲେ ମଧ୍ୟ ନୈତିକ ସମର୍ଥନ ଦେଉଥିବା ଆବାହକ ଅକ୍ଷୟ କୁମାର କହିଛନ୍ତି।




**ଆଜିର ମନ୍ତବ୍ୟ**

କେତେକ ତତ୍ତ୍ୱ ଦେଶର ପ୍ରଗତିରେ ବାଧା ଉପୁଜାଇବାକୁ ବାତାବରଣ ସୃଷ୍ଟି କରୁଛନ୍ତି। ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ ଭଳି ମୌଳବାଦୀ ଶକ୍ତି ବିରୋଧରେ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। **-ଅଜିତ ଡୋଭାଲ, ଜାତୀୟ ସୁରକ୍ଷା ପରାମର୍ଶଦାତା**

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଚିତ୍ତରଞ୍ଜନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## ବନ ବିଭାଗର ନିରସ୍ତ୍ର ...

ଛତ୍ରଭଙ୍ଗ ଦେଉଛନ୍ତି। ମାଓବାଦୀ ପ୍ରଭାବିତ କୋରାପୁଟ, କନ୍ଧମାଳ, ମାଲକାନଗିରି ଜିଲାରେ ବିପଦ ମୁଣ୍ଡାଇ କର୍ମଚାରୀମାନେ କାର୍ଯ୍ୟ କରୁଛନ୍ତି। ତଥାପି ରାଜ୍ୟ ସରକାର ବନ ବିଭାଗକୁ ଶକ୍ତିଶାଳୀ, ସୁଦୃଢ଼ କିମ୍ବା ବ୍ୟବସ୍ଥିତ କରିବା ଲାଗି ପଦକ୍ଷେପ ନ ନେବା ପରିତାପର ବିଷୟ ହୋଇଛି। ଜଙ୍ଗଲ ସମ୍ପଦରେ ଭରପୂର ଢେଙ୍କାନାଳ ଜିଲାର ସ୍ଥିତି ସମୀକ୍ଷା କଲେ ରାଜ୍ୟରେ ବନ ବିଭାଗର ଦୟନୀୟ ଅବସ୍ଥା ସ୍ପଷ୍ଟ ବାରିହେବ। ଜିଲାର ୮ ରେଞ୍ଜ୍‌ରେ ମୋଟ୍ ୧ ଲକ୍ଷ ୭୦ ହଜାର ହେକ୍ଟର ଜଙ୍ଗଲ ମଧ୍ୟରୁ ୧ଲକ୍ଷ ୪୦ ହଜାର ହେକ୍ଟର ସଂରକ୍ଷିତ। କାମାକ୍ଷାନଗର ଉପଖଣ୍ଡ ଅନ୍ତର୍ଗତ ତଥା ଦଦରାଘାଟି ଜଳଭଣ୍ଡାରକୁ ଲାଗିଥିବା ଅନନ୍ତପୁର, କଙ୍କଡ଼ାହାଡ଼ ବ୍ଲକର ରଞ୍ଜାଗଡ଼, ହିନ୍ଦୋଳର କନ୍ଧରା, ଢେଙ୍କାନାଳର କପିଳାସ ଅଭୟାରଣ୍ୟର ଆୟତନ, ଘନତ୍ୱ ଏବଂ ଜୈବ ବିବିଧତା ଦୃଷ୍ଟିରୁ ସମ୍ବେଦନଶୀଳ। ଜିଲାରେ ଜଙ୍ଗଲ ସମ୍ପଦ, ସେଠାରେ ବସବାସ କରୁଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ୧୦୪ଟି ବିଟ୍ ହାଉସ୍ ରହିଛି। ହେଲେ ଅଧିକାଂଶ ସ୍ଥାନରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି। ୨୦୦୫ରୁ ଜିଲାରେ ଜଙ୍ଗଲ ପୂର୍ବାପେକ୍ଷା ବଢ଼ିଥିବାବେଳେ ସୁରକ୍ଷା ବ୍ୟବସ୍ଥା ହୁଗୁଳି ଯାଇଛି। ହାତୀ ଉପଦ୍ରୁତ ମହାବିରୋଡ ରେଞ୍ଜ୍‌ରେ ରେଞ୍ଜର ପଦବୀ ଖାଲିପଡ଼ିଛି। ସେହିପରି ୧୩୦ ଫରେଷ୍ଟ ଗାର୍ଡ ପଦବୀ ମଧ୍ୟରୁ ୭୧ଟିରେ କେହି ନାହାନ୍ତି। ଜିଲାରେ ହାତୀ ସୁରକ୍ଷା ପାଇଁ ୩୦୦ ସ୍କ୍ୱାଡ୍ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବାବେଳେ ସେମାନଙ୍କୁ ମଧ୍ୟ ପ୍ରଶିକ୍ଷଣ ଦିଆଯାଉନାହିଁ। ନିକଟରେ ଶିକାରୀ ଉପଦ୍ରୁତ ଅଞ୍ଚଳରେ ବନ୍ୟଜୀବଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ୩ ପୋଲିସ କନଷ୍ଟେବଳ, ଜଣେ ମୁଖ୍ୟ କନଷ୍ଟେବଳଙ୍କୁ ନେଇ ଏପିଆର୍ ଫୋର୍ସ ଗଠନ କରାଯାଇଛି। ବନ ବିଭାଗ ସେମାନଙ୍କୁ ଦରମା ମଧ୍ୟ ଦେଉଛି। କିନ୍ତୁ ଏହି ଏପିଆର ଫୋର୍ସ ଅଧିକାରୀମାନେ ବନ ବିଭାଗର କୌଣସି କଥା ଶୁଣୁ ନ ଥିବାରୁ ଏହାର ଉଦ୍ଦେଶ୍ୟ ପଥଭ୍ରଷ୍ଟ ହୋଇଥିବା ଅଭିଯୋଗ ହେଉଛି। କଳରାପତରିଆ ବଂଶ ବଢ଼ୁଥିବା ସମ୍ବେଦନଶୀଳ କନ୍ଧରା ଜଙ୍ଗଲରେ ମୁତୟନ ହାତଗଣତି କର୍ମଚାରୀଙ୍କୁ ବନ ବିଭାଗ ବନ୍ଧୁକ ପ୍ରଦାନ କରିଥିବାବେଳେ ଏହା ସମୁଦ୍ରକୁ ଶଙ୍ଖେ ଭଳି। ଏସବୁ ଅବ୍ୟବସ୍ଥା ଘେରରେ ବନ ବିଭାଗ ରହିଥିବାବେଳେ ସଂରକ୍ଷିତ ଜଙ୍ଗଲରେ କାଠମାଫିଆ, ଶିକାରୀଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଡ. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, କନ୍ଧରା ସଂରକ୍ଷିତ ଜଙ୍ଗଲରେ ମୁତୟନ ସ୍ୱଳ୍ପସଂଖ୍ୟକ କର୍ମଚାରୀଙ୍କୁ ବାଦ୍ ଦେଲେ ଅନ୍ୟ କାହାରିକୁ ବନ୍ଧୁକ ଦିଆଯାଇନାହିଁ। ଖୁବ୍‌ଶୀଘ୍ର ହାତୀ ସ୍କ୍ୱାଡ୍ ସଦସ୍ୟଙ୍କୁ ବନ୍ଧୁକ ପ୍ରଶିକ୍ଷଣ ଦିଆଯିବା ଯୋଜନା ରହିଛି। ଢେଙ୍କାନାଳ ରିଜର୍ଭ ପୋଲିସ ଲାଇନ ଫାୟାରିଂ ରେଞ୍ଜ୍‌ରେ ସେମାନଙ୍କୁ ତାଲିମ ଦେବାକୁ ଏସ୍‌ପିଙ୍କ ସହ ଆଲୋଚନା କରାଯିବ। ଖୁବ୍ ଶୀଘ୍ର ଫରେଷ୍ଟ ଗାର୍ଡ ପଦବୀ ପୂରଣ କରାଯିବ ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି।

### ଘାରିଛି ମାମଲା ଭୟ

ଶିକାରୀଙ୍କ ମୁକାବିଲା ପାଇଁ ଆସାମରେ ବନ କର୍ମଚାରୀଙ୍କୁ ବନ୍ଧୁକ ଚାଳନା ପ୍ରଶିକ୍ଷଣ ଦିଆଯାଇଛି। କୌଣସି ସମୟରେ ଶିକାରୀଙ୍କ ସହ ମୁହାଁମୁହିଁ ହେଲେ ସେମାନଙ୍କୁ ଗୁଳି ଚଳାଇବାକୁ ଅନୁମତି ଦିଆଯାଇଛି। ଏ ସଂକ୍ରାନ୍ତରେ ମାମଲା ହେଲେ ସରକାର ଉତ୍ତର ଦେଇଥାଆନ୍ତି। କିନ୍ତୁ ଓଡ଼ିଶାରେ ଏଭଳି ଘଟଣା ଘଟିଲେ ପ୍ରଥମେ ସମ୍ପୃକ୍ତ ବନ କର୍ମଚାରୀଙ୍କ ନାମରେ ମାମଲା ରୁଜୁ ହୋଇଥାଏ। ତେଣୁ ହାତରେ ବନ୍ଧୁକ ଥିଲେ ବି ମାମଲା ଭୟରେ ଅନେକ ସମୟରେ କର୍ମଚାରୀମାନେ ଶିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭୟ କରୁଛନ୍ତି।

### ସୀମାନ୍ତ ଜଙ୍ଗଲରେ ସୁରକ୍ଷା ବିପନ୍ନ

କଟକ ଜିଲା ଆଠଗଡ, ବଡ଼ମ୍ବା, ନରସିଂହପୁର ସୀମାନ୍ତ କନ୍ଧରା ଜଙ୍ଗଲରେ ଶିକାରୀଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଏଠାରେ ପ୍ରାୟ ୨ବର୍ଷ ତଳେ ଶିକାରୀମାନେ ଗୁଳି କରି ଏକ ଦନ୍ତାହାତୀକୁ ଶିକାର କରିବା ପରେ ଦାନ୍ତ ଲୁଟି ନେଇଥିଲେ। ବନ କର୍ମଚାରୀ ଅଭିଯୁକ୍ତଙ୍କୁ ଧରିବାକୁ ଜଙ୍ଗଲରେ ପଶିଥିବାବେଳେ ଶିକାରୀ ଆଖିବୁଜା ଗୁଳି ଚଳାଇଥିଲେ। ଫଳରେ ଠେଙ୍ଗାଧାରୀ କର୍ମଚାରୀମାନେ ଛତ୍ରଭଙ୍ଗ ଦେଇଥିଲେ। ୪ବର୍ଷ ତଳେ ରଞ୍ଜାଗଡ଼ ସଂରକ୍ଷିତ ଜଙ୍ଗଲରେ ୨ଟି ବାଘ ଶିକାର ହୋଇଥିଲା। ବାଘ ଚମଡ଼ା ବିକ୍ରି କରିବାକୁ ଯୋଜନା ଚାଲିଥିବାବେଳେ ଅଭିଯୁକ୍ତଙ୍କୁ କାବୁ କରିଥିଲା ବନ ବିଭାଗ। ନିକଟରେ କନ୍ଧରା ସଂରକ୍ଷିତ ଜଙ୍ଗଲରେ ବାର୍‌ହା ଶିକାର ପାଇଁ ବିଛାଯାଇଥିବା ଫାଶରେ ପଡ଼ି ଏକ କଳରାପତରିଆର ମୃତ୍ୟୁ ଘଟିଛି। ନରସିଂହପୁର ବନାଞ୍ଚଳ ହାତୀଙ୍କ କବରସ୍ଥଳ ପାଲଟିଛି। ସୀମାନ୍ତରେ ଜଙ୍ଗଲ ସୁରକ୍ଷା ବିପନ୍ନ ହେଉଥିବାବେଳେ ପ୍ରଶିକ୍ଷିତ କର୍ମଚାରୀଙ୍କ ଅଭାବ ପରିଲକ୍ଷିତ ହେଉଛି।

### ୨ ବର୍ଷରେ ୨୫୫ କାଠଚୋର, ୧୭୪ ଶିକାରୀ ଗିରଫ

ଢେଙ୍କାନାଳ ଜିଲାରେ ଗତ ୨ବର୍ଷ ମଧ୍ୟରେ ୨୫୫ କାଠଚୋର ଏବଂ ୧୭୪ ଶିକାରୀ ଗିରଫ ହୋଇଛନ୍ତି। ୨୦୨୦-୨୧ରେ ସଂରକ୍ଷିତ ଜଙ୍ଗଲରୁ କାଠ ଚାଲାଣ ଅଭିଯୋଗରେ ୧୬୪ ଏବଂ ବନ୍ୟପ୍ରାଣୀ ଶିକାର ଅଭିଯୋଗରେ ୧୦୪ ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି ୨୦୨୧-୨୨ରେ ଅଦ୍ୟାବଧି କାଠଚୋରି ମାମଲାରେ ୯୧ ଏବଂ ବନ୍ୟପ୍ରାଣୀ ଶିକାର ଅଭିଯୋଗରେ ୭୦ଜଣଙ୍କୁ ଗିରଫ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଭାଇ, ପଡ଼ୋଶୀ, ସହକର୍ମୀ କିମ୍ବା ଅଧସ୍ତନ କର୍ମଚାରୀଙ୍କ ସହ ସମ୍ପର୍କ ଭଲ ରହିବ ନାହିଁ। କିନ୍ତୁ କର୍ମକ୍ଷେତ୍ରରେ, ଆନୁଷ୍ଠାନିକ କାମରେ ଠିକ୍ ପରାମର୍ଶ ଦେଇ ଅନ୍ୟମାନଙ୍କ ପ୍ରଶଂସାର ପାତ୍ର ହେବେ। ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**ବୃଷ** ଆଜିର ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, ସ୍ତ୍ରୀ ସମ୍ପର୍କରେ ଉନ୍ନତ ମାନର ଫଳ ପାଇବେ। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି ହେବ। ବେପରୁଆ କାର୍ଯ୍ୟକଳାପ ସକାଶେ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଦାୟୀ ହେବାକୁ ପଡ଼ିପାରେ। ଦେହ ଅସୁସ୍ଥ ଲାଗିପାରେ।

**ମିଥୁନ** ଅଭାବ ଅସୁବିଧା ଲାଗି ରହିଥିଲେ ମଧ କୌଣସି କାମ ଅଟକିବ ନାହିଁ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। ବିଶେଷ କଷ୍ଟ ସ୍ୱୀକାର କରିବା ପରେ ଅର୍ଥ ପାଇବେ ଓ କାମଟି ବିଳମ୍ବରେ ହେବ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ।

**କର୍କଟ** କିଛି ସୁବିଧା ସାଙ୍ଗକୁ କିଛି ଅସୁବିଧା ରହିଥିବାରୁ ମାନସିକ ଦ୍ୱନ୍ଦ୍ୱ ଭିତର ଦେଇ ଗତି କରିବେ। ପାରିବାରିକ କ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ହେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ ଓ ଫାଇଲ୍ କାମରେ ଅଧିକ ସମୟ ବିନିଯୋଗ କରିବେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ସିଂହ** ଭିତରେ ଭିତରେ ରାଗରେ ଜଳୁଥିଲେ ମଧ ଉପରେ କିଛି କହିବାକୁ ସାହସ କରିପାରିବେ ନାହିଁ। ଅଫିସ୍‌ରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି, ବାସ୍ତବରେ ସେପରି କିଛି ହେବନି, ତା'ବୋଲି ମନ ବୁଝିବ ନାହିଁ। ପରିବାରରେ ଆନନ୍ଦ ପରିସ୍ଥିତିରୁ ମନ ଭଲ ରହିବ। ସନ୍ତାନହେତୁକ ଚିନ୍ତା ଦୂର ହେବ।

**କନ୍ୟା** କୌଣସି ବନ୍ଧୁ ଆର୍ଥିକ ସମସ୍ୟାକୁ ସୁଧାରି ନେବେ। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ କର୍ମକ୍ଷେତ୍ରରେ ଚିନ୍ତା କରିଥିବାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବା ଅନୁଭବ କରିବେ। ଦୂରସମ୍ପର୍କୀୟ ବନ୍ଧୁଙ୍କଠାରୁ ସୁଖବର ପାଇବେ।

**ତୁଳା** ଆଜି ନିଜର ପ୍ରତ୍ୟୁତ୍ପନ୍ନମତିତା କାରଣରୁ ଖୁସିଗପ ଓ ମଉଜ ମଜଲିସ୍ ପାଇଁ ମନ ବଳିବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବାର ସମ୍ଭାବନା ରହିଛି। କାର୍ଯ୍ୟବ୍ୟସ୍ତତା ଯୋଗୁ ଅବସର ପାଇବେ ନାହିଁ କିମ୍ବା ଖାଦ୍ୟପେୟରେ ମଧ୍ୟ ଠିକ୍ ରହିବ ନାହିଁ। ଅଫିସ୍‌ରେ ମଧ୍ୟାହ୍ନରେ ଟେନସନ୍ ଦୂର ହେବାର ସମ୍ଭାବନା ରହିଛି।

**ବିଛା** ସବୁ ଥାଇ ମଧ କିଛି ନଥିଲା ଭଳି ପରିସ୍ଥିତି ଭିତର ଦେଇ ଗତି କରିବାକୁ ବାଧ ହେବେ। ସତର୍କରେ ନଚଳିଲେ ମିଥ୍ୟାପବାଦରେ ନିନ୍ଦିତ ହୋଇପାରନ୍ତି। ସମସ୍ତଙ୍କୁ ସରଳଭାବରେ ଗ୍ରହଣ କରିବା ଅସୁବିଧାର କାରଣ ହେବ। ଚିନ୍ତା କରୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହେବ। ତଥାପି ଏଥିରେ ସଫଳ ହେବେ।

**ଧନୁ** କୌଶଳ ପ୍ରୟୋଗ କରି କାମ କରିବା କାରଣରୁ ସମସ୍ତ ଅଭିଳାଷ ପୂରଣ କରିବା ଦିଗରେ ଅନୁକୂଳ ପରିବେଶ ସୃଷ୍ଟି ହେବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ। ଖଳ ଲୋକମାନଙ୍କ ଦ୍ୱାରା ପ୍ରାୟୋଜିତ ଅପମାନଜନକ ସ୍ଥିତିରୁ ଖସି ଯାଇପାରନ୍ତି। ଅପେକ୍ଷା କରିଥିବା କାମରେ ଶୁଭ ସୂଚନା ପାଇବେ।

**ମକର** ଚିନ୍ତା ନ କରି କାମରେ ଆଗକୁ ମାଡ଼ିଚାଲନ୍ତୁ, କୌଣସି ଅସୁବିଧା ନ ହୋଇ କାମ ହୋଇଯିବ। କଳେବଳେ କୌଶଳେ ଅର୍ଥ ସଂଗ୍ରହ ଅଭିଯାନ ଜାରି ରଖି ସଫଳତା ପାଇବେ। କିନ୍ତୁ ଧନିଷ୍ଠା ନକ୍ଷତ୍ର ଜାତ ବ୍ୟକ୍ତି ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହେବ। ଭ୍ରାତୃପ୍ରୀତି ମିଳିପାରେ, ଯାହାକି ସହଯୋଗ ରୂପେ ପ୍ରାପ୍ତ ହେବ।

**କୁମ୍ଭ** ମନ କଥା ମନରେ ରଖି ବନ୍ଧୁଙ୍କ ସହ ମିଶିପାରିଲେ ସୁଯୋଗ ଆପଣାଛାଏଁ ଆସିବ। କର୍ମକ୍ଷେତ୍ରରୁ ଯାହା ଓ ଯେତିକି ପାଇବା କଥା ଅବଶ୍ୟ ପାଇବେ। ବ୍ୟବସାୟ, ବାଣିଜ୍ୟ, କଳା, ସାହିତ୍ୟ, ସାମ୍ବାଦିକତା ଓ ସଭାସମିତିରେ ସଫଳତା ହାସଲ କରିବେ। ସ୍ତ୍ରୀଙ୍କ ଅଭିଯୋଗ ଅମୂଳକ ନୁହେଁ, ଏହାର ପୁନର୍ବିଚାର କରିବା ଭଲ ହେବ।

**ମୀନ** ଆଜି ହାତକୁ ନେଇଥିବା କାର୍ଯ୍ୟ ସୁବିଧାରେ ହୋଇଯିବ। ଏଜେନ୍ସି, ସାହିତ୍ୟ ଚର୍ଚ୍ଚା, ସଭାସମିତି, ମାଙ୍ଗଳିକ କାମ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବ। ଈର୍ଷା ପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି କଟୁ ମନ୍ତବ୍ୟ ଦେବେ।

## ମଙ୍କି ପକ୍ସ ଚିକିତ୍ସା ପାଇଁ ଜାରି ହେବ ମାର୍ଗଦର୍ଶିକା

**ଭୁବନେଶ୍ୱର, ୩୦।୭(ବ୍ୟୁରୋ)**

ବିଶ୍ୱର ୭୮ଟି ଦେଶରେ ଏବେ ମଙ୍କି ପକ୍ସ ଭୂତାଣୁ କାୟା ବିସ୍ତାର କରିସାରିଲାଣି। ଏଥିରେ ୨୧ହଜାର ରୋଗୀ ଆକ୍ରାନ୍ତ ହୋଇସାରିଥିବାବେଳେ ୧୧ଜଣଙ୍କ ମୃତ୍ୟୁ ଘଟିଛି। ତେବେ ଭାରତରେ ୪ଜଣ ମଙ୍କି ପକ୍ସ ରୋଗୀ ଚିହ୍ନଟ ହୋଇଛନ୍ତି। କେରଳରେ ୩ ଜଣ ଓ ଦିଲ୍ଲୀର ଜଣେ ରୋଗୀ ରହିଛନ୍ତି। ତେବେ ଓଡ଼ିଶାରେ ଏ ପର୍ଯ୍ୟନ୍ତ କୌଣସି ମଙ୍କି ପକ୍ସ ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି। କିନ୍ତୁ ଏହାକୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି। ଖୁବ୍‌ଶୀଘ୍ର ଭୁବନେଶ୍ୱର ଆର୍‌ଏମ୍‌ଆର୍‌ସିଠାରେ ଏହାର ନମୂନା ପରୀକ୍ଷଣ ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଶନିବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମଙ୍କି ପକ୍ସ ସମ୍ପର୍କିତ ସମୀକ୍ଷା ବୈଠକରୁ ଏହି ସୂଚନା ମିଳିଛି।


# classifieds

**Everyday 0674-2580101, 2549302**




**GROOM WANTED**

Wanted brahmin groom for a beautiful brahmin bride 1994/M.Com/ Service. 9090690029. D-68294

Government ଚାକିରିଆ ବୟସ- 34 ଏକୁଟିଆ ରହୁଥିବା Divorcee ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7894489867. D-1157




**HIRE**

New Model Dzire Etios Hondacity, Ciaz, Inova ବିକ୍ରି କରିବାକୁ ଚାହୁଁଛନ୍ତି କି। 9937272794. D-73944




**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

ଭୁବନେଶ୍ୱରରେ ସ୍ଥିତିବାନ୍ ପ୍ଲଟ୍ ବିକ୍ରି ହେଉଅଛି। ଅନ୍ଧାରୁଆରେ sqft.-1500/-, ଦାଶପୁରରେ sqft.-800/-, ପାତ୍ରପଡ଼ାରେ 2BHK ତିଆରି ଫ୍ଲାଟ୍ 60,000,00/-ରେ ବିକ୍ରି ହେଉଅଛି। 9348549059, 8984896693, 06747964979. D-73839

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ **Sudhananda School & College**କୁ ଲାଗି **layout approval plot (Bank finance) @9,00,000/-** ଦେଇ ତୁରନ୍ତ ଘର କରନ୍ତୁ। **(OD Group). 9437033320.** D-73283

5BHK Triplex 55,00,000/- finishing Hanspal, 3BHK duplex 20,00,000/- Balianta -8093465134. D-73340

**One Snacks A/C Showroom with running condition sale Immediately with all infra and stocks, Kalinga Vihar, Bhubaneswar. 7894022662 (*Approx- 9lacks).** D-1158

**Hanspal near Balianta Rangabazar Middle point**ରେ **road, electricity, boundary** ସହିତ **plot** କିଣନ୍ତୁ। **sqft.-1350/-. 7008425796.** D-73286

Gharabari conversion plot with 30ft. internal road for sale near DN Regalia Patrapada, Bhubaneswar @ 7978801755. D-73850

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-1143

**Immediate** ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ **sqft. 500/** ବାଳକାଟିରେ **sqft.1000/-.8114929186.** D-73946

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-1144

**5000sqft. (50ft. X100ft.) gharabari, sthitiban yellowzone, 100% clear single Patta owner plot for sale with boundary, filling & outhouse completed. Address- Bhargavi Vihar, just 3rd plot from Dhauli & Uttara NH with 25ft. wide concrete road Price Rs.1,35,00,000/-. Contact owner. 9040026465 (BABU BHAI).** D-1039

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**Puri Studio apartment sale near new international Airport (Girala) rate-13,50,000/- onwards (Bank finance available). 8249390294, 8018417272.** D-73277

ଜାଗା କିଣି ତୁରନ୍ତ ଘର କରନ୍ତୁ। ଭୁବନେଶ୍ୱର **New Railway Station**ରୁ **400mtr** ଦୂରତାରେ **yellowzone-sqft.-650/-,** ବାରଙ୍ଗ-ତ୍ରିଶୁଳିଆ **NH side**ରେ **sqft.-1500/- (SC plot available). 9078371787.** D-73290

**Commercial cum residential plot at Brahmanjharilo Cuttack (Niali road) 6k.m. to Phulanakhara, 11k.m. to Bhubaneswar. 7809525452.** D-73938




**Construct your home @850/-, 1330/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-73278




3BHK Ground Floor Ratnakarbaga-2 Tankapaniroad Bhubaneswar-18 plinth area 1180sft. 2covered grilled verandahs 200sft. total 1380sft. covered Car parking space. M: 9937024304. D-73710

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**6 Nos. of 2BHK Residential Flat (Newly constructed) with all facilities & parking available for rent at Cuttack. Shivajee Nagar, Tulsipur. Contact: 9040029298.** D-1047

Three BHK flat in second floor at Venus apartment in Rasulgarh for rent, contact 8763666378. D-1124

**2000sft. Depo Cum Office space available near Bomikhal Square previous Tenant Hindustan Latex Ltd and Torque Pharmaceuticals. Contact No.- 9861120421.** D-69069




Newly open full body massage ladies and gents. 8327740003, 8093860513. D-73947

Newly open SPA Offer @799/-, positively health benefits, Kalpana. 7846814019. D-73627

**Relax, Refresh your body, mind at Saikrupa Spa with best therapies. 8984068077.** D-1121

Newly opened full body massage center by expert therapist. 7381172169. D-73629

Newly open Asribada Panchakarma herbal SPA Kesarimall Bhubaneswar. Contact: 8926173473. D-73945




ଘରେ କିମ୍ବା factory କିମ୍ବା plotରେ ବାସ୍ତୁଦୋଷ ଥିବାପରି ମନେହେଉଛି କି ? Call/ Whatsapp 7978736177. D-68295


## LEGAL NOTICE

**ନୋଟିସ୍**

ମାନ୍ୟବର ଶ୍ରୀଯୁକ୍ତ ବିଶ୍ୱନାଥ ସାହୁ
ଅତିରିକ୍ତ କମିଶନର ରିଭିଜନ କୋର୍ଟ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ୍, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।
ଓ.ଏସ୍.ଏସ୍.କେଶ୍ ନଂ.- ୫୫୨/୨୦୧୭

ଜିତେନ୍ଦ୍ର କୁମାର ଜେନା ....ବାଦୀ

ବନାମ

ବାସୁଦେବ ପଣ୍ଡା ଓଗେର ...ପ୍ରତିବାଦୀ

ନୋଟିସ୍ ଅର୍ଡର-୫ ରୁଲ୍-୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ:
୧- ବାସୁଦେବ ପଣ୍ଡା, ୨- ଜୟରାମ ପଣ୍ଡା, ଉଭୟଙ୍କ ସା- ପ୍ରତାପଶାସନ, ପୋ- ବାଳକାଟି, ଥାନା- ବାଲିଅନ୍ତା, ଜିଲ୍ଲା- ଖୋର୍ଦ୍ଧା, ୩- ପରମାନନ୍ଦ ସାହୁ, ପିତା- ଗଦାଧର ସାହୁ, ସା- ପ୍ରତାପଶାସନ, ପୋ- ବାଳକାଟି, ଥାନା- ବାଲିଅନ୍ତା, ଜିଲ୍ଲା- ଖୋର୍ଦ୍ଧା, ୪- ଜ୍ଞାନରଞ୍ଜନ ପ୍ରିୟଦର୍ଶନ, ପିତା- କାହ୍ନୁ ଚରଣ ଓଝା, ପ୍ଲଟ୍ ନଂ.- ସି-୩୧, ବରମୁଣ୍ଡା, ଜଗନ୍ନାଥ ନଗର, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୫- ନୀଳମଣି ମହାପାତ୍ର, ପିତା- ରାମଚନ୍ଦ୍ର ମହାପାତ୍ର, ସା- ଫରେଷ୍ଟ କଲୋନୀ, ୱାର୍ଡ ନଂ.-୩ମ୍ବର, ପୋ/ଥାନା- ବାରିପଦା, ଜିଲ୍ଲା- ମୟୂରଭଞ୍ଜ, ୬- ରାଜକିଶୋର ମହାରଣା, ପିତା- ରସାନନ୍ଦ ମହାରଣା, ସା- ପ୍ଲଟ୍ ନଂ.-୩୮୨୦, ଶ୍ରୀରାମ ନଗର, ସାମନ୍ତରାପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୭- ବଂଶୀ ଦିହୁଡ଼ି, ପିତା- ଲୋକନାଥ ଦିହୁଡ଼ି, ସା/ପୋ- ଘାଟିକିଆ, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୮- ପ୍ରହ୍ଲାଦ ସାହୁ, ପିତା- ପରମାନନ୍ଦ ସାହୁ, ସା- ପ୍ରତାପଶାସନ, ପୋ- ବାଳକାଟି, ଥାନା- ବାଲିଅନ୍ତା, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍‌ଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପର ଲିଖିତ ରିଭିଜନ କେଶ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନରଙ୍କ ଅଦାଲତ ନଂ:୧ ଇଜିଲାସ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ୍, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା କାର୍ଯ୍ୟାଳୟରେ ଆସନ୍ତା ତା ୧୯।୦୯।୨୦୨୨ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଖଣ୍ଡଗିରି, ମୌଜା- ଶଙ୍କରପୁର,
ସାବକ ଖାତା ନଂ.-୨୧୭, ପ୍ଲଟ୍ ନଂ.-୫୯୩, ରକବା- ଏ୦.୦୩୦ଡି.
ହାଲ୍ ଖାତା ନଂ.-୧୦୪୯, ପ୍ଲଟ୍ ନଂ.-୨୬୨, ୨୬୩, ରକବା- ଏ୦.୦୩୫ଡି., ଏ୦.୧୨୫ଡି, ସ୍ୱତ୍ୱ, କିସମ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଏସଲା କରାଯିବ।

ତା: ୨୯।୦୭।୨୨
ଭୁବନେଶ୍ୱର

ମାନ୍ୟବର ଅତିରିକ୍ତ କମିଶନରଙ୍କ ଆଦେଶ ଅନୁଯାୟୀ, କୋର୍ଟ ଅଫିସର

ଧ- ୧୧୫୩

**ନୋଟିସ୍**

ମାନ୍ୟବର ଶ୍ରୀଯୁକ୍ତ ବିଶ୍ୱନାଥ ସାହୁ
ଅତିରିକ୍ତ କମିଶନର ରିଭିଜନ କୋର୍ଟ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ୍, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।
ଓ.ଏସ୍.ଏସ୍.କେଶ୍ ନଂ.- ୫୫୩/୨୦୧୭

ପ୍ରଶାନ୍ତ କୁମାର ମହାନ୍ତି ....ବାଦୀ

ବନାମ

ବାସୁଦେବ ପଣ୍ଡା ଓଗେର ...ପ୍ରତିବାଦୀ

ନୋଟିସ୍ ଅର୍ଡର-୫ ରୁଲ୍-୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ:
୧- ବାସୁଦେବ ପଣ୍ଡା, ୨- ଜୟରାମ ପଣ୍ଡା, ଉଭୟଙ୍କ ସା- ପ୍ରତାପଶାସନ, ପୋ- ବାଳକାଟି, ଥାନା- ବାଲିଅନ୍ତା, ଜିଲ୍ଲା- ଖୋର୍ଦ୍ଧା, ୩- ପରମାନନ୍ଦ ସାହୁ, ପିତା- ଗଦାଧର ସାହୁ, ସା- ପ୍ରତାପଶାସନ, ପୋ- ବାଳକାଟି, ଥାନା- ବାଲିଅନ୍ତା, ଜିଲ୍ଲା- ଖୋର୍ଦ୍ଧା, ୪- ଜ୍ଞାନରଞ୍ଜନ ପ୍ରିୟଦର୍ଶନ, ପିତା- କାହ୍ନୁ ଚରଣ ଓଝା, ପ୍ଲଟ୍ ନଂ.- ସି-୩୧, ବରମୁଣ୍ଡା, ଜଗନ୍ନାଥ ନଗର, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୫- ନୀଳମଣି ମହାପାତ୍ର, ପିତା- ରାମଚନ୍ଦ୍ର ମହାପାତ୍ର, ସା- ଫରେଷ୍ଟ କଲୋନୀ, ୱାର୍ଡ ନଂ.-୩ମ୍ବର, ପୋ/ଥାନା- ବାରିପଦା, ଜିଲ୍ଲା- ମୟୂରଭଞ୍ଜ, ୬- ରାଜକିଶୋର ମହାରଣା, ପିତା- ରସାନନ୍ଦ ମହାରଣା, ସା- ପ୍ଲଟ୍ ନଂ.-୩୮୨୦, ଶ୍ରୀରାମ ନଗର, ସାମନ୍ତରାପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୭- ବଂଶୀ ଦିହୁଡ଼ି, ପିତା- ଲୋକନାଥ ଦିହୁଡ଼ି, ସା/ପୋ- ଘାଟିକିଆ, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୮- ପ୍ରହ୍ଲାଦ ସାହୁ, ପିତା- ପରମାନନ୍ଦ ସାହୁ, ସା- ପ୍ରତାପଶାସନ, ପୋ- ବାଳକାଟି, ଥାନା- ବାଲିଅନ୍ତା, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍‌ଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପର ଲିଖିତ ରିଭିଜନ କେଶ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନରଙ୍କ ଅଦାଲତ ନଂ:୧ ଇଜିଲାସ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ୍, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା କାର୍ଯ୍ୟାଳୟରେ ଆସନ୍ତା ତା ୧୯।୦୯।୨୦୨୨ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଖଣ୍ଡଗିରି, ମୌଜା- ଶଙ୍କରପୁର,
ସାବକ ଖାତା ନଂ.-୨୧୭, ପ୍ଲଟ୍ ନଂ.-୫୯୩, ରକବା- ଏ୦.୦୩୦ଡି.
ହାଲ୍ ଖାତା ନଂ.-୧୦୪୯, ପ୍ଲଟ୍ ନଂ.-୨୬୨, ୨୬୩, ରକବା- ଏ୦.୦୩୫ଡି., ଏ୦.୧୨୫ଡି, ସ୍ୱତ୍ୱ, କିସମ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଏସଲା କରାଯିବ।

ତା: ୨୯।୦୭।୨୨
ଭୁବନେଶ୍ୱର

ମାନ୍ୟବର ଅତିରିକ୍ତ କମିଶନରଙ୍କ ଆଦେଶ ଅନୁଯାୟୀ, କୋର୍ଟ ଅଫିସର

ଧ- ୧୧୫୪



ଭାରତୀୟ ତଟରକ୍ଷୀ ବାହିନୀ ହେଲିକପ୍ଟର ଶନିବାର ଶ୍ରୀମନ୍ଦିର ଆକାଶରେ ଜାତୀୟ ପତାକା ଉଡ଼ାଉଛି।

# ଚଳିତବର୍ଷ କାର୍ଯ୍ୟକ୍ଷମ ହେବ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର, ୩୦।୭(ବ୍ୟୁରୋ):** ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଚଳିତବର୍ଷଠାରୁ କାର୍ଯ୍ୟକ୍ଷମ ହେବ। ବିଶ୍ୱବିଦ୍ୟାଳୟ ଅଗ୍ରଗତି ନେଇ ଶନିବାର ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ବୈଠକରୁ ଏହି ସୂଚନା ମିଳିଛି। ୨୦୨୧ ଜୁଲାଇରେ ବିଧାନସଭାରେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ବିଲ୍ ପାସ୍ ହୋଇଥିଲା। ବର୍ତ୍ତମାନ ଭୁବନେଶ୍ୱରର ଶିଶୁ ଭବନ ଛକ ସନ୍ନିକଟ ଏକ ସରକାରୀ କାର୍ଯ୍ୟାଳୟରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟ ଆରମ୍ଭ ହୋଇଛି। ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲର ଡିନ୍ ଓ ପ୍ରିନ୍ସିପାଲ ପ୍ରଫେସର ଡା. ଦଣ୍ଡେଶ୍ୱର ହୋତାଙ୍କୁ ଓଏସ୍‌ଡି ଭାବେ ନିଯୁକ୍ତି ଦିଆଯାଇଛି। ଏହା ମଧ୍ୟରେ ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟ କାର୍ଯ୍ୟ ଆରମ୍ଭ କରାଯାଇଥିବାବେଳେ ଶୀଘ୍ର କାର୍ଯ୍ୟକ୍ଷମ କରାଯିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଭୁବନେଶ୍ୱର ସହର ଉପକଣ୍ଠରେ ୨୦ ରୁ ୨୫ ଏକର ଜାଗା ଆବଶ୍ୟକ ଥିବାବେଳେ ଜାଗା ଚିହ୍ନଟ ପାଇଁ ଏକ କମିଟି ଗଠନ କରାଯାଇଛି। ଭବିଷ୍ୟତରେ ଏହାକୁ ଏକ ସ୍ୱୟଂଶାସିତ ଓ ଉତ୍କର୍ଷ କେନ୍ଦ୍ର ଭାବେ ପ୍ରତିଷ୍ଠା କରାଯିବ ବୋଲି ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳନା ନିର୍ଦ୍ଦେଶକ ଶାଳିନୀ ପଣ୍ଡିତଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋରି, ନାରୀ, ଖୁଣି;**
**ଏ ତିନି କଥା ଛାଡ଼ି**
**ଯେଣେ ଯାଉଥା ପୁଣି।**

ଚୋରି, ପର ସ୍ତ୍ରୀ ଅପହରଣ ଏବଂ ହତ୍ୟା ଆଦି ମଣିଷର ଖରାପ ଚରିତ୍ର ହୋଇଥିବା ବେଳେ ଏଗୁଡିକ ମଣିଷକୁ ଅପରାଧୀ ସଜାଇଦେଇଥାଏ। ଏହି ପ୍ରମୁଖ ତିନି କୁଚରିତ୍ରକୁ ପରିହାର କରି ମଣିଷ ଅନ୍ୟ ଯେ କୌଣସି ପଥରେ ଗଲେ ବିଶେଷ କ୍ଷତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଚହଟ ଚମ୍ପା;**
**ତଳେ ପାଟଫୁଲି ଉପରେ ଝୁମ୍ପା,**
**ବାହାର ସୁନ୍ଦର ଭିତର ଫମ୍ପା।**

ଚମ୍ପା ଫୁଲ ଦେଖିବାକୁ ଅତି ସୁନ୍ଦର, କିନ୍ତୁ ଏହାର ଭିତରଟା ପୂରା ଫମ୍ପା। ପରୋକ୍ଷରେ ଉପରକୁ ନିଜର ସୁନ୍ଦରତା ଦେଖେଇ ହେଉଥିବା ବ୍ୟକ୍ତିର ଭିତରର ଗୁଣଗ୍ରାମ ଯଦି ସେତେ ଭଲ ହୋଇ ନ ଥାଏ, ତେବେ ସେହି ବ୍ୟକ୍ତି ସମାଜରେ ସେତେ ଆଦୃତି ବା ଖ୍ୟାତି ଲାଭ କରିପାରି ନ ଥାଏ। ସୁଗୁଣ ଥିବା ବ୍ୟକ୍ତି ସମସ୍ତଙ୍କର ପ୍ରିୟଭାଜନ ହୋଇପାରୁଥିବା ବେଳେ ଦୁର୍ଗୁଣ ବ୍ୟକ୍ତିଙ୍କୁ କେହି ଆଦର କରି ନ ଥାନ୍ତି। ରୂପଠାରୁ ଗୁଣ କାହିଁ କେତେ ଗୁଣରେ ଶ୍ରେଷ୍ଠ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


# ବ୍ୟାପିଲା ଝାଡ଼ାବାନ୍ତି: ବାପପୁଅ ମୃତ

**ଝାରସୁଗୁଡ଼ା ଅଫିସ,୩୦।୭:** ଝାରସୁଗୁଡ଼ା ପୌର ପରିଷଦର ୧୩ନଂ ୱାର୍ଡ ଦେବାଡିହି ଗ୍ରାମରେ ୧ସପ୍ତାହ ହେବ ଝାଡାବାନ୍ତି ବ୍ୟାପିବାରେ ଲାଗିଛି। ଏଥିରେ ବାପାପୁଅଙ୍କ ମୃତ୍ୟୁ ଘଟିଥିବାବେଳେ ଗ୍ରାମର ଲିଟିପଡା, ବଇଦପଡା ଓ ପାନ୍ନାପଡାର ୨୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଆକ୍ରାନ୍ତ ହୋଇଛନ୍ତି। ମୃତକ ବାପପୁଅ ହେଲେ ଲିଟିପଡାର ଶ୍ରୀପ୍ରସାଦ ପ୍ରଧାନ(୬୫)ଓ ତାଙ୍କ ପୁଅ ଅକ୍ରୁର ପ୍ରଧାନ(୪୦)। ଲିଟିପଡାର ଅକ୍ରୁର ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବାବେଳେ ଗତ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ଏହାର ଗୋଟିଏ ଦିନ ପରେ ତାଙ୍କ ବାପା ଶ୍ରୀପ୍ରସାଦ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଗତ ଶନିବାର ରାତିରେ ପ୍ରାଣ ହରାଇଛନ୍ତି।

# ଓଡ଼ିଆ ଝିଅଙ୍କୁ ରାଜସ୍ଥାନ ବିଧାୟକଙ୍କ ସମର୍ଥନ

## ମାସିକଧର୍ମ ସମୟରେ ଛୁଟି ପ୍ରସଙ୍ଗ

**ସମ୍ବଲପୁର,୩୦।୭(ବ୍ୟୁରୋ)**

ମାସିକ ଧର୍ମ ସମୟରେ କର୍ମଜୀବୀ ମହିଳା ଅସୁସ୍ଥ ଅନୁଭବ କରନ୍ତି। ଏହାକୁ ନେଇ ସମ୍ବଲପୁର ଝିଅ ରଞ୍ଜିତା ପ୍ରିୟଦର୍ଶିନୀ ପୂର୍ବରୁ କେନ୍ଦ୍ର ଶ୍ରମମନ୍ତ୍ରୀ ଭୂପେନ୍ଦର ଯାଦବଙ୍କୁ ପେଡ୍ ପିରିୟଡ ଲିଭ୍ (ମାସିକଧର୍ମ ସମୟରେ ଛୁଟି) ଲାଗୁ କରିବାକୁ ଅନ୍‌ଲାଇନରେ ଅନୁରୋଧ କରି ଚର୍ଚ୍ଚାରେ ରହିଥିଲେ। ମହିଳାଙ୍କ ପାଇଁ ତାଙ୍କ ନିଆରା ପ୍ରୟାସକୁ ରାଜସ୍ଥାନର ବିଧାୟକ ଚୌମୁ ରାମଲାଲ ଶର୍ମା ପ୍ରଶଂସା କରିଛନ୍ତି। ଓଡ଼ିଆ ଝିଅ ରଞ୍ଜିତା ମହିଳାଙ୍କ ପାଇଁ ଉଠାଇଥିବା ପ୍ରସଙ୍ଗ ଉଚ୍ଚ ପ୍ରଶଂସନୀୟ। ରଞ୍ଜିତାଙ୍କ ଦାବିକୁ ସେ ସମର୍ଥନ କରିବେ ବୋଲି ବିଧାୟକ ଚୌମୁ ରାମଲାଲ କହିଛନ୍ତି। ସୂଚନାଯୋଗ୍ୟ ମାସିକ ଧର୍ମ ସମୟରେ କର୍ମଜୀବୀ ମହିଳାମାନେ ଅସୁବିଧାରେ ପଡନ୍ତି। ଏହି ସମୟରେ ଛୁଟି ପ୍ରଦାନ କରିବା, ସେମାନେ ପାଉଥିବା ଦରମା ଓ ଅନ୍ୟ ଭତ୍ତା ମଧ୍ୟ ଛୁଟି ଦିନରେ ଲାଗୁ କରିବାକୁ ରଞ୍ଜିତା ଦାବି କରିଛନ୍ତି। ଏହାସହ ସେ ହସ୍ତାକ୍ଷର ଅଭିଯାନ ମଧ୍ୟ ଆରମ୍ଭ କରିଛନ୍ତି।

# ଥାନାରେ ବିଷ ପିଇଥିବା ମହିଳାଙ୍କ ମୃତ୍ୟୁ

## ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ, ସ୍ୱାମୀ କୋର୍ଟ ଚାଲାଣ

**ଗୋପାଳପୁର,୩୦।୭ (ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଗୋପାଳପୁର ଥାନାରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣେ ମହିଳାଙ୍କୁ ଶୁକ୍ରବାର ସନ୍ଧ୍ୟାରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ରାତି ପ୍ରାୟ ସାଢ଼େ ୧୨ଟାରେ ତାଙ୍କର ମୃତ୍ୟୁ ହୋଇଛି। ସେ ହେଉଛନ୍ତି ମାଣ୍ଡିଆପଲ୍ଲୀ ଗ୍ରାମ ଜ୍ୟୋତିନଗରର ଟିଙ୍କିନା ଦାସ (୩୦) ଓରଫ ଟିଙ୍କି। ମୃତ୍ୟୁକାଳୀନ ଜମାନବନ୍ଦୀରେ ଟିଙ୍କି ସ୍ୱାମୀ, ଶ୍ୱଶୁର, ଶାଶୁ ତାଙ୍କୁ ନିର୍ଯାତନା ଦେଉଥିଲେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଟିଙ୍କିଙ୍କ ମା' ସାଇବାଣୀ ଦାସ ଜ୍ୱାଇଁଙ୍କ ବିରୋଧରେ ଅଭିଯୋଗ କରିବା ପରେ ପୋଲିସ ଟିଙ୍କିଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ମାଣ୍ଡିଆପଲ୍ଲୀ ଗ୍ରାମର ସୁକାନ୍ତ ଦାସ ଓ ସ୍ତ୍ରୀ ଟିଙ୍କିନାଙ୍କ ମଧ୍ୟରେ ପାରିବାରିକ କଳହ ଲାଗି ରହିଥିଲା। ଏନେଇ ଗତ ସେପ୍ଟେମ୍ବର ୨୧ରେ ଟିଙ୍କିନା ମହିଳା ଥାନାରେ ଅଭିଯୋଗ କରିବା ପରେ ଉକ୍ତ ମାମଲା ସମାଧାନ ହୋଇଥିଲା। ପରବର୍ତ୍ତୀ ସମୟରେ କଳହ ଲାଗିରହିବାରୁ ସ୍ୱାମୀ-ସ୍ତ୍ରୀ ଅଲଗା ରହୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ଟିଙ୍କିନା ନିଜ ସାନପୁଅକୁ ଧରି ଗୋପାଳପୁର ଥାନାକୁ ଅଭିଯୋଗ କରିବାକୁ ଆସିଥିଲେ। ଏଏସ୍‌ଆଇ ପୁଷ୍ପା ମଲ୍ଲିକ ଅଭିଯୋଗକାରୀଙ୍କୁ ପଚାରିବା ପୂର୍ବରୁ ସେ ସାଙ୍ଗରେ ଆଣିଥିବା କୀଟନାଶକ ମିଶ୍ରିତ ପାଣି ପିଇ ଦେଇଥିଲେ। ପୋଲିସ ତାଙ୍କଠାରୁ ବୋତଲ ଛଡ଼ାଇ ଗୋପାଳପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କର ମୃତ୍ୟୁକାଳୀନ ଜମାନବନ୍ଦୀରେ ସ୍ୱାମୀ, ଶାଶୁ, ଶ୍ୱଶୁର ଓ ଗ୍ରାମବାସୀ ତାଙ୍କୁ ନିର୍ଯାତନା ଦେଉଥିବା ପ୍ରକାଶ କରିଥିଲେ। ଶନିବାର ସକାଳେ ଭିଡିଓଗ୍ରାଫି କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଅନ୍ୟପକ୍ଷରେ ମୃତା ଟିଙ୍କିନାଙ୍କ ମା' ସାଇବାଣୀ ଝିଅକୁ ବିଭିନ୍ନ ସମୟରେ ନିର୍ଯାତନା ଦିଆଯାଉଥିବା ନେଇ ଜ୍ୱାଇଁ ସୁକାନ୍ତଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ମାମଲା ରୁଜୁକରି ସୁକାନ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଥିବା ସଦର ଏସ୍‌ଡିପିଓ ଶିବ ଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତ

# ଅନ୍‌ଲାଇନ ଜୁଆଖେଳ: ମୁମ୍ବାଇ ଲିଙ୍କ୍

## ୨ ମୁଖ୍ୟ ଅଭିଯୁକ୍ତ ଗିରଫ

**ବିଷମକଟକ,୩୦।୭(ଡି.ଏନ୍.ଏ.):** ଦୀର୍ଘଦିନ ଧରି ରାୟଗଡ଼ା ଜିଲା ବିଷମକଟକ ଥାନା ଅଞ୍ଚଳରେ ଅନ୍‌ଲାଇନ୍ ଜୁଆଖେଳ(ସଟ୍ଟା ମଟ୍‌କା) ଚଳାଇ ଆସୁଥିବା ୨ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିବାବେଳେ ଶୁକ୍ରବାର ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଟିମ୍ ଚଢ଼ାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୩୦ ହଜାର ଟଙ୍କା ଜବତ କରିଛି। ମୁଖ୍ୟ ଅଭିଯୁକ୍ତ ରଞ୍ଜନ କୁମାରଙ୍କୁ ଗିରଫ କରି ପଚରାଉଚରା ବେଳେ ପୋଲିସ ଦ୍ୱିତୀୟ ଅଭିଯୁକ୍ତ ପ୍ରଦୀପ ଦଣ୍ଡସେନାଙ୍କ ସମ୍ପୃକ୍ତି ନେଇ ଖବର ପାଇଥିଲା। ଏହି ଖେଳ ମୁମ୍ବାଇରୁ ପରିଚାଳନା ହେଉଥିବା ପୋଲିସ ଜାଣିବାକୁ ପାଇଥିଲା। ରଞ୍ଜନଙ୍କ ନିକଟରୁ ୧୩,୬୦୦ ଟଙ୍କା ସହ ଗୋଟିଏ ମୋବାଇଲ ଏବଂ ପ୍ରଦୀପଙ୍କ ଠାରୁ ୧୬,୪୦୦ ଟଙ୍କା ସହ ୩ଟି ମୋବାଇଲ ପୋଲିସ ଜବତ କରିଛି। ଉଭୟଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ବିଷମକଟକ ଏସ୍‌ଡିପିଓ ଆକାଶ ସାହୁ ସୂଚନା ଦେଇଛନ୍ତି।

# ଜେଲ ଗଲେ କୋର୍ଟ ଏଏସ୍‌ଆଇ

## ମହିଳା କନ୍‌ଷ୍ଟେବଲଙ୍କୁ ଅସଦାଚରଣ

**ଫୁଲବାଣୀ ଅଫିସ, ୩୦।୭:** ଫୁଲବାଣୀ କୋର୍ଟ ପରିସରରେ ଜଣେ ମହିଳା କନ୍‌ଷ୍ଟେବଲଙ୍କୁ ଅସଦାଚରଣ କରିବା ଅଭିଯୋଗରେ କୋର୍ଟ ଏଏସ୍‌ଆଇ ଗିରଫ ହୋଇଛନ୍ତି। ସେ ହେଲେ ବିଭୁଦତ୍ତ ଶର୍ମା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ, ଫୁଲବାଣୀ କୋର୍ଟରେ କାର୍ଯ୍ୟରତ ମହିଳା କନ୍‌ଷ୍ଟେବଲ ଜଣକ ଗତ ୨୮ ତାରିଖରେ ଅନ୍ୟ ଷ୍ଟାଫଙ୍କ ସହ ଡ୍ୟୁଟି ରୁମ୍‌ରେ ଥିଲେ। ସେଠାରେ ବିଭୁଦତ୍ତ ପହଞ୍ଚି ତାଙ୍କୁ ଅସଦାଚରଣ କରିଥିଲେ। ସେ ଏହାର ବିରୋଧ କରିବାରୁ ଜାତିଆଣ ଆକ୍ଷେପ କରି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏ ନେଇ ମହିଳା କନ୍‌ଷ୍ଟେବଲଙ୍କ ଏତଲାକ୍ରମେ ନଂ.୧୪୦/୨୨ରେ ମାମଲା ରୁଜୁ ହୋଇଛି। ସମ୍ପୃକ୍ତ ଏଏସ୍‌ଆଇଙ୍କୁ ଗିରଫ କରାଯାଇଥିବା ଟାଉନ ଥାନାଧିକାରୀ ସୁଶାନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି।


DSPL - 119

NATIONAL HEALTH MISSION

## ଡାଇରିଆ (ତରଳ ଝାଡା) ପ୍ରତି ସତର୍କ ଓ ସଚେତନ ରୁହନ୍ତୁ

**ଡାଇରିଆର ଲକ୍ଷଣ :**

ଦିନକୁ ୩ ଥର ବା ତା'ଠାରୁ ଅଧିକ ପତଳା ଝାଡା, ଦେହହାତ ଘୋଳାବିନ୍ଧା, ହାଲିଆ ଲାଗିବା ସହ ଜିଭ ଏବଂ ଓଠ ଶୁଖିଯିବା, ଅଧିକ ଶୋଷ ଲାଗିବା ଓ ପରିସ୍ରା କମ୍ ହେବା। ଏପରି କ୍ଷେତ୍ରରେ ତୁରନ୍ତ ଆଶା କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କୁ ସୂଚନା ଦେବା ସହିତ ଓ.ଆର୍.ଏସ୍ କିମ୍ବା ଘରେ ମିଳୁଥିବା ତୋରାଣି, ପଇଡ ପାଣି, ଚିନି ଲୁଣ ସର୍ବତ ଆଦି ଯଥେଷ୍ଟ ପରିମାଣରେ ପିଇବାକୁ ଦିଅନ୍ତୁ।

**ଡାଇରିଆର ପ୍ରତିରୋଧ :**

**କରନ୍ତୁ :**

- ✓ ବାହାରେ ଝାଡା ନଯାଇ କେବଳ ପାଇଖାନା ବ୍ୟବହାର କରନ୍ତୁ।
- ✓ ପାଇଖାନା ଯିବା ସମୟରେ ଚପଲ ବ୍ୟବହାର କରନ୍ତୁ।
- ✓ ଶୌଚ ପରେ, ଖାଦ୍ୟ ପରଷିବା କିମ୍ବା ଖାଇବା ପୂର୍ବରୁ ହାତକୁ ଭଲ ଭାବରେ ସାବୁନ୍‌ରେ ଧୁଅନ୍ତୁ।
- ✓ ବିଶୋଧିତ ପାଇପ୍ ପାଣି, ଗଭୀର ନଳକୂଅ ପାଣି, ହାଲୋଜେନ ବଟିକା ପଡିଥିବା ପାଣି କିମ୍ବା ଫୁଟା ପାଣି ପିଅନ୍ତୁ।
- ✓ ତରଳ ଝାଡା ସମୟରେ ଜଳ ଶୁଷ୍କତାରୁ ରକ୍ଷା ପାଇବା ପାଇଁ ଓ.ଆର୍.ଏସ୍ କିମ୍ବା ଘରେ ମିଳୁଥିବା ତୋରାଣି, ପଇଡ ପାଣି, ଚିନି ଲୁଣ ସର୍ବତ ଆଦି ପିଅନ୍ତୁ।
- ✓ ପିଇବାପାଣି ପାତ୍ରରେ ହାତ ନବୁଡାଇ ଡଙ୍କି ବ୍ୟବହାର କରନ୍ତୁ।
- ✓ ତଟକା ଓ ଗରମ ଖାଦ୍ୟ ଖାଆନ୍ତୁ।

**କରନ୍ତୁ ନାହିଁ :**

- ✗ ନଈ, ଝରଣା, ଚୂଆ ବା ପୋଖରୀ ଆଦି ପାଣି ପିଅନ୍ତୁ ନାହିଁ।
- ✗ କୂଅ, ନଳକୂଅ ପାଖରେ ବାସନକୁସନ ଧୁଅନ୍ତୁ ନାହିଁ କିମ୍ବା ଲୁଗାପଟା ସଫାକରନ୍ତୁ ନାହିଁ।
- ✗ ବାସି, ପଚାସଢ଼ା ବା ମାଛିବସା ଖାଦ୍ୟ ଖାଆନ୍ତୁ ନାହିଁ।
- ✗ ଝାଡା ରୋଗୀର ଅପରିଷ୍କାର ଲୁଗାପଟା ନଦୀ, ପୋଖରୀ ଓ ଝରଣା ଆଦିରେ ଧୂଅନ୍ତୁ ନାହିଁ।



ଡାଇରିଆର ଚିକିତ୍ସା ସମସ୍ତ ସରକାରୀ ଡାକ୍ତରଖାନାରେ ବିନାମୂଲ୍ୟରେ ଉପଲବ୍ଧ। ତୁରନ୍ତ ଚିକିତ୍ସା ଦ୍ୱାରା ଜୀବନ ରକ୍ଷା ସମ୍ଭବ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
http://www.health.odisha.gov.in/
@HFWOdisha

OIPR-10003/13/0050/2223



ଯାଦୁ | କାଛୁ | କୁଣ୍ଡିଆ | ଫଟା ଗୋଇଠି

ସମସ୍ୟା ଅନେକ ସମାଧାନ ଏକ

## ସେଲିକଲ୍

SALICAL STRONG RINGWORM OINTMENT

Available in: 5g, 10g, 15g Pot 25g Tube & 15ml Lotion

SD PHARMA Trade Enquries: 9804688185

Available on: Flipkart | amazon



## FREE HOTEL MANAGEMENT COURSES AT SIHM, BALANGIR (ODISHA) (ONLY FOR SUNDERGARH DISTRICT)

Eligible students belonging to all Castes from the 9 blocks (KOIDA, LAHUNIPARA, KUANRMUNDA, RAJGANGPUR, HEMGIR, KUTRA, GURUNDIA, BANEIGARH, LEPHRIPARA) and SC/ST candidates from rest of the Blocks of the Sundergarh District can enroll themselves at SIHM, Balangir free of cost for Degree, Diploma and Craft Courses for the Academic Year 2022-23. The entire expenses of Course & Hostel Fees will be sponsored by District Mineral Foundation (DMF), Sundergarh.

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subjects (Minimum 50% marks) | 25 Years as on 1st July 2022 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | 1½ Year | 10+2 pass or equivalent | |
| 3. Diploma In Food & Beverage Service | 1½ Year | 10+2 pass or equivalent | |
| 4. Diploma In Food Production | 1½ Year | 10+2 pass or equivalent | |
| 5. Diploma In Housekeeping Operation | 1½ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | 1½ Year | 10th pass | |

VISIT STATE IHM, BALANGIR FOR FURTHER DETAILS

STATE INSTITUTE OF HOTEL MANAGEMENT, TITILAGARH ROAD, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9348849484

NCHMCT



## BODYLINE Monsoon MEGA SALE

upto 50% OFF

ON ALL FITNESS EQUIPMENT



500 models to choose from world's renowned brands

- Multifunctional Auto Treadmill (4 in one) — MRP ₹25,000, OFFER PRICE ₹13,900
- Motorised Treadmill T 290 — MRP ₹39,500, OFFER PRICE ₹23,900
- Motorised Treadmill (Heavy Duty) JF 39 — MRP ₹72,750, OFFER PRICE ₹44,900
- Cross Trainer KH 735 — MRP ₹51,000, OFFER PRICE ₹32,900
- Recumbent Bike KH 724 — MRP ₹56,500, OFFER PRICE ₹35,900
- Platinum Delux Air Bike — MRP ₹14,700, OFFER PRICE ₹8,900
- Multi Home Gym KH 4700 — MRP ₹72,500, OFFER PRICE ₹46,900
- Multi Workout Bench VX 203 A — MRP ₹13,000, OFFER PRICE ₹8,450
- Massage Chair Economy SLA 150 — MRP ₹1,10,000, OFFER PRICE ₹52,500
- Leg Massager SL C30 A — MRP ₹53,600, OFFER PRICE ₹33,900
- Vibra Plate V 850 — MRP ₹19,800, OFFER PRICE ₹12,500
- Blood Circulation Machine (Heavy) — MRP ₹20,000, OFFER PRICE ₹10,900

*Conditions apply *Taxes extra, as applicable.

TUNTURI VIVA FITNESS FREEMOTION FITKING CALIFORNIA FITNESS crestfitness POWER PLATE Jordan CONCEPT2 GYMTRAC iRelax

For Online Purchase Visit- www.bodylinesports.co.in

EMI@0% BAJAJ FINSERV kotak HDFC BANK

Bodyline Sports: 501, Kharvela Nagar (1st floor), opp. Gurudwara, Janpath, Bhubaneswar-751 001
Call: 0674 2380824 / 2380925

For Inquiry, Call: 97763 77999 / 91789 22047

BODY LINE Inspiring Fitness
An ISO 9001:2015 Certified company
E-mail: bodylinesports@gmail.com

For complete gym set-up for Corporates, Hotels, Clubs, Residential Complex, call: 97763 77999

ବାହାର ଜଗତରେ ଘୂରି ବୁଲୁଥିବା ଉଡନ୍ତା ଶକ୍ତିଗୁଡିକ ହାତରେ ନିଜକୁ ଛାଡି ଦିଅନାହିଁ। କୌଣସି କାମ ପାଇଁ ତରବର ଥିଲେ ମଧ୍ୟ, କିଛି ସମୟ ପଛକୁ ହଟିଯାଅ। ଦେଖି ଆଶ୍ଚର୍ଯ୍ୟ ହେବ ଯେ ତୁମ କାମଟି କେତେ ଶୀଘ୍ର ଓ କେତେ ସାଫଲ୍ୟମଣ୍ଡିତ ହୋଇଛି। —ଶ୍ରୀମା

# ଇଡିକୁ ଏତେ କ୍ଷମତା ?



ଆକାର ପଟେଲ

ପୋଲିସ ଷ୍ଟେଟ୍‌କୁ ଏକ ପଲିଟିକାଲ ୟୁନିଟ୍ ଭାବେ ଶବ୍ଦକୋଷ ନିଶ୍ଚିତ କରିଛି, ଯାହା ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ଜୀବନକୁ ପୋଲିସ ଦ୍ୱାରା କ୍ଷମତାର ମନଇଚ୍ଛା ପ୍ରୟୋଗ ଏବଂ ସରକାରଙ୍କ ଦମନକାରୀ ନିୟନ୍ତ୍ରଣକୁ ସୂଚିତ କରେ। ଏହା ବିଶେଷକରି ପ୍ରଶାସନ ଓ ସରକାରଙ୍କ ନ୍ୟାୟିକ ସଂସ୍ଥାଗୁଡ଼ିକର ନ୍ୟାୟିକ ପ୍ରକ୍ରିୟାରେ ଥିବା ନିୟମିତ କାର୍ଯ୍ୟ ବଦଳରେ ଗୋଇନ୍ଦା ପୋଲିସର ନିୟନ୍ତ୍ରଣକୁ ବୁଝାଏ। ଅର୍ଥାତ୍ ପୋଲିସ ଷ୍ଟେଟ୍ ଏକ ଦେଶ ଯେଉଁଠି ସରକାରୀ ସଂସ୍ଥାଗୁଡ଼ିକ ସିଭିଲ୍ ସୋସାଇଟି ଏବଂ ସ୍ୱାଧୀନତା ଉପରେ ଅତ୍ୟଧିକ ନିୟନ୍ତ୍ରଣାଧିକାର ପ୍ରୟୋଗ କରିଥାନ୍ତି। ଏଠାରେ ଆଇନ ଏବଂ କାର୍ଯ୍ୟପାଳିକାର ରାଜନୈତିକ କ୍ଷମତା ମଧ୍ୟରେ କିଛି ପ୍ରଭେଦ ନ ଥାଏ। ବିଶ୍ୱରେ ପୋଲିସ ଷ୍ଟେଟ୍‌ର ଅନେକ ଦୃଷ୍ଟାନ୍ତ ରହିଛି। ଏଗୁଡ଼ିକ ପ୍ରାୟତଃ ଗଣତନ୍ତ୍ର ନୁହନ୍ତି। ବର୍ତ୍ତମାନର ପୋଲିସ ଷ୍ଟେଟ୍‌ଗୁଡ଼ିକ ହେଉଛନ୍ତି ଚାଇନା, କ୍ୟୁବା, ଉତ୍ତର କୋରିଆ, ସାଉଦି ଆରବ ଏବଂ ମ୍ୟାନ୍‌ମାର। ତେବେ ଭାରତ ଏକ ପୋଲିସ ଷ୍ଟେଟ୍ କି ? ଆଉ ଏକ ପ୍ରଶ୍ନରୁ ଏହାର ଉତ୍ତର ମିଳିପାରିବ। ପ୍ରଶ୍ନଟି ହେଉଛି, ଏକ ଗଣତନ୍ତ୍ର କ'ଣ ପୋଲିସ ଷ୍ଟେଟ୍ ହୋଇପାରିବ ? ହଁ, ହୋଇପାରିବ। ସାମ୍ପ୍ରତିକ ସମୟରେ ରୁଷିଆ ହେଉଛି ଏହାର ଏକ ଦୃଷ୍ଟାନ୍ତ। କେହି ଯୁକ୍ତି ବାଢ଼ିପାରନ୍ତି, ରୁଷିଆ ଏକ ବାସ୍ତବ ଗଣତନ୍ତ୍ର ନୁହେଁ ଏବଂ ଏହାର ନିର୍ବାଚନଗୁଡ଼ିକ ତ୍ରୁଟିପୂର୍ଣ୍ଣ। କିନ୍ତୁ ଏହି ସମାନ ଯୁକ୍ତି ମଧ୍ୟ ଭାରତ ସମେତ ଆହୁରି ଅନେକ ଦେଶ କ୍ଷେତ୍ରରେ କରାଯାଇପାରେ। ପ୍ରଶ୍ନ ହେଉଛି, ଭାରତର ହୃଦୟ ଅଧିକ ବ୍ୟକ୍ତି ସ୍ୱାଧୀନତା ଆଡକୁ ଯାଉଛି ନା ଅତ୍ୟଧିକ କଟକଣା ମୁହାଁ ହେଉଛି କିମ୍ବା ଏକ ପୋଲିସ ଷ୍ଟେଟ ଦିଗରେ ଗତି କରୁଛି ? ୧୧ ଜୁଲାଇ ୨୦୨୨ରେ ଭାରତର ସୁପ୍ରିମକୋର୍ଟ କହିଲେ ଯେ, ଗଣତନ୍ତ୍ର କେବେ ବି ପୋଲିସ ଷ୍ଟେଟ ହୋଇପାରିବ ନାହିଁ। କୋର୍ଟ ଉଲ୍ଲେଖ କରିଥିଲେ ଯେ, ଭାରତରେ ଜେଲରେ ଥିବା ବନ୍ଦୀମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ବିଚାରାଧୀନ କଏଦୀ। ଅର୍ଥାତ୍ ସେମାନେ ଅଭିଯୁକ୍ତ କିନ୍ତୁ ଦୋଷୀ ହୋଇ ନାହାନ୍ତି। କୋର୍ଟ ମଧ୍ୟ କହିଥିଲେ ଯେ, ବିଚାର ପୂର୍ବରୁ ଲୋକଙ୍କୁ ଗିରଫ କରି ଜେଲରେ ରଖିବା ନିର୍ଦ୍ଦିଷ୍ଟ ଭାବେ ଉପନିବେଶୀୟ ଭାରତର ମାନସିକତାର ଏକ ପ୍ରତୀକକୁ ପ୍ରଦର୍ଶିତ କରୁଛି। ବିନା ଦୋଷରେ ଗିରଫ କରି ଜେଲରେ ରଖିବା ଏକ ଗମ୍ଭୀର ପଦକ୍ଷେପ ଏବଂ ଏହା ବ୍ୟକ୍ତି ସ୍ୱାଧୀନତାର ବିରୋଧୀ ହୋଇଥିବା ଯୋଗୁ ତଦନ୍ତକାରୀ ସଂସ୍ଥା ଏହାକୁ ସଂଯମତାର ସହ ପ୍ରୟୋଗ କରିବାକୁ ପଡ଼ିବ। ବୈଚାରିକ ଦୃଷ୍ଟିକୋଣରୁ ଗଣତନ୍ତ୍ର ଓ ପୋଲିସ ଷ୍ଟେଟ୍ ବିପରୀତ ହୋଇଥିବାରୁ ଏକ ଗଣତନ୍ତ୍ରକୁ ଏକ ପୋଲିସ ଷ୍ଟେଟ୍ ଭାବେ କେବେ ବି ବିଚାର କରାଯାଇ ପାରିବ ନାହିଁ ବୋଲି କୋର୍ଟ ପ୍ରକାଶ କରିଥିଲେ।

କୋର୍ଟ ଏଠାରେ ସୂଚିତ କରିବାକୁ ଚାହୁଁଛନ୍ତି ଯେ, ଯଦିଓ ଆମେ ଏକ ଗଣତନ୍ତ୍ର, ତଥାପି ପୋଲିସ ଷ୍ଟେଟ ଭାବେ ବ୍ୟବହାର କରୁଛୁ। ଏହାର କିଛିଦିନ ପରେ ସୁପ୍ରିମକୋର୍ଟ ଆଉ ଏକ ବେଞ୍ଚରେ ଲୋକଙ୍କ ସମ୍ପତ୍ତି ଜବତ କରିବା ଏବଂ ଅଟକ ରଖିବାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ମାତ୍ରାଧିକ କ୍ଷମତାକୁ ନ୍ୟାୟସଙ୍ଗତ ଓ ବୈଧ ବୋଲି ଘୋଷଣା କରିଛନ୍ତି। ଏବେ ଆଉ ଥରେ ମନି ଲଣ୍ଡରିଂ ଅଭିଯୋଗରେ ଜଣଙ୍କୁ ଜେଲରେ ରଖାଯାଇପାରିବ। ଥରେ ଜେଲରେ ରଖାଗଲେ ଦୋଷୀ ନ ହେଲେ ବି ମୁକୁଳିବା ଅସମ୍ଭବ ହୋଇଯିବ। ସନ୍ଦେହରେ ୟୁଏପିଏ ଆଇନରେ ଗିରଫ ହୋଇ ଜେଲ ଗଲେ ମୁକୁଳିବା ସ୍ୱପ୍ନ ହୋଇଯିବ। ସୁପ୍ରିମକୋର୍ଟ ମଧ୍ୟ ଏହି ଆଇନକୁ ନ୍ୟାୟସଙ୍ଗତ କରିଥିଲେ। ଆହୁରି ଅନେକ ଆଇନରେ ଅଭିଯୁକ୍ତଙ୍କୁ କୋର୍ଟରେ ନିଜ ପକ୍ଷରୁ ନିର୍ଦ୍ଦୋଷ ପ୍ରମାଣ କରିବାକୁ ପଡୁଛି। ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ବିବାହକୁ ବନ୍ଦ କରିବା, ନିଶା ଦ୍ରବ୍ୟ ରଖିବା ଏବଂ ଆହୁରି ଅନେକ ଆଇନରେ ସମାନ ପ୍ରକାର ସ୍ଥିତି ଦେଖିବାକୁ ମିଳେ। ଏହି ସବୁ ଆଇନରେ ରାଜନୈତିକ ଓ ପୋଲିସ କ୍ଷମତା ସମାନ ଭାବେ ଦେଶ ସପକ୍ଷରେ ରହିଛି। ଦୋଷୀ ସାବ୍ୟସ୍ତ ହେବା ପୂର୍ବରୁ ରାଜନୈତିକ ବିରୋଧୀ ଏବଂ ଅସନ୍ତୁଷ୍ଟ ଏବଂ ସାମାଜିକ କର୍ମକର୍ତ୍ତାମାନଙ୍କୁ ଜେଲରେ ରଖାଯାଉଛି। ଆମ ସମ୍ବିଧାନ ଆମକୁ ଗଣତନ୍ତ୍ରର ବାଟ ଦେଖାଉଥିବାବେଳେ ଆମେ ନିଜକୁ ଏକ ପୋଲିସ ଷ୍ଟେଟ୍ ଭାବେ ସବୁବେଳେ ପ୍ରଦର୍ଶିତ କରିଛୁ। ବର୍ତ୍ତମାନର ବ୍ୟକ୍ତି ସ୍ୱାଧୀନତା ଏବଂ ବ୍ୟକ୍ତି ଜୀବନ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖିଥିବା ଆଇନଗୁଡ଼ିକୁ ଭୟରେ ଆମେ ଗ୍ରହଣ କରିଛୁ। ସେଗୁଡ଼ିକୁ ଟାଡା ଓ ପୋଟା ଭଳି ହଟାଇ ଦେବା ଦରକାର। ଏକ ରାଷ୍ଟ୍ର ଭାବେ କ୍ଷତିକାରକ ଆଇନଗୁଡ଼ିକର ଅପବ୍ୟବହାର ଓ ଅପପ୍ରୟୋଗ କରୁଥିବା ସରକାର ଏବଂ ଏହାର ଅଧିକାରୀମାନଙ୍କୁ ଦଣ୍ଡ ଦେବାରେ ଅକ୍ଷମ ହୋଇ ଥିବାରୁ ଏଭଳି ଆଇନଗୁଡ଼ିକ ବାରମ୍ବାର ପ୍ରକାଶ ପାଉଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ରୁଜୁ କରୁଥିବା ମାମଲା ଓ ଦୋଷୀ ଅନୁପାତ ୧%ରୁ କମ୍ ବୋଲି ଆମେ ଜାଣୁ। ଏହା ମଧ୍ୟ ଜାଣୁ ଯେ, ସରକାର ବିରୋଧୀମାନଙ୍କ ବିରୋଧରେ ଇଡିକୁ ବ୍ୟବହାର କରୁଛନ୍ତି ଏବଂ ୨୦୧୪ ପୂର୍ବ ତୁଳନାରେ ଏବେ ୨୫ଗୁଣ ଅଧିକ ଚଢ଼ାଉ କରାଯାଉଛି। କାହିଁକି ଇଡିକୁ ଏତେ କ୍ଷମତା ଦେବା ? ଦେଶ ପାଖରେ ଅସୀମିତ କ୍ଷମତା ରହିବା ଅନେକେ ଚାହୁଁଥିବାରୁ ଇଡିକୁ ଏଭଳି କ୍ଷମତା ଦିଆଯାଉଛି। ଏହି ପ୍ରକାର ପ୍ରବୃତ୍ତି ନ୍ୟାୟିକ ବ୍ୟବସ୍ଥାରେ ଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ବି ସୃଷ୍ଟି ହୋଇଛି। ସେମାନେ ସରକାରଙ୍କ ଅଧିକାରଗୁଡ଼ିକୁ ଲୋକମାନଙ୍କ ଅଧିକାରଠାରୁ ଉପରେ ରଖିବାକୁ ଚାହୁଁଛନ୍ତି ଓ ସକ୍ଷମ ବି ହେଉଛନ୍ତି।

ଅନ୍ୟସବୁ ଗମ୍ଭୀର ଓ ନିର୍ଯାତକ ଆଇନଗୁଡ଼ିକୁ ଆମେ ହଟେଇଦେବା ଭଳି ୨୦୧୪ ପରେ ଆମେ ନିଜ ପାଇଁ ଆଣିଥିବା ଆଇନଗୁଡ଼ିକୁ ଦୂରେଇ ଦେଇପାରିବା କି ନାହିଁ ତାହାକୁ ନେଇ ମୋର କିଛି ସନ୍ଦେହ ରହିଛି। ଉଦାରବାଦୀ ଗଣତନ୍ତ୍ରଗୁଡ଼ିକ ଯଥା ଆମ ସମ୍ବିଧାନ ଆମକୁ କହେ ଯେ, ବ୍ୟକ୍ତି ସ୍ୱାଧୀନତା ସୁରକ୍ଷା ଆଡକୁ ଆଗେଇ ଚାଲ ଏବଂ ବ୍ୟକ୍ତିମାନଙ୍କ କ୍ଷତି କରୁଥିବା ଦେଶର କ୍ଷମତା ଉପରେ ଅଧିକ ବାଧା ସୃଷ୍ଟି କର। ହେଲେ ଆମେ ଅକ୍ଷମ। ଏବେ ଆମେ ଗତି କରୁଥିବା ନୈରାଶ୍ୟ ବା ଆଶାହୀନ ସମୟରେ ଆମ ଅଧିକାର ଓ ସ୍ୱାଧୀନତାଗୁଡ଼ିକ ଉପରେ ଏଭଳି ଜବରଦସ୍ତ ହସ୍ତକ୍ଷେପ ବା ପ୍ରବେଶକୁ ନେଇ ଯଥେଷ୍ଟ ନକାରାତ୍ମକ ପ୍ରତିକ୍ରିୟା ପ୍ରକାଶ ପାଇଛି।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | 8 | | | 1 | | |
| | | 5 | | | | | | 7 |
| | | 9 | 7 | 6 | | | 3 | |
| | | 1 | 4 | | | | | |
| 2 | | | | | 1 | 5 | | |
| | | 8 | | 3 | | | | |
| 4 | | | | | 7 | 8 | 1 | |
| | | | | | 4 | | | 2 |
| | | | | 1 | 2 | 3 | 7 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 6 | 9 | 7 | 4 | 1 | 2 | 5 |
| 7 | 4 | 1 | 5 | 2 | 6 | 9 | 8 | 3 |
| 9 | 5 | 2 | 3 | 1 | 8 | 4 | 6 | 7 |
| 6 | 2 | 3 | 8 | 5 | 9 | 7 | 4 | 1 |
| 5 | 1 | 4 | 7 | 6 | 3 | 8 | 9 | 2 |
| 8 | 9 | 7 | 1 | 4 | 2 | 3 | 5 | 6 |
| 1 | 6 | 5 | 4 | 8 | 7 | 2 | 3 | 9 |
| 2 | 3 | 8 | 6 | 9 | 1 | 5 | 7 | 4 |
| 4 | 7 | 9 | 2 | 3 | 5 | 6 | 1 | 8 |

ଗତ କାଲିର ଉତ୍ତର

# ବଦଳି ନ ହେବା ଆବହାୱାରେ ଭ୍ରଷ୍ଟାଚାର



ସହଦେବ ସାହୁ

ବାୟୁ ଚଳାଚଳ ନ ଥିବା କୋଠରିରେ କୋଭିଡ୍-୧୯ ଭାଇରସ୍ ଯେପରି ଆର୍ଦ୍ରବାୟୁବିନ୍ଦୁ (ଡ୍ରପ୍‌ଲେଟ୍)ରେ ବ୍ୟାପେ, ଭ୍ରଷ୍ଟାଚାର ମହାମାରୀର ବୀଜ ସେହିଭଳି 'ରୁଦ୍ଧ' ରାଜନୈତିକ ଆବହାୱାରେ ବ୍ୟାପେ। ଛୋଟ ବଡ଼ କର୍ମଚାରୀ ହୁଅନ୍ତୁ କି ମନ୍ତ୍ରୀ ହୁଅନ୍ତୁ, ସେ ଯଦି ଗୋଟିଏ ବିଭାଗରେ ଚାକିରିକାଳ ଯାକ (ପ୍ରମୋଶନ ପାଇ ବି) ରୁହନ୍ତି, ତାଙ୍କ ରକ୍ତରେ ଭ୍ରଷ୍ଟାଚାରର ଭୂତାଣୁ ନିଶ୍ଚୟ ଉଧେଇବ। ମନ୍ତ୍ରୀ ହେଉ କି କର୍ମଚାରୀ, ସେ ଲାଞ୍ଚ ଛାଙ୍କିବାର ଖଇଞ୍ଚି ତିଆରି କରିନିଏ। ଲାଞ୍ଚ ଯିଏ ଦିଏ ତା' ପାଇଁ ଲାଞ୍ଚ ଏକ ଇକନମିକ ଆକ୍ଟିଭିଟି, ବ୍ୟବସାୟିକ କାରବାର। ଇକନମିକ୍ସରେ ନୀତି ଅନୀତି ବିଚାର ନ ଥାଏ, ଲାଭ ହିଁ ଅର୍ଥନୈତିକ କାରବାରର ମୂଳ। ଲାଞ୍ଚ ଦେବାବାଲା ଆକଳନ କରେ ଯାହାକୁ ଘୁସ୍ ଦେବ ସେ ଫଳ ଦେବା ପର୍ଯ୍ୟନ୍ତ ରହିବ ତ ? ଯଦି ବଦଳି ହେବା ନିଶ୍ଚିତ, ଲାଞ୍ଚ ଦେବନାହିଁ। ତେଣୁ ବିଭାଗ ଛାଡୁ ନ ଥିବା ଅଫିସର ଏବଂ ବଦଳି ହେଲେ ବି ସେହି ବିଭାଗରେ କାମ କରୁଥିବା କର୍ମଚାରୀଙ୍କୁ ଲାଞ୍ଚ ଦେଲେ କାମ ହେବ ଓ ସହଜରେ ହେବ ବୋଲି ସରକାରୀ-କାମର ଆଶାୟୀ (ବେନିଫିସିଆରି) ଲାଞ୍ଚ ଦେଇଥାଏ। ଏ ଏକ ପଦ୍ଧତି ହୋଇଯାଇଛି। ଯଦି କାହାର ସନ୍ଦେହ ଥାଏ ସେ ଯାଇ 'ଡିଭିଜନାଲ୍ ଇଞ୍ଜିନିୟରଙ୍କ ଅଫିସରେ ଟେଣ୍ଡର ପଡିବା ବାକ୍ସ'କୁ ଲକ୍ଷ୍ୟ କରନ୍ତୁ, ସେଥିରେ ଟେଣ୍ଡର କାଗଜ ସାଙ୍ଗରେ ବି ନୋଟ୍ ପଡ଼ିବାର ଅବସର ଅଛି। ସ୍ୱୀକୃତି ଦେବା, ଲାଇସେନ୍ସ ଦେବା, ଖଣିଲିଜ୍ ବା ନିର୍ମାଣ କାର୍ଯ୍ୟର ଠିକା ବା ପ୍ରାକୃତିକ ସମ୍ପଦର ବ୍ୟବହାର ପାଇଁ ଲାଇସେନ୍ସ ଦେବା ଭଳି ମନ୍ତ୍ରାଳୟର ମୁଖ୍ୟ (ଅର୍ଥାତ୍ ମନ୍ତ୍ରୀ) ଲାଞ୍ଚ ନେବା କଥା କିଏ ନ ଜାଣେ ! ଘରୋଇ ସ୍କୁଲ୍ କଲେଜ ମଞ୍ଜୁରୀ ପାଇଁ ଓ ସରକାରୀ ଶିକ୍ଷାୟତନମାନଙ୍କରେ ଶିକ୍ଷକ ନିଯୁକ୍ତି ଓ ବଦଳି ପାଇଁ ଲାଞ୍ଚ ନେବା ଘଟଣା ଅବିଦିତ ନୁହେଁ। ଆଇନ ଅନୁଯାୟୀ ସବୁ ପ୍ରକାରର ନିଯୁକ୍ତି ମନ୍ତ୍ରୀ-ମୁକ୍ତ ସଂସ୍ଥା ଦ୍ୱାରା ହେଲେ ବି ସେ ସଂସ୍ଥାର କର୍ମଚାରୀମାନେ ଯଦି ମଝିରେ ମଝିରେ ନ ବଦଳନ୍ତି (ଯେପରି ସବ୍‌ଅର୍ଡିନେଟ୍ ସର୍ଭିସ୍ ସିଲେକ୍ସନ ବୋର୍ଡର ଚେଆରମ୍ୟାନ୍ ଓ ତାଙ୍କ ତଥା ମେମ୍ବରମାନଙ୍କ ପିଏ ବା ଷ୍ଟେନୋ) ତେବେ ଲାଞ୍ଚ କାରବାର ଚାଲିବ। ରାଜ୍ୟର ସଚିବମାନେ ଓ ମନ୍ତ୍ରୀମାନେ ଯେଉଁ ପଦବୀକୁ ଗଲେ ବି ସେମାନଙ୍କ ଆଗ ପଦର ପିଏ, ପିଏସ୍ ବା ଓଏସ୍‌ଡିଙ୍କୁ ସାଙ୍ଗରେ ନିଅନ୍ତି। ସମ୍ଭବତଃ ତାହାଦ୍ୱାରା ନିଜର ଇଚ୍ଛାସାଧନ କରିପାରିବେ। ତଳ ଉପର ଉଭୟ କର୍ମଚାରୀଙ୍କ ମାନସିକ ତରଙ୍ଗ ସମାନ ରହିଲେ ଲାଞ୍ଚ କାରବାର ଚାଲିପାରେ। କେବଳ ଇଞ୍ଜିନିୟରିଂ, ସ୍ୱାସ୍ଥ୍ୟ, ଖଣି, ଏକ୍ସାଇଜ୍, ରେଭେନ୍ୟୁ, ଜଙ୍ଗଲ, ଶିକ୍ଷା ଭଳି ବିଭାଗ ନୁହେଁ, ସବୁ ବିଭାଗରେ କର୍ମଚାରୀ, ମନ୍ତ୍ରୀ ମଧ୍ୟ ଏକାଧିକ ବର୍ଷକାଳ ରହିଲେ ବା ସେହି ବିଭାଗରେ ପ୍ରମୋଶନ୍ ପାଇ ଉପରକୁ ଗଲେ କେତେକ ଅଧିକାରୀ ଲାଞ୍ଚ ନ ନେଲେ କାମ କରନ୍ତି ନାହିଁ। ତେଣୁ କାର୍ଯ୍ୟର ଆବଶ୍ୟକତାକୁ ଚାହିଁ ଅଧିକାରୀଙ୍କ କାର୍ଯ୍ୟକାଳକୁ ଯେତେ କମ୍ କରାଯାଇପାରେ କରାଯିବା ଉଚିତ।



ଗରିବ ଲୋକଟିଏ ଖଣ୍ଡିଏ ନୋଟ୍ ପାଇଲେ ମୁଣ୍ଡରେ ମାରି ଠଣାରେ ସାଇତି ରଖେ। ସୁଖରାମ ଓ ପାର୍ଥ ଚାଟାର୍ଜୀଙ୍କ ଭଳି ଭ୍ରଷ୍ଟାଚାରୀ ମନ୍ତ୍ରୀମାନେ ୫୦୦ ଓ ୨୦୦୦ ଟଙ୍କିଆ ନୋଟ୍‌ର ବିଡ଼ା ବିଡ଼ା ପାଇଲେ ବିଛଣା ଚାଦରରେ, ତକିଆ ଭିତରେ, ଏପରିକି ଗୋଡ଼ରେ ଦଳିହେଉଥିବା ପାପୋଛ ଭିତରେ ଝୋଟ ରଖିଲା ଭଳି ରଖନ୍ତି। ନୈତିକତାର କି ଅଧଃପତନ ! ସରକାରୀ କାମର ଠିକା, କର୍ମଚାରୀ ନିଯୁକ୍ତି, ରାଜ୍ୟ ସମ୍ପତ୍ତିର ଆବଣ୍ଟନ (ଭୂତଳ ଖଣି, ଉପର ବାୟୁର ସ୍ପେକ୍ଟ୍ରମ୍, ବାଲି ପଥରର ସଇରାତ୍) ଆଦି ମନ୍ତ୍ରୀ ତାଙ୍କର ପ୍ରଭାବରେ କରାଇଦିଅନ୍ତି ବୋଲି ପ୍ରଭାବର ଭଡା (ଲାଞ୍ଚ ନ କହି ଇକନମିକ୍ସରେ ରେଣ୍ଟ୍ କହନ୍ତି) ବାବଦରେ ଯଥେଚ୍ଛା ଲାଞ୍ଚ ନିଅନ୍ତି, ସେ ମନ୍ତ୍ରୀ ଟେଲିକମ୍ ଘୋଟାଲାର ସୁଖରାମ (୧୯୯୬) ହୁଅନ୍ତୁ କି କୋଇଲା ଆବଣ୍ଟନ ଘୋଟାଲାର ଦିଲ୍ଲୀପ ରାୟ (୧୯୯୯) ବା ୨-ଜି ସ୍ପେକ୍ଟ୍ରମ୍ ଘୋଟାଲାର ରାଜା ଓ କାନିମୋଝି (୨୦୧୦) ହୁଅନ୍ତୁ, ଅଥବା ଶିକ୍ଷକ ନିଯୁକ୍ତି ଘୋଟାଲାରେ ବାନ୍ଧବୀ ଘରେ ୫୦ କୋଟି ଟଙ୍କାର ନୋଟ୍ ରଖିଥିବା ପାର୍ଥ ଚାଟାର୍ଜୀ (୨୦୨୨) ହୁଅନ୍ତୁ। ଖିଲାପି ଋଣର ଟଙ୍କାରେ ବିଦେଶୀ ନାଗରିକତ୍ୱ କିଣିଥିବା ନୀରବ ମୋଦି ଓ ମାଲ୍ୟା ଅନ୍ୟ ପ୍ରକାରର ଘୋଟାଲା କରିଛନ୍ତି। ଡାଇରେକ୍ଟ ଡେବିଟ୍ ଟ୍ରାନ୍ସଫର୍ (ଡିବିଟି) ପ୍ରକ୍ରିୟାରେ ଉପଭୋକ୍ତା ବିନା ଲାଞ୍ଚରେ ପ୍ରାପ୍ୟ ପାଇବ ବୋଲି ପ୍ରଧାନମନ୍ତ୍ରୀ କହୁଥିଲା ବେଳେ କେତେକ କିରାଣି ଘୁସ୍ ନ ପାଇଲେ ଉପଭୋକ୍ତାର ନାଁ ଏଣ୍ଟ୍ରି କରୁନାହାନ୍ତି, ଡିବିଟି ନିରର୍ଥକ। କେତେକ ନେତା ନିଜ ପତିଆରା ଜଣାଇ ବେନାମି ବ୍ୟବସାୟ କରୁଛନ୍ତି, ଯେପରି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ତାଙ୍କ ଏ ମ ଏ ଲ୍ ଏ ଦ୍ୱ ର ପ୍ରତିନିଧି ପଙ୍କଜ ମିଶ୍ରଙ୍କ ଜରିଆରେ ୩୦ କୋଟି ଟଙ୍କା ଦାମ୍‌ର ଏକ ଷ୍ଟିମର୍ ରଖି ପଥର ଖାଦାନରୁ ବେଆଇନ ଭାବେ ପଥର ଉତ୍ତୋଳନ କରି ବିକ୍ରିବଟା ଚଳାଉଛନ୍ତି।

ଆମ ରାଜ୍ୟ ସରକାର ଟାଇମ୍ ଅନୁଯାୟୀ କାମ କରିବାକୁ ସୂଚାଉଥିବା ଟି ଟିକୁ ପାସୋରି ଦେଉଛନ୍ତି। ନଗର ଉନ୍ନୟନ ଓ ଗୃହନିର୍ମାଣ ବିଭାଗର ସଚିବଙ୍କ କଥା ଦେଖନ୍ତୁ, ସେ ପ୍ରାୟ ୨୦ ବର୍ଷ ହେଲା ସେହି ପଦବୀରେ ଅଛନ୍ତି, ପ୍ରମୋଶନ୍ ପାଇଲେ ବି ସେଇଠି। ସେ ଉକ୍ତ ବିଭାଗର ସଚିବ ଭାବରେ ବିଏମ୍‌ସି, ସିଏମ୍‌ସି, ହାଉସିଂ ବୋର୍ଡ ଆଦିର ଜମି ଓ ଗୃହ ବଣ୍ଟନ କାମରେ ମେମ୍ବର, ସେଠାରେ ଆଲଟମେଣ୍ଟରେ କିଛି ତ୍ରୁଟି ଥିଲେ ସେଥିପାଇଁ ସେ ଦାୟୀ। ତାରାଦତ୍ତ କମିଟିର ମେମ୍ବର ହୋଇ ସେ ନିଜ ଦୋଷକୁ ମାନିଛନ୍ତି ବୋଲି କୁହାଯାଇପାରେ। ପୁଣି ତାରାଦତ୍ତ କମିଟିର ସୁପାରିସକୁ କାର୍ଯ୍ୟକାରୀ କରିବାରେ ସେ ହିଁ ଦାୟୀ। ତାଙ୍କ ସୁପାରିସ ବା ଟିପ୍ପଣୀ ଉପରେ ସରକାର ପଦକ୍ଷେପ ନେବେ। ମନେହୁଏ ଆସାମୀ ହିଁ ବିଚାରପତି ହେବା ଦରକାର ବୋଲି ସରକାର ଭାବିନେଇଛନ୍ତି। ରାସ୍ତା ଓ ସେତୁ ନିର୍ମାଣର ଯେଉଁ ନିରୀକ୍ଷଣ ଅଧିକାରୀ ତଳିଆ କର୍ମଚାରୀଙ୍କୁ ଦୋଷ ଦେଇ ବାରମ୍ବାର ସେତୁ-ଦୁର୍ଘଟଣା ଘଟାଉଥିବା ଠିକାଦାରଙ୍କୁ ପୁଣି ଠିକା ଦିଏ ସିଏ ଯଦି ସେହି ପଦରେ ମୁଖ୍ୟଯନ୍ତ୍ରୀ ରହେ ଏବଂ ଅବସର ପରେ ରାଜ୍ୟର ଶାସକ ଦଳର ଏମ୍‌ପି ପ୍ରାର୍ଥୀ ରୂପେ ମନୋନୀତ ହୁଏ ତେବେ ରାଜ୍ୟର ରାଜନୀତିରେ ଅସାଧୁତାର ହାୱା ବହୁଛି ବୋଲି କହିବା ସିନା ! ସରକାରଙ୍କ ସହ ଭିତିରି ଭଲ ଭାବ ରଖିଲେ ଭ୍ରଷ୍ଟାଚାରୀମାନଙ୍କ ପ୍ରାୟଶ୍ଚିତ୍ତ ହୋଇଯାଉଛି ବୋଲି ମନେହୁଏ। ଅରୁଚିକର ଶାସନବ୍ୟବସ୍ଥା ରାଜ୍ୟ ପାଇଁ ଭଲ ନୁହେଁ। ଏଭଳି ପରିସ୍ଥିତି ଦେଖୁଥିବା ଭଲ ଅଧିକାରୀ ମାନେ ବି ସରକାରଙ୍କ ସହିତ ଲୀଳା ଆରମ୍ଭ କରିଦେବେ। ଅବସର ପରେ ଶାସକ ଦରବାରର ଜଣେ ଅଧେ ଅଧିକାରୀ ନିର୍ବାଚନ ରଣାଙ୍ଗନରେ ସୈନ୍ୟ ସାଜିବାର ଖବର ବି ତ ଅଛି। ଅତଏବ ଏକ ଜାଗାରେ ରହିବା ମାନେ ନେତାଙ୍କ ରାଜନୈତିକ ମଙ୍ଗର ଫାଇଦା ନେବା, ଗୁଡାଏ କଳାଧନ ଗୋଟେଇବା। ଏଭଳି ଗୋଟେଇବାରେ ଅଭ୍ୟସ୍ତ ରହିବା ଓ ଧରା ନ ପଡିବା ଲାଗି ଶାସକ ଦଳର ଚାମଚା ହେବାକୁ ପଡ଼ିବ। ଅମଲାତନ୍ତ୍ରରେ ଭ୍ରଷ୍ଟାଚାର-ବନ୍ୟା ରୋକିବାରେ ବଦଳି ହିଁ ଯେପରି ଏକ ବଡ ବନ୍ଧ ହୋଇପାରେ, ବର୍ଷେ ଦି ବର୍ଷରେ ବିଭାଗ ବଦଳେଇବା ମନ୍ତ୍ରୀମାନଙ୍କ ଭିତରେ ଭ୍ରଷ୍ଟାଚାର ରୋକିବାର ଏକ କାନ୍ଥ ହୋଇପାରିବ। ୫ ବର୍ଷରେ ନିର୍ବାଚନ ହେବା ଦେଶର ଶାସନରେ ଏଭଳି ଏକ ବଦଳ ଆଣିବାର ସୁଯୋଗ ଆଣେ ବୋଲି ତାହା ଗଣତନ୍ତ୍ରକୁ ସୁସ୍ଥ ରଖେ। ଯଦି ଲୋକେ ଶାସକ ଦଳକୁ ମଝିରେ ମଝିରେ ନ ବଦଳାଇବେ ତେବେ ଦଳତନ୍ତ୍ର ବା ଫାସିବାଦ ମୁଣ୍ଡ ଟେକିବ ! ଲୋକଙ୍କ ଭଲ ଚାହିଁବା ଅପେକ୍ଷା ଦଳ କିପରି ଅତି କମ୍‌ରେ ଜିତିବା ଭଳି ଭୋଟ ପାଇପାରିବ ତାହା ଦେଖିବା ଶ୍ରେୟସ୍କର ମନେହୁଏ !

sahadevas@yahoo.com

# ବିଶ୍ୱ ଅର୍ଥନୀତିଜ୍ଞ

କୋଭିଡ୍ ମହାମାରୀ ଓ ପରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ସମଗ୍ର ବିଶ୍ୱ ଅର୍ଥନୀତିକୁ ଦୋହଲାଇ ଦେଇଛି। ଆଜି ଶ୍ରୀଲଙ୍କାର ଶୋଚନୀୟ ସ୍ଥିତିକୁ ଦେଖିଲେ ଏହା ପଛର ମୂଳ କାରଣ ରହିଛି ଆର୍ଥିକ ଦୁଃସ୍ଥିତି। ଅନ୍ତର୍ଜାତୀୟ ସ୍ତରରେ ଏହିଭଳି ଅନେକ ରାଷ୍ଟ୍ର ଅଛନ୍ତି, ଯେଉଁଗୁଡ଼ିକର ଅର୍ଥନୀତି ଦୁର୍ବଳ ହୋଇଯାଇଥିବାରୁ ସେଗୁଡ଼ିକ ନଇଁପଡ଼ିଲେଣି। ଏଭଳି ପରିପ୍ରେକ୍ଷୀରେ ନିମ୍ନ ଓ ମଧ୍ୟମ ଆୟକାରୀ ରାଷ୍ଟ୍ରଗୁଡ଼ିକର ଅର୍ଥନୀତିକୁ ସୁଦୃଢ଼ କରିବା ଲାଗି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଓ ବିଶ୍ୱ ବ୍ୟାଙ୍କ ଭଳି ଆର୍ଥିକ ସହାୟତାକାରୀ ସଂସ୍ଥାଗୁଡ଼ିକ ଅମ୍ଳାନ ପରି କାର୍ଯ୍ୟ କରିଥାଆନ୍ତି। ବିଶେଷକରି ସାମାଜିକ ଓ ମୌଳିକ ଭିତ୍ତିଭୂମି ସୁଦୃଢ଼ କରିବା ଦିଗରେ ବିଶ୍ୱ ବ୍ୟାଙ୍କ ଏହିସବୁ ରାଷ୍ଟ୍ରକୁ ଋଣ ଓ ସହାୟତା ପ୍ରଦାନ କରିଥାଏ। ଉଲ୍ଲେଖଯୋଗ୍ୟ, ଇଣ୍ଟରନ୍ୟାଶନାଲ ବ୍ୟାଙ୍କ୍ ଫର୍ ରିକନ୍‌ଷ୍ଟ୍ରକଶନ ଆଣ୍ଡ୍ ଡେଭଲପ୍‌ମେଣ୍ଟ (ଆଇବିଆର୍‌ଡି) ଏବଂ ଇଣ୍ଟରନ୍ୟାଶନାଲ ଡେଭଲପ୍‌ମେଣ୍ଟ ଆସୋସିଏଶନ(ଆଇଡିଏ)କୁ ସାମୂହିକ ଭାବେ ବିଶ୍ୱ ବ୍ୟାଙ୍କ କୁହାଯାଇଥାଏ। ଡେଭିଡ୍ ମାଲ୍‌ପସ ଏହି ବ୍ୟାଙ୍କର ସଭାପତି ଥିବା ବେଳେ ଭାରତୀୟ ଅର୍ଥଶାସ୍ତ୍ରବିତ୍ ଇନ୍ଦରମିତ ଗିଲ୍‌ଙ୍କୁ ଏହାର ମୁଖ୍ୟ ଅର୍ଥନୀତିଜ୍ଞ ଭାବେ ନିକଟରେ ନିଯୁକ୍ତି ମିଳିଛି। ବିଶ୍ୱ ବ୍ୟାଙ୍କ ମୁଖ୍ୟ ଅର୍ଥନୀତିଜ୍ଞ ହେବାରେ ଇନ୍ଦରମିତ୍ ଦ୍ୱିତୀୟ ଭାରତୀୟ। ୨୦୧୨ରୁ ୨୦୧୬ ଯାଏ କୌଶିକ ବସୁ ପ୍ରଥମ ଭାରତୀୟ ଭାବେ ଏହି ପଦବୀରେ ଅବସ୍ଥାପିତ ହୋଇଥିଲେ। ଅନ୍ୟ ବିଶିଷ୍ଟ ଭାରତୀୟ ବଂଶୋଦ୍ଭବ ଅର୍ଥନୀତିଜ୍ଞ ରଘୁରାମ ରାଜନ ଓ ଗୀତା ଗୋପୀନାଥ ବିଶ୍ୱ ବ୍ୟାଙ୍କର ସହଯୋଗୀ ସଂସ୍ଥା ଆଇଏମ୍‌ଏଫ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ରହିଥିଲେ। ଆସନ୍ତା ସେପ୍ଟେମ୍ବର ପହିଲାରୁ ଇନ୍ଦରମିତ୍ ଗିଲ୍ ବିଶ୍ୱ ବ୍ୟାଙ୍କ ମୁଖ୍ୟ ଅର୍ଥନୀତିଜ୍ଞ ରୂପେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଥିବାରୁ ତାଙ୍କ କ୍ୟାରିୟର ଓ ଅର୍ଥନୀତିରେ ଗଭୀର ପ୍ରବେଶ ସଂକ୍ରାନ୍ତରେ ଜାଣିବା ଲାଗି ସମସ୍ତେ ଆଗ୍ରହ ରଖିବା ସ୍ୱାଭାବିକ।

ବ୍ୟକ୍ତିତ୍ୱ



ଇନ୍ଦରମିତ୍ ଗିଲ୍

ଇନ୍ଦରମିତ୍ ଗିଲ୍ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନ ସେଣ୍ଟ ଷ୍ଟିଫେନ୍ସ କଲେଜରୁ ଅର୍ଥନୀତିରେ ସ୍ନାତକ ଓ ଦିଲ୍ଲୀ ସ୍କୁଲ ଅଫ୍ ଇକୋନମିକ୍ସରୁ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ପରେ ଶିକାଗୋ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ। ନୋବେଲ ପୁରସ୍କାର ବିଜେତା ଅର୍ଥନୀତିଜ୍ଞ ଗାରି ବେକର ଓ ରବର୍ଟ ଲୁକାସଙ୍କ ଅଧୀନରେ ଗବେଷଣା କରି ସେ ଅର୍ଜନ କରିଥିବା ଡକ୍ଟରେଟ୍ ଡିଗ୍ରୀ ତାଙ୍କୁ ଆଗକୁ ବଢ଼ିବା ଲାଗି ବାଟ ଦେଖାଇଥିଲା। ପ୍ରାରମ୍ଭିକ ସମୟରେ ସେ ୧୯୯୩ରୁ ୨୦୧୬ ଯାଏ ବିଶ୍ୱ ବ୍ୟାଙ୍କର ଡେଭଲପ୍‌ମେଣ୍ଟ ଇକୋନମିକ୍ସର ଡେଭଲପ୍‌ମେଣ୍ଟ ପଲିସି ନିର୍ଦ୍ଦେଶକ ଭାବେ କାର୍ଯ୍ୟ ତୁଲାଇଥିଲେ। ଏହି ସମୟ ମଧ୍ୟରେ ସେ ୟୁରୋପ ଓ ପଶ୍ଚିମ ଏସିଆର ମୁଖ୍ୟ ଅର୍ଥନୀତିଜ୍ଞ, ୨୦୦୯ରେ ୱାର୍ଲ୍ଡ ଡେଭଲପ୍‌ମେଣ୍ଟ ରିପୋର୍ଟ ଅନ୍ ଇକୋନମିକ୍ ଜିଓଗ୍ରାଫିର ଷ୍ଟାଫ୍ ଡାଇରେକ୍ଟର, ଇଷ୍ଟ ଏସିଆ ଆଣ୍ଡ୍ ପାସିଫିକ୍‌ର କାର୍ଯ୍ୟକାରୀ ମୁଖ୍ୟ ଅର୍ଥନୀତିଜ୍ଞ ଏବଂ ବ୍ରାଜିଲର ପ୍ରିନ୍ସିପାଲ କଣ୍ଟ୍ରି ଇକୋନମିଷ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଥିଲେ। ତେବେ ୨୦୧୬ରୁ ୨୦୨୧ ଯାଏ ସେ ଅଧ୍ୟାପନା ପ୍ରତି ମନବଳାଇ ଡ୍ୟୁକ୍ ୟୁନିଭର୍ସିଟିର ପବ୍ଲିକ୍ ପଲିସ୍‌ର ପ୍ରଫେସର ଓ ବ୍ରୁକିଂ ଇନ୍‌ଷ୍ଟିଟ୍ୟୁଶନ୍ସରେ ଗ୍ଲୋବାଲ ଇକୋନମି ଆଣ୍ଡ୍ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ୍‌ର ନନ୍‌ରେସିଡେଣ୍ଟ ସିନିୟର ଫେଲୋ ରୂପେ କାର୍ଯ୍ୟ କରିଛନ୍ତି। ତେବେ ୨୦୦୯ରେ ୱାର୍ଲ୍ଡ ଡେଭଲପ୍‌ମେଣ୍ଟ ରିପୋର୍ଟ ଅନ୍ ଇକୋନମିକ୍ ଜିଓଗ୍ରାଫିର ଷ୍ଟାଫ୍ ଡାଇରେକ୍ଟର ଭାବେ ତାଙ୍କ ଚିନ୍ତାଶୀଳ ନେତୃତ୍ୱ ଯୋଗୁ ଇନ୍ଦରମିତ୍ ବିଶ୍ୱ ବ୍ୟାଙ୍କରେ ସମ୍ମାନନୀୟ ସ୍ଥାନ ଦଖଲ କରିପାରିଛନ୍ତି। ସେଥିପାଇଁ ଦ୍ୱିତୀୟ ଥର ସେ ଏହି ବିଶ୍ୱ ବ୍ୟାଙ୍କରେ ଯୋଗ ଦେବା ଲାଗି ନିମନ୍ତ୍ରଣ ପାଇପାରିଥିଲେ। ଅର୍ଥନୀତିର ବିଭିନ୍ନ ପ୍ରସଙ୍ଗ ଉପରେ ଯୁକ୍ତିଯୁକ୍ତ ଓ ହାସ୍ୟପୂର୍ଣ୍ଣ ତଥ୍ୟ ଉପସ୍ଥାପନା ଶୈଳୀ ତାଙ୍କୁ ଅନ୍ୟ ଅର୍ଥନୀତିଜ୍ଞଙ୍କଠାରୁ ସ୍ୱତନ୍ତ୍ର ସ୍ଥାନ ଦେଇଆସିଛି। ବିଶେଷକରି 'ମିଡିଲ୍ ଇନ୍‌କମ୍ ଟ୍ରାପ୍' କନ୍‌ସେପ୍ଟ ଉଦ୍ଭାବନ କରି ସେ ଅନ୍ତର୍ଜାତୀୟ ସ୍ତରର ଅର୍ଥନୀତିଜ୍ଞଙ୍କ ଦୃଷ୍ଟି ଆକର୍ଷଣ ପରିପାରିଛନ୍ତି। ନିର୍ଦ୍ଦିଷ୍ଟ ଅର୍ଥନୈତିକ ସ୍ତରରେ ଆଘାତପ୍ରାପ୍ତ ହୋଇଥିବା ଦେଶଗୁଡ଼ିକ ସେମାନଙ୍କର ଆୟ ସ୍ତରକୁ ବୃଦ୍ଧି କରିବା ଲାଗି କିଭଳି ସଂଗ୍ରାମ କରିଥାଆନ୍ତି, ତାହାକୁ ମିଡିଲ୍ ଇନ୍‌କମ୍ ଟ୍ରାପ୍‌ରେ ଦର୍ଶାଇବାକୁ ଯାଇ ଇନ୍ଦରମିତ୍ ଅଗ୍ରଗାମୀ ଭୂମିକା ନିର୍ବାହ କରିଛନ୍ତି।

ଏବେ ବିଶ୍ୱବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ତଥା ଡେଭଲପ୍‌ମେଣ୍ଟ ଇକୋନମିକ୍ସର ଉପସଭାପତି ହୋଇଥିବାରୁ ଇନ୍ଦରମିତ୍‌ଙ୍କ ଅଭିଜ୍ଞତା ବହୁବିଧ ସଂସ୍ଥା ଲାଗି ଅମୂଲ୍ୟ ଜ୍ଞାନ ପ୍ରଦାନ କରିବ ବୋଲି ଏହି ବ୍ୟାଙ୍କର ସଭାପତି ଡେଭିଡ୍ ମାଲପସ୍ କହିଛନ୍ତି। ବାସ୍ତବରେ ଭାରତୀୟ ଅର୍ଥନୀତି ଛାତ୍ରୀଛାତ୍ରଙ୍କ ପାଇଁ ଇନ୍ଦରମିତ୍ ତାଙ୍କ କ୍ୟାରିୟରରେ ଧାରଣ କରିଥିବା ପଦବୀ ନିଶ୍ଚିତ ଆକର୍ଷଣୀୟ ମନେହେବ। ନୂଆ ପିଢ଼ି ନିଜକୁ କିଭଳି ଭାବେ ପ୍ରସ୍ତୁତ କଲେ ଈପ୍‌ସିତ ଲକ୍ଷ୍ୟରେ ପହଞ୍ଚିପାରିବେ, ଇନ୍ଦରମିତ୍‌ଙ୍କ ଭଳି ପ୍ରଜ୍ଞାବାନ ଓ ପ୍ରଖର ଧୀସମ୍ପନ୍ନ ଅର୍ଥନୀତିଜ୍ଞଙ୍କ ବ୍ୟକ୍ତିତ୍ୱ ପ୍ରେରଣା ଦେବ ବୋଲି ନିଶ୍ଚିତ କହିହେବ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ମାଗଣାରେ ୟୁପିଏସ୍‌ସି କୋଚିଂ ଦେଉଛନ୍ତି ପୂର୍ବତନ ଆଇଏଏସ୍ ଅଧିକାରୀ ଅରୁଣ କୁମାର। ସେ ଆଶାୟୀମାନଙ୍କୁ ପାଟନାରେ ଗଙ୍ଗାକୂଳରେ କୋଚିଂ ଦେଉଛନ୍ତି। ତାଙ୍କ ପାଖରୁ ପାଖାପାଖି ୩ ହଜାର ଛାତ୍ରୀଛାତ୍ର କୋଚିଂ ନେଉଛନ୍ତି। ଅରୁଣଙ୍କ ସ୍ତ୍ରୀ ଜଣେ ସାମାଜିକ କର୍ମୀ। ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଅରୁଣ ଚାକିରି ଛାଡ଼ି ଛାତ୍ରମାନଙ୍କୁ ସାହାଯ୍ୟ କରୁଛନ୍ତି। ଯେଉଁ ଛାତ୍ରମାନେ ବ୍ୟୟବହୁଳ କୋଚିଂ ନେବାକୁ ଅକ୍ଷମ, ସେମାନଙ୍କୁ ସେ କୋଚିଂ ଦେଉଛନ୍ତି। କମ୍ ଖର୍ଚ୍ଚରେ କୋଚିଂ ଦେବା ଲାଗି ଅରୁଣ ମୁକ୍ତାକାଶ କ୍ଲାସ୍ କରୁଛନ୍ତି। ପ୍ରତିଦିନ ସକାଳେ ସେ କ୍ଲାସ ଚାଲୁଛି। ୧୯୯୪ ବ୍ୟାଚ ଆଇଏଏସ୍ ଅଧିକାରୀ ଅରୁଣ କୁମାର ବିନା କୋଚିଂରେ କୃତକାର୍ଯ୍ୟ ହୋଇଥିଲେ। ଏବେ ତାଙ୍କ କୋଚିଂ କ୍ଲାସରୁ ୟୁପିଏସ୍‌ସି ପରୀକ୍ଷାରେ ବହୁ ଛାତ୍ର ସଫଳ ହୋଇ ପାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୧ ଜୁଲାଇ ୧୯୯୭

- ଦେଶରୁ ନିଶା କାରବାରକୁ ହଟାଇବାକୁ ହୋଇଥିବା ଏକ କାର୍ଯ୍ୟକ୍ରମର ଅଂଶସ୍ୱରୂପ ଦକ୍ଷିଣ ଚୀନ୍‌ର ଗୁଆଙ୍ଗ ହଉ ସହରରେ ବିପୁଳ ଜନସମାବେଶ ଭିତରେ ୧୪ଜଣ ନିଶା ଚୋରା ବେପାରିଙ୍କୁ ଫାଶି।
- ଗୋଖାଦ୍ୟ ଦୁର୍ନୀତି ମାମଲାରେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ସିବିଆଇ ସ୍ୱତନ୍ତ୍ର ଅଦାଲତରେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ୧୫ ଦିନ ଲାଗି ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଚିରନ୍ତନୀ

ନିଭିଲା ଦୂର
ଶଇଳ-ଚୂଡ଼ା
କାନନ ଗଲା ଭାସି
ଅରୂପ ହେଲା ଧରାର ରୂପରାଶି।
(ସନ୍ଧ୍ୟା ପଥେ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଛାତ୍ରୀଛାତ୍ରଙ୍କୁ କେବେ ମିଳିବ ପୋଷାକ

ମହାଶୟ,
ଶିକ୍ଷାବର୍ଷ ଆରମ୍ଭ ହୋଇଗଲାଣି। ହେଲେ ଏଯାଏ ଛାତ୍ରୀଛାତ୍ରଙ୍କୁ ଆବଶ୍ୟକ ସାଧନ ମିଳିନାହିଁ। କେଉଁ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଆବଶ୍ୟକ ଶିକ୍ଷକ ନାହାନ୍ତି ତ କେଉଁଠି ସବୁ ପିଲାଙ୍କୁ ପାଠ୍ୟପୁସ୍ତକ ମିଳିନାହିଁ। ଖାଲି ସେତିକି ନୁହେଁ, ମାସେ ହେଲା ସ୍କୁଲ ଖୋଲିଥିଲେ ମଧ୍ୟ ପିଲାଙ୍କୁ ଏଯାଏ ପୋଷାକ ମିଳିନାହିଁ। ପୋଷାକ ମିଳିବା ତ ଦୂରର କଥା, ଏଯାଏ ବିଦ୍ୟାଳୟ ଆକାଉଣ୍ଟକୁ ପୋଷାକ ବାବଦ ଅର୍ଥ ବି ଆସିନାହିଁ। ଏମିତିକା ଖାମଖିଆଲ ନୀତିରେ ଚାଲିଛି ସର୍ବଶିକ୍ଷା ଅଭିଯାନ। ସର୍ବଶିକ୍ଷା ଅଭିଯାନ ଜରିଆରେ ପ୍ରଥମରୁ ଅଷ୍ଟମ ପିଲାଙ୍କୁ ମାଗଣା ପୋଷାକ, ଜୋତା, ମୋଜା, ପାଠ୍ୟପୁସ୍ତକ ପ୍ରଦାନର ବ୍ୟବସ୍ଥା ରହିଛି। ପୋଷାକ ବାବଦକୁ ଜଣେ ଛାତ୍ରୀଛାତ୍ରଙ୍କୁ ବର୍ଷକୁ ୬ଶହ ଟଙ୍କା ମିଳିଥାଏ। ଏହି ଅର୍ଥ ବିଦ୍ୟାଳୟ ଆକାଉଣ୍ଟକୁ ଆସେ। ଏହି ଅର୍ଥରେ ସ୍କୁଲ କର୍ତ୍ତୃପକ୍ଷ ଜଣେ ପିଲାଙ୍କୁ ଦୁଇହଳ ପୋଷାକ, ଦୁଇହଳ ମୋଜା, ଏକ ହଳ ଜୋତା ପ୍ରଦାନ କରିଥାନ୍ତି। ଆକାଉଣ୍ଟକୁ ଟଙ୍କା ଆସିବା ପରେ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ବସି ଏ ବିଷୟରେ ନିଷ୍ପତ୍ତି ହୁଏ। ବିଭିନ୍ନ ପୋଷାକ ବ୍ୟବସାୟୀ ବା ଦୋକାନୀଙ୍କଠାରୁ କୋଟେସନ ମଗାଯାଏ। କୋଟେସନ୍ ଆସିବା ପରେ ବିଦ୍ୟାଳୟ ପରିଚାଳନା କମିଟିର ଦ୍ୱିତୀୟ ବୈଠକରେ ଗୁଣାତ୍ମକ ମାନ ଯାଞ୍ଚ କରାଯାଇ କମ୍ପାନୀ ବା ବ୍ୟବସାୟୀଙ୍କୁ ଚୟନ କରାଯାଏ। ମନୋନୀତ ହୋଇଥିବା କମ୍ପାନୀ ଛାତ୍ରୀଛାତ୍ରଙ୍କୁ ପୋଷାକ ପ୍ରଦାନ କରିଥାନ୍ତି। ଏସବୁ ପ୍ରକ୍ରିୟା ଶିକ୍ଷାବର୍ଷ ଆରମ୍ଭରୁ ଅର୍ଥାତ୍ ଏପ୍ରିଲ ମାସରେ ସମାପ୍ତ ହୁଏ। କିନ୍ତୁ ଚଳିତ ଶିକ୍ଷାବର୍ଷରେ ସବୁ କ୍ଷେତ୍ରରେ ବିଭ୍ରାଟ ଦେଖିବାକୁ ମିଳିଛି। ଯେଉଁ କାମ ଏପ୍ରିଲରେ ହେବା କଥା, ଜୁଲାଇ ସରିବାକୁ ବସିଥିଲେ ମଧ୍ୟ ତାହା ଆରମ୍ଭ ହୋଇନାହିଁ।

– ତ୍ରିନାଥ ଓଝା, ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ମହେନ୍ଦ୍ର ଭଟ୍ଟ ଉତ୍ତରାଖଣ୍ଡ ଭାଜପା ମୁଖ୍ୟ

ଡେରାଡୁନ୍,୩୦।୭: ଉତ୍ତରାଖଣ୍ଡରେ ଭାଜପା ନୂଆ ପ୍ରଦେଶ ଅଧ୍ୟକ୍ଷଙ୍କ ନାମ ଘୋଷଣା କରିଛି। ଗତ କିଛି ଦିନ ହେଲା ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡର ନୂତନ ରାଜ୍ୟ ଅଧ୍ୟକ୍ଷଙ୍କ ନାମକୁ ନେଇ କଳ୍ପନାଜଳ୍ପନା ଲାଗି ରହିଥିଲା। କିନ୍ତୁ ଶନିବାର ଦଳ କେବଳ ଉତ୍ତରାଖଣ୍ଡର ରାଜ୍ୟ ଅଧ୍ୟକ୍ଷ ଭାବେ ମହେନ୍ଦ୍ର ଭଟ୍ଟଙ୍କୁ ନିଯୁକ୍ତ କରିଛି। ଭାଜପା ରାଷ୍ଟ୍ରୀୟ ମହାସଚିବ ଅରୁଣ ସିଂ ଏ ନେଇ ଏକ ଚିଠି ଜାରି କରିଛନ୍ତି।

# ବିଜେଡି-ଭାଜପା କାଉନ୍‌ସିଲର ଧସ୍ତାଧସ୍ତି



ଢେଙ୍କାନାଳ ପୌରସଂସ୍ଥା କାର୍ଯ୍ୟାଳୟରେ ଶନିବାର ଭାଜପା ଓ ବିଜେଡି କାଉନ୍‌ସିଲରଙ୍କ ମଧ୍ୟରେ କଥା କଟାକଟି।

**ଢେଙ୍କାନାଳ ଅଫିସ, ୩୦।୭**

- ଢେଙ୍କାନାଳ ପୌରସଂସ୍ଥା କାର୍ଯ୍ୟାଳୟରେ ଉତ୍ତେଜନା
- ଭେଣ୍ଡିଂ ଜୋନ୍ ଆବଣ୍ଟନକୁ ନେଇ ବିବାଦ ତେଜିଲା

ଢେଙ୍କାନାଳ ପୌରାଞ୍ଚଳରେ ଭେଣ୍ଡିଂ ଜୋନ୍ ଆବଣ୍ଟନକୁ ନେଇ ଶନିବାର ପୌରସଂସ୍ଥା କାର୍ଯ୍ୟାଳୟରେ ମୁହାଁମୁହିଁ ହୋଇଛନ୍ତି ବିଜେଡି ଏବଂ ଭାଜପା ଗୋଷ୍ଠୀ। ଉଭୟ ପକ୍ଷର କାଉନ୍‌ସିଲର ପରସ୍ପରକୁ ଗାଳିଗୁଲଜ କରିବାରୁ ଉତ୍ତେଜନା ବଢ଼ିଥିଲା। ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ରଙ୍କ ସ୍ୱାମୀ ତଥା ଭାଜପା ନେତା ରାମଚନ୍ଦ୍ର ପାତ୍ର ପୌରସଂସ୍ଥାର ସମସ୍ତ କାର୍ଯ୍ୟରେ ଅଯଥା ହସ୍ତକ୍ଷେପ କରୁଥିବା ଉପାଧ୍ୟକ୍ଷ ତଥା ବିଜେଡି ନେତା ପ୍ରକାଶ ଚନ୍ଦ୍ର କୁଅଁର ଅଭିଯୋଗ କରିଛନ୍ତି। ଅନ୍ୟପଟେ ପୌରାଧ୍ୟକ୍ଷା ଏହାର ପାଲଟା ଜବାବ ରଖିଛନ୍ତି। ସହର ବିକାଶରେ ବିଜେଡି ସହଯୋଗ କରୁନାହିଁ। କିନ୍ତୁ ଏସବୁ ସତ୍ତ୍ୱେ ଉନ୍ନୟନ କାମ ଅଟକିବନି ବୋଲି ସେ କହିଛନ୍ତି।

ପୌରସଂସ୍ଥା ପକ୍ଷରୁ ୨ନଂ. ୱାର୍ଡରେ ନିର୍ମିତ ଭେଣ୍ଡିଂ ଜୋନ୍‌ରେ ଉଠାଦୋକାନୀଙ୍କୁ ଥଇଥାନ କରାଯିବାକୁ ଯୋଜନା କରାଯାଇଛି। ତେବେ ଭେଣ୍ଡିଂ ଜୋନ୍ ଆବଣ୍ଟନ ସମ୍ପର୍କରେ ସ୍ଥାନୀୟ ବିଜେଡି କାଉନ୍‌ସିଲର ଦୀପ୍ତିରଞ୍ଜନ ସେଠୀଙ୍କୁ ଅଣଦେଖା କରାଯାଇଥିବା ସେ ଅଭିଯୋଗ କରିଥିଲେ। ଉପାଧ୍ୟକ୍ଷ, ବିଜେଡି କାଉନ୍‌ସିଲରଙ୍କ ଉପସ୍ଥିତିରେ ଏ ନେଇ ସେ ପୌର କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତଙ୍କ ନିକଟରେ ପ୍ରତିବାଦ କରିଥିଲେ। ଭେଣ୍ଡିଂ ଜୋନ୍ ବଣ୍ଟନ ସମ୍ପର୍କିତ ଫାଇଲ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ନିର୍ବାହୀ ଅଧିକାରୀ ଡାକି ଏ ସଂକ୍ରାନ୍ତର ସ୍ପଷ୍ଟୀକରଣ ଲୋଡ଼ିଥିଲେ। ପୌରାଧ୍ୟକ୍ଷାଙ୍କ ସ୍ୱାମୀ ତଥା ଭାଜପା ନେତା ରାମଚନ୍ଦ୍ର ପାତ୍ରଙ୍କ କହିବା ଅନୁଯାୟୀ କାର୍ଯ୍ୟ କରାଯାଇଥିବା ସମ୍ପୃକ୍ତ କର୍ମଚାରୀ କହିଥିଲେ। ଏହା ଜଣାପଡ଼ିବା ପରେ ଦୀପ୍ତିରଞ୍ଜନ ଫୋନ୍ କରି ରାମଚନ୍ଦ୍ରଙ୍କୁ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠକୁ ଡାକିଥିଲେ ଏବଂ ସ୍ଥାନୀୟ କାଉନ୍‌ସିଲରଙ୍କୁ ଅଣଦେଖା କରି କିପରି ଭେଣ୍ଡିଂଜୋନ୍ ଆବଣ୍ଟନ ତାଲିକା ପ୍ରସ୍ତୁତ କରାଯାଉଛି ବୋଲି ପ୍ରଶ୍ନ କରିଥିଲେ। ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଉପାଧ୍ୟକ୍ଷ ଘଟଣାରେ ହସ୍ତକ୍ଷେପ କରି କହିଥିଲେ, ପୌରାଧ୍ୟକ୍ଷା ଜଣେ ନିର୍ବାଚିତ ପ୍ରତିନିଧି। ସେ ନିଜେ ନିଷ୍ପତ୍ତି ନେଇପାରିବେ। କିନ୍ତୁ ତାଙ୍କ ସ୍ୱାମୀ ପୌର କାର୍ଯ୍ୟାଳୟକୁ ବାରମ୍ବାର ଆସି ବିଭିନ୍ନ କାର୍ଯ୍ୟରେ ଅଯଥା ହସ୍ତକ୍ଷେପ କରୁଛନ୍ତି, ଯାହା ଅନୁଚିତ। ଉପାଧ୍ୟକ୍ଷଙ୍କ ଏପରି ମନ୍ତବ୍ୟ ପରେ ସେଠାରେ ଉପସ୍ଥିତ ଭାଜପା କାଉନ୍‌ସିଲର ଏହାର ତୀବ୍ର ପ୍ରତିବାଦ କରିଥିଲେ। ଫଳରେ ବିଜେଡି ଓ ଭାଜପା କାଉନସିଲରଙ୍କ ମଧ୍ୟରେ ଧସ୍ତାଧସ୍ତି ଓ ଗାଳିଗୁଲଜ ଆରମ୍ଭ ହୋଇଯାଇଥିଲା। ନିର୍ବାହୀ ଅଧିକାରୀ ଉଭୟ ପକ୍ଷଙ୍କୁ ବୁଝାଶୁଝା କରିବାପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏ ସଂକ୍ରାନ୍ତରେ ଉପାଧ୍ୟକ୍ଷ କୁହନ୍ତି, ଭେଣ୍ଡିଂ ଜୋନ୍ ଆବଣ୍ଟନ ସମ୍ପର୍କରେ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ଆଲୋଚନାବେଳେ ରାମଚନ୍ଦ୍ର ପାତ୍ର ଏବଂ ବାହାରର ୨ଜଣ ଲୋକ ପହଞ୍ଚି ବିଜେଡି କାଉନ୍‌ସିଲର ଦୀପ୍ତିରଞ୍ଜନଙ୍କୁ ଗାଳିଗୁଲଜ କରିଥିଲେ। ରାମଚନ୍ଦ୍ର ଅଯଥା ହସ୍ତକ୍ଷେପ କରୁଥିବାରୁ ବିକାଶ କାର୍ଯ୍ୟରେ ବାଧା ଉପୁଜୁଛି। ଆଗକୁ ଏହା ଜାରି ରହିଲେ ତୀବ୍ର ପ୍ରତିବାଦ କରାଯିବ। ରାମଚନ୍ଦ୍ର କୁହନ୍ତି, ଭେଣ୍ଡିଂ ଜୋନ୍‌ରେ ଉଠାଦୋକାନୀଙ୍କୁ ଥଇଥାନ କରିବା ପାଇଁ ଅଗ୍ରାଧିକାର ଦିଆଯାଉଛି। ଏଥିପାଇଁ କମିଟି ଗଠିତ ହୋଇଛି। ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ଆଲୋଚନା ବେଳେ ବିପକ୍ଷ ଦଳର କାଉନ୍‌ସିଲର ତୁମେ କିଏ ବୋଲି ପଚାରିଲେ। ମୁଁ କେହି ନୁହେଁ କି ଏଥିରେ କୌଣସି କାର୍ଯ୍ୟ କରିନାହିଁ ବୋଲି କହିଥିଲି। ପୌରାଧ୍ୟକ୍ଷା ପୌରସଂସ୍ଥା ସହ ଆଲୋଚନା କରି ଏହି ନିଷ୍ପତ୍ତି ନେଇଛନ୍ତି। ଏହାପରେ ସେମାନେ ଅସମ୍ମାନ କରିଥିଲେ। ପୂର୍ବରୁ ଅନ୍ୟ ମହିଳା କାଉନ୍‌ସିଲର ମଧ୍ୟ ସେମାନଙ୍କ ସ୍ୱାମୀଙ୍କ ସହ ପୌରସଂସ୍ଥାକୁ ଆସି କାର୍ଯ୍ୟ କରିଛନ୍ତି ବୋଲି ସେ ପ୍ରତିକ୍ରିୟାରେ କହିଛନ୍ତି। ପୌରାଧ୍ୟକ୍ଷା କୁହନ୍ତି, ଗଣ୍ଡଗୋଳ ସମୟରେ ଘଟଣାସ୍ଥଳରେ ଉପସ୍ଥିତ ନ ଥିଲେ। ବିପକ୍ଷ ଗୋଷ୍ଠୀ ତାଙ୍କ ସହ ଅଦ୍ୟାବଧି ଦେଖା କରୁନାହାନ୍ତି କି ଆଲୋଚନା କରୁନାହାନ୍ତି। ସେ ନିଜକୁ କୌଣସି ଦଳର ବୋଲି ଭାବୁନାହାନ୍ତି। ଢେଙ୍କାନାଳବାସୀଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ସମସ୍ତଙ୍କ ସହଯୋଗରେ କାମ କରିବାକୁ ଚାହୁଁଛନ୍ତି। ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ କୁହନ୍ତି, ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ, ସମସ୍ତ କାଉନ୍‌ସିଲରଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ। ଅପରପକ୍ଷେ ଘଟଣା ସମ୍ପର୍କରେ ଜିଲାପାଳ ସରୋଜ କୁମାର ସେଠୀ ଅବଗତ ହେବାପରେ ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ ଏବଂ ସମସ୍ତ କାଉନ୍‌ସିଲରଙ୍କ ସହ ଆଲୋଚନା ପାଇଁ ସୋମବାର ଏକ ବୈଠକ ଡାକିଛନ୍ତି। ଅନ୍ୟପଟେ ଉପାଧ୍ୟକ୍ଷ ଟାଉନ ଥାନାରେ ରାମଚନ୍ଦ୍ର ପାତ୍ରଙ୍କ ସମେତ ୪ଜଣଙ୍କ ବିରୋଧରେ ଅଭିଯୋଗ କରିଛନ୍ତି।

# ଜୟନାରାୟଣ ବିରୋଧୀ ଦଳ ନେତା

**ଭୁବନେଶ୍ୱର,୩୦।୭(ବ୍ୟୁରୋ)**

ସମ୍ବଲପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜୟ ନରାୟଣ ମିଶ୍ର ବିରୋଧୀ ଦଳ ନେତା ନିର୍ବାଚିତ ହୋଇଛନ୍ତି। ଶନିବାର ରାଜ୍ୟ ଭାଜପା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ବିଧାୟକ ଦଳର ବୈଠକରେ ତାଙ୍କୁ ସର୍ବ ସମ୍ମତିକ୍ରମେ ବିଧାୟକ ଦଳ ନେତା ଭାବେ ନିର୍ବାଚିତ କରାଯାଇଛି। । ଦଳର କେନ୍ଦ୍ରୀୟ ସହପ୍ରଭାରୀ ବିଜୟ ପାଲ ସିଂ ତୋମର ଓ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ଏକ ଖବରଦାତା ସମ୍ମିଳନୀରେ ବିଜୟପାଲ ସିଂ ଏହି ଘୋଷଣା କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ଭାଜପା ବିଧାୟକ ଦଳ ନେତା ପ୍ରଦୀପ୍ତ ନାଏକ କୋଭିଡ ସଂକ୍ରମିତ ହୋଇ ଦୀର୍ଘ ଦିନ ଧରି ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅସୁସ୍ଥ ଥିବା କାରଣରୁ ତାଙ୍କ ପକ୍ଷେ ଏହି ଗୁରୁଦାୟିତ୍ୱ ନିର୍ବାହ ସମ୍ଭବ ହେଉ ନ ଥିବାରୁ ପ୍ରଦୀପ୍ତ ବିଧାୟକ ଦଳ ନେତା ପଦବୀରୁ ଇସ୍ତଫା ଦେଇଥିଲେ। ଏହି ଭାର କାହାକୁ ଦିଆଯିବ ସେ ନେଇ ଗତ କିଛି ଦିନ ଧରି ଗଣମାଧ୍ୟମରେ ଚର୍ଚ୍ଚା ହେଉଥିଲା। ଶେଷରେ ବିଧାୟକ ଦଳ ନେତା ଭାବେ ଜୟନାରାୟଣଙ୍କ ନାମକୁ ସର୍ବସମ୍ମତି କ୍ରମେ ସମସ୍ତ ବିଧାୟକ ଚୟନ କରିଥିଲେ। ସେ ବିଧାନସଭାରେ ବିରୋଧୀ ଦଳ ନେତା ଦାୟିତ୍ୱ ତୁଲାଇବେ।

# ବିହାରରେ ନଡ୍ଡାଙ୍କୁ ଘେରାଉ

**ପାଟନା,୩୦।୭**



ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ବିହାରରେ ବିରୋଧ କରାଯାଇଛି। ସେ ଏକଦା ପଢୁଥିବା ପାଟନା କଲେଜକୁ ଶନିବାର ଆଦିଥିବାବେଳେ ଅଖିଳ ଭାରତୀୟ ଛାତ୍ର ସଂଗଠନ (ଏଆଇଏସ୍‌ଏ) କର୍ମୀମାନେ ତାଙ୍କୁ ଘେରାଉ କରି 'ନଡ୍ଡା ଫେରିଯାଅ' ବୋଲି ସ୍ଲୋଗାନ ଦେଇଥିଲେ। ସେମାନେ ଜାତୀୟ ଶିକ୍ଷା ନୀତି ପ୍ରତ୍ୟାହାର ଦାବି କରିବା ସହ ପାଟନା ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ମାନ୍ୟତା ଦେବା ଲାଗି କହିଥିଲେ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ବିଫଳ ହୋଇଥିବା ଭାଜପା ନେତୃବୃନ୍ଦ କହିଛନ୍ତି। ବିକ୍ଷୋଭକାରୀଙ୍କୁ ପୋଲିସ ସୁଯୋଗ ଦେଇଥିବା ସେମାନେ ଅଭିଯୋଗ କରିଛନ୍ତି। ଫଳରେ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଜେଡିୟୁ-ଭାଜପା ମେଣ୍ଟ ସରକାରରେ ଫାଟ ବଢୁଥିବା ପୁଣିଥରେ ସ୍ପଷ୍ଟ ହୋଇଛି।

PROCLAMATION REQUIRING ATTENDANCE OF DEFENDANT
(Order 5. Rules 20 of the Code of Civil Procedures )
IN THE COURT OF SH.AJAY GULATI -II
LD. ADDITIONAL DISTRICT JUDGE-1, CENTRAL , ROOM NO - 123.
CASE NO-CS/403/2017
ICICI BANK LIMITED VS SOUMYA YADAV
To,
SOUMYA YADAV W/O SHAILENDRA KUMAR MADAN, PLOT NO, 1250 KANNAL ROAD BOMIKHAL LANDMARK SCHOOL BHUWNESHWAR ORISSA-751010
WHEREAS you are intentionally evading service of summon it is hereby notified that if you shall not defend the case on the 08.09.2022 the day fixed for the final disposal, it will be heard and determined ex-parte
Given under my hand and the seal of the court, this 05.05.2022
Seal Addl.Distt.& Session Judge-01 Central Delhi

UTKAL UNIVERSITY
M.TECH (IT)
CENTER FOR IT EDUCATION
(Accredited A+ by NAAC) DEPARTMENT OF STATISTICS, UTKAL UNIVERSITY
ADMISSION 2022-23
Applications are invited for Admission for the 2 year Full time program on M.Tech in Information Technology in the Department for the Academic Session 2022-23 under PPP mode.
ELIGIBILITY FOR ADMISSION
(I) Master's degree in Computer Science / Information Technology / Computer Applications / Statistics / Mathematics / Physics / Electronic Sciences or any other qualification considered equivalent.
(II) Bachelor's degree in Engineering / Technology or any other qualification considered equivalent (such as AMIEE or DOEACC 'B' Level).
Candidates those who have appeared the final Examination/waiting for final result may provisionally be admitted in to M.Tech (IT) course, provided that such candidates shall submit their pass result & CLC before filling up forms for the 1st Semester Examination.
IMPORTANT DATES
Last date of issue & submission of the application form 23.08.2022
Date of Entrance Test: 27.08.2022
Course Director, Centre for IT Education, M.TECH.(IT)
Department of Statistics, Utkal University,
Vani Vihar, Bhubaneswar-751004,
Tel: 0674 - 2567711 / 9438014469 / 6371615706
Website : www.citeutkal.com
e-mail : citeutkal@gmail.com / centreforiteducation@gmail.com
Chairman, P.G. Council

# ଗୁଜରାଟୀ, ରାଜସ୍ଥାନୀ ପଳାଇଲେ ମହାରାଷ୍ଟ୍ରର ଆର୍ଥିକ ସ୍ଥିତି ଦୁର୍ବଳ ହୋଇଯିବ

**ମୁମ୍ବାଇ,୩୦।୭**

**ମହାରାଷ୍ଟ୍ର ରାଜ୍ୟପାଳଙ୍କ ମନ୍ତବ୍ୟକୁ ନେଇ ବିବାଦ**



ଭଗତ ସିଂ କୋଶିୟାରୀ

ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ରାଜ୍ୟରେ ରାଜନୈତିକ ଝଡ଼ ଦେଖାଦେଇଛି। ଶିବସେନା ତାଙ୍କର ଇସ୍ତଫା ଦାବି କରିଛି। ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ତାଙ୍କୁ କଡ଼ା ସମାଲୋଚନା କରିଛନ୍ତି। ହିନ୍ଦୁମାନଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରୁଥିବା ରାଜ୍ୟପାଳ ମରାଠୀମାନଙ୍କୁ କ୍ଷମା ମାଗନ୍ତୁ ବୋଲି ଉଦ୍ଧବ ଦାବି କରିଛନ୍ତି। କୋଶ୍ୟାରି ଘରକୁ ବିଦା ହେବେ କି ଜେଲ୍ ଯିବେ ତାହା ବିଚାର କରିବା ସମୟ ଆସୁଛି ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଏହି ବିବାଦ ମଧ୍ୟରୁ ନିଜକୁ ଦୂରେଇ ରଖିଛନ୍ତି।

ରାଜ୍ୟପାଳ କୋଶ୍ୟାରି ଶୁକ୍ରବାର ଉଦ୍‌ବୋଧନ ଦେବାବେଳେ କହିଥିଲେ ମହାରାଷ୍ଟ୍ରରୁ ବିଶେଷ କରି ମୁମ୍ବାଇ ଓ ଠାଣେରୁ ଗୁଜରାଟୀ ଓ ରାଜସ୍ଥାନୀମାନେ ପଳାଇଗଲେ ଏହାର ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡ଼ିବ। ମୁମ୍ବାଇ ଦେଶର ଅର୍ଥନୈତିକ ରାଜଧାନୀ ହୋଇପାରିବ ନାହିଁ ବୋଲି ସେ କହିଥିଲେ। ବିରୋଧୀ ଦଳଗୁଡ଼ିକ ଏହାର ତୀବ୍ର ପ୍ରତିବାଦ କରିଛନ୍ତି। ଏହା ରାଜ୍ୟପାଳଙ୍କ ବ୍ୟକ୍ତିଗତ ମନ୍ତବ୍ୟ ଏବଂ ଏହାକୁ ସେ ସମର୍ଥନ କରନ୍ତି ନାହିଁ ବୋଲି ଏକନାଥ କହିଛନ୍ତି। କୋଶିୟାରୀ ସାମ୍ବିଧାନିକ ପଦବୀରେ ଥିବାରୁ ତାଙ୍କର କାର୍ଯ୍ୟ କିମ୍ବା ମନ୍ତବ୍ୟ ଯେପରି ଅନ୍ୟମାନଙ୍କୁ ଅପମାନିତ ନ କରେ ସେଥିପ୍ରତି ଯତ୍ନବାନ ହେବା ଉଚିତ। ମୁମ୍ବାଇର ବିକାଶ ଓ ପ୍ରଗତିରେ ମରାଠୀମାନଙ୍କ କଠିନ ପରିଶ୍ରମର ଅବଦାନ ରହିଛି। ମୁମ୍ବାଇରେ ସାରା ଦେଶରୁ ଲୋକେ ରହୁଥିଲେ ହେଁ ମରାଠୀମାନେ ସେମାନଙ୍କ ପରିଚୟ ଓ ଗୌରବ ବଜାୟ ରଖିଛନ୍ତି। ସେମାନଙ୍କୁ ଅପମାନିତ କରାଯିବ ଉଚିତ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

P.G. CENTRAL OFFICE
UTKAL UNIVERSITY
VANI VIHAR, BHUBANESWAR - 4
(Accredited A+ by NAAC)
NOTIFICATION
No.CPG/Aca/11/618/2022 Dated: 30.07.2022
ENTRANCE TEST & ADMISSION NOTIFICATION, 2022 - 23
Utkal University, the mother University of Odisha invites online applications for admission into following Sponsored Courses for the session 2022-23. Students awaiting Final Degree results can also apply for the entrance tests for admission.
Sponsored Courses

| Name of the Course | Online Application Period | Date of Entrance Exam |
|---|---|---|
| 5 Years Integrated MBA | 02.08.2022 to 16.08.2022 | 21.08.2022 |
| Lateral Entry into IMBA | 02.08.2022 to 16.08.2022 | 21.08.2022 |
| 5 Years Integrated MCA | 02.08.2022 to 16.08.2022 | 21.08.2022 |
| 4 Years Integrated BA B.Ed | 02.08.2022 to 22.08.2022 | 28.08.2022 |
| B.Ed(Arts) & B.Ed (Science) | 02.08.2022 to 30.08.2022 | 04.09.2022 |
| M.Ed. | 02.08.2022 to 30.08.2022 | 06.09.2022 |

NB:-
- Candidates are required to submit hard copy of online application along with relevant documents on the date of Entrance Test in respective Departments.
- Admit cards indicating details of Date, time and venue of examination will be uploaded in University website three days before the entrance test.
- Details regarding admission and other related information can be obtained from Information Bulletin available in University website.

How to apply
Visit Utkal University website at www.utkaluniversity.ac.in for procedure of E-admission 2022-23, guidelines for Application and Fees etc.
Incase of any query write to- helpdesk.uueadmission@gmail.com
NB: No admission shall be given to a candidate for any of the above Courses for the second time.
Chairman, P.G. Council

ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯
ସୁନା ନିଲାମ ବିଜ୍ଞପ୍ତି

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ପରିଶୋଧ କରିନାହାନ୍ତି । ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୧୨.୦୮.୨୦୨୨ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ **ତା.୧୬.୦୮.୨୦୨୨ରିଖ ଅପରାହ୍ନ ୩.୦୦ ଘଟିକା ସମୟରେ ସମ୍ପୃକ୍ତ ଶାଖା ପରିସରରେ** ସର୍ବସାଧାରଣରେ ନିଲାମ କରାଯିବ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣ ଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଭଞ୍ଜନଗର ଶାଖା, ଖଲାସି ଷ୍ଟ୍ରିଟ, ରେଡ୍‌କ୍ରସ୍ ରୋଡ୍, ଭଞ୍ଜନଗର — ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ମାନସ ରଞ୍ଜନ ନାୟକ, ଫୋନ୍ ନଂ. ୭୦୦୮୩୭୫୪୨୭** | | |
| ୧. | **ଅନିତା ପ୍ରଧାନ**, ସ୍ୱା: ସୁରେନ୍ଦ୍ରନାଥ ପ୍ରଧାନ, ଲାଲସିଙ୍ଗି, ଭଞ୍ଜନଗର / ୨୫୨୮୦୬୧୦୦୨୪୭୯୯ | ଟ.୨,୫୩,୮୦୭.୨୬ + ଲାଗୁ ହୋଇନଥିବା ସୁଧ | ୧୧୬.୯୦ |
| ୨. | **ଡି. ତେଜେଶ୍ୱର ରାଓ**, ପି: ଡି. ଗୋପି, ନହଡୋଟା ସାହି, ଭଞ୍ଜନଗର / ୨୫୨୮୦୬୧୦୦୨୫୧୮୫ | ଟ.୨୯,୯୭୫.୧୧ + ଲାଗୁ ହୋଇନଥିବା ସୁଧ | ୧୩.୫୦ |
| ୩. | **ଗଙ୍ଗା ପ୍ରଧାନ**, ସ୍ୱା: ପଦ୍ମ ପ୍ରଧାନ, ତିଲିସାଙ୍ଗି, ଭଞ୍ଜନଗର / ୨୫୨୮୦୬୧୦୦୩୨୧୦୭ | ଟ. ୫୯,୦୦୦/- + ଲାଗୁ ହୋଇନଥିବା ସୁଧ | ୨୫.୦୦ |
| ୪. | **ଜାନକି ମାଝି**, ସ୍ୱା: ରମେଶ ଚନ୍ଦ୍ର ମାଝି, ଲାଲସିଙ୍ଗି, ଭଞ୍ଜନଗର / ୨୫୨୮୦୬୧୦୦୩୨୨୮୨ | ଟ. ୪୩,୦୦୦/- + ଲାଗୁ ହୋଇନଥିବା ସୁଧ | ୧୯.୪୦ |
| ୫. | **ଜିତେନ୍ଦ୍ର ବେହେରା**, ପି: ଗୋବିନ୍ଦ ଚନ୍ଦ୍ର ବେହେରା, ଭଞ୍ଜମାର୍ଗ, ୟୁନିଟ୍-୬, ଲଣ୍ଡେଇ ସାହି, ଭଞ୍ଜନଗର / ୨୫୨୮୦୬୧୦୦୩୦୫୬୧ | ଟ. ୨୨,୧୩୭/- + ଲାଗୁ ହୋଇନଥିବା ସୁଧ | ୮.୩୦ |
| ୬. | **କବିରାଜ ପ୍ରଧାନ**, ପି: ଧୋବା ପ୍ରଧାନ, ସାନକୋଦଣ୍ଡା, ଭଞ୍ଜନଗର / ୨୫୨୮୦୬୧୦୦୩୦୦୨୮ | ଟ. ୧,୭୧,୦୦୦/- + ଲାଗୁ ହୋଇନଥିବା ସୁଧ | ୪୮.୦୦ |
| ୭. | **ମନୋଜ କୁମାର ବାଡ଼ତ୍ୟା**, ପି: ଜଗବନ୍ଧୁ ବାଡ଼ତ୍ୟା, ଭଞ୍ଜନଗର / ୨୫୨୮୦୬୧୦୦୨୪୭୩୭ | ଟ. ୨୫,୦୦୦/- + ଲାଗୁ ହୋଇନଥିବା ସୁଧ | ୨୪.୯୦ |
| ୮. | **ରୁନୁ ଗୌଡ଼**, ସ୍ୱା: ରବି ନାରାୟଣ ଗୌଡ଼, ମାଙ୍କଡ଼କୁମ୍ପା, ଲେମ୍ବା, ଭଞ୍ଜନଗର / ୨୫୨୮୦୬୧୦୦୩୩୨୨୭ | ଟ. ୮୦,୦୦୦/- + ଲାଗୁ ହୋଇନଥିବା ସୁଧ | ୩୦.୬୦ |
| ୯. | **ସୁଶାନ୍ତ କୁମାର ସ୍ୱାଇଁ**, ପି: ଯୁଧିଷ୍ଠିର ସ୍ୱାଇଁ, ବାହାଡ଼ପଦର, ଭଞ୍ଜନଗର / ୨୫୨୮୦୬୧୦୦୩୨୩୭୪ | ଟ. ୪୦,୦୦୦/- + ଲାଗୁ ହୋଇନଥିବା ସୁଧ | ୧୬.୦୦ |
| | **ଗୋପାଳପୁର ଶାଖା, ଗୋପାଳପୁର, ଓଡ଼ିଶା — ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀମତୀ ପ୍ରତିଭା ଭାରତୀ ସାନବର୍ଷା, ଫୋନ୍ ନଂ. ୮୯୧୭୩୯୯୭୨୮** | | |
| ୧. | **ନରେଶ ଚନ୍ଦ୍ର ବେହେରା**, ପି: ଖଗେଶ୍ୱର ବେହେରା, ହରିପୁର, ଗୋପାଳପୁର / ୨୧୫୦୦୬୧୦୦୨୬୭୬୨ | ଟ. ୪୧,୦୦୦/- + ଲାଗୁ ହୋଇନଥିବା ସୁଧ | ୧୬.୬୫ |
| | **ସୁହାଗପୁର ଶାଖା, ଫକିର ସାହି, ନୟାହାଟ, ପୁରୀ — ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଦିବ୍ୟଲୋଚନ ସାହୁ, ଫୋନ୍ ନଂ. ୭୮୯୪୩୩୫୨୬୭** | | |
| ୧. | **ମାନସ ଓଝା**, ପି: ଗୋଲେଖ ଓଝା, ସା-ଫକିର ସାହି, ସୁହାଗପୁର / ୨୪୬୧୦୬୧୦୦୧୩୬୮୭ | ଟ. ୧୨,୦୦୦/- + ଲାଗୁ ହୋଇନଥିବା ସୁଧ | ୧୦.୪୦ |
| | **ଫୁଲବାଣୀ ଶାଖା, ଫୁଲବାଣୀ, ଜିଲ୍ଲା-କନ୍ଧମାଳ — ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ନିର୍ମଳ କୁମାର ଦିଗଲ, ଫୋନ୍ ନଂ. ୯୪୩୯୩୧୩୬୦୫** | | |
| ୧. | **ସୁଧାଂଶୁ ମୋହନ ମହାନ୍ତି**, ପି: ସୁରେନ୍ଦ୍ରନାଥ ମହାନ୍ତି, ଆଇ.ସି.ଆଇ.ସି.ଆଇ ଲେନ୍, ମେନ୍ ରୋଡ୍, ଫୁଲବାଣି/ ୦୮୧୩୦୬୧୦୦୧୯୫୧୧ | ଟ. ୪,୯୬,୧୬୩/- + ଲାଗୁ ହୋଇନଥିବା ସୁଧ | ୧୬୮.୮୦ |
| ୨. | **ଅକ୍ଷୟ କୁମାର ନାୟକ**, ପି: ସୁଧର ନାୟକ, ସା-ନଦୀଖଣ୍ଡି ସାହି, ଫୁଲବାଣି / ୦୮୧୩୦୬୧୦୦୧୯୨୫୨ | ଟ. ୨୫,୯୬୩/- + ଲାଗୁ ହୋଇନଥିବା ସୁଧ | ୯.୭୦ |
| ୩. | **ରେଣୁକା ଦେହୁରୀ**, ପି: ସେବତୀ ଦେହୁରୀ, ନଦୀଖଣ୍ଡି ସାହି, ଫୁଲବାଣି / ୦୮୧୩୦୬୧୦୦୧୯୪୫୦ | ଟ. ୨୦,୦୦୦/- + ଲାଗୁ ହୋଇନଥିବା ସୁଧ | ୯.୦୦ |
| | **ମାଲକାନଗିରି ଶାଖା, ବସ ଷ୍ଟାଣ୍ଡ ନିକଟ, ଜିଲ୍ଲା-ମାଲକାନଗିରି — ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ସିମାଞ୍ଚଳ ଗାମ୍ପା, ଫୋନ୍ ନଂ. ୮୦୯୩୫୯୦୭୫୬** | | |
| ୧. | **କେ. ବାଲାରାଜୁ**, ପି: କେ ରତ୍ନାଲୁ, ଚିଦାନନ୍ଦ ସାହି, ମାଲକାନାଗିରି / ୩୦୨୯୦୬୧୦୦୦୧୪୭୯ | ଟ. ୭୩,୫୦୦/- + ଲାଗୁ ହୋଇନଥିବା ସୁଧ | ୨୬.୬୫ |
| | **ଜାଆଁଳା ଶାଖା, ଜାଆଁଳା, ଜିଲ୍ଲା-ଖୋର୍ଦ୍ଧା — ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ସୁତପ ପଟ୍ଟନାୟକ, ଫୋନ୍ ନଂ. ୮୭୬୩୬୮୨୩୨୧** | | |
| ୧. | **ସଚିନ କୁମାର ରାଉତ**, ପି: ଲକ୍ଷ୍ମଣ ରାଉତ, ଗଙ୍ଗପଡ଼ା, ଖୋର୍ଦ୍ଧା / ୧୫୭୯୦୬୧୦୦୧୫୪୧୪ | ଟ. ୮୪,୯୦୦.୫୪ + ଲାଗୁ ହୋଇନଥିବା ସୁଧ | ୩୦.୦୫ |
| | **ଫିରିଙ୍ଗିଆ ଶାଖା, ଫିରିଙ୍ଗିଆ, ଜିଲ୍ଲା-କନ୍ଧମାଳ — ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଭବାନୀଶଙ୍କର ମିଶ୍ର, ଫୋନ୍ ନଂ. ୯୪୩୮୨୧୨୦୩୨** | | |
| ୧. | **ଅମୂଲ୍ୟ ସାହାଣୀ**, ପି: ଜୟିଶର ସାହାଣୀ, ଡିମିରିଗୁଡ଼ା, ଫିରିଙ୍ଗିଆ / ୧୦୩୬୦୬୧୦୦୧୫୪୪୫ | ଟ. ୩୫,୩୮୨.୨୦ + ଲାଗୁ ହୋଇନଥିବା ସୁଧ | ୧୫.୨୦ |
| ୨. | **ଅନିରୁଦ୍ଧ ଦିଗଲ**, ପି: ଗଦାଧର ଦିଗଲ, ଖଜୁରୀପଡ଼ା, ଫିରିଙ୍ଗିଆ / ୧୦୩୬୦୬୧୦୦୧୪୯୯୮ | ଟ. ୫୦,୪୧୩/- + ଲାଗୁ ହୋଇନଥିବା ସୁଧ | ୧୯.୦୦ |
| ୩. | **ସୁବାଷ ଚନ୍ଦ୍ର ଦିଗଲ**, ପି: ଚତୁର୍ଭୁଜ ଦିଗଲ, ଖଜୁରୀପଡ଼ା, ଫିରିଙ୍ଗିଆ / ୧୦୩୬୦୬୧୦୦୧୪୭୨୪ | ଟ. ୪୦,୦୦୦/- + ଲାଗୁ ହୋଇନଥିବା ସୁଧ | ୧୫.୦୦ |
| ୪. | **ବିଦ୍ୟାଧର କହ୍ନାର**, ପି: ଦୟିଲି କହ୍ନାର, ପଙ୍ଗା, ସଦିଙ୍ଗିଆ, ଫିରିଙ୍ଗିଆ / ୧୦୩୬୦୬୧୦୦୧୪୯୧୨ | ଟ. ୨୫,୦୦୦/- + ଲାଗୁ ହୋଇନଥିବା ସୁଧ | ୧୬.୭୦ |
| | **ରାଇକିଆ ଶାଖା, ରାଇକିଆ, ଜିଲ୍ଲା-କନ୍ଧମାଳ — ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଭୁଷଣ ଶବର, ଫୋନ୍ ନଂ. ୯୪୩୭୪୫୯୨୮୦** | | |
| ୧. | **ଅନନ୍ତ ଦିଗଲ**, ପି: ତ୍ରିନାଥ ଦିଗଲ, କରଦା, ରାଇକିଆ / ୦୮୧୦୦୬୧୦୦୧୬୦୧୫ | ଟ. ୪୦,୦୦୦/- + ଲାଗୁ ହୋଇନଥିବା ସୁଧ | ୧୧.୦୦ |
| ୨. | **ପୂର୍ଣ୍ଣମାଳା ଦିଗଲ**, ସ୍ୱା: ପ୍ରଦିମାନ ଦିଗଲ, ଅଲଙ୍ଗକୂପ, ଲୁମିନଗିଆ, ରାଇକିଆ / ୦୮୧୦୦୬୧୦୦୧୬୫୬୫ | ଟ. ୩୦,୦୦୦/- + ଲାଗୁ ହୋଇନଥିବା ସୁଧ | ୮.୫୦ |
| ୩. | **ଚନ୍ଦନ ପ୍ରଧାନ**, ପି: ରେଜିନା ପ୍ରଧାନ, ରାଜେଶିପାଟ, ଗୁନ୍ଧାଣି, ରାଇକିଆ / ୦୮୧୦୦୬୧୦୦୧୬୮୮୬ | ଟ. ୩୦,୦୦୦/- + ଲାଗୁ ହୋଇନଥିବା ସୁଧ | ୧୦.୦୦ |
| ୪. | **ସୁନେଲି ନାୟକ**, ପି: ମାସେସ ନାୟକ, ପଡ଼ିଶିଳା, ରାଇକିଆ / ୦୮୧୦୦୬୧୦୦୧୩୦୬୯ | ଟ. ୨୪,୦୦୦/- + ଲାଗୁ ହୋଇନଥିବା ସୁଧ | ୧୩.୧୧ |
| | **ବଡ଼ଖୋଲି ଶାଖା, ବଡ଼ଖୋଲି, ଭାୟା-ଆସ୍କା, ବ୍ରହ୍ମପୁର — ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଦେବବ୍ରତ ପ୍ରଧାନ, ଫୋନ୍ ନଂ. ୭୭୪୯୦୦୦୮୭୮** | | |
| ୧. | **ତ୍ରିଲୋଚନ ବାଡ଼ତ୍ୟା**, ପି: ଶ୍ୟାମଘନ ବାଡ଼ତ୍ୟା, ଭେଟନଇ, ଗଞ୍ଜାମ / ୧୧୬୦୦୬୧୦୦୨୪୯୭୩ | ଟ. ୧,୩୪,୦୦୦/- + ଲାଗୁ ହୋଇନଥିବା ସୁଧ | ୪୬.୧୭ |
| ୨. | **ତ୍ରିଲୋଚନ ବାଡ଼ତ୍ୟା**, ପି: ଶ୍ୟାମଘନ ବାଡ଼ତ୍ୟା, ଭେଟନଇ, ଗଞ୍ଜାମ /୧୧୬୦୦୬୧୦୦୨୫୭୭୨ | ଟ. ୩୭,୦୦୦/- + ଲାଗୁ ହୋଇନଥିବା ସୁଧ | ୧୩.୩୦ |
| | **ବିଦ୍ୟୁତ ମାର୍ଗ ଶାଖା, ବିଦ୍ୟୁତ୍ ମାର୍ଗ, ଶିକ୍ଷା ସୁଦ୍ଧା (ଓପିଇପିଏ), ୟୁନିଟ୍-୫, ଭୁବନେଶ୍ୱର — ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀମତୀ ସୌମ୍ୟା ସୁଚରିତା ପଟ୍ଟନାୟକ, ଫୋନ୍ ନଂ. ୮୭୬୩୯୯୨୯୪୦** | | |
| ୧. | **ଗୋଲେଖ ଚନ୍ଦ୍ର ସାହୁ**, ପି: ଧନେଶ୍ୱର ସାହୁ, ଘର ନଂ. ୨ଆର୍‌ଏ-୨୮/୬, ଓଏମ୍‌ସି କଲୋନୀ, ୟୁନିଟ୍-୮, ଭୁବନେଶ୍ୱର/୨୦୭୪୦୬୧୦୦୧୩୨୩୬ | ଟ. ୮୧,୫୯୫/- + ଲାଗୁ ହୋଇନଥିବା ସୁଧ | ୨୯.୦୦ |
| | **କଲେଜ ଛକ ଶାଖା, କଲେଜ ଛକ, କଟକ — ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ସୁଦିପ୍ତ ମିଶ୍ର, ଫୋନ୍ ନଂ. ୮୦୧୮୩୫୫୬୧୪** | | |
| ୧. | **ଅନ୍ନପୂର୍ଣ୍ଣା ଦାସ**, ସ୍ୱା: ଅରୁଣ କୁମାର ଦାସ, ମଠସାହି, କଲେଜ ଛକ, କଟକ / ୦୨୪୫୦୬୧୦୦୨୨୭୪୦ | ଟ. ୬୬,୪୦୭/- + ଲାଗୁ ହୋଇନଥିବା ସୁଧ | ୨୩.୮୬ |
| ୨. | **ଅନ୍ନପୂର୍ଣ୍ଣା ଦାସ**, ସ୍ୱା: ଅରୁଣ କୁମାର ଦାସ, ମଠସାହି, କଲେଜ ଛକ, କଟକ /୦୨୪୫୦୬୧୦୦୧୪୭୬୯ | ଟ. ୬୫,୦୦୦/- + ଲାଗୁ ହୋଇନଥିବା ସୁଧ | ୨୪.୦୭ |
| ୩. | **ଅନ୍ନପୂର୍ଣ୍ଣା ଦାସ**, ସ୍ୱା: ଅରୁଣ କୁମାର ଦାସ, ମଠସାହି, କଲେଜ ଛକ, କଟକ / ୦୨୪୫୦୬୧୦୦୧୪୭୩୮ | ଟ. ୫୭,୦୦୦/- + ଲାଗୁ ହୋଇନଥିବା ସୁଧ | ୨୪.୫୦ |
| ୪. | **ରାଧାରାଣୀ ସାହୁ**, ସ୍ୱା: ଲକ୍ଷଭୂଷଣ ସାହୁ, ତେଲିସାହି, ରାଣିହାଟ, କଟକ / ୦୨୪୫୦୬୧୦୦୧୯୦୧୬ | ଟ. ୪୮,୫୦୦/- + ଲାଗୁ ହୋଇନଥିବା ସୁଧ | ୧୫.୯୮ |
| ୫. | **ଅଶୋକ କୁମାର ସ୍ୱାଇଁ**, ପି: ସ୍ୱର୍ଗତଃ ରତ୍ନାକର ସ୍ୱାଇଁ, ସର୍ବୋଲ, ନୂଆବଜାର, କଟକ / ୦୨୪୫୦୬୧୦୦୧୯୮୬୩ | ଟ. ୧,୫୪,୬୦୦/- + ଲାଗୁ ହୋଇନଥିବା ସୁଧ | ୪୬.୪୨ |
| ୬. | **ପୁଷ୍ପଲତା ପରିଡ଼ା**, ମାର୍ଫତ-ଅଶିତ କୁମାର ଜେନା, ନିଶ୍ଚିପୁର, ଘାସିପୁଟ, ବାଙ୍କି, କଟକ / ୦୨୪୫୦୬୧୦୦୧୯୨୦୭ | ଟ. ୨,୬୦,୦୦୦/- + ଲାଗୁ ହୋଇନଥିବା ସୁଧ | ୭୬.୬୭ |
| | **ସାତପାଟଣା ଶାଖା, ସାତପାଟଣା, ଦଶପଲ୍ଲା, ନୟାଗଡ଼ — ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ପି. କେ. ମିଶ୍ର , ଫୋନ୍ ନଂ. ୯୧୨୩୮୧୭୭୨୪** | | |
| ୧. | **ପିଙ୍କି ପ୍ରଧାନ**, ସ୍ୱା: ସୁରେଶ ପରିଡ଼ା, ଖମାର ସାହି, ସୁବାଳୟ, ଦଶପଲ୍ଲା / ୦୪୦୦୦୬୧୦୦୨୬୫୫୭ | ଟ. ୪୭,୦୦୦/- + ଲାଗୁ ହୋଇନଥିବା ସୁଧ | ୧୪.୨୦ |
| ୨. | **ପ୍ରଭାତି ବାରିକ**, ସ୍ୱା: ଦିପକ ବାରିକ, ଜଗପୁର ରୋଡ୍, ସିମିଳି ସାହି, ଦଶପଲ୍ଲା / ୦୪୦୦୦୬୧୦୦୨୭୦୩୫ | ଟ. ୬୮,୦୦୦/- + ଲାଗୁ ହୋଇନଥିବା ସୁଧ | ୨୬.୪୦ |
| ୩. | **ଦୁଷ୍ମନ୍ତ ପ୍ରଧାନ**, ପି: ପ୍ରାଣବନ୍ଧୁ ପ୍ରଧାନ, ଖମାର ସାହି, ସୁବାଳୟ, ଦଶପଲ୍ଲା / ୦୪୦୦୦୬୧୦୦୨୭୦୮୦ | ଟ. ୬୨,୦୦୦/- + ଲାଗୁ ହୋଇନଥିବା ସୁଧ | ୧୯.୮୦ |
| ୪. | **ରମେଶ ମଳିକ**, ପି: କାଶିନାଥ ମଳିକ, ଉଦୁଦା, ପୋଖରୀଗୋଛା, ଦଶପଲ୍ଲା / ୦୪୦୦୦୬୧୦୦୧୯୧୯୧ | ଟ. ୨୫,୦୦୦/- + ଲାଗୁ ହୋଇନଥିବା ସୁଧ | ୧୩.୨୦ |
| ୫. | **ଶାରସ୍ୱତ ନାୟକ**, ପି: ଋଷି ନାୟକ, ଭାଗମୁଣ୍ଡା, ଜାମୁସାହି, ବାଣିଗୋଛା, ଦଶପଲ୍ଲା / ୦୪୦୦୦୬୧୦୦୧୮୮୬୬ | ଟ. ୧୨,୦୦୦/- + ଲାଗୁ ହୋଇନଥିବା ସୁଧ | ୧୩.୪୦ |
| ୬. | **ଭରତ ନାଏକ**, ପି: କାର୍ତ୍ତିକ ନାଏକ, କେ.ସି. ପାଟଣା, ସାତପାଟଣା / ୦୪୦୦୦୬୧୦୦୧୮୪୭୭ | ଟ. ୨୪,୦୦୦/- + ଲାଗୁ ହୋଇନଥିବା ସୁଧ | ୧୨.୪୦ |
| ୭. | **ଭରତ ନାଏକ**, ପି: କାର୍ତ୍ତିକ ନାଏକ, କେ.ସି. ପାଟଣା, ସାତପାଟଣା / ୦୪୦୦୦୬୧୦୦୨୦୩୪୦ | ଟ. ୨୩,୦୦୦/- + ଲାଗୁ ହୋଇନଥିବା ସୁଧ | ୧୯.୩୦ |
| ୮. | **ସୁଜାତା ଦାସ**, ସ୍ୱା: ଅନନ୍ତ ଦାସ, ଆରସାହି, ସୁବାଳୟ, ଦଶପଲ୍ଲା / ୦୪୦୦୦୬୧୦୦୨୧୦୬୪ | ଟ. ୨୭,୬୧୪/- + ଲାଗୁ ହୋଇନଥିବା ସୁଧ | ୧୫.୩୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡ଼ିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**
୧. ବ୍ୟାଙ୍କ ଅଳଙ୍କାର / କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨. ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ ।
୩. **ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡ଼ିବ ।**
୪. ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି (ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର **୨୫%** ଅମାନତ ରାଶି ରୂପେ ଜମା କରିବେ ।
୫. ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାର ଗୁଡ଼ିକ ପ୍ରଦାନ କରାଯିବ ।
୬. ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ ।
୭. ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮. କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୩୦.୦୭.୨୦୨୨ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ 'ୱାଟର କିଏସ୍କ'ର ଉଦ୍‌ଘାଟନ, କପିଳେଶ୍ୱର ମନ୍ଦିର ନିକଟ, ପୂର୍ବାହ୍ନ ୧୦ଟା।
- ଅକ୍ଷୟ ସ୍ୱାଇଁଙ୍କ କବିତା ସଂକଳନ 'ଛାୟାମଞ୍ଚ'ର ପାଠକାର୍ପଣ, ସିଫା ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା ୩୦।
- 'ରଜନୀର ସଙ୍ଗୀତ ଓ ଅନ୍ୟାନ୍ୟ କବିତା' ପୁସ୍ତକର ଉନ୍ମୋଚନ ସମାରୋହ, ପାଲହାଇଟ୍ ହୋଟେଲ୍ ନିକଟ କ୍ୱାଣ୍ଟପ୍ ଲିପ୍‌ଠାରେ, ସନ୍ଧ୍ୟା ୬ଟା।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ୧୮୧ତମ ଆଲୋଚନାଚକ୍ର, ଭାରତୀୟ ବିଦ୍ୟାଭବନ ସଭାଗୃହ, ସନ୍ଧ୍ୟା ୬ଟା ୧୫।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ମିଳିତ ସହଯୋଗରେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଆଧାର କରି ଶ୍ରୀଜଗନ୍ନାଥ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଶୀ ଡ୍ୟାନ୍ସର୍ସ କାଉନ୍‌ସିଲ୍ ପକ୍ଷରୁ ଅଣ୍ଡର ସିକ୍ସ୍‌ଟିନ୍ ଓଡ଼ିଶୀ ଡ୍ୟାନ୍ସ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ପୁରୀ

- ଉଦିମ ଫାଉଣ୍ଡେଶନ ପକ୍ଷରୁ ଚାରାରୋପଣ, ତାଳବଣିଆ, ସକାଳ ୭ଟା।
- ଅନନ୍ୟା କଳା ମନ୍ଦିର ପକ୍ଷରୁ ରକ୍ତଦାନ ଶିବିର, ବଳଗଣ୍ଡି ହାଇସ୍କୁଲ, ପୂର୍ବାହ୍ନ ୯ଟା।
- ରାମକୃଷ୍ଣ ମଠ ପକ୍ଷରୁ ଯୁବ ସମ୍ମିଳନୀ, ରାମକୃଷ୍ଣ ମଠ, ସିଟି ରୋଡ, ପୂର୍ବାହ୍ନ ୯ଟା ୩୦।
- ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ, ଅଠରନଳା, ପୂର୍ବାହ୍ନ ୧୧ଟା।
- ସୁଧା ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା, ସଂସ୍କୃତ ଭବନ, ପୂର୍ବାହ୍ନ ୧୧ଟା।
- ପରିଦର୍ଶକର ୧୫ତମ ପ୍ରତିଷ୍ଠା ଦିବସ ଆଲୋଚନାଚକ୍ର ଅନାଦି ବ୍ରହ୍ମର ସ୍ୱରୂପ, ସଂସ୍କୃତ ଭବନ, ସନ୍ଧ୍ୟା ୬ଟା।

## ଦିବ୍ୟାଙ୍ଗଙ୍କୁ ମାଡ଼ ମାରି ଜେଲ ଗଲେ ଅଭିଯୁକ୍ତ

**ନିମାପଡ଼ା,୩୦।୭(ଡି.ଏନ୍.ଏ.):** ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ମାଡ ମାରିବା ସହ ତାଙ୍କ ମା'ଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଶନିବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ପାଟପୁର ଗ୍ରାମର ସର୍ବେଶ୍ୱର ଭୋଇ(୪୦)। ପୋଲିସ ଏନେଇ ଏକ ମାମଲା (ନଂ. ୨୫୮/୨୨) ରୁଜୁ କରି ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ସର୍ବେଶ୍ୱରଙ୍କୁ ବିଚାର ବିଭାଗୀୟ ଜେଲକୁ ପଠାଇଦିଆଯାଇଛି। ସୂଚନା ମୁତାବକ, ଉକ୍ତ ଗ୍ରାମର ଦିବ୍ୟାଙ୍ଗ ମହେନ୍ଦ୍ର ନାୟକ ଶୁକ୍ରବାର ଅପରାହ୍ନରେ ଘର ପଛପଟ ନଦୀବନ୍ଧକୁ ଝାଡାଯାଇଥିଲେ। ସେହି ସମୟରେ ସର୍ବେଶ୍ୱର ପଛପଟୁ ଯାଇ ମହେନ୍ଦ୍ରଙ୍କୁ ବାଇକ୍‌ରେ ଧକ୍କା ଦେଇଥିଲେ। ମହେନ୍ଦ୍ର ଏହାର ପ୍ରତିବାଦ କରିବାରୁ ସର୍ବେଶ୍ୱର କ୍ରୋଧାନ୍ୱିତ ହୋଇ ଏକ ଲୁହା ରଡ୍‌ରେ ତାଙ୍କୁ ମାଡ ମାରିଥିଲେ। ଖବରପାଇ ମହେନ୍ଦ୍ରଙ୍କ ମା' ସୌଦାମିନୀ ଏବଂ ତାଙ୍କ ପୁତୁରା ଘଟଣା ସ୍ଥଳରେ ପହଞ୍ଚି ମହେନ୍ଦ୍ରଙ୍କୁ ରକ୍ଷା କରିବାରୁ ଉଦ୍ୟମ କରୁଥିଲେ। ସର୍ବେଶ୍ୱର ସୌଦାମିନୀଙ୍କୁ ଅସଦାଚରଣ କରି ମାଡ ମାରି ଟଣାଓଟରା କରିବା ସହ ତାଙ୍କ ବେକରୁ ରୁପା ଚେନ୍ ଛଡାଇ ନେଇଥିଲେ। ଏଥିସହ ପୁତୁରା ସୁରେନ୍ଦ୍ରଙ୍କୁ ମଧ ମାଡ ମାରି ସେଠାରୁ ଖସି ପଳାଇଥିଲେ। ଏ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କଲେ ସୌଦାମିନୀ ଏବଂ ମହେନ୍ଦ୍ରଙ୍କୁ ଜୀବନରୁ ମାରିଦେବେ ବୋଲି ସର୍ବେଶ୍ୱର ଧମକ ଦେଇଥିଲେ। ମହେନ୍ଦ୍ରଙ୍କ ମୁଣ୍ଡ ଫାଟିଯାଇଥିବାରୁ ତାଙ୍କ ମା' ଏବଂ ପୁତୁରା ତାଙ୍କୁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ଏନେଇ ସୌଦାମିନୀ ଶୁକ୍ରବାର ଥାନାରେ ଅଭିଯୋଗ କରିଥିଲେ।

# ବିଶ୍ୱ ସମସ୍ୟା, ସମାଧାନ ନେଇ ଆଲୋଚନା

### ସରିଲା ସାଇମୁନ୍ ୨୦୨୨

### ମତ ରଖିଲେ ୬ ଦେଶର ୭୨୦ରୁ ଅଧିକ ଅତିଥି

ଭୁବନେଶ୍ୱର, ୩୦।୭(ବ୍ୟୁରୋ)

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍ ଦ୍ୱାରା ଆୟୋଜିତ ପୂର୍ବ ଭାରତର ସର୍ବବୃହତ ଯୁବ ସମାବେଶ ୟୁନାଇଟେଡ୍ ନେଶନ୍ସ(ସାଇମୁନ୍)ର ଦଶମ ସଂସ୍କରଣ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଏହି ସମ୍ମିଳନୀର ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍ ଅଧିବେଶନରେ ଭାରତ ସମେତ ୬ଟି ଦେଶର ୭୨୦ରୁ ଅଧିକ ଅତିଥି ଯୋଗଦେଇଥିଲେ। ବିଶ୍ୱର ପ୍ରମୁଖ ସମସ୍ୟା ଓ ତାହାର ସମାଧାନ ଉପରେ ଆଲୋଚନା ପର୍ଯ୍ୟାଲୋଚନା କରାଯାଇଥିଲା।

ସମ୍ମିଳନୀକୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରି କହିଥିଲେ, ବିଶ୍ୱ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଦେଶର ଛାତ୍ରୀଛାତ୍ର ଏକତ୍ରିତ ହେବା ନିଶ୍ଚିତ ରୂପେ ସେମାନଙ୍କୁ କେବଳ ସାମ୍ପ୍ରତିକ ପରିସ୍ଥିତି ବିଷୟରେ ଅବଗତ କରାଇବ ତାହା ନୁହେଁ ବରଂ ସେମାନଙ୍କ ମଧ୍ୟରେ ନେତୃତ୍ୱ ଓ ସମସ୍ୟା ସମାଧାନର କୌଶଳ ସୃଷ୍ଟି କରିବ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଯୋଗଦେଇ କହିଲେ, ବିଶ୍ୱ ପାଇଁ ନୂତନ ତଥା ଯୁବ ନେତୃତ୍ୱର ଆବଶ୍ୟକତା ରହିଛି, ଯେଉଁମାନେ ବିଶ୍ୱ ସମସ୍ୟାର ସମାଧାନ ରାସ୍ତାକୁ ସରଳ କରିପାରିବେ। ପରିବେଶ ସୁରକ୍ଷା ବିଶ୍ୱର ଏକ ବଡ଼ ସମସ୍ୟା ରୂପେ ଉଭା ହୋଇଛି। ଏହାର ବିଶ୍ୱସ୍ତରୀୟ ସମାଧାନ ପାଇଁ ଏହିପରି ନେତାମାନେ ଆଗେଇ ଆସିବା ଦରକାର। ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ସମସ୍ତ ପ୍ରତିନିଧି ଓ ଅତିଥିଙ୍କୁ ଅଭିନନ୍ଦନ ଜଣାଇବା ସହ ଯୁବପିଢ଼ିଙ୍କ ଏହି ପ୍ଲାଟ୍‌ଫର୍ମ ବିଶ୍ୱ ସମସ୍ୟାର ସମାଧାନ କରିବାରେ ସହାୟକ ହେବ ବୋଲି କହିଥିଲେ।

ଏହି କାର୍ଯ୍ୟକ୍ରମରେ ବିଶ୍ୱର ୧୫ଟି ରାଉଣ୍ଡ୍ ସ୍କୋୟାର ସ୍କୁଲ ଛାତ୍ରୀଛାତ୍ରଙ୍କ ସହ ଓଡ଼ିଶାର ୧୪ ଜିଲାର ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ର ଏବଂ ଭୁବନେଶ୍ୱର ଶ୍ରୀହର୍ଷ ମେମୋରିଆଲ୍ ମୂକ ବଧିର ସ୍କୁଲର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ନେତୃତ୍ୱ ଗଢ଼ିବା, ଆପୋସ କଥାବାର୍ତ୍ତା ମାଧ୍ୟମରେ ପୃଥିବୀର ବିଭିନ୍ନ ସମସ୍ୟାର ସମାଧାନର ଉପାୟ ବାହାର କରିବା, ପରସ୍ପର ମଧ୍ୟରେ ସମ୍ପର୍କ ବୃଦ୍ଧି କରିବା ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା। ପରେ ବିଭିନ୍ନ ସମସ୍ୟାର ସମାଧାନର ସରଳ ଉପାୟ ଜାତିସଂଘର ମୁଖ୍ୟ କାର୍ଯ୍ୟାଳୟକୁ ପ୍ରେରିତ କରାଯାଇଥିଲା। 'ବସୁଧୈବ କୁଟୁମ୍ବକମ୍', ସାରା ବିଶ୍ୱ ଗୋଟିଏ ପରିବାର ଶୀର୍ଷକ ବାର୍ତ୍ତା ନେଇ ସାଇମୁନ୍‌ର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନେ ବିଦାୟ ନେଇଥିଲେ। ଏହି ଅବସରରେ ସ୍କୁଲର ସିନିୟର ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ, ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲର ହେଡ୍‌ମାଷ୍ଟର ଅମିତାଭ୍ ଅଗ୍ନିହୋତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଓ ଅନ୍ୟମାନେ ।



**ପୁରୀ:** ଶ୍ରୀଗୁଣ୍ଡିଚା ମନ୍ଦିରକୁ ଶନିବାର ବିଳମ୍ବିତ ରାତିରେ ରଥଚକା ସ୍ଥାନାନ୍ତର କରାଯାଉଛି।

## ଧରାପଡ଼ିଲେ ଚମ୍ପଟ କଏଦୀ

କଟକ ଅଫିସ, ୩୦।୭

କଟକସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲରୁ ଚମ୍ପଟ ମାରିଥିବା ଜଣେ କଏଦୀଙ୍କୁ ମଙ୍ଗଳାବାଗ ପୋଲିସ ଶନିବାର ଭୁବନେଶ୍ୱର ଉପକଣ୍ଠ ପୁରୀ ବାଇପାସ୍‌ସ୍ଥିତ ସାଇମନ୍ଦିର ନିକଟରୁ କାବୁ କରିଛି। ସେ ହେଲେ କୋରାପୁଟ ବୈପାରୀଗୁଡା ଥାନା ଅଞ୍ଚଳର ମୁକୁ ଶାନ୍ତା। ସେ ଏକ ହତ୍ୟା ମାମଲାରେ ଗିରଫ ହୋଇ କୋରାପୁଟ ଜେଲରେ ଥିଲେ। ପ୍ରାୟ ୧ ବର୍ଷ ହେବ ତାଙ୍କୁ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ସେ ଗଳା କର୍କଟ ରୋଗରେ ପୀଡିତ ଥିଲେ। ଚିକିତ୍ସା ଲାଗି ତାଙ୍କୁ ଗୁରୁବାର ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ସେ ସେଠାରୁ ଚମ୍ପଟ ମାରିଥିଲେ। ଚୌଦ୍ୱାର ଜେଲ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏ ନେଇ ମଙ୍ଗଳାବାଗ ଥାନାରେ ଏତଲା ଦିଆଯାଇଥିଲା। ତେବେ କଏଦୀକୁ କାବୁ ପରେ ପୁଣି ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଥାନାଧିକାରୀ ଅମିତାଭ ମହାପାତ୍ର କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସୂର୍ଯ୍ୟକାନ୍ତ


@ ଆଦିତ୍ୟ


@ ରଞ୍ଜନ


@ ଶ୍ରୀମା


@ ଦିଲ୍ଲୀପ


@ ସନ୍ଦୀପ

# ବମ୍ବେର କଳାକାରଙ୍କୁ ନେଇ ପ୍ରଦର୍ଶିତ ହେବ ୭ ନାଟକ

### ଅଗଷ୍ଟ ୫ରେ ୱାନ୍ ଅନ୍ ୱାନ୍

ଭୁବନେଶ୍ୱର,୩୦।୭ (ବ୍ୟୁରୋ)

ଗୋଟିଏ ଦିନରେ ଦେଖିବାକୁ ମିଳିବ ୭ଟି ନାଟକ। ବମ୍ବେର ରେଗ୍ ପ୍ରଡକ୍ସନ ପକ୍ଷରୁ ଏହି କ୍ଷୁଦ୍ର ନାଟକଗୁଡିକର ପ୍ରଯୋଜନା ଓ ନିର୍ଦ୍ଦେଶନା ଦିଆଯାଇଛି। ଜେନ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ନାଟକ ଭିତ୍ତିକ କାର୍ଯ୍ୟକ୍ରମ ୱାନ୍ ଅନ୍ ୱାନ୍ ଅଗଷ୍ଟ ୫ତାରିଖରେ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ସନ୍ଧ୍ୟା ୬.୩୦ରୁ ଆରମ୍ଭ ହେବ। ବମ୍ବେର ୬ଜଣ ଜଣାଶୁଣା କଳାକାର ଏଥିରେ ଅଭିନୟ କରିବେ। ବ୍ରଜେଶ ହିର୍ଜେ, ରଜିତ କପୁର, ଗଙ୍ଗଦେବ ରିଆର, ସୁମିତ ବ୍ୟାସ, ଶିଳ୍ପା ତାଲସାନିଆ, ଅସିମ ହାତନଗଡି ପ୍ରମୁଖ କଳାକାର ସନ୍ଧ୍ୟାର ଆକର୍ଷଣ ସାଜିବେ। ପ୍ରଦର୍ଶିତ ହେବାକୁ ଥିବା ଏହି ୭ଟି କ୍ଷୁଦ୍ର ନାଟକ ଦର୍ଶକଙ୍କୁ ଭିନ୍ନ ଅନୁଭୂତି ଆଣିଦେବ। ଜଣେ ଆମେରିକାନ ଦେଶୀ ବୟ ବିବାହ ପାଇଁ କନ୍ୟାକୁ ଭେଟିବାକୁ ଆସିଛନ୍ତି। ହେଲେ ଏଠାକାର ପରିବେଶ ଏବଂ ସ୍ଥିତି ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଏହାକୁ ନେଇ 'ଗେମ୍ , ସେଟିଙ୍ଗ ଆଣ୍ଡ ମ୍ୟାଚ୍' ନାଟକ ପ୍ରସ୍ତୁତ ହୋଇଛି।୧୩ମିନିଟ ଅବଧିର ଏହି ନାଟକ ଇଂଲିଶ ଭାଷାରେ ପ୍ରଦର୍ଶିତ ହେବ। ଇଂରାଜୀ ନାଟକ 'ଡିଅର ରିଚାର୍ଡ' ରେ ଜଣେ କ୍ରୋଧିତ ଏୟାରଲାଇନ ଯାତ୍ରୀ ଭର୍ଜିନ ଏୟାରଲାଇନର ମାଲିକଙ୍କୁ ବିମାନରେ ଉପଲବ୍ଧ ଥିବା ଅଖାଦ୍ୟ ସମ୍ପର୍କରେ ଚିଠି ଲେଖିଛନ୍ତି। ଏହାର ସମୟ ୧୦ ମିନିଟ ରହିଛି। ହିନ୍ଦୀ ନାଟକ 'ଟିସି ରାସ୍‌ବେହାରି' ୧୩ ମିନିଟରେ ଦେଖିବାକୁ ମିଳିବ ଟିକେଟ କଲେକ୍ଟର ରାସବେହାରିଙ୍କୁ ରାଗ କାହିଁକି ଆସେ। ସେ ଅତୀତରେ ବହୁତ ଥର ଚାପୁଡ଼ା ଖାଇଛନ୍ତି। ହେଲେ ଆଜି ସେ ଦୁଃଖିତ କାରଣ ଏହା ତାଙ୍କର ଦୋଷ ନୁହେଁ ବୋଲି ସେ ଭାବୁଛନ୍ତି। ସେହିପରି ହିନ୍ଦୀ ନାଟକ 'ମଜ୍‌ନୁ'ରେ ଦୁଇ ଜଣ ଭାରତୀୟ ସୈନିକ ବର୍ଡର(ସୀମା)ରେ କଥାବାର୍ତ୍ତା ମଧ୍ୟରେ କିଭଳି ସେମାନଙ୍କ ମଧ୍ୟରେ ସମ୍ପର୍କ ବଢ଼ିଛି ସେନେଇ ୧୪ମିନିଟ୍‌ରେ ପ୍ରଦର୍ଶିତ ହେବ। ସେହିପରି ୧୪ମିନିଟ୍ ଅବଧିର ହିନ୍ଦୀ ଏବଂ ଇଂରାଜୀ ନାଟକ 'ଦୁଲ୍ହନିୟା'ରେ ଗୁରପ୍ରୀତ ନାମକ ଜଣେ କନ୍ୟା ତାଙ୍କର ୭ବର୍ଷର ପୁରୁଷ ବନ୍ଧୁଙ୍କୁ ବାହା ହେବାକୁ ଯାଉଛନ୍ତି। ଏହି ସମୟରେ ଉଭୟଙ୍କ ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତର ସମ୍ପର୍କକୁ ନେଇ ବିଭିନ୍ନ ପ୍ରଶ୍ନ ପଚାରୁଛନ୍ତି। ଏଥିସହ ୧୪ମିନିଟ ଅବଧିର ହିନ୍ଦୀ ଏବଂ ଇଂରାଜୀ 'ଖୁନ୍ ପଶିନା ଆକ୍ସନ' ନାଟକ ପ୍ରଦର୍ଶିତ ହେବ। ଏଥିରେ ଜଣେ ପ୍ରଯୋଜକ ପ୍ରଥମ ଥର ପାଇଁ ଗୋଟିଏ ବଡ଼ ବଜେଟର ବଲିଉଡ୍ ମୁଭି ପ୍ରସ୍ତୁତ କରିବାକୁ ଯାଉଛନ୍ତି। ସେ ଏହାକୁ କିଭଳି ପ୍ରସ୍ତୁତ କରିବେ ତାକୁ ନେଇ କାହାଣୀର ବିଷୟବସ୍ତୁ ରହିଛି। ଏହି ସବୁ ନାଟକର ଅବଧି ଖୁବ୍ କମ୍ ସମୟ ଥିବାରୁ ଦର୍ଶକମାନେ ଭିନ୍ନ ଭିନ୍ନ ଧରଣର ୭ଟି ନାଟକକୁ ବେଶ୍ ଉପଭୋଗ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଦୈନିକ ଖବରକାଗଜ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସହଯୋଗୀ ପାର୍ଟନର ରହିଛନ୍ତି।




## 'ଦି କଲିଜିଏଟ୍ ଏ ରୋଲ୍ ମଡେଲ' ବୃତ୍ତଚିତ୍ର ପ୍ରଦର୍ଶିତ

ଭୁବନେଶ୍ୱର,୩୦।୭ (ବ୍ୟୁରୋ)

ରେଭେନ୍‌ଶା କଲିଜିଏଟ୍ ସ୍କୁଲ୍ ଉପରେ ନିର୍ମିତ ବୃତ୍ତଚିତ୍ର ବା ଡକ୍ୟୁମେଣ୍ଟାରି ଫିଲ୍ମ 'ଦି କଲିଜିଏଟ୍ ଏ ରୋଲ୍ ମଡେଲ' ଶନିବାର ସୂଚନା ଭବନଠାରେ ପ୍ରଦର୍ଶିତ ହୋଇଯାଇଛି। ପ୍ରଯୋଜିକା ତଥା ଆଇନଜୀବୀ ମିଳନ ଦାଶ ଏହାର ନିର୍ଦ୍ଦେଶନା ଓ ପ୍ରଯୋଜନା ଦେଇଛନ୍ତି। ସ୍ୱାଧୀନତା ପୂର୍ବ ଓ ପରବର୍ତ୍ତୀ ଯଶସ୍ୱୀ ବ୍ୟକ୍ତିମାନଙ୍କ ଉପରେ ଏହା ଆଧାରିତ ହୋଇଛି । ଏଠାରେ ପଢ଼ିଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଉତ୍କଳ ଗୌରବ ମଧୁସୂଦନ ଦାସ, କର୍ମବୀର ଗୌରୀ ଶଙ୍କର ରାୟ, ରାଧାନାଥ ରଥ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ, ପଦ୍ମଶ୍ରୀ ରଜତ କର, ପଦ୍ମବିଭୂଷଣ ପ୍ରାଣକୃଷ୍ଣ ପରିଜାଙ୍କ ଭଳି ବ୍ୟକ୍ତିବିଶେଷଙ୍କ ଚରିତ୍ରକୁ ଫିଲ୍ମରେ ସ୍ଥାନିତ କରାଯାଇଛି। ଏହି ଅବସରରେ ଅତିଥି ତଥା ପୁରାତନ ଛାତ୍ର ହାଇକୋର୍ଟର ବିଚାରପତି ବିଶ୍ୱନାଥ ରଥ ଓ ଆଦିତ୍ୟ ମହାପାତ୍ର, ବାରବାଟୀ ବିଧାୟକ ମହମ୍ମଦ ମୋକିମ୍, ଆଇନ ବିଶ୍ୱବିଦ୍ୟାଳୟ କୁଳପତି କମଲଜିତ୍ ସିଂ ଏବଂ ଓଡିଶା ଶିକ୍ଷା ବିଭାଗର ବୋର୍ଡ ନିର୍ଦ୍ଦେଶକ ରାମାଶିଷ ହାଜରା ଯୋଗଦେଇ ରେଭେନ୍‌ଶା କଲିଜିଏଟ୍ ସ୍କୁଲର ସେ ପୁରୁଣା ଦିନକୁ ମନେପକାଇଥିଲେ। ରେଭେନ୍‌ଶା କଲିଜିଏଟ୍ ସ୍କୁଲକୁ ଚିତ୍ର ନିର୍ମାଣରେ ସହଯୋଗ କରିଥିବା ଛାତ୍ରସଂଘକୁ ପ୍ରଯୋଜନା ସଂସ୍ଥା ତରଫରୁ ସମ୍ମାନିତ କରାଯାଇଥିଲା। ଆଜାଦୀ କା ଅମୃତ ମହୋତ୍ସବକୁ ମନେରଖିବା ପାଇଁ ଶେଷରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ କରାଯାଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍କୁଲର ପୁରାତନ ଶିକ୍ଷୟିତ୍ରୀ ପ୍ରମିଳା ଜେନା ଓ ନାଲ୍‌କୋର ପୂର୍ବତନ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ମହାନ୍ତି ସହଯୋଗ କରିଥିଲେ। ଆଇନଜୀବୀ ଦାଶ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



ଭୁବନେଶ୍ୱର ଗୀତଗୋବିନ୍ଦ ସଦନଠାରେ ଶନିବାର ଅନୁଷ୍ଠିତ 'ବିଶେଷ ଖବର'ର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।



ରେଭେନ୍‌ଶା କଲିଜିଏଟ୍ ସ୍କୁଲ୍ ଉପରେ ନିର୍ମିତ ଡକ୍ୟୁମେଣ୍ଟାରୀ ଫିଲ୍ମ 'ଦି କଲିଜିଏଟ୍ ଏ ରୋଲ୍ ମଡେଲ'ର ପ୍ରଦର୍ଶନ ଅବସରରେ ଭୁବନେଶ୍ୱର ସୂଚନା ଭବନଠାରେ ଅତିଥିଙ୍କ ସହ ପୁରାତନ ଛାତ୍ରୀଛାତ୍ର।

## ଟ୍ରକ ଧକ୍କାରେ ଯୁବକ ମୃତ

ଖୁଣ୍ଟୁଣୀ,(ଡି.ଏନ୍.ଏ.)- ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଭୋଗରା ଗ୍ରାମ ପୋତା ପୋଖରୀଠାରେ ଶୁକ୍ରବାର ରାତି ପ୍ରାୟ ୮ଟାରେ ଏକ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆଠଗଡ଼ ଟାଉନ୍ ରଥଗଡାର ଗଣେଶ୍ୱର ପ୍ରଧାନ। ଅପରାହ୍ନରେ ସେ ଘରୁ ଖୁଣ୍ଟୁଣୀ ଗୋଲେଇ ଛକ ନିକଟକୁ କାମ କରିବାକୁ ଆସିଥିଲେ। ସେଠାରୁ ସେ ଚାଲି ଚାଲି ଘରକୁ ଫେରିବାବେଳେ ପଛରୁ ଏକ ଟ୍ରକ ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଜନ୍ମଦିନରେ ବାବୁସାନଙ୍କୁ ଜେରା

## ବାବୁସାନ୍-ତୃପ୍ତି-ପ୍ରକୃତି ବିବାଦ

- ଥାନା ଆଗରେ ପ୍ରଶଂସକଙ୍କ ଜମିଲା ଭିଡ଼
- ମାମଲା ପ୍ରତ୍ୟାହାର କରିବେ ତୃପ୍ତି: ରବି ମିଶ୍ର
- ବୁଝାମଣା ହୋଇଯାଉ: ମନ୍ମଥ ମିଶ୍ର

ଭୁବନେଶ୍ୱର,(ବ୍ୟୁରୋ) ୩୦।୭

ଅଭିନେତା ବାବୁସାନ୍ ମହାନ୍ତି, ସ୍ତ୍ରୀ ତୃପ୍ତି ଏବଂ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ମଧ୍ୟରେ ହୋଇଥିବା ବିବାଦକୁ ନେଇ ଚର୍ଚ୍ଚା ଲାଗି ରହିଥିବାବେଳେ କମିଶନରେଟ ପୋଲିସ ଏହି ମାମଲାକୁ ନେଇ ତଦନ୍ତ ଜାରି ରଖିଛି। ଶନିବାର ଜନ୍ମଦିନରେ ପ୍ରଥମ ଥର ପାଇଁ ପୋଲିସ ଜେରାର ସାମ୍ନା କରିଛନ୍ତି ବାବୁସାନ। ଖାରବେଳନଗର ଥାନା ପୋଲିସ ବାବୁସାନଙ୍କୁ ୪୫ ମିନିଟରୁ ଅଧିକ ସମୟ ଜେରା କରି ଏକାଧିକ ତଥ୍ୟ ହାସଲ କରିଛି। ବାବୁସାନ୍ ଦିନ ପ୍ରାୟ ୧ଟାରେ ମା’ ଅପରାଜିତା ଓ ବନ୍ଧୁ ରବି ମିଶ୍ରଙ୍କ ସହ ଥାନାକୁ ଆସିଥିଲେ। ଥାନା ପରିସରରେ ବାବୁସାନ୍‌ଙ୍କୁ ଦେଖିବାକୁ ପ୍ରଶଂସକଙ୍କ ଭିଡ଼ ଜମିଥିଲା।

ରାସ୍ତାରେ ଯେଉଁ ଲୋକ ଯାଉଥିଲେ ସେମାନେ ମଧ୍ୟ ଅଟକି ଯାଉଥିଲେ। ତେବେ ପଚରାଉଚରା ପରେ ୧ଟା ୫୦ରେ ଥାନାରୁ ବାବୁସାନ୍ ଫେରିଥିଲେ। ହେଲେ ବାବୁସାନ୍ ଥାନାକୁ ଆସିବା କିମ୍ବା ଫେରିବା ସମୟରେ ଗଣମାଧ୍ୟମ ନିକଟରେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ଏନେଇ ଖାରବେଳନଗର ଥାନାଧିକାରୀ ଅରୁଣ କୁମାର ସ୍ୱାଇଁ ଗଣମାଧ୍ୟମକୁ କହିଛନ୍ତି, ୨ଟି ମାମଲାର ତଦନ୍ତରେ ଯାହା ଆବଶ୍ୟକ ସେହି ଅନୁସାରେ ବାବୁସାନ୍‌ଙ୍କୁ ପଚରାଉଚରା କରାଯାଇଥିଲା। ବାବୁସାନ୍ ଜେରାରେ ସହଯୋଗ କରିଥିଲେ। ଏହା ଏକ ପାରିବାରିକ ସମସ୍ୟା। ସେମାନେ ସଚେତନ ଅଛନ୍ତି ଏବଂ ପ୍ରତିଷ୍ଠିତ ମଧ୍ୟ। ତେଣୁ ତାଙ୍କ ପରିବାର ପାଇଁ କେଉଁଟା ମଙ୍ଗଳ ହେବ ସେମାନେ ତାହା କରିବେ। ମାମଲାର ତଦନ୍ତ ଚାଲୁ ରହିଛି। ମାମଲାର ସମସ୍ତ ଦିଗକୁ ଆମେ ଅନୁଶୀଳନ କରିସାରିବା ପରେ ଯାହା ଆଇନତଃ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଥାନାଧିକାରୀ ସ୍ୱାଇଁ କହିଛନ୍ତି।

ଅନ୍ୟପଟେ ଏହି ଘଟଣା ପରବର୍ତ୍ତୀ ସମୟରେ କେଉଁ ମୋଡ଼ ନେବ ବାବୁସାନ୍‌ଙ୍କ ପ୍ରଶଂସକମାନେ ଚାହିଁ ରହିଛନ୍ତି। ସେପଟେ ଏହି ବିବାଦ ସମାଧାନ ହୋଇପାରେ ବୋଲି ସୂଚନା ମିଳୁଛି। କାରଣ ସ୍ତ୍ରୀ ତୃପ୍ତି ଶତପଥୀ ମାମଲାକୁ ପ୍ରତ୍ୟାହାର କରିନେବେ ବୋଲି ବାବୁସାନଙ୍କ ପାରିବାରିକ ବନ୍ଧୁ ରବି ମିଶ୍ର ଗଣମାଧ୍ୟମକୁ କହିଛନ୍ତି। ତେଣୁ ପ୍ରକୃତିଙ୍କ ସହ ସମ୍ପର୍କକୁ ନେଇ ଛିଡ଼ା ହୋଇଥିବା ବିବାଦ ଥମିବାର ସମ୍ଭାବନା ସୃଷ୍ଟି ହୋଇଛି। ରବି ମିଶ୍ର କହିଛନ୍ତି, ସମାଧାନର ବାଟ ପୂରା ବାହାରି ପଡ଼ିଲା। ଖୁବଶୀଘ୍ର ସମାଧାନ ହେବ। ବାବୁସାନ୍‌ଙ୍କ ବିରୋଧରେ ତୃପ୍ତି ଯେଉଁ ଅଭିଯୋଗ ଆଣିଥିଲେ ତାକୁ ପ୍ରତ୍ୟାହାର କରିବେ। ଅନ୍ୟପକ୍ଷରେ ତୃପ୍ତିଙ୍କ ପକ୍ଷରୁ ଏନେଇ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ। ସେପଟେ ଶନିବାର ବାବୁସାନ୍‌ଙ୍କ ଜନ୍ମଦିନ ହୋଇଥିବାରୁ ବରମୁଣ୍ଡାସ୍ଥିତ ଜଗନ୍ନାଥ ବିହାରସ୍ଥିତ ଘରେ ଫ୍ୟାନଙ୍କ ଭିଡ଼ ଜମିଥିଲା। ଓଲିଉଡ୍‌ର ଏକାଧିକ କଳାକାର ବାବୁସାନ୍‌ଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇବାକୁ ଆସିଥିଲେ। ବାବୁସାନ୍ ଘର ବାଲ୍‌କୋନିକୁ କିଛି ସମୟ ପାଇଁ ଆସି ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇଥିଲେ। ସେପଟେ ପ୍ରକୃତିଙ୍କ ବାପା ମନ୍ମଥ ମିଶ୍ର ବାବୁସାନ୍‌ଙ୍କୁ ଗଣମାଧ୍ୟମ ଜରିଆରେ ଦୀର୍ଘାୟୁ ଭବ ବୋଲି କହିଛନ୍ତି। ଏଥିସହ ମନ୍ମଥ କହିଛନ୍ତି, ଦୁଃଖର କଳାବାଦଲ ହଟିଯାଇଛି। ବାବୁସାନ୍‌ଙ୍କ ପରିବାର ମଧ୍ୟରେ ବୁଝାମଣା ହୋଇଯାଉ। ଯଦି ସେମାନେ ମାମଲା ଉଠାଇ ନିଅନ୍ତି ଆମେ ବି ମାମଲା ଉଠାଇ ନେବୁ ବୋଲି ସେ କହିଛନ୍ତି।



ବାବୁସାନ ପୋଲିସ ସୁରକ୍ଷା ବଳୟ ମଧ୍ୟରେ ଥାନାକୁ ଯାଉଛନ୍ତି।

### ଫ୍ୟାନଙ୍କ ଗହଣରେ ଜନ୍ମଦିନ ପାଳିଲେ ବାବୁସାନ



ପ୍ରକୃତିଙ୍କ ସହ ସମ୍ପର୍କକୁ ନେଇ ବିବାଦକୁ ଆସିଥିବା ଅଭିନେତା ବାବୁସାନଙ୍କ ଜନ୍ମଦିନ ଏଥର ଆଡ଼ମ୍ବର ସହକାରେ ପାଳନ ହୋଇ ନ ପାରେ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଶନିବାର ରାତିରେ ବରମୁଣ୍ଡା ଜଗନ୍ନାଥବିହାରସ୍ଥିତ ଘର ପରିସରରେ ଫ୍ୟାନ୍ ଓ କିଛି ଅଭିନେତାଙ୍କ ଗହଣରେ ବାବୁସାନ୍ କେକ୍ କାଟି ଜନ୍ମଦିନ ପାଳିଛନ୍ତି। ଜନ୍ମଦିନ ପାଳନ ସମୟରେ ସ୍ତ୍ରୀ ତୃପ୍ତି ଶତପଥୀ ଆସି ନ ଥିଲେ। କେକ୍ କାଟିବା ସମୟରେ ମା’ ଅପରାଜିତା ମହାନ୍ତି, ପ୍ରଶଂସକ ଓ ଅନ୍ୟ କଳାକାରମାନେ ଉପସ୍ଥିତ ଥିଲେ। ତୃପ୍ତି ନ ଆସିବା ଘଟଣାକୁ ନେଇ ବାବୁସାନ୍ ଗଣମାଧ୍ୟମକୁ କହିଛନ୍ତି, ଜନ୍ମଦିନ ପାଳନ ଲାଗି ସିନା ଆସିଲେନି। କିନ୍ତୁ ମୋ ମନରେ ସବୁବେଳେ ଅଛନ୍ତି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ୧୨ ହସ୍ତକଳାକୁ ଜିଆଇ ପଞ୍ଜୀକରଣ କରାଯିବ

ଭୁବନେଶ୍ୱର, ୩୦।୭(ବ୍ୟୁରୋ) - ରାଜ୍ୟରେ ଏବେ ତିନୋଟି ହସ୍ତକଳା ଜିଆଇ ରେଜିଷ୍ଟ୍ରେଶନ ହୋଇସାରିଛି। ସେଗୁଡ଼ିକ ହେଲା ପିପିଲି ଚାନ୍ଦୁଆ, କୋଣାର୍କ ପଥର ଖୋଦେଇ ଏବଂ ଓଡ଼ିଶା ପଟ୍ଟଚିତ୍ର। ଏସବୁକୁ ଜିଆଇ ରେଜିଷ୍ଟ୍ରି ପକ୍ଷରୁ ମଞ୍ଜୁରୀ ମିଳିସାରିଛି। ଆଉ ଦୁଇଟି ହସ୍ତକଳା କଟକର ଚାନ୍ଦୁଆ ଓ ସବାଇ ଘାସ ପାଇଁ ଜିଆଇ ପଞ୍ଜୀକରଣ କରାଯାଇଥିଲେ ମଧ ମଞ୍ଜୁରୀ ଅପେକ୍ଷାରେ ରହିଛି। ତେବେ ଓଡ଼ିଶା ପିତ୍ତଳ କଳାକୃତିର ଜିଆଇ ପଞ୍ଜୀକରଣ ପାଇଁ ଡକ୍ୟୁମେଣ୍ଟେଶନ ଓ ରିସର୍ଚ୍ଚ କାମ ସରିଯାଇଛି। ଖୁବ୍‌ଶୀଘ୍ର ପଞ୍ଜୀକରଣ କରାଯିବ। ସେହିଭଳି ଆଉ ୧୨ ହସ୍ତକଳାକୁ ଜିଆଇ ପଞ୍ଜୀକରଣ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ହସ୍ତକଳା ନିର୍ଦ୍ଦେଶାଳୟ ପକ୍ଷରୁ ପୁରୀ ପେପର ମୁଖା, ଢେଙ୍କାନାଳ ନଡ଼ା(ଷ୍ଟ୍ର କ୍ରାଫ୍ଟ), ବାଲେଶ୍ୱର ଲାଖ, ଓଡ଼ିଶା ଢୋକ୍ରା, ନୀଳଗିରି ପଥର ଖୋଦେଇ/ବାସନକୁସନ, ପିତ୍ତଳ ମାଛ, ବରଗଡ଼ ବରପାଲିର ଟେରାକୋଟା ଆଦି ୭ଟି ହସ୍ତକଳା ଏବଂ ଟେକ୍ସଟାଇଲ କମିଟି ପକ୍ଷରୁ ବଲାଙ୍ଗୀର ଧାନରେ ପ୍ରସ୍ତୁତ ହସ୍ତକଳା, ସୁବର୍ଣ୍ଣପୁର ଟେରାକୋଟା, ଗଜପତି ସିଂଘ କାରିଗରି, ନବରଙ୍ଗପୁର ଲାଖ ବକ୍ସ, ପୁରୀ ତାଳପତ୍ର ପୋଥିଚିତ୍ର ଆଦି ୫ଟି ହସ୍ତକଳାକୁ ଜିଆଇ ପଞ୍ଜୀକରଣ କରାଯିବ। ଏ ନେଇ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ଅବଗତ କରାଯାଇଛି।

### ୨୭ ଏସ୍ଆଇଙ୍କ ବଦଳି

କଟକ ଅଫିସ, ୩୦।୭- କମିଶନରେଟ ପୋଲିସ ପକ୍ଷରୁ କଟକ ୟୁପିଡିରେ ଥିବା ବିଭିନ୍ନ ଥାନାର ୨୭ ଜଣ ସବ୍ ଇନ୍ସପେକ୍ଟର(ଏସ୍ଆଇ)ଙ୍କ ବଦଳି କରାଯାଇଛି ମହାନଦୀବିହାର ଫାଣ୍ଡି ଏସ୍ଆଇ ନରେନ୍ଦ୍ର କୁମାର ପରିଡାଙ୍କୁ ଗୋଡିସାହି ଫାଣ୍ଡିକୁ ବଦଳି କରାଯାଇଛି। ସେହିପରି ପୁରୀଘାଟ ଥାନା ଏସ୍ଆଇ ମହେଶ୍ୱର ବେହେରାଙ୍କୁ ମହାନଦୀବିହାର ଫାଣ୍ଡି, ସିଆର୍ଆର୍ଆଇ ଫାଣ୍ଡି ଏସ୍ଆଇ ଦିଲୀପ କୁମାର ସାହୁଙ୍କୁ ମାଲଗୋଦାମ ଥାନା, ଚୌଦ୍ୱାର ଥାନା ଏସ୍ଆଇ ତପସ୍ୱିନୀ କାନୁନ୍‌ଗୋ ଓ ପାର୍ଥ ପ୍ରତିମ ବେଉରାଙ୍କୁ ମାଧୁପାଟଣା ଥାନାକୁ ବଦଳି କରାଯାଇଛି।

ଏହିଭଳି ଭାବେ ୨୭ ଜଣ ଏସ୍ଆଇଙ୍କ ବଦଳି କରାଯାଇଥିବା ନେଇ କମିଶନରେଟ୍ ପୋଲିସ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି।

### ବିଜେବି କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣା

### ରୁଚିକାଙ୍କ ଶ୍ରେଣୀରେ ଉପସ୍ଥାନ ଯାଞ୍ଚ କଲେ ମା’

ଭୁବନେଶ୍ୱର,୩୦।୭(ବ୍ୟୁରୋ): ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୩ ଛାତ୍ରୀ ରୁଚିକା ମହାନ୍ତି ରାଗିଂ ସହି ନ ପାରି ଜୁଲାଇ ୨ରେ କାରୁବାକି ହଷ୍ଟେଲରେ ଆତ୍ମହତ୍ୟା କରିଥିଲେ। ଝିଅକୁ ନ୍ୟାୟ ଦାବିରେ ପରିବାର ଲୋକେ ଓ ବିଭିନ୍ନ ସଂଗଠନ ପକ୍ଷରୁ କଲେଜ ଫାଟକ ସାମ୍ନାରେ ଧାରଣା ଦିଆଯାଇଥିଲା। ଏପରି କି ରୁଚିକାଙ୍କୁ ନ୍ୟାୟ ଦେବାକୁ ନବନିର୍ମାଣ ଯୁବ ଛାତ୍ର ସଙ୍ଗଠନ ଓ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ମଧ ଦିଆସରିଛି। ହେଲେ ଘଟଣାକୁ ଇତିମଧ୍ୟରେ ୨୭ ଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ ସମ୍ପୃକ୍ତ ୩ ସିନିୟରଙ୍କ ପତ୍ତା ଏଯାବତ୍ ପାଇପାରିନାହିଁ। ଅପରପକ୍ଷରେ ରୁଚିକାଙ୍କ ପରିବାର ଝିଅର ଆତ୍ମହତ୍ୟା ପଛର କାରଣ ଖୋଜିବାକୁ ପ୍ରୟାସ ଜାରି ରଖିଛନ୍ତି। ରୁଚିକାଙ୍କ ମା’ ଶନିବାର କଲେଜ କର୍ତ୍ତୃପକ୍ଷଙ୍କୁ ଭେଟି ଝିଅର ଉପସ୍ଥାନ ଚେକ୍ କରିଛନ୍ତି। ଖରାଛୁଟି ପରେ ରୁଚିକା ଅଧିକାଂଶ ସମୟ ଶ୍ରେଣୀରେ ଅନୁପସ୍ଥିତ ରହୁଥିଲେ ବୋଲି ସୂଚନା ଦେଇଛନ୍ତି କଲେଜ ଅଧକ୍ଷ ନିରଞ୍ଜନ ମିଶ୍ର। ଜୁନ ୧ରୁ ୧୬ ତାରିଖ ପର୍ଯ୍ୟନ୍ତ ଖରାଛୁଟି ରହିଥିବାରୁ ୧୯ରେ ରୁଚିକା ହଷ୍ଟେଲକୁ ଆସିଥିଲେ। କିନ୍ତୁ ଜୁଲାଇ ୨ରେ କାରୁବାକି ହଷ୍ଟେଲ ରୁମ୍‌ରେ ଆତ୍ମହତ୍ୟା କରିଥିଲେ। ରୁଚିକା ଘରୁ ଖୁସିରେ ଆସିଥିବାବେଳେ ଏମିତି କ’ଣ ହେଲା ଯେ, ୧୦ ଦିନ ଭିତରେ ସେ ଶ୍ରେଣୀକୁ ଯାଉ ନ ଥିଲେ। ଯଦି ରୁଚିକା ଶ୍ରେଣୀକୁ ଯାଉ ନ ଥିଲେ ତାହେଲେ ଏ ବାବଦରେ ଘର ଲୋକଙ୍କୁ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ କାହିଁକି ଜଣାଉ ନ ଥିଲେ ବୋଲି ରୁଚିକାଙ୍କ ମା’ କଲେଜ ଅଧକ୍ଷଙ୍କୁ ପ୍ରଶ୍ନ କରିଥିଲେ। ସେପଟେ ରୁଚିକାଙ୍କ ଆତ୍ମହତ୍ୟା ପରେ କାରୁବାକି ହଷ୍ଟେଲର ଆସିଷ୍ଟାଣ୍ଟ ମାଟ୍ରନ ସସ୍ମିତା ଡାକୁଆଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ କାର୍ଯ୍ୟରୁ ଅବ୍ୟାହତ ଦେଇଛନ୍ତି କଲେଜ ଅଧକ୍ଷ। ତେଣୁ ପ୍ରକୃତ ଦୋଷୀ କଲେଜ ଅଧକ୍ଷ ଓ ସୁପରିଣ୍ଟେଣ୍ଡେଣ୍ଟ। ଏଣୁ ଏମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରୁଚିକାଙ୍କ ମା’ ବିଦ୍ୟୁତପ୍ରଭା ମହାନ୍ତି ଦାବି କରିଥିବାବେଳେ ନବ ନିର୍ମାଣ ଛାତ୍ର ସଂଗଠନ ଆନ୍ଦୋଳନ ଚେତାବନୀ ଦେଇଛି।

## 'ହାଲ୍'ରେ ୧୮.୭୫ କୋଟି ହଡ଼ପ ମାମଲା

### ୭ ଅଭିଯୁକ୍ତଙ୍କ ୨.୩୯ କୋଟି ଜବତ କଲା ଇଡି

ଭୁବନେଶ୍ୱର, ୩୦।୭(ବ୍ୟୁରୋ)

ଜାଲ୍ କାଗଜପତ୍ରରେ କୋରାପୁଟ ଜିଲା ସୁନାବେଡ଼ାସ୍ଥିତ ହିନ୍ଦୁସ୍ଥାନ ଏରୋନଟିକ୍ ଲିମିଟେଡ୍ (ହାଲ୍)ରେ ୧୮.୭୫ କୋଟି ଅର୍ଥ ହଡ଼ପ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମୁଖ୍ୟ ଅଭିଯୁକ୍ତ ମ୍ୟାନେଜର ଭବେନ ମିତ୍ର, ବିପ୍ର ଚରଣ ମହାରଣା, ସଦାନନ୍ଦ ନାୟକ, ଜିସୁଦନ ଖୋସାଲ, ଜୟରାମ ଗରଡା, ଜଗନ୍ନାଥ ଆପଟ ଏବଂ ସ୍ୱର୍ଗତ ଉଦ୍ଧବ ଖୋସାଲଙ୍କ ସମେତ ୭ ଜଣଙ୍କ ୨ କୋଟି ୩୯ ଲକ୍ଷ ୩୮ ହଜାର ୬୮୧ ଟଙ୍କାର ସମ୍ପତ୍ତିକୁ ଇଡି ଆଟାଚ୍ କରିଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଠିକାଦାର ଏବଂ ହାଲ୍‌ର କର୍ମଚାରୀ ଥିଲେ। ପ୍ରିଭେନ୍‌ଶନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମ୍ଏଲ୍ଏ), ୨୦୦୨ ଅନୁଯାୟୀ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଇଡି ଶନିବାର ପ୍ରେସ ବିଜ୍ଞପ୍ତି ଜାରି କରି ସୂଚନା ଦେଇଛି।

ଇଡିର ସୂଚନା ଅନୁଯାୟୀ, ଜେନରାଲ ମ୍ୟାନେଜର (ଫାଇନାନ୍ସ) ଥିବା ଭାବେନ ମିତ୍ର ଠକେଇ ଘଟଣାର ମାଷ୍ଟରମାଇଣ୍ଡ ଥିଲେ। ସେ ଏକାଧିକ କଣ୍ଟ୍ରାକ୍ଟର ଏବଂ ଶ୍ରମିକଙ୍କ ଜାଲ୍ ଦସ୍ତଖତ ମାଧ୍ୟମରେ ୨୦୧୩ରୁ ୨୦୧୮ ପର୍ଯ୍ୟନ୍ତ ଜାଲ୍ ବିଲ୍ ପ୍ରସ୍ତୁତ କରି ୧୮.୭୫ କୋଟି ଅର୍ଥ ହଡ଼ପ କରିଥିଲେ। ଏନେଇ ହାଲ୍ କର୍ତ୍ତୃପକ୍ଷଙ୍କ ଅଭିଯୋଗକ୍ରମେ ସିବିଆଇ ମାମଲା ରୁଜୁ କରି ୭ ଅଭିଯୁକ୍ତଙ୍କ ବିରୋଧରେ ତଦନ୍ତ କରିଥିଲା। ଏହାପରେ ଏହି ଘଟଣାକୁ କେନ୍ଦ୍ର କରି ବେଆଇନ୍ ଅର୍ଥ କାରବାରକୁ ନେଇ ଇଡି ନିଜ ଆଡୁ ଅଭିଯୁକ୍ତଙ୍କ ବିରୋଧରେ ଆଇପିସି ଦଫା ୧୨୦(ବି), ୪୦୯, ୪୨୦, ୪୬୭, ୪୬୮, ୪୭୧ ଏବଂ ଦୁର୍ନୀତି ନିରୋଧୀ ଆଇନର ଦଫା ୧୩(୨) ଏବଂ ୧୩(୧)ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା।

# ବିଧାନସଭା ସମ୍ମୁଖରେ ଦମ୍ପତିଙ୍କ ଆତ୍ମାହୁତି ଉଦ୍ୟମ

ଭୁବନେଶ୍ୱର,୩୦।୭(ବ୍ୟୁରୋ)

ଥାନାକୁ ଦୌଡ଼ି ନିରାଶ ହେଲେ। ଥାନାଧିକାରୀ ନ୍ୟାୟ ଦେବା ବଦଳରେ ଥାନାରୁ ତଡ଼ିଦେଲେ। ଜିଲା ପ୍ରଶାସନ ମଧ୍ୟ ଶୁଣିଲା ନାହିଁ। ଶେଷରେ ଗଞ୍ଜାମ ଜିଲାର ଏକ ଦମ୍ପତି ଭୁବନେଶ୍ୱର ଚାଲି ଆସି ଧାରଣା ଦେଇଥିଲେ। ହେଲେ ଏଠାରୁ ମଧ ନ୍ୟାୟ ମିଳିବା ଆଶା

### ଥାନାରୁ ମିଳିଲାନି ନ୍ୟାୟ

ହରାଇବା ପରେ ଶନିବାର ବିଧାନସଭା ସମ୍ମୁଖରେ ଦେହରେ କିରୋସିନ ଢ଼ାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ଉପସ୍ଥିତ ସୁରକ୍ଷାକର୍ମୀମାନେ ସେମାନଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଆହତ ଦମ୍ପତି ହେଲେ ବୁଗୁଡ଼ା ଥାନାଞ୍ଚଳର ବସନ୍ତ ସାହୁ ଓ ତାଙ୍କ ସ୍ତ୍ରୀ ରୀତା। କ୍ୟାପିଟାଲ ଥାନା ପୋଲିସ ସେମାନଙ୍କୁ ପଚରାଉଚରା କରିବା ସହ ସୁସ୍ଥ ହେବା ପରେ ଛାଡ଼ି ଦେଇଥିବା ଜଣାପଡିଛି।

ସୂଚନାଯୋଗ୍ୟ, ଜମିବାଡ଼ି ବିବାଦକୁ ନେଇ ବସନ୍ତଙ୍କ ଭାଇମାନେ ସେମାନଙ୍କୁ ନାନା ହଇରାଣ କରୁଛନ୍ତି। ଗଞ୍ଜାମ ଜିଲା ପ୍ରଶାସନ, ପୋଲିସର ନିଷ୍କ୍ରିୟତା ବିରୋଧରେ ଗତ ୧୫ଦିନ ଧରି ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଧାରଣାରେ ବସିଥିଲେ। ହେଲେ କୌଣସି ନ୍ୟାୟ ନ ମିଳିବାରୁ ଶନିବାର ଅପରାହ୍ନ ପ୍ରାୟ ୨ଟା ୫୦ରେ ସେମାନେ ହାତରେ କିରୋସିନ ବୋତଲ ଧରି ବିଧାନସଭା ଆଡକୁ ଚାଲି ଚାଲି ଯାଉଥିଲେ। ପୋଲିସ ଚାରିଆଡେ ପଇଁତରା ମାରୁଥିବା ସମୟରେ ସ୍ୱାମୀ-ସ୍ତ୍ରୀ ଦୁହେଁ କିରୋସିନ ଢ଼ାଳି ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ।



ଆତ୍ମାହୁତି ଉଦ୍ୟମ କରୁଥିବା ରୀତା ଓ ତାଙ୍କ ସ୍ୱାମୀ ବସନ୍ତଙ୍କୁ ପୋଲିସ ହେପାଜତକୁ ନେଉଛି।

## ଦୁଇ ଜଣଙ୍କୁ ୧୦ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ

### ବ୍ରାଉନ୍‌ସୁଗାର ଜବତ ମାମଲାରେ କୋର୍ଟ ରାୟ ପ୍ରକାଶ

ନିମାପଡ଼ା,୩୦।୭(ଡି.ଏନ୍.ଏ.)

ରାମଚଣ୍ଡୀ ଥାନା ଅଞ୍ଚଳରେ ଏକ ବ୍ରାଉନ୍‌ସୁଗାର ଜବତ ମାମଲାର ବିଚାର କରି ନିମାପଡ଼ା ଜିଲା ଅତିରିକ୍ତ ଦୌରାଜଜ୍ (ଏଡିଜେ) ଲୋକନାଥ ସାହୁ ଶନିବାର ୨ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଦେଇଛନ୍ତି। ଅଭିଯୁକ୍ତ ସୁକାନ୍ତ ସେଠୀଙ୍କୁ ଏନ୍‌ଡିପିଏସ୍ ଆକ୍ଟର ଦଫା ୨୧(ସି)ରେ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନା ପ୍ରଦାନ କରିଛନ୍ତି। ଜରିମାନା ଅନାଦାୟରେ ଅଧିକ ୨ବର୍ଷ କାରାଦଣ୍ଡ ଏବଂ ଦଫା ୨୯ରେ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା ଶୁଣାଇଛନ୍ତି। ଜରିମାନା ଅନାଦାୟ ଅଧିକ ୨ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସେହିପରି ଅନ୍ୟ ଜଣେ ଅଭିଯୁକ୍ତ ଦେବେନ୍ଦ୍ର ବିଶୋଇଙ୍କୁ ଏନ୍‌ଡିପିଏସ୍ ଦଫା ୨୯ରେ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡ, ୧ଲକ୍ଷ ଟଙ୍କା ଜରିମାନା ସହ ଜରିମାନା ଅନାଦାୟ କ୍ଷେତ୍ରରେ ଅଧିକ ୨ ବର୍ଷସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଉଭୟଙ୍କୁ ଏକକାଳୀନ ଦଣ୍ଡ ଭୋଗିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ବିଚାରବେଳେ ୬ ଜଣ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଦୋଷୀ ସାବ୍ୟସ୍ତ ହୋଇଥିବା ସୁକାନ୍ତ ସେଠୀ ଏବଂ ଦେବେନ୍ଦ୍ର ବିଶୋଇଙ୍କୁ ଜେଲକୁ ପଠାଯାଇଥିବାବେଳେ ପ୍ରମାଣ ଅଭାବରୁ ସମ୍ପୃକ୍ତ ଅନ୍ୟ ୪ଜଣଙ୍କୁ କୋର୍ଟ ନିର୍ଦ୍ଦେଶରେ ଖଲାସ କରାଯାଇଛି। ସୂଚନା ମୁତାବକ, ୨୦୨୦ ନଭେମ୍ବର ୨୪ରେ ରାମଚଣ୍ଡୀ ଥାନା ଅନ୍ତର୍ଗତ ବେଲେଶ୍ୱର ଛକଠାରେ ୬ ଜଣ ଯୁବକ ବ୍ରାଉନସୁଗାର କାରବାର କରିବାକୁ ଯୋଜନା ଚଳାଉଥିଲେ। ରାମଚଣ୍ଡୀ ଥାନା ଏସ୍ଆଇ ଶୁଭଲକ୍ଷ୍ମୀ କଅଁର ପାଟ୍ରୋଲିଂ କଲାବେଳେ ଖବରପାଇ ଚଢାଉ କରି ୬ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ପରେ ମୁଖ୍ୟ ଅଭିଯୁକ୍ତଙ୍କୁ ଛାଡି ବାକି ୫ଜଣ ଜାମିନରେ ଯାଇଥିଲେ। ତଦନ୍ତ ସମୟରେ ପୋଲିସ ଘଟଣାର ମୁଖ୍ୟ ଅଭିଯୁକ୍ତ ବ୍ରହ୍ମଗିରି ଅଞ୍ଚଳର ସୁକାନ୍ତଙ୍କଠାରୁ ୨୭ ଲକ୍ଷ ଟଙ୍କା ମୂଲ୍ୟ ୨୭୧ ଗ୍ରାମ ବ୍ରାଉନସୁଗାର ଓ କୁମ୍ଭାରପଡା ଥାନା ଅଞ୍ଚଳର ଦେବେନ୍ଦ୍ରଙ୍କଠାରୁ ୧୧୫୦ ଟଙ୍କା ଜବତ କରିଥିଲା। ମାମଲାକୁ ଅତିରିକ୍ତ ସରକାରୀ ଓକିଲ ସୀତାକାନ୍ତ ଦାସ ପରିଚାଳନା କରୁଥିଲେ।

## ମଲ୍ଲଗ୍ରାମ ଗାଁରେ ଝାଡ଼ାବାନ୍ତି, ୭ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ଗୋପ,୩୦।୭(ଡି.ଏନ.ଏ.)

ଗୋପ ବ୍ଲକ ଅନ୍ତର୍ଗତ ମଲ୍ଲଗ୍ରାମ ଗାଁରେ କିଛିଦିନ ହେବ ଝାଡ଼ାବାନ୍ତିରେ ୭ରୁ ଊର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଛନ୍ତି। ଖବରପାଇ ଶନିବାର ମଧ୍ୟାହ୍ନରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ଡାକ୍ତରୀ ଟିମ୍ ପହଞ୍ଚି ଆକ୍ରାନ୍ତମାନଙ୍କ ଚିକିତ୍ସା କରିଛନ୍ତି। ପ୍ରକାଶ ଯେ ମଲ୍ଲଗ୍ରାମରେ ଗତ କିଛିଦିନ ହେବ କେତେଜଣ ଲୋକ ବାରମ୍ବାର ଦେହ ଅସୁସ୍ଥ ହୋଇ ଜ୍ୱର ଲାଗି ରହିଥିଲା। ପରେ ଚିକିତ୍ସା କରିବାରୁ ଗ୍ରାମର ବାନାମ୍ବର କାଣ୍ଡି(୫୦), ରମା ଭୋଇ (୫୫), ପ୍ରବୀଣ କୁମାର କାଣ୍ଡି(୬୦)ଙ୍କ ସହିତ ଆଉ କେତେଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। କିଛି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ଆଉ କେତେଜଣ ପୁରୀ ସଦର ମେଡିକାଲ ଯାଇଥିବା ସୂଚନା ମିଳିଛି। ସେହିପରି ନିକଟରେ ଥିବା ବଡତରା ଗ୍ରାମର ସଞ୍ଜୁଲତା ମଲ୍ଲିକ (୫୫) ଓ ଅଚ୍ୟୁତପୁର ଗ୍ରାମର ଭାନୁମତୀ ବିଶ୍ୱାଳ(୭୦) ମଧ୍ୟ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଏପରି ଅଭିଯୋଗ ଆସିବା ପରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଜସ୍ମିନ ଆଫ୍ରୋଜ ଗୋଟିଏ ଡାକ୍ତରୀ ଦଳ ଗାଁଗୁଡିକୁ ପଠାଇବା ସହିତ ଆବଶ୍ୟକ ଔଷଧ ପତ୍ର ବଣ୍ଟନ କରିବା ସୂଚନା ଦେଇଛନ୍ତି। ଏଥିସହ ସମସ୍ତେ ପିଇବା ପାଣି ପ୍ରତି ଗୁରୁତ୍ୱ ଦେବାକୁ ଡ.ଜସ୍ମିନ ଆଫ୍ରୋଜ କହିଛନ୍ତି।



ସ୍ୱାସ୍ଥ୍ୟ ଅଧିକାରୀ ଟିମ୍ ଔଷଧ ବାଣ୍ଟିବା ସହ ସଚେତନ କରୁଛନ୍ତି।

# ହାଇକୋର୍ଟ ବୁଲିଲେ ଆଇନ ଛାତ୍ରୀଛାତ୍ର

- ବିଚାରପତି ଏସ୍.କେ. ପାଣିଗ୍ରାହୀଙ୍କ ସହ କଥା ହେଲେ
- ଜନସ୍ୱାର୍ଥ ମାମଲା ଶୁଣାଣିର ଭିଡିଓ କ୍ଲିପ ଦେଖିଲେ

କଟକ ଅଫିସ, ୩୦।୭

ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ୟୁନିଭର୍ସିଟି ଲ କଲେଜର ଛାତ୍ରୀଛାତ୍ର ଓ ଅଧ୍ୟାପକମାନେ ଶନିବାର ହାଇକୋର୍ଟ ପରିଦର୍ଶନ କରିଥିଲେ। ଏହି ଅବସରରେ ଓଡ଼ିଶା ଜୁଡିସିଆଲ ଏକାଡେମୀରେ ଆଇନଜୀବୀ ଓ ବିଚାରପତିଙ୍କ ପାଇଁ ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ସୂଚନା ଦିଆଯାଇଥିଲା। ଏହାପରେ ସେମାନେ ଓଡ଼ିଶା ଜୁଡିସିଆଲ ଏକାଡେମୀରେ ବିଚାରପତି ଏସ୍.କେ. ପାଣିଗ୍ରାହୀଙ୍କ ସହ କଥୋପକଥନ କରିଥିଲେ। ଏହି ସମୟରେ ପାଣିଗ୍ରାହୀ କହିଥିଲେ, ଓକିଲାତି ଏକ ମହାନ ଓ ଅଦ୍ୱିତୀୟ ବୃତ୍ତି। ଏଥିପାଇଁ କଠିନ ପରିଶ୍ରମର ଆବଶ୍ୟକତା ରହିଛି। ଛାତ୍ରୀଛାତ୍ରମାନେ ଭଲ ଓକିଲ ଓ ବିଚାରପତି ହେବା ନିମନ୍ତେ ସେମାନଙ୍କୁ ପ୍ରୋତ୍ସାହିତ କରିଥିଲେ।

ଛାତ୍ରୀଛାତ୍ରମାନେ ହାଇକୋର୍ଟ ପରିସରସ୍ଥିତ ହେରିଟେଜ୍ ବିଲ୍ଡିଂରେ ଥିବା ମୁଖ୍ୟ ବିଚାରପତିଙ୍କ କୋର୍ଟ ଏବଂ ଚାମ୍ବର ସହ ହାଇକୋର୍ଟର ନୂଆ ଭବନ, ବିଚାରପତିଙ୍କ ପୁସ୍ତକାଳୟ ଏବଂ ସମ୍ମିଳନୀ କକ୍ଷ ଦେଖିଥିଲେ। ବିଚାରପତିମାନଙ୍କ ଶପଥ ଗ୍ରହଣ ସମାରୋହର ଭିଡିଓ କ୍ଲିପ ଦେଖିବା ସହ ତାହାର ପ୍ରକ୍ରିୟା ବିଷୟରେ ସେମାନଙ୍କୁ କୁହାଯାଇଥିଲା। ଏଥିସହ ମୁଖ୍ୟ ବିଚାରପତିଙ୍କ କୋର୍ଟ ରୁମ୍‌ରେ ଏକ ଜନସ୍ୱାର୍ଥ ମାମଲା ଶୁଣାଣିର ଭିଡିଓ କ୍ଲିପ ସେମାନେ ଦେଖିଥିଲେ। ଏହାପରେ ଆଇନ ସେବା ଭବନରେ ଥିବା ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଓ ହାଇକୋର୍ଟର ମଧ୍ୟସ୍ଥତା କେନ୍ଦ୍ର ପରିଦର୍ଶନ କରିଥିଲେ। ଆଇନଜୀବୀ ସାଗରିକା ସାହୁ ଓ ଜଗଦୀଶ ବିଶ୍ୱାଳ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ନ୍ୟାୟିକ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ବିଷୟରେ କହିଥିଲେ। ସୂଚନାଯୋଗ୍ୟ, ୨୦୨୧ ଶିଶୁ ଦିବସ ଅବସରରେ ପ୍ରଥମ ଥର ପାଇଁ ହାଇକୋର୍ଟ ପରିସରକୁ ଛାତ୍ରୀଛାତ୍ରଙ୍କ ପରିଦର୍ଶନ ଲାଗି ଖୋଲା ଯାଇଥିଲା। ସେବେଠାରୁ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ସହ ଅନ୍ୟ ସଂସ୍ଥାର ଛାତ୍ରୀଛାତ୍ରମାନେ ହାଇକୋର୍ଟ, ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ଜୁଡିସିଆଲ ଏକାଡେମୀ ପରିଦର୍ଶନ କରିଛନ୍ତି।



ହାଇକୋର୍ଟ ପରିଦର୍ଶନରେ ଆସିଥିବା ୟୁନିଭର୍ସିଟ୍ ଲ’ କଲେଜର ଛାତ୍ରୀଛାତ୍ର।

## ସଂକ୍ଷେପରେ

### ପର୍ଯ୍ୟଟନ ପ୍ରଚାର: ୫ ବର୍ଷରେ ୧୪୬ କୋଟି ଖର୍ଚ୍ଚ

ଭୁବନେଶ୍ୱର,୩୦।୭(ବ୍ୟୁରୋ): ଗତ ୫ ବର୍ଷରେ ରାଜ୍ୟ ସରକାର ପର୍ଯ୍ୟଟନର ବିକାଶ ପାଇଁ ବିଭିନ୍ନ ଗଣମାଧ୍ୟମରେ ୧୪୬.୦୩ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ବିଜେଡି ସଭ୍ୟ ଭୂପିନ୍ଦର ସିଂଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଶନିବାର ବିଧାନସଭାରେ ଏହା କହିଛନ୍ତି। ୨୦୧୭-୧୮ରେ ଏ ବାବଦରେ ୨୬.୭୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବାବେଳେ ୨୦୧୮-୧୯ରେ ୨୯.୨୬ କୋଟି, ୨୦୧୯-୨୦ରେ ୫୨.୦୩ କୋଟି, ୨୦୨୦-୨୧ରେ ୩୮.୪କୋଟି ଏବଂ ୨୦୨୧-୨୨ରେ ୨୬.୨୪ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

### ୫ ବର୍ଷରେ ୮୬୯ ପୋଷ୍ୟ ସନ୍ତାନ

ଭୁବନେଶ୍ୱର,୩୦।୭(ବ୍ୟୁରୋ): ୨୦୧୭ରୁ ୨୦୨୧ ମଧ୍ୟରେ ରାଜ୍ୟରେ ୮୬୯ ଶିଶୁଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରାଯାଇଛି। ସେମାନଙ୍କ ମଧ୍ୟରୁ ଦେଶ ଭିତରେ ୭୦୪ ଜଣ ରହିଛନ୍ତି। ତନ୍ମଧ୍ୟରୁ ୨୪୨ ପୁତ୍ର ଓ ୪୬୨ କନ୍ୟା ସନ୍ତାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରାଯାଇଛି। ସୁନ୍ଦରଗଡ଼ ଜିଲାରୁ ସର୍ବାଧିକ ୯୮ଜଣ, କଟକ ୬୪, କେନ୍ଦୁଝର ୬୫, ଖୋର୍ଦ୍ଧା ୬୩, କୋରାପୁଟ ୩୪, ମୟୂରଭଞ୍ଜ ୩୫, ପୁରୀ ୩୧, ସମ୍ବଲପୁର ୪୮, କନ୍ଧମାଳ ୩୪, କଳାହାଣ୍ଡି ୨୨, ଯାଜପୁର ୪୧, ଅନୁଗୋଳ ଜିଲାରୁ ୨୪ ଜଣଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରାଯାଇଛି। ସେହିପରି ବିଦେଶୀ ୧୬୫ ଜଣଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୪୬ ଜଣ ପୁତ୍ର ଓ ୧୧୯ ଜଣ କନ୍ୟା ରହିଛନ୍ତି। ବିଜେଡି ସଭ୍ୟ ଧ୍ରୁବ ଚରଣ ସାହୁଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଏହି ସୂଚନା ଦେଇଛନ୍ତି।

### କୋର୍ଟରେ ଗଡୁଛି ୧୯ ଲକ୍ଷ ମାମଲା

ଭୁବନେଶ୍ୱର,୩୦।୭(ବ୍ୟୁରୋ): ରାଜ୍ୟର ତଳ କୋର୍ଟଠୁ ଆରମ୍ଭ କରି ହାଇକୋର୍ଟ ପର୍ଯ୍ୟନ୍ତ ମୋଟ ୧୮ଲକ୍ଷ ୭୯ହଜାର ୨୨୬ଟି ମାମଲା ବିଚାରାଧୀନ ରହିଛି। ସେଥିରେ ୧୫ବର୍ଷରୁ ଅଧିକ ୧ଲକ୍ଷ ୨୮ହଜାର ୧୯ଟି ମାମଲା ରହିଛି। ବିଜେଡି ସଭ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ପ୍ରଶ୍ନର ଉତ୍ତରରେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଏହା କହିଛନ୍ତି। ହାଇକୋର୍ଟଙ୍କ ଅନୁମୋଦନ ପରେ ମାମଲାଗୁଡ଼ିକର ତ୍ୱରନ୍ତ ଫଇସଲା କରିବା ନିମନ୍ତେ ବ୍ଲକସ୍ତରରେ ପର୍ଯ୍ୟାୟକ୍ରମେ ଗୋଟିଏ ଲେଖାଏ ସିଭିଲ ଜଜ୍ (ଜୁନିୟର ଡିଭିଜନ) ତଥା ଜେଏମ୍ଏଫ୍‌ସି କୋର୍ଟ ଖୋଲିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ହାଇକୋର୍ଟରେ ୨୦୨୨ ଜୁଲାଇ ୨୫ ସୁଦ୍ଧା ୫,୮୩୬ ସିଭିଲ୍ କେସ୍ ଓ ୪,୪୯୩ କ୍ରିମିନାଲ କେସ୍ ବିଚାରାଧୀନ ରହିଛି। ତଳ କୋର୍ଟରେ ୨୦୨୨ ଜୁନ୍ ୩୦ ସୁଦ୍ଧା ୧୫,୫୧୮ ସିଭିଲ କେସ୍ ଓ ୧ଲକ୍ଷ ୨ହଜାର ୧୭୨ କ୍ରିମିନାଲ କେସ୍ ବିଚାରାଧୀନ ରହିଛି। ବିଚାରାଧୀନ ମାମଲାଗୁଡ଼ିକର ତ୍ୱରିତ ବିଚାର ପାଇଁ ହାଇକୋର୍ଟ ସମସ୍ତ ଜିଲା ଜଜ୍‌ଙ୍କୁ ଚିଠି ମାଧ୍ୟମରେ ଆଦେଶ ଦେଇଛନ୍ତି। ସେହିପରି ବିଧାୟିକା କୁସୁମ ଟେଟେଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, ୨୦୨୨ ଜୁନ୍ ୩୦ ସୁଦ୍ଧା ରାଜ୍ୟରେ ୧୮ଲକ୍ଷ ୬୮ହଜାର ୮୯୭ ମାମଲା ବିଚାରାଧୀନ ରହିଛି। ଏହି ମାମଲାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ନିୟମିତ ଭାବେ ନୋଟିସ୍ ଓ ଅନୁସ୍ମାରକ ପଠାଇବା, ପୁରୁଣା ମାମଲାଗୁଡ଼ିକୁ ଚିହ୍ନଟ କରି ଶୁଣାଣି କରିବା ଭଳି ପଦକ୍ଷେପ ନିଆଯାଉଛି।



ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ରେ ନିଯୁକ୍ତି, ପରୀକ୍ଷା ଓ ଟେଣ୍ଡରରେ ବ୍ୟାପକ ଦୁର୍ନୀତି ଅଭିଯୋଗ ଆଣିବା ସହ ସମ୍ପୃକ୍ତ କୁଳପତିଙ୍କ ବହିଷ୍କାର ଦାବି କରି ବିପିୟୁଟି ଛାତ୍ରମାନେ ଶନିବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ କୁଶପୁତ୍ତଳିକା ଦାହ କରୁଛନ୍ତି।

# ୨ ଲକ୍ଷ କୋଟିର ବ୍ୟୟମଞ୍ଜୁରୀ ବିଲ୍ ଗୃହୀତ

- ■ ରାଜ୍ୟର ମୁଣ୍ଡପିଛା ଋଣ ୨୨୦୪୨ ଟଙ୍କା
- ■ ୩% ରହିବ ବିତ୍ତୀୟ ନିଅଣ୍ଟ: ଅର୍ଥମନ୍ତ୍ରୀ
- ■ ଅବଢ଼ା ଯୋଜନା ପାଇଁ ୧୩୨୫ କୋଟି
- ■ ଏକାମ୍ରକୁ ୨୦୦, ସମଲେଇ ଯୋଜନା ପାଇଁ ୨୦୦ କୋଟି

ଭୁବନେଶ୍ୱର,୩୦।୭(ବ୍ୟୁରୋ)

୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ କୋଟି ଟଙ୍କାର ବ୍ୟୟମଞ୍ଜୁରୀ ବିଲ୍ ଶନିବାର ବିଧାନସଭାରେ ଗୃହୀତ ହୋଇଛି। ଏହି ଅବସରରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି, ୨ ଲକ୍ଷ କୋଟିରୁ ପ୍ରଶାସନିକ ଖର୍ଚ୍ଚ ନିମନ୍ତେ ୮୯ ହଜାର ୫୬୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମ ବ୍ୟୟ ନିମନ୍ତେ ୧ ଲକ୍ଷ କୋଟି, ବିପର୍ଯ୍ୟୟ ମୁକାବିଲା ପାଣ୍ଠି ପାଇଁ ୩ ,୨୧୦ କୋଟି ଏବଂ ରାଜ୍ୟରୁ ସ୍ଥାନୀୟ ନିକାୟଗୁଡ଼ିକୁ ହସ୍ତାନ୍ତର ବାବଦରେ ୭,୨୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଗତ ଆର୍ଥିକ ବର୍ଷ ତୁଳନାରେ ପ୍ରଶାସନିକ ବ୍ୟୟ ୩୩% ଅଧିକ ରହିଥିବା ବେଳେ ପୁଞ୍ଜି ବ୍ୟୟ ବାବଦକୁ ୩୮,୭୩୨ କୋଟି ଅଟକଳ ହୋଇଛି, ଯାହାକି ସାମଗ୍ରିକ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ର ୫.୪%। ଚଳିତ ଆର୍ଥିକ ବର୍ଷରେ ଏ ବାବଦକୁ ଥିବା ଆବଣ୍ଟନ ଗତ ବର୍ଷଠାରୁ ୫୭% ଅଧିକ ବୋଲି ମନ୍ତ୍ରୀ କହିଛନ୍ତି। ଏହି ବଜେଟରେ ଅନେକ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି। ବଜେଟକୁ ସମ୍ପୂର୍ଣ୍ଣ ଇଲେକ୍ଟ୍ରୋନିକ ମାଧ୍ୟମରେ ଉପସ୍ଥାପନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ୫-ଟିମନ୍ତ୍ର ଓ 'ମୋ ସରକାର' ସଫଳ ରୂପାୟନ ପାଇଁ ଆବଶ୍ୟକ ବ୍ୟବସ୍ଥା ହୋଇଛି। ବଜେଟରେ ସରକାର ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ପ୍ରତିଶ୍ରୁତିବଦ୍ଧ। ଜନସ୍ୱାସ୍ଥ୍ୟ ପାଇଁ ମୋଟ ୧୨,୬୨୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି, ଯାହାକି ଗତ ବର୍ଷ ତୁଳନାରେ ୨୫% ଅଧିକ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ ୨, ୬୬୪ କୋଟି, ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ ପାଇଁ ୨,୩୨୫ କୋଟି, ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ୨,୧୫୬ କୋଟି ଏବଂ ସ୍ୱାସ୍ଥ୍ୟ ଓ ଭେଷଜ ଶିକ୍ଷାରେ ମାନବ ସମ୍ବଳ ଯୋଜନା ଅଧୀନରେ ୩୧୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ୨୦୧୩-୧୪ରେ ପ୍ରଥମ କୃଷି ବଜେଟରେ ୭,୧୬୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ଏହା ୨୧,୧୬୬ କୋଟି ଟଙ୍କାରେ ପହଞ୍ଚିଛି। ଚାଷୀମାନଙ୍କର ସାମଗ୍ରିକ ବିକାଶ ପାଇଁ ୧,୮୭୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ମୋଟ ୨୭, ୩୨୪ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ସେହିପରି ମୋ ସ୍କୁଲ ଅଭିଯାନ ପାଇଁ ୬୪୬ କୋଟି, ୧୦୦ଟି ଉତ୍କର୍ଷ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ ରୁମ୍ ପାଇଁ ୭୯ କୋଟି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୪୨୦ କୋଟି ଏବଂ ସାମଗ୍ରିକ ଶିକ୍ଷା ଅଧୀନରେ ୩,୫୮୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମୋ ସ୍କୁଲ ଅଭିଯାନରେ ରାଜ୍ୟର ୨୦ ଲକ୍ଷରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି। ଏହି ଯୋଜନାରେ ଚଳିତ ଆର୍ଥିକ ବର୍ଷରେ ୬୪୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମାଧ୍ୟମିକ ସ୍କୁଲରେ ୩୪୬୨ ଅତିରିକ୍ତ ଶିକ୍ଷକ ପଦବୀ ମଞ୍ଜୁର ହେବା ସହିତ ଖାଲି ପଦବୀକୁ ମିଶାଇ ମୋଟ ୧୧,୪୦୩ ନୂତନ ଶିକ୍ଷକ ପଦବୀ ନିଯୁକ୍ତି ଦେବା ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ପୁଞ୍ଜି ବ୍ୟୟବରାଦ ୩୮,୭୩୨ କୋଟି ଟଙ୍କା ରହିଛି, ଯାହାକି ରାଜ୍ୟ ଘରୋଇ ଉତ୍ପାଦର ୫.୪%।

ବସୁଧା ଓ ଜଳଜୀବନ ମିଶନ ପାଇଁ ୮,୩୮୯ କୋଟି ଏବଂ ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ବିକାଶ ଯୋଜନାରେ ୩୨,୫୯୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବଜେଟରେ ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା ପାଇଁ ୨୪୯୩ କୋଟି ବ୍ୟୟବରାଦ କରାଯାଇଛି। ପର୍ଯ୍ୟଟନ ବିକାଶ ପାଇଁ ୫୦୯ କୋଟି ବ୍ୟୟବରାଦ କରାଯାଇଥିବା ବେଳେ କ୍ରୀଡ଼ା କ୍ଷେତ୍ର ପାଇଁ ୯୧୧ କୋଟି, ଗ୍ରାମ ଓ ସହରୀ ଜଳ ଯୋଗାଣ ପାଇଁ ୨୩୯୦ କୋଟି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନାରେ ଗୃହ ନିର୍ମାଣ ପାଇଁ ୫,୯୦୬ କୋଟି, ମିଶନ ଶକ୍ତି ପାଇଁ ୨ ହଜାର କୋଟି, ମହିଳା ଓ ଶିଶୁ ବିକାଶ ପାଇଁ ୩,୫୬୭ କୋଟି, ମମତା ଯୋଜନା ପାଇଁ ୨୪୭ କୋଟି, ଶ୍ରମ ନିଯୁକ୍ତି, ଜୀବିକା ପାଇଁ ୨୦୦୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ବଜେଟରେ ସାମାଜିକ ନିରାପତ୍ତା ପାଇଁ ୩୭୦୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଖାଦ୍ୟ ନିରାପତ୍ତା ପାଇଁ ୧୦୨୩ କୋଟି, ଶକ୍ତି ବିଭାଗ ପାଇଁ ୩୪୮୨ କୋଟି, ଅଣୁ, କ୍ଷୁଦ୍ର ଓ ମଧ୍ୟ ଉଦ୍ୟୋଗ ଏବଂ ଷ୍ଟାର୍ଟଅପ୍ ପାଇଁ ୧୨୬୯ କୋଟି, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ପାଇଁ ୨୨୧୭ କୋଟି, ଇସ୍ପାତ ଓ ଖଣି କ୍ଷେତ୍ର ପାଇଁ ୧୮୩ କୋଟି, ସୂଚନା ପ୍ରଯୁକ୍ତିବିଦ୍ୟା ପାଇଁ ୩୦୨ କୋଟି, ନ୍ୟାୟ ପ୍ରଦାନ ଓ ଆଇନଶୃଙ୍ଖଳା ପାଇଁ ୭,୫୫୧ କୋଟି, ଜମି ପ୍ରଶାସନ ପାଇଁ ୧୫୧୧ କୋଟି, ଯୋଜନା ଓ ସଂଯୋଜନା ପାଇଁ ୩୦୩୫ କୋଟି ଏବଂ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଐତିହ୍ୟକୁ ପ୍ରୋତ୍ସାହନ ଦେବା ପାଇଁ ୧୬୯ କୋଟି ଟଙ୍କା ପ୍ରଦାନ କରାଯାଇଛି। ଅବଢ଼ା ଯୋଜନା ପାଇଁ ୧୩୨୫ କୋଟି, ଏକାମ୍ର ଯୋଜନା ପାଇଁ ୨୦୦ କୋଟି ଏବଂ ସମଲେଇ ଯୋଜନା ପାଇଁ ୨୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

୨୦୨୨ ସୁଦ୍ଧା ରାଜ୍ୟର ମୁଣ୍ଡ ପିଛା ଋଣ ୨୨୦୪୨ ଟଙ୍କା ଥିବା ବେଳେ ମୁଣ୍ଡପିଛା ଆୟ ୧ ଲକ୍ଷ ୨୭ ହଜାର ଟଙ୍କା ରହିଛି। ରାଜ୍ୟର ଋଣ ଭାର ଅନ୍ୟ ରାଜ୍ୟ ତୁଳନାରେ ତଳ ଆଡୁ ୨ ନମ୍ବରରେ ରହିଛି। ଋଣ ଭାର ଜିଏସ୍‌ଡିପିର ୨୫% ମଧ୍ୟରେ ସୀମିତ ରହିଛି। ୨୦୨୨-୨୩ରେ ମୋଟ ରାଜସ୍ୱ ପ୍ରାପ୍ତି ୧ ଲକ୍ଷ ୯୬୭ କୋଟି ଏବଂ ବ୍ୟୟ ୧ ଲକ୍ଷ ୭୨୭ କୋଟି ଆକଳନ କରାଯାଇଛି। ରାଜସ୍ୱ ବଳକା ଜିଏସ୍‌ଡିପିର ୨.୫% ହେବା ବେଳେ ବିତ୍ତୀୟ ନିଅଣ୍ଟ ୩%ରେ ସୀମିତ ରହିବ। ବର୍ଷ ଶେଷରେ ରାଜ୍ୟର ଋଣ ଭାର ଜିଏସ୍‌ଡିପିର ୧୫.୬%ରେ ରହିବା ନେଇ ଆକଳନ କରାଯାଇଛି। ମୋଟ ଋଣ ଭାର ୧ ଲକ୍ଷ କୋଟି ଟପିବ ନାହିଁ। ଚଳିତ ଆର୍ଥିକ ବର୍ଷରେ ରାଜ୍ୟର ଅଭିବୃଦ୍ଧି ହାର ୮ରୁ ୮.୫% ରହିବ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଅନ୍ୟାନ୍ୟ କ୍ଷେତ୍ରକୁ ସରକାର ଗୁରୁତ୍ୱ ଦେଉଛନ୍ତି। କୋଭିଡ୍ ସତ୍ତ୍ୱେ ରାଜ୍ୟର ଆର୍ଥିକ ସ୍ଥିତି ଭଲ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

# ଏମ୍ଆରପିଠାରୁ ଅଧିକ ଦାମ୍‌ରେ ବିକ୍ରି ହେଉଛି ମଦ

### ବିଧାନସଭାରେ ଉଦ୍‌ବେଗ, ମନ୍ତ୍ରୀ ମାନିଲେ

ଭୁବନେଶ୍ୱର,୩୦।୭(ବ୍ୟୁରୋ)

ରାଜ୍ୟରେ ସର୍ବନିମ୍ନ ଖୁଚୁରା ମୂଲ୍ୟ(ଏମ୍ଆର୍‌ପି)ଠାରୁ ଅଧିକ ଦରରେ ମଦ ବିକ୍ରି ହେଉଛି। ଏପରି କି ମଦ ଦୋକାନୀମାନେ ଗ୍ରାହକଙ୍କୁ ରସିଦ୍ ଦେଉନାହାନ୍ତି। ଶନିବାର ପ୍ରଶ୍ନକାଳରେ ବିଜେଡି ସଭ୍ୟ ଅରବିନ୍ଦ ଢାଲିଙ୍କ ମୂଳ ପ୍ରଶ୍ନର ଉତ୍ତରରେ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏକଥା ସ୍ୱୀକାର କରିଛନ୍ତି ।

ମୂଳ ପ୍ରଶ୍ନକର୍ତ୍ତା ପଚାରିଥିଲେ ଯେ ରାଜ୍ୟରେ ଯେଉଁ ଦେଶୀ ଓ ବିଦେଶୀ ମଦ ବିକ୍ରି କରାଯାଉଛି, ତାହା ଏମ୍ଆରପିଠାରୁ ଅଧିକ ଦାମରେ ବିକ୍ରି ହେଉଛି। ଏ ଖବର ସରକାରଙ୍କ ଦୃଷ୍ଟିକୁ ଆସିଛି କି? ଅବକାରୀ ମନ୍ତ୍ରୀ କହିଛନ୍ତି ଯେ ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ୩୧ଟି ଏଭଳି ମାମଲା(ଏମ୍ଆର୍‌ପିରୁ ଅଧିକ ଦରରେ ବିକ୍ରି) ରୁଜୁ କରାଯାଇଛି ଓ ସେଥିରୁ ମାତ୍ର ୮ଟି ମାମଲା ଫଇସଲା ହୋଇଛି ଏବଂ ବାକି ୨୩ଟି କେସ୍ ବିଚାରାଧୀନ ରହିଛି।

ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ ମଧ୍ୟ କହିଲେ, ୧୦ ଟଙ୍କାର ଜିନିଷ କିଣିଲେ ରସିଦ ମିଳୁଛି। ମଦ କିଣିଲେ ରସିଦ ମିଳୁନି। ରସିଦ ଦେବା ବ୍ୟବସ୍ଥା ଅଛି କି ନାହିଁ। ବିଜେଡି ସଭ୍ୟ ଅନନ୍ତ ଦାସ କହିଲେ, ଚନ୍ଦନେଶ୍ୱର, ଦୀଘାରେ ଲୋକେ ଦିନରାତି ସର୍ବତ, ପଇଡ଼ ପିଇଲା ଭଳି ମଦ ପିଉଛନ୍ତି। ପୋଲିସବାଲା ଦେଖୁଛନ୍ତି। କିଛି କରୁନାହାନ୍ତି। ଏହାକୁ ବନ୍ଦ କରିବେ କି? ମନ୍ତ୍ରୀ କହିଲେ, ଅନ୍ୟ ସାମଗ୍ରୀ ଭଳି ମଦ କିଣିଲେ ରସିଦ ବ୍ୟବସ୍ଥା ରହିଛି। ତେବେ ରସିଦ ନେବେ କି ନାହିଁ ତାହା ଗ୍ରାହକଙ୍କ ଉପରେ ନିର୍ଭର କରୁଛି। ରାଜ୍ୟରେ ଦେଶୀ ଓ ବିଦେଶୀ ମଦ ଦୋକାନଗୁଡ଼ିକରେ ଏମ୍ଆର୍‌ପିଠୁ ଅଧିକ ଦାମରେ ମଦ ବିକ୍ରି ହେଉଥିବାର ଖବର ସରକାରଙ୍କ ଦୃଷ୍ଟିକୁ ଆସିଛି। ଅଚାନକ ଦୋକାନଗୁଡ଼ିକ ପରିଦର୍ଶନ ସମୟରେ କିମ୍ବା ଅଧିକ ଦାମରେ ବିକ୍ରିର କୌଣସି ଅଭିଯୋଗ ଆସିବା ମାତ୍ରେ ତାହାର ତଦନ୍ତ ଜିଲା ସ୍ତରରେ ଓ ଆବଶ୍ୟକସ୍ଥଳେ ଡିଭିଜନ ଓ ରାଜ୍ୟସ୍ତରୀୟ ସ୍କ୍ୱାଡ୍ ଦ୍ୱାରା କରାଯାଇଥାଏ। ଅଭିଯୋଗର ସତ୍ୟାସତ୍ୟ ନିର୍ଦ୍ଧାରଣ ପରେ ସମ୍ପୃକ୍ତ ଲାଇସେନ୍ସଧାରୀଙ୍କ ବିରୋଧରେ ଗୁରୁତର ଅନିୟମିତତା ରିପୋର୍ଟ(ଏସ୍ଆଇଆର) ଦରଜ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ ବୋଲି ମନ୍ତ୍ରୀ କହିଛନ୍ତି।

୨୦୨୧-୨୨ରେ ରାଜ୍ୟରେ ଏମ୍ଆର୍‌ପିଠାରୁ ଅଧିକ ଦରରେ ମଦ ବିକ୍ରି ସମ୍ପର୍କିତ ୨୯ଟି ମାମଲା ହୋଇଛି। ଏଥିରେ ୨୯ଲକ୍ଷ ଟଙ୍କା ଜରିମାନା ଆଦାୟ ହୋଇଛି। ସେହିପରି ୨୦୨୨-୨୩ ଆର୍ଥିକ ବର୍ଷର ଜୁନ୍ ମାସ ଶେଷ ସୁଦ୍ଧା ମୋଟ ୩୧ଟି ଏମ୍ଆରପି ଉଲ୍ଲଂଘନ କେସ୍‌ରେ ୮ଲକ୍ଷ ଟଙ୍କା ଜରିମାନା ଆଦାୟ ହୋଇଛି। ଦୀଘାରେ ପଶ୍ଚିମବଙ୍ଗରୁ ମଦ ପିଇ ଲୋକେ ସେଠାରେ ବସୁଛନ୍ତି। ପଶ୍ଚିମବଙ୍ଗରୁ ମାଦକ ଦ୍ରବ୍ୟ ଚୋରା ଚାଲାଣ ହେଉଛି। ମାତ୍ର ସେଠାକାର ପୋଲିସ ଆମ ରାଜ୍ୟର ପୋଲିସକୁ ସହଯୋଗ କରୁନାହାନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

# ରାଷ୍ଟ୍ରପତିଙ୍କୁ ସମ୍ବର୍ଦ୍ଧନା: ମଙ୍ଗଳବାର ଦିଲ୍ଲୀ ଯିବ ବିଧାନସଭା ଟିମ୍

ଭୁବନେଶ୍ୱର,୩୦।୭(ବ୍ୟୁରୋ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ପାଇଁ ଆସନ୍ତା ମଙ୍ଗଳବାର ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ନେତୃତ୍ୱରେ ବିଧାନସଭାର ୨୫ ଜଣିଆ ସଦସ୍ୟ ଦିଲ୍ଲୀ ଗସ୍ତ କରି ରାଷ୍ଟ୍ରପତିଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିନିଧି ମଣ୍ଡଳୀରେ ବିଜେଡିର ୧୫, ଭାଜପାର ୬ ଓ କଂଗ୍ରେସର ୩ ସଦସ୍ୟ ଯିବେ ବୋଲି ସୂଚନା ମିଳିଛି। ଦେଶର ସର୍ବୋଚ୍ଚ ଆସନରେ ଅଭିଷିକ୍ତ ଦ୍ରୌପଦୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ନିମନ୍ତେ ଜୁଲାଇ ୨୫ରେ ସର୍ବସମ୍ମତି କ୍ରମେ ବିଧାନସଭାରେ ଆଗତ ସଙ୍କଳ୍ପ ଗୃହୀତ ହୋଇଥିଲା। ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏ ସମ୍ପର୍କିତ ସଙ୍କଳ୍ପକୁ ଗୃହରେ ଆଗତ କରିଥିଲେ। ଏନେଇ ବିଚାର କରାଯିବ ବୋଲି ବାଚସ୍ପତି ବିକ୍ରମ କେଶରୀ ଆରୁଖ ସେତେବେଳେ ଗୃହକୁ ଅବଗତ କରିଥିଲେ। ସେହି ଅନୁଯାୟୀ ଶନିବାର ଏହି ଟିମ୍ ଗଠନ ହୋଇଛି।

ପ୍ରଥମ ପୃଷ୍ଠାରୁ...

### ପ୍ରଭାତ ବିଶ୍ୱାଳଙ୍କ ୨୫ ଲକ୍ଷ ...

ଠାରୁ ବେଆଇନ୍ ଭାବେ ଅର୍ଥ ସଂଗ୍ରହ କରିଥିଲା। ଏପରିକି ଏହା ଆର୍‌ବିଆଇ ସହ ନନ୍ ବ୍ୟାଙ୍କିଙ୍ଗ୍ ଫାଇନାନ୍ସ କମ୍ପାନୀ(ଏନ୍‌ବିଏଫ୍‌ସି) ଓ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ୍ ଅଫ୍ ଇଣ୍ଡିଆରେ ମଧ୍ୟ କମ୍ପାନୀ ତାଲିକାଭୁକ୍ତ ନ ଥିଲା। ପ୍ରଭାତ ଓ ତାଙ୍କ ପରିବାର ସଦସ୍ୟଙ୍କ ପାଖକୁ କମ୍ପାନୀଠାରୁ ୨୫ ଲକ୍ଷ ଟଙ୍କା ଯାଇଥିଲା। ଏଥିସହ ଟିଭି ଚ୍ୟାନେଲ 'ଏସ୍‌ଟିଭି ସମାଚାର' ପ୍ରତିଷ୍ଠା ଲକ୍ଷ୍ୟରେ ମିଡିଆ ଗୁରୁ କନ୍‌ସଲଟାନ୍ସି ସଂସ୍ଥାକୁ ୪ କୋଟି ଦିଆଯାଇଥିଲା ବୋଲି କୁହାଯାଇଛି। ଏନେଇ ପ୍ରଭାତଙ୍କ ସ୍ତ୍ରୀ ଲକ୍ଷ୍ମୀ ବିଳାସିନୀ ଗଣମାଧ୍ୟମକୁ କହିଛନ୍ତି, ଏକ ଜମି କିଣାବିକା ବାବଦରେ ସି-ଶୋର୍ କମ୍ପାନୀ ସହ ନେଣଦେଣ ହୋଇଥିଲା। ବାକି ଟଙ୍କା କଥା ସେ ଜାଣନ୍ତି ନାହିଁ ବୋଲି କହିଛନ୍ତି। ଅପରପକ୍ଷରେ ପ୍ରଭାତ କହିଛନ୍ତି, ମୋର ୩.୯୨କୋଟି ଟଙ୍କର ଋଣ ଅଛି। ସେଥିରେ ୧.୧୫କୋଟି ଟଙ୍କାର ଗୃହଋଣ ମଧ୍ୟ ରହିଛି। ଉକ୍ତ ଋଣ ଟଙ୍କାରୁ ଇଡି ୨୫ଲକ୍ଷ ଟଙ୍କା ଜବତ କରିଥାଇପାରେ। ଏହା ଏକ ଜମିଜମା ସଂକ୍ରାନ୍ତୀୟ ମାମଲା ହୋଇଥିବାରୁ ଏହାକୁ କୋର୍ଟରେ ପ୍ରମାଣ କରିବୁ ବୋଲି ପ୍ରଭାତ କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୧ରେ ଯାଜପୁର ଜିଲା ବେଣପୁର ଅଞ୍ଚଳରେ ପ୍ରଭାତଙ୍କ ସ୍ତ୍ରୀଙ୍କ ନାମରେ ଥିବା ଏକ ଜମି ସି-ଶୋର୍ କମ୍ପାନୀକୁ ବିକ୍ରି କରାଯାଇଥିଲା। ଜମି ବାବଦକୁ ସି-ଶୋର ମୁଖ୍ୟ ପ୍ରଶାନ୍ତ ଦାଶ ଓ ପ୍ରଭାତଙ୍କ ମଧ୍ୟରେ ୨୮ ଲକ୍ଷ ଟଙ୍କାର ଡିଲ୍ ହୋଇଥିଲା। ୨୦୧୨ରେ ଜମି ବାବଦକୁ ଅଗ୍ରିମ ୨୫ ଲକ୍ଷ ଟଙ୍କା ପ୍ରଭାତ ଆଣିଥିଲେ। ହେଲେ କୌଣସି କାରଣ ପାଇଁ ଉକ୍ତ ଜମି ଡିଲ୍ ହୋଇପାରି ନ ଥିଲା। ତେଣୁ ଉକ୍ତ ଟଙ୍କା ସି-ଶୋର ମୁଖ୍ୟଙ୍କୁ ଫେରାଇ ଦିଆଯାଇଥିବା ପ୍ରଭାତ କହିଥିଲେ। ହେଲେ ସେହି ଟଙ୍କା ପ୍ରଶାନ୍ତଙ୍କୁ ଫେରସ୍ତ ହୋଇ ନ ଥିବା ସିବିଆଇ ପ୍ରମାଣ ପାଇଥିଲା। ଏହି ଘଟଣାରେ ୪ରୁ ଅଧିକ ଥର ସିବିଆଇ ପକ୍ଷରୁ ପ୍ରଭାତଙ୍କୁ ଜେରା କରାଯାଇଥିଲା। ଏହାପରେ ୨୦୧୭ ସେପ୍ଟେମ୍ବର ୧୯ରେ ସିବିଆଇ ପ୍ରଭାତଙ୍କୁ ଗିରଫ କରି ଜେଲ ପଠାଇଥିଲା। ୨୦୧୮ ଜୁନ ୨୬ରେ ପ୍ରଭାତଙ୍କୁ ଜାମିନ ମିଳିଥିଲା।

### ସାବିତ୍ରୀ ଜିନ୍ଦଲ ...

୫.୯ ବିଲିୟନ ଡଲାରକୁ ଖସି ଆସିଥିଲା। ୨୦୨୦ରେ ସାବିତ୍ରୀଙ୍କ ସମ୍ପତ୍ତି ୪.୮ ବିଲିୟନ ଡଲାର ରହିଥିଲା। ୨୦୨୧ରେ ସବୁଠୁ ଧନୀ ଭାରତୀୟଙ୍କ ମଧ୍ୟରେ ଫୋର୍ବସ ତାଲିକାର ଟପ୍ ଟେନ୍ କ୍ଲବ୍‌ରେ ସେ ସାମିଲ ହୋଇଥିଲେ। ପୃଥ୍ୱୀରାଜ, ସଜ୍ଜନ, ରତନ ଏବଂ ନବୀନ ଜିନ୍ଦଲଙ୍କୁ ମିଶାଇ ତାଙ୍କର ମୋଟ ୯ ସନ୍ତାନ ରହିଛନ୍ତି। ଓ. ପି. ଜିନ୍ଦଲଙ୍କ ମୃତ୍ୟୁ ପରେ ଜିନ୍ଦଲ ଗ୍ରୁପ୍ ୪ ଭାଗ ହୋଇଥିଲା। ପୃଥ୍ୱୀରାଜ ଜିନ୍ଦଲ ଜେଏସ୍‌ଡବ୍ଲ୍ୟୁ ଲିମିଟେଡ୍‌ର ଅଧ୍ୟକ୍ଷ ଥିବାବେଳେ ସଜ୍ଜନ ଜିନ୍ଦଲ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍, ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍(ଜେଏସ୍‌ପିଏଲ୍)ର ଚେୟାରମ୍ୟାନ ନବୀନ ଜିନ୍ଦଲ ଏବଂ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଅଧ୍ୟକ୍ଷ ହେଉଛନ୍ତି ରତନ ଜିନ୍ଦଲ। ରାଜନୀତିରେ ମଧ୍ୟ ସାବିତ୍ରୀ ଜିନ୍ଦଲଙ୍କ ଅଭିଜ୍ଞତା ରହିଛି। ସ୍ୱାମୀଙ୍କ ମୃତ୍ୟୁ ପରେ ୨୦୦୫ରେ ସେ ହରିୟାଣାର ହିସାର ବିଧାନସଭା ଆସନରୁ ଜିତିଥିଲେ। ୨୦୦୯ରେ ପୁନଃ ନିର୍ବାଚିତ ହେବା ପରେ ହରିୟାଣା ସରକାରରେ ମନ୍ତ୍ରୀ ଥିଲେ। ତେବେ ୨୦୧୪ ନିର୍ବାଚନରେ ସେ ପରାଜିତ ହୋଇଥିଲେ। ପ୍ରକାଶଥାଉ କି, ୮୪,୩୩୦ କୋଟି ଟଙ୍କା ସହ ଏଚ୍‌ସିଏଲ୍ ଟେକ୍ନୋଲୋଜିର ଅଧ୍ୟକ୍ଷା ରୋଶନୀ ନାଦାର ମାଲହୋତ୍ରା ହେଉଛନ୍ତି ଭାରତର ସର୍ବଶ୍ରେଷ୍ଠ ଧନୀ ମହିଳା। ଅପରପକ୍ଷେ ଗତ ୫ ବର୍ଷ ଧରି ଏସିଆର ସବୁଠୁ ଧନୀ ମହିଳା ଟାଇଟଲ ବଜାୟ ରଖିଥିବା ୟାଙ୍ଗ୍ ହୁଇୟାନ୍‌ଙ୍କ ସମ୍ପତ୍ତି ନାଟକୀୟ ଢଙ୍ଗରେ ହ୍ରାସ ପାଇଛି। ଚାଇନାର ସବୁଠାରୁ ବଡ଼ ରିଅଲ ଇଷ୍ଟେଟ ଡେଭେଲପର କଣ୍ଟ୍ରି ଗାର୍ଡେନ ହୋଲ୍ଡିଂଗ୍ସକୁ ନିୟନ୍ତ୍ରଣ କରୁଥିବା ୟାଙ୍ଗଙ୍କ ସମ୍ପତ୍ତି ବର୍ଷକରେ ଅଧାରୁ ଅଧିକ କମିଛି। ତାଙ୍କ ବାପା ୟାଙ୍ଗ୍ ଗୁଓକ୍ୱିଆଙ୍ଗ୍ ଏହି କମ୍ପାନୀର ପ୍ରତିଷ୍ଠାତା। ବର୍ଷେ ହେଲା ଚାଇନାର ରିଅଲ ଇଷ୍ଟେଟ୍ କ୍ଷେତ୍ରରେ ଚାହିଦା ହ୍ରାସ, କମ୍ ଦର ଏବଂ ଡେଭେଲପରମାନେ ଋଣଗ୍ରସ୍ତ ହେବା ଯୋଗୁ କଣ୍ଟ୍ରି ଗାର୍ଡେନର ଶେୟାର ମୂଲ୍ୟ ଯଥେଷ୍ଟ ହ୍ରାସ ପାଇଛି। ଏପରି କି ୟାଙ୍ଗ ଗୋଟିଏ ଦିନରେ ୧ ବିଲିୟନ ଡଲାର ହରାଇଥିବା ଫୋର୍ବସରେ ରିପୋର୍ଟ ପ୍ରକାଶ ପାଇଛି।

# 'ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ସବୁ କ୍ଷେତ୍ରରେ ସରକାର ବିଫଳ'

## ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନା

### ■ ଭୋକର ଭୂଗୋଳ ବିକାଶର ଭୂଗୋଳରେ ପରିଣତ ହୋଇଛି: ଶାସକ

ଭୁବନେଶ୍ୱର,୩୦।୭(ବ୍ୟୁରୋ)

ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ ସବୁକିଛି ବିପର୍ଯ୍ୟସ୍ତ। ରାଜ୍ୟରେ ପ୍ରାୟ ୩ ଲକ୍ଷ ପଦବୀ ଖାଲି ପଡ଼ିଛି। ୧୮୦୦ ବିଦ୍ୟାଳୟରେ ଜଣେ ମାତ୍ର ଶିକ୍ଷକ ଅଛନ୍ତି। ଶାସନର ୨୨ ବର୍ଷ ପରେ ମଧ୍ୟ ନଗଡ଼ା ଭଳି ସ୍ଥିତି ଦେଖିବାକୁ ମିଳୁଛି। ରାଜ୍ୟ ସରକାର ୨ ଲକ୍ଷ କୋଟି ଟଙ୍କାର ବଜେଟ କରିଛନ୍ତି। ଯେତିକି ବଜେଟ କରାଯାଉଛି, ତାହା ଖର୍ଚ୍ଚ କରାଯାଇ ପାରୁନାହିଁ। ୩୫% ଜଳସେଚନ ଦେବାରେ ସରକାର ବିଫଳ ହୋଇଛନ୍ତି। ଶନିବାର ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଏଭଳି ଅଭିଯୋଗ ଆଣି ସରକାରଙ୍କ ବ୍ୟୟମଞ୍ଜୁରୀ ବିଲ୍‌କୁ ବିରୋଧ କରିଥିଲେ।

ଆଲୋଚନା ଆରମ୍ଭରେ ଭାଜପା ସଭ୍ୟ ମୋହନ ଚରଣ ମାଝି କହିଲେ, ରାଜ୍ୟରେ ଋଣଭାର ୧ ଲକ୍ଷ କୋଟି ଟଙ୍କା ଟପିଥିବା ବେଳେ ମୁଣ୍ଡପିଛା ଋଣ ୨୨,୦୪୨ ଟଙ୍କାରେ ପହଞ୍ଚିଲାଣି। ସ୍ୱାସ୍ଥ୍ୟ, ଜଳସେଚନ, କୃଷି, ଶିକ୍ଷା ଆଦି କ୍ଷେତ୍ର ବିପର୍ଯ୍ୟସ୍ତ ହୋଇଛି। ପୋଲିସ ବିଭାଗରେ ବହୁ ପଦବୀ ଖାଲି ରହିଛି। ବେକାରିଙ୍କୁ ନିଯୁକ୍ତି ମିଳୁନାହିଁ। ଠିକା କର୍ମଚାରୀରେ ରାଜ୍ୟର ବିଭିନ୍ନ ବିଭାଗ ଚାଲିଛି। ଶିକ୍ଷକ, ଡାକ୍ତର ନିଯୁକ୍ତି ନାହିଁ। ବିଜେଡି ସଭ୍ୟ ଅରୁଣ ସାହୁ କହିଲେ, କେନ୍ଦ୍ର ସରକାର ୨୦୨୨-୨୩ ପାଇଁ ୪୦ ଲକ୍ଷ କୋଟିର ବଜେଟ କରିଛନ୍ତି। କେନ୍ଦ୍ର ସରକାରଙ୍କ ଆଭ୍ୟନ୍ତରୀଣ ଋଣ ୧୩୧ ଲକ୍ଷ କୋଟି ଥିବାବେଳେ ବିଦେଶୀ ଋଣ ୪.୨୯ ଲକ୍ଷ କୋଟି ରହିଛି। କରୋନା ଭୟାବହତା ଯୋଗୁ ବିକାଶଶୀଳ ଦେଶଗୁଡ଼ିକ ଭୟଙ୍କର ପରିସ୍ଥିତି ଦେଇ ଗତି କରୁଛନ୍ତି। ଋଷିଆ-ୟୁକ୍ରେନ ଯୁଦ୍ଧ ଯୋଗୁ ୟୁରୋପରେ ଖାଦ୍ୟ ସଙ୍କଟ ଦେଖାଦେଇଛି। ଏପରି କି ବିଶ୍ୱର ଅନେକ ଦେଶରେ ରାଜନୈତିକ ଅସ୍ଥିରତା ଦେଖା ଦେଇଛି। ଓଡ଼ିଶା ଭଳି ଛୋଟ ରାଜ୍ୟରେ ଖାଦ୍ୟ ସୁରକ୍ଷାକୁ ନିଶ୍ଚିତ କରାଯାଇଛି। ଓଡ଼ିଶା ଅଧିକ ଋଣ ଶୁଝିପାରିଛି। ଚଳିତ ଆର୍ଥିକ ବର୍ଷରେ ରାଜ୍ୟର ଅଭିବୃଦ୍ଧି ୮.୫% ହେବ ବୋଲି ଆକଳନ କରାଯାଇଛି। ଦେଶରେ ମୁଦ୍ରାସ୍ଫୀତି ହାର ୫.୩% ଥିବାବେଳେ ଓଡ଼ିଶାରେ ୨.୭% ରହିଛି। ଭୋକର ଭୂଗୋଳ ଆଜି ବିକାଶର ଭୂଗୋଳରେ ପରିଣତ ହୋଇଛି ବୋଲି ସେ କହିଥିଲେ। ବିଜେଡି ସଭ୍ୟ ଦିବ୍ୟ ଶଙ୍କର ମିଶ୍ର, ରାଜକିଶୋର ଦାସ, ପ୍ରଫୁଲ୍ଲ ସାମଲ ପ୍ରମୁଖ ରାଜ୍ୟର ବିକାଶ ଚିତ୍ର ଅବତାରଣା କରିଥିବା ବେଳେ କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ ବ୍ୟୟମଞ୍ଜୁରୀ ବିଲ୍‌କୁ ବିରୋଧ କରିଥିଲେ।

# ସାର୍, ଆମ ଦରମା, ଭତ୍ତା ବଢ଼ାନ୍ତୁ

### ବିଚାର କରିବାକୁ ସରକାରଙ୍କୁ ବାଚସ୍ପତିଙ୍କ ପରାମର୍ଶ

ଭୁବନେଶ୍ୱର,୩୦।୭(ବ୍ୟୁରୋ)

ଦରଦାମ ବଢ଼ିଲାଣି। ତେଲ ଦର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ବଢ଼ିଗଲାଣି। ଥରେ ନିର୍ବାଚନମଣ୍ଡଳୀ ବୁଲି ଗଲେ ୫୦ ହଜାର ଖର୍ଚ୍ଚ ହେଉଛି। ବାହାଘର, ବ୍ରତଘର, ନାଚ, ଗୀତ, ମେଳା ମହୋତ୍ସବ, ଖେଳକୁଦ, ଚିକିତ୍ସା ଓ ଅନ୍ୟାନ୍ୟ ପାଇଁ ଆମକୁ ଟଙ୍କା ଦେବାକୁ ପଡୁଛି। ଅନ୍ୟ ରାଜ୍ୟରେ ଆମଠାରୁ ବହୁ ଅଧିକ ମିଳୁଛି। ସାର୍, ଆମର ଦରମା ଓ ଅନ୍ୟାନ୍ୟ ଭତ୍ତା ବଢ଼ାନ୍ତୁ। ଦଳଗତ ନିର୍ବିଶେଷରେ ବିଧାୟକମାନେ ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କଠାରେ ଏମିତି ଗୁହାରି କରିଛନ୍ତି। ବିଧାନସଭାରେ ଏନେଇ ଏକ ସର୍ବଦଳୀୟ ସବ୍‌କମିଟି ଗଠନ ହୋଇ ବିଭିନ୍ନ ରାଜ୍ୟ ଗସ୍ତ କରୁ। ଉକ୍ତ କମିଟି ରିପୋର୍ଟ ଆଧାରରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଉ ବୋଲି ସେମାନେ ଦାବି କରିଥିଲେ। ଉଦ୍‌ବେଗକୁ ଦେଖି ବାଚସ୍ପତି ଏହାର 'ସୁବିଚାର' ପାଇଁ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

ଶନିବାର ବିଧାନସଭା ଶୂନ୍ୟକାଳରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଥିଲେ, ଗତ ୧୩ ସେପ୍ଟେମ୍ବର ୨୦୧୭ରେ ରାଜ୍ୟରେ ବିଧାୟକଙ୍କ ଦରମା, ଭତ୍ତା ଓ ବିଧାୟକ ପାଣ୍ଠି ଆଦି ବଢ଼ିଥିଲା। ଏବେ ସମୟ ଆସିଛି ବିଧାୟକଙ୍କ ଦରମା ବଢ଼ାଇବାକୁ ବିଚାର କରାଯାଉ।



କର୍ଣ୍ଣାଟକରେ ବିଧାୟକମାନେ ମାସିକ ଭତ୍ତା ସହ ଦରମା ବାବଦରେ ୨.୦୫ ଲକ୍ଷ, ମହାରାଷ୍ଟ୍ରରେ ୨.୩୨ ଲକ୍ଷ, ତେଲଙ୍ଗାନାରେ ୨ ଲକ୍ଷ, ଦିଲ୍ଲୀରେ ୨.୧୦ ଲକ୍ଷ, ଉତ୍ତରାଖଣ୍ଡରେ ୩.୨୫ ଲକ୍ଷ ଓ ଗୋଆରେ ୩.୨ ଲକ୍ଷ ଟଙ୍କା ପାଉଛନ୍ତି। ଓଡ଼ିଶାରେ ବିଧାୟକମାନଙ୍କ ଦରମା ଓ ଗସ୍ତ ଖର୍ଚ୍ଚକୁ ମିଶାଇ ମୋଟ ୯୯,୮୦୦ ଟଙ୍କା ରହିଛି। ମୁଖ୍ୟମନ୍ତ୍ରୀଙ୍କୁ ଏ ନେଇ ଏକ ପ୍ରସ୍ତାବ ଦେବାକୁ ବାଚସ୍ପତି ରୁଲିଂ ଦିଅନ୍ତୁ ବୋଲି ସେ ଦାବି କରିଥିଲେ। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଯାହା ମିଳୁଛି ତାହା ପର୍ଯ୍ୟାପ୍ତ ହେଉନି ବୋଲି କହିବା ସହ ପୂର୍ବତନ ବିଧାୟକମାନଙ୍କର ମଧ୍ୟ ପେନ୍‌ସନ ଓ ଚିକିତ୍ସା ଖର୍ଚ୍ଚ ବଢ଼ାଯାଉ ବୋଲି ସେ ଦାବି କରିଥିଲେ। ବିଜେଡି ସଭ୍ୟ ଅମର ପ୍ରସାଦ, ପଦ୍ମନାଭ ବେହେରା, ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲି ମଧ୍ୟ ସମାନ ଦାବି କରିଥିଲେ। କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଥିଲେ, ଅପ୍ରିୟ ସତ୍ୟକଥା। ସକାଳୁ ଉଠିବା ମାତ୍ରେ ବିଭିନ୍ନ କଥାରେ ଲୋକଙ୍କୁ ପଇସା ଦେବାକୁ ପଡ଼େ। ଗୋଆ ଭଳି ରାଜ୍ୟର ବିଧାୟକଙ୍କ ଦରମା ଓ ଭତ୍ତା ୩ ଲକ୍ଷ। ଆମର ସବୁଠାରୁ କମ୍। ମୁଖ୍ୟମନ୍ତ୍ରୀ ଭାରି ଦରଦି। ତାଙ୍କୁ ଏହି ପ୍ରସ୍ତାବ ଦିଆଯାଉ ବୋଲି ସେ କହିଥିଲେ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଥିଲେ, ବିଧାୟକଙ୍କ ପାଇଁ ଏକ ସିଲିଂ କରାଯାଉ। ୫ଥର କିମ୍ବା ୭ ଥର ବିଧାୟକ ମାପଦଣ୍ଡ ନ ରହୁ। ସମସ୍ତଙ୍କ ପାଇଁ ସମାନ ବ୍ୟବସ୍ଥା କରାଯାଉ। ପୂର୍ବତନ ବିଧାୟକଙ୍କୁ ମାତ୍ର ୨ ହଜାର ଟଙ୍କା ଔଷଧ ପାଇଁ ଦିଆଯାଉଛି। ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଦିଆଯାଉଛି। ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ମହିଳାଙ୍କୁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ କାର୍ଡ ଦିଆଯାଉଛି। ଦରମା ଓ ଭତ୍ତା ବଢ଼ାଇବା ପାଇଁ ଏକ କମିଟି ଗଠନ କରାଯାଉ। ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ କହିଥିଲେ, ଜଣେ ପିଅନ ଓ ତୃତୀୟ ଶ୍ରେଣୀ କର୍ମଚାରୀ ମାସିକ ଯେତିକି ଦରମା ପାଉଛନ୍ତି ତା'ଠାରୁ ବିଧାୟକମାନେ କମ୍ ପାଉଛନ୍ତି। ତେଣୁ ଦରମା ବୃଦ୍ଧି କରାଯାଉ ବୋଲି ସେ ଦାବି କରିଥିଲେ।

# ଇସ୍ତୋନିଆକୁ ହରାଇଲା ଭାରତ 'ବି'

ମାମାଲ୍ଲାପୁରମ୍,୩୦।୭(ପି.ଟି)

ଚେନ୍ନାଇର ମହାବଳୀପୁରମରେ ଖେଳାଯାଉଥିବା ୪୪ତମ ଫିଡେ ଚେସ୍ ଅଲିମ୍ପିଆଡରେ ଭାରତୀୟ ଖେଳାଳିଙ୍କ ଜୟଯାତ୍ରା ଅବ୍ୟାହତ ରହିଛି। ଟୁର୍ନାମେଣ୍ଟରେ ରେଡ ହଟର ମାନ୍ୟତା ପାଇଥିବା ପୁରୁଷ ବର୍ଗର ଭାରତ'ବି' ଇସ୍ତୋନିଆକୁ ୪-୦ରେ ହରାଇଛି। ଦ୍ୱିତୀୟ ସିଡର ମାନ୍ୟତା ପାଇଥିବା ପୁରୁଷ ଏ ଦଳ ୩.୫ - ୦.୫ ପଏଣ୍ଟରେ ମଲଡୋଭାକୁ ପରାସ୍ତ କରିଛି। ଏଥିସହିତ ପ୍ରଥମ ଗେମ୍ ଖେଳିନଥିବା ଆମେରିକାର ମାଗ୍ନସ୍ କାର୍ଲସେନ୍‌ଙ୍କୁ ପରାସ୍ତ କରିଛନ୍ତି। ଜର୍ଜ ମେୟରଙ୍କୁ କାର୍ଲସେନ ପରାସ୍ତ କରିଥିବାବେଳେ ୪-୦ରେ ନରୱେକୁ ହରାଇଥିଲା ଆମେରିକା। ଟୁର୍ନାମେଣ୍ଟରେ ମହିଳା ବର୍ଗରେ ଟପ୍ ସିଡର ମାନ୍ୟତା ପାଇଥିବା ଭାରତ ଏ ଦଳ ଆର୍ଜେଣ୍ଟିନା ବିପକ୍ଷରେ ଅଗ୍ରଣୀ ରହିଛି। ଆର୍. ବୈଶାଳୀଙ୍କ ମ୍ୟାଚ୍ ଜାରି ରହିଥିବାବେଳେ କୋନେରୁ ହମ୍ପି, ତାନିଆ ସଚଦେବ ଓ ଭକ୍ତି ଅଗ୍ରୱାଲ ଯଥାକ୍ରମେ ମାରିସା ଜୁରେଇ, ମାରିଆ କୋମ୍ପାସ ଏବଂ ମାରିଆ ବର୍ଲିନଙ୍କୁ ପରାସ୍ତ କରିଛନ୍ତି।

## ଚେସ୍ ଅଲିମ୍ପିଆଡ

### ମ୍ୟାଚ୍ ଡ୍ର ରଖିଲେ ପଦ୍ମିନୀ

ଇଣ୍ଡିଆ ବି ଟିମ୍ ଲାଟଭିଆ ବିପକ୍ଷ ମୁକାବିଲାରେ ୧.୫ - ୦.୫ରେ ଅଗ୍ରଣୀ ରହିଛି। ମେରୀ ଆନ୍ ଗୋମସ ନେଲିଜା ମାକଲାକୋଭାଙ୍କ ବିପକ୍ଷରେ ବିଜୟ ସହିତ ଅଭିଯାନ ଆରମ୍ଭ କରିଥିବାବେଳେ ଓଡ଼ିଆ ଗ୍ରାଣ୍ଡମାଷ୍ଟର ପଦ୍ମିନୀ ରାଉତ ଇଲଜେ ବର୍ଜିନାଙ୍କ ବିପକ୍ଷ ନିଜ ମୁକାବିଲା ଡ୍ର ରଖିଥିଲେ। ଇଣ୍ଡିଆ ସି ଦଳ ସିଙ୍ଗାପୁରକୁ ୩-୧ରେ ପରାସ୍ତ କରିଛି। ଭି ନନ୍ଦିଥା ଏବଂ ଇଶା କରାଭାଡେ ନିଜ ନିଜ ମ୍ୟାଚ ଜିତିଥିବା ବେଳେ ପ୍ରତ୍ୟୁଶା ବୋଡ୍ଡା ଓ ବିଶ୍ୱ ବନଶ୍ୱଳା ନିଜ ନିଜ ମୁକାବିଲା ଡ୍ର ରଖିଥିଲେ।

ଟୁର୍ନାମେଣ୍ଟ ପୂର୍ବରୁ ବିଶ୍ୱନାଥନ ଆନନ୍ଦ ଏବଂ ମାଗ୍ନସ କାର୍ଲସେନଙ୍କ ଦ୍ୱାରା ଡାର୍କହର୍ସର ମାନ୍ୟତା ପାଇଥିବା ଇଣ୍ଡିଆ ବି ଟିମ୍ ୪-୦ରେ ଇସ୍ତୋନିଆକୁ ପରାସ୍ତ କରିଛି। ଟପ୍ ବୋର୍ଡରେ ଡି. ଗୁକେଶ କାଲ୍ଲେ କିଲିକଙ୍କୁ ଓ ଦ୍ୱିତୀୟ ବୋର୍ଡରେ ଆର୍. ପ୍ରଜ୍ଞାନନ୍ଦ କିରିଲ୍ ଚୁକାଭିନଙ୍କ ବିପକ୍ଷରେ ହାସଲ କରିଥିଲେ ସହଜ ବିଜୟ। ବି. ଅଧିବନ୍ ଓ ରୌନକ ସାଧୱାନି ମଧ୍ୟ ନିଜ ମୁକାବିଲାକୁ ଜିତି ୪-୦ ବିଜୟ ପ୍ରଦାନ କରିଥିଲେ। ଇଣ୍ଡିଆ ଏ ପକ୍ଷରୁ ପି ହରିକ୍ରିଷ୍ଣା, ଏସ.ଏଲ୍. ନାରାୟଣନ୍ ଏବଂ କେ. ଶଶିକରଣ ବିଜୟ ହାସଲ କରିଥିବାବେଳେ ଅର୍ଜୁନ୍ ଇରିଗାସୀ ଡ୍ର ରଖିବାରେ ସମର୍ଥ ହୋଇଥିଲେ। ପାରାଗୁଏ ସହିତ ଖେଳାଯାଇଥିବା ମୁକାବିଲାକୁ ୨.୫-୧.୫ରେ ଜିତି ନେଇଛି ଆମେରିକା। ବିଶ୍ୱ ମାନ୍ୟତାର ୪ ନମ୍ବରରେ ରହିଥିବା ଫାବିଆନୋ କରୁଆନାଙ୍କ ସହିତ ଆକ୍ସେଲ ବାକ୍‌ମାନ ପଏଣ୍ଟ ବାଣ୍ଟିଥିଲେ। ଅନ୍ୟ ଓପନ ବର୍ଗର ମ୍ୟାଚରେ ସ୍ପେନ୍ ୩.୫ - ୦.୫ରେ ବେଲଜିୟମକୁ ପରାସ୍ତ କରିଥିବାବେଳେ ପୋଲାଣ୍ଡ ୩-୧ରେ ବେଲଜିୟମକୁ ହରାଇଛି।


ଆର୍. ପ୍ରଜ୍ଞାନନ୍ଦ


ମାଗ୍ନସ୍ କାର୍ଲସେନ୍

# ଜିମ୍ବାୱେ ଗସ୍ତ ପାଇଁ ଭାରତୀୟ ଦଳ ଘୋଷଣା

ନୂଆଦିଲ୍ଲୀ,୩୦।୭(ପି.ଟି)

ଜିମ୍ବାୱେ ବିପକ୍ଷ ଦିନିକିଆ ସିରିଜ ପାଇଁ ଶନିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ୱେଷ୍ଟଇଣ୍ଡିଜରେ ଭାରତୀୟ ଦଳର ନେତୃତ୍ୱ ନେଇଥିବା ଶିଖର ଧାୱନଙ୍କୁ ଭାରତୀୟ ଦଳର ଅଧିନାୟକ କରାଯାଇଛି। କେ ଏଲ୍ ରାହୁଲ ଆହତ କାରଣରୁ ବାଦ ପଡିଥିବା ବେଳେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ୱାଶିଂଟନ୍ ସୁନ୍ଦର ଓ ଦୀପକ ଚହର। ରାହୁଲ କୋଭିଡରୁ ସୁସ୍ଥ ହୋଇଥିଲେ ହେଁ ହାର୍ମଷ୍ଟ୍ରିଙ୍ଗ ଇଞ୍ଜୁରୀ କାରଣରୁ ବାଦ ପଡିଛନ୍ତି। ଅନ୍ୟପକ୍ଷରେ ବିରାଟ କୋହଲି, ରୋହିତ ଶର୍ମା, ରିଷଭ ପନ୍ତ, ମହମ୍ମଦ ଶାମି, ଯଶପ୍ରୀତ ବୁମରା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଏହି ସିରିଜରୁ ବିଶ୍ରାମ ଦିଆଯାଇଛି। ଆଇପିଏଲରେ ଭଲ ପ୍ରଦର୍ଶନ କରିଥିବା ରାହୁଲ ତ୍ରିପାଠୀଙ୍କୁ ମଧ୍ୟ ଏହି ଦଳରେ ସାମିଲ କରାଯାଇଛି। ବିଶ୍ୱକପକୁ ଆଖି ଆଗରେ ରଖି ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ପାଇଁ ଏହି ଦଳ ଘୋଷଣା କରାଯାଇଥିବା କୁହାଯାଉଛି। ସେହିପରି ଏସିଆ କପ୍ ପରବର୍ତ୍ତୀ ମ୍ୟାଚ ଗୁଡିକ ପାଇଁ ବିରାଟ କୋହଲି ଉପଲବ୍ଧ ହେବେ ବୋଲି ଚୟନକର୍ତ୍ତାଙ୍କୁ ଜଣାଇଛନ୍ତି।

**ଭାରତୀୟ ଦଳ**

ଶିଖର ଧାୱନ (ଅଧିନାୟକ), ଋତୁରାଜ ଗାଏକ୍ୱାଡ, ଶୁଭମନ ଗିଲ, ଦୀପକ ହୁଡା, ରାହୁଲ ତ୍ରିପାଠୀ, ଈଶାନ କିଶନ (ୱିକେଟ କିପର), ସଞ୍ଜୁ ସାମସନ (ୱିକେଟ କିପର), ୱାଶିଂଟନ ସୁନ୍ଦର, ଶାର୍ଦ୍ଦୁଲ ଠାକୁର, କୁଲଦୀପ ଯାଦବ, ଅକ୍ଷର ପଟେଲ, ଆଭେଶ ଖାନ, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ, ଦୀପକ ଚହର।

# ଫାଓ ଲିଗ୍: ଟାଉନ୍ କ୍ଲବ୍ ବିଜୟୀ

ଭୁବନେଶ୍ୱର,୩୦।୭(ସ୍ପୋର୍ଟସ ବ୍ୟୁରୋ)

କଟକର ବାରବାଟୀ ଷ୍ଟାଡିୟମରେ ଖେଳା ଯାଉଥିବା ଫାଓ ଲିଗ୍ ୨୦୨୨ର ପ୍ରଥମ ମୁକାବିଲାରେ ବିଜୟୀ ହୋଇଛି ଟାଉନ୍ କ୍ଲବ। ଶନିବାର ଦଳ ୪-୧ରେ ରୟାଲ କ୍ଲବକୁ ପରାସ୍ତ କରିଛି। ପପୁ ମାଝୀ ଡବଲ ଗୋଲ ସ୍କୋର କରିଥିଲେ। ଅଷ୍ଟମ ମିନିଟରେ ସୌମ୍ୟରଞ୍ଜନ ସ୍ୱାଇଁ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାପରେ ୪୧ ଓ ୪୭ତମ ମିନିଟରେ ଦୁଇଟି ଗୋଲ ସ୍କୋର କରିଥିଲେ ପପୁ ମାଝୀ। ୫୧ ତମ ମିନିଟରେ ମହେଶ ସିଂ ଆଉଏକ ଗୋଲ ସ୍କୋର କରି ଦଳକୁ ୪-୦ରେ ଆଗୁଆ କରିଥିଲେ। ରୟାଲ ପକ୍ଷରୁ ୫୯ ତମ ମିନିଟରେ ଏକମାତ୍ର ଗୋଲ ପରିଶୋଧ କରିଥିଲେ ମୋହିତ କୁମାର ସାମଲ। ରବିବାର ମ୍ୟାଚ୍ ନମ୍ବର ୩୪ରେ ପରସ୍ପରକୁ ସାମନା କରିଥିଲେ ଓଡ଼ିଶା ପୋଲିସ୍ ଓ ରୋଭର୍ସ କ୍ଲବ୍। ମ୍ୟାଚ୍‌ଟିରେ ଉଭୟ ଦଳ ଗୋଲ କରିବାରେ ଅସମର୍ଥ ହୋଇଥିବା ବେଳେ ମ୍ୟାଚଟି ଅମୀମାଂସିତ ଭାବରେ ଶେଷ ହୋଇଥିଲା। ରବିବାର ଦିନ ୧.୩୦ ମିନିଟରେ ସନସାଇନ୍ ଓ ଜୟଦୁର୍ଗା କ୍ଲବ୍ ମଧ୍ୟରେ ଖେଳାଯିବ। ସେହିପରି ଦ୍ୱିତୀୟ ମ୍ୟାଚଟି ଚାଉଳିଆଗଞ୍ଜ ଓ ଓଡ଼ିଶା ପ୍ରେସ୍ କ୍ଲବ୍ ମଧ୍ୟରେ ଖେଳାଯିବ।


ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୁରୁଷ ମାରାଥନ ସ୍ୱର୍ଣ୍ଣ ବିଜେତା ଉଗାଣ୍ଡାର ଭିକ୍ଟର କିପଲାନ୍‌ଗାଟ୍ (ମଝି), ରୌପ୍ୟ ବିଜେତା ତାଞ୍ଜାନିଆର ଆଲ୍‌ଫୋନ୍ସ ଫେଲିକ୍ସ ସିମ୍ବୁ (ବାମ) ଏବଂ ବ୍ରୋଞ୍ଜ ବିଜେତା କେନିଆର ମାଇକେଲ ମୁଗୋ ଗିଥାଏ ସେମାନଙ୍କ ପଦକ ସହ।

# ବାଂଲାଦେଶକୁ ହରାଇଲା ଜିମ୍ବାୱେ

ହରାରେ,୩୦।୭(ପି.ଟି)

ଜିମ୍ବାୱେ ଗସ୍ତରେ ରହିଥିବା ବାଂଲାଦେଶ ଏହାର ପ୍ରଥମ ଟି ୨୦ ମୁକାବିଲାରେ ପରାଜିତ ହୋଇଛି। ହରାରେ ସ୍ପୋର୍ଟସ କ୍ଲବରେ ଖେଳାଯାଇଥିବା ମୁକାବିଲାରେ ଭ୍ରମଣକାରୀ ଦଳକୁ ୧୭ରନରେ ପରାସ୍ତ କରିବା ସହିତ ୧-୦ରେ ଅଗ୍ରଣୀ ହାସଲ କରିଛି ଜିମ୍ବାୱେ। ପ୍ରଥମେ ବ୍ୟାଟିଂ କରିଥିବା ଜିମ୍ବାୱେ ୩ ଉଇକେଟ ବିନିମୟରେ ୨୦୫ ରନ୍ ସଂଗ୍ରହ କରିଥିବା ବେଳେ ବାଂଲାଦେଶ ୧୮୮ରେ ସୀମିତ ରହିଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜିମ୍ବାୱେ ପକ୍ଷରୁ ୱେସ୍ଲି ମାଧେଭିର ୬୭ ରନ୍ କରିଥିବା ବେଳେ ସିକନ୍ଦର ରାଜା ୬୫ ରନ୍ କରିଥିଲେ। ୪୬ ବଲ୍ ଖେଳି ୯ ଚୌକା ସହିତ ମାଧେଭିର ରିଟାୟର୍ଡ ହର୍ଟ ହୋଇଥିଲେ। ୨୬ ବଲ ଖେଳି ୬୫ ରନ କରିଥିବା ରାଜା ୭ ଚୌକା ଓ ୪ ଛକା ମାରିଥିଲେ। ସିନ୍ ୱିଲିୟମ୍ସ ୩୩ ରନର ଅବଦାନ ଦେଇଥିଲେ। ମୁସ୍ତାଫିଜୁର ରେହମାନ ଦୁଇଟ ଉଇକେଟ ନେଇଥିଲେ।

୨୦୬ ରନର ପିଛା କରୁଥିବା ବାଂଲାଦେଶର ଆରମ୍ଭ ଭଲ ରହିନଥିଲା। ୫ ରନରେ ଦଳ ପ୍ରଥମ ୱିକେଟ ହରାଇଥିଲା। ଲିଟନ ଦାସ(୩୨), ଏନାମଲ ହକ୍(୨୬) ଓ ନଜମୋଲ ହସନ ଶାନ୍ତୋ(୩୭)ଙ୍କୁ ଭଲ ଆରମ୍ଭ ମିଳିଥିଲେ ହେଁ ଏହାକୁ ବଡ ଇନିଂସରେ ପରିଣତ କରିବାରେ ବିଫଳ ହୋଇଥିଲେ। ଅଧିନାୟକ ନୁରୁଲ ହସନ୨୬ ବଲରୁ ୪୨ ରନ କରିଥିଲେ ହେଁ ଏହା ଯଥେଷ୍ଟ ନଥିଲା। ଏହି ଇନିଂସରେ ଗୋଟିଏ ଚୌକା ଓ ୪ ଛକା ସାମିଲ ଥିଲା। ଲୁକ୍ ଜଙ୍ଗୱେ ଦୁଇଟି ୱିକେଟ ନେଇଥିଲେ। ସିକନ୍ଦର ରଜାଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।


ଜିମ୍ବାୱେର ୱେସ୍ଲି ମାଧେଭିର ଏକ ସୁଇପ୍ ଶଟ୍ ଖେଳୁଛନ୍ତି।

## ଘାନା ବକ୍ସର ଡୋପ୍ ଟେଷ୍ଟରେ ବିଫଳ

ବର୍ମିଂହାମ୍,୩୦।୭(ପି.ଟି)

ଘାନାର ବକ୍ସର ଶକୁଲ୍ ସାମେଦ ଡୋପ୍ ଟେଷ୍ଟରେ ବିଫଳ ହେବା କାରଣରୁ ତାଙ୍କୁ ନିଲମ୍ବିତ କରାଯାଇଛି। ନମୁନା ପଜିଟିଭ ଆସିବା ପରେ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜକ କମିଟି ପକ୍ଷରୁ ତାଙ୍କୁ ଏହି ଦଣ୍ଡ ଦିଆଯାଇଛି। ଫ୍ୟୁରୋସେମାଇଡ୍ ନାମକ ଏକ ଅବୈଧ ରାସାୟନିକ ତାଙ୍କ ନମୁନାରୁ ମିଳିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଘାନା ରାଜ୍ୟଗୋଷ୍ଠୀ ଦଳକୁ ସୂଚନା ଦିଆଯାଇଛି। ସେ ଚାହିଁଲେ ବି ନମୁନା ପରୀକ୍ଷଣ ପାଇଁ ଆବେଦନ କରିପାରିବେ। ପରୀକ୍ଷଣ ପରେ ଦଣ୍ଡବିଧାନ ସମ୍ପର୍କରେ ବିଚାର କରାଯିବ ବୋଲି ଜଣାପଡିଛି।

# ମହାକାଶ ଯିବ ଛାତ୍ରୀଙ୍କ ସାଟେଲାଇଟ୍

ନୂଆଦିଲ୍ଲୀ

ଆସନ୍ତା ସପ୍ତାହରେ ଇଣ୍ଡିଆନ୍ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେଶନ (ଇସ୍ରୋ) ପକ୍ଷରୁ 'ଆଜାଦିସାଟ୍' ଉପଗ୍ରହ କକ୍ଷପଥକୁ ପ୍ରେରଣ କରାଯିବ। ତେବେ ଏହି ସାଟେଲାଇଟ୍‌ର ବିଶେଷତ୍ୱ ହେଉଛି ଏହାକୁ ୭୫ଟି ସ୍କୁଲର ୭୫୦ ଜଣ ଛାତ୍ରୀ ମିଳିତ ଭାବେ ତିଆରି କରିଛନ୍ତି। ତେବେ ଇସ୍ରୋର ସ୍ମଲ୍ ସାଟେଲାଇଟ୍ ଲଞ୍ଚ ଭେହିକଲ୍ (ଏସ୍‌ଏସ୍‌ଏଲ୍‌ଭି) ଜରିଆରେ ଏହା ମହାକାଶକୁ ପଠାଯିବ। ସାଟେଲାଇଟ୍‌ର ଓଜନ ୮ କିଲୋଗ୍ରାମ୍। ଏଥିରେ ସ୍ୱତନ୍ତ୍ର ପ୍ରକାର କ୍ୟାମେରା ଖଞ୍ଜାଯାଇଛି, ଯାହା ନିଜ ସୋଲାର ପ୍ୟାନେଲ୍‌ର ସେଲ୍‌ଫି ନେବା ସହ ଏଥିରେ ଲଙ୍ଗ୍ ରେଞ୍ଜ କମ୍ୟୁନିକେଶନ୍ ଟ୍ରାନ୍ସପଣ୍ଡର୍ସ (ୱାୟରଲେସ୍ କମ୍ୟୁନିକେଟର)ର ସୁବିଧା ରହିଛି। ଚଳିତ ବର୍ଷ ଦେଶ ୭୫ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଥିବାବେଳେ ଏହାକୁ ସ୍ମରଣୀୟ କରିବା ପାଇଁ ରାଷ୍ଟ୍ରରେ ଆଜାଦିକା ଅମୃତ ମହୋତ୍ସବ ଭଳି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏଥିରେ ଛାତ୍ରୀମାନଙ୍କ ସାଟେଲାଇଟ୍‌କୁ ସାମିଲ୍ କରାଯାଇଛି। ୬ ମାସିଆ ମିଶନରେ ଏହି ଉପଗ୍ରହକୁ ଇସ୍ରୋ ମହାକାଶକୁ ଉତ୍‌କ୍ଷେପଣ କରିବ। ଦେଶରେ ପ୍ରଥମ ଥର ପାଇଁ ଏ ପ୍ରକାର ମିଶନରେ ସ୍କୁଲ ଛାତ୍ରୀଙ୍କୁ ସାମିଲ କରାଯାଇଛି।



**ତିଆରି କରିଛନ୍ତି ୭୫୦ ସ୍କୁଲ ଛାତ୍ରୀ**

**ଆସନ୍ତା ସପ୍ତାହରେ ଲଞ୍ଚ କରିବ ଇସ୍ରୋ**

୫୦୦ କିଲୋଗ୍ରାମରୁ କମ୍ ଓଜନର ସାଟେଲାଇଟ୍ ଲଞ୍ଚ ପାଇଁ ଇସ୍ରୋ ଏସ୍‌ଏସ୍‌ଏଲ୍‌ଭିର ରକେଟ୍‌ର ନିର୍ମାଣ କରିଛି। ପୃଥିବୀର ନିମ୍ନ କକ୍ଷ ପଥରେ ସାଟେଲାଇଟ୍ ପ୍ରେରଣ ସାଙ୍ଗକୁ ଦୁର୍ଗମ ଅଞ୍ଚଳଗୁଡ଼ିକରେ ଇଣ୍ଟରନେଟ୍ ସେବା ଯୋଗାଇବାରେ ଏହା ସାହାଯ୍ୟ କରିଥାଏ। ତେବେ ଖୁବ୍ କମ୍ ସମୟ ମଧ୍ୟରେ ଏସ୍‌ଏସ୍‌ଏଲ୍‌ଭି ରକେଟର ନିର୍ମାଣ ସମ୍ଭବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି।

## ଫୁର୍‌ସତ୍

# ଘର ବିକିଲେ ଜାହ୍ନବୀ

**ମୁମ୍ବାଇ:** ହିନ୍ଦୀ ଚଳଚ୍ଚିତ୍ର ନାୟିକା ଜାହ୍ନବୀ କପୁର ମୁମ୍ବାଇ ଜୁହୁରେ ଥିବା ତାଙ୍କର ଲଗ୍‌ଜୁରୀ ଆପାର୍ଟମେଣ୍ଟକୁ ୪୪ କୋଟିରେ ବିକ୍ରି କରିଛନ୍ତି। କୌଣସି ବିଲ୍ଡର କିମ୍ବା ଇଣ୍ଡଷ୍ଟ୍ରି ବାହାରର ବ୍ୟକ୍ତି ଏହି ଘରକୁ କିଣି ନାହାନ୍ତି। ବଲିଉଡ୍‌ର ଜଣାଶୁଣା ଅଭିନେତା ରାଜକୁମାର ରାଓ ଏହି ଘର କିଣିଥିବା ଖବର ପ୍ରକାଶ ପାଇଛି। ତେବେ ଜାହ୍ନବୀ ଏହି ଘରକୁ ୨୦୨୦ରେ ୩୯ କୋଟି ଟଙ୍କାରେ କିଣିଥିଲେ। କିନ୍ତୁ ଏହାକୁ ସେ ୪୪ କୋଟି ଟଙ୍କାରେ ବିକ୍ରି କରିଥିବା କୁହାଯାଉଛି। ୩,୪୫୬ ବର୍ଗଫୁଟ ପରିମିତ ଜାଗାରେ ଏହି ଘର ଅବସ୍ଥିତ। ଏହି ଲଗ୍‌ଜୁରିୟସ୍ ଘରେ ସବୁ ପ୍ରକାର ସୁବିଧା ଥିବା କୁହାଯାଉଛି। ତେବେ ଜାହ୍ନବୀ କ'ଣ ପାଇଁ ଘର ବିକିଛନ୍ତି ସେ ନେଇ କୌଣସି ଖବର ପ୍ରକାଶ ପାଇନାହିଁ। ଗଣମାଧ୍ୟମ ରିପୋର୍ଟ ଅନୁସରରେ ସେ ବର୍ତ୍ତମାନ ରିଲିଜ୍ ହେବାକୁ ଥିବା ଗୁଡ୍ ଲକ୍ ଜେରୀର ପ୍ରମୋଶନ୍‌ରେ ବ୍ୟସ୍ତ ଅଛନ୍ତି।


ଜାହ୍ନବୀ କପୁର

## ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

# ଟାଏ ପିନ୍ଧ ନାହିଁ

**ମାଡ୍ରିଡ୍:** ମୁଁ ଟାଏ ପିନ୍ଧୁ ନାହିଁ, ମୋ ମନ୍ତ୍ରିମଣ୍ଡଳ ସଦସ୍ୟଙ୍କୁ ମଧ୍ୟ ଟାଏ ନ ପିନ୍ଧିବା ପାଇଁ କହିଛି। ଏକଥା କହିଛନ୍ତି ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାନ୍‌ଚେଜ୍। ରାଜଧାନୀ ମାଡ୍ରିଡ୍‌ରେ ଏକ ରାଜନୈତିକ ରାଲିକୁ ଉଦ୍‌ବୋଧନ ଦେବାବେଳେ ସାନ୍‌ଚେଜ୍ ଏ କଥା କହିଛନ୍ତି। ଟାଏ ନ ପିନ୍ଧିବା ଦ୍ୱାରା ବିଦ୍ୟୁତ୍ ବଞ୍ଚାଯାଇପାରିବ। ପ୍ରତ୍ୟେକ କାର୍ଯ୍ୟକ୍ଷେତ୍ରରେ କର୍ମଚାରୀମାନଙ୍କୁ ବିନା ଟାଏରେ କାମ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏହାଦ୍ୱାରା ଲୋକଙ୍କୁ କମ୍ ଗରମ ହେବ ଏବଂ ସେମାନେ ବିଦ୍ୟୁତିକ ଉପକରଣ ବ୍ୟବହାର କମାଇଦେବେ। ଫଳରେ ସେମାନେ ଶକ୍ତି ସଂରକ୍ଷଣରେ ଏକ ପ୍ରକାର ସହଯୋଗ କରିବେ ବୋଲି ସେ କହିଛନ୍ତି। ସାନ୍‌ଚେଜ୍‌ଙ୍କ କ୍ୟାବିନେଟ୍ ଅଗଷ୍ଟ ୧ରେ ଏନର୍ଜି ଏଫିସିଏନ୍ସି ଏବଂ ସେଭିଙ୍ଗ୍‌ସ ପ୍ରୋଗ୍ରାମ୍ ବିଲ୍‌କୁ ପାରିତ କରିବାକୁ ଯାଉଛନ୍ତି।


ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାନ୍‌ଚେଜ୍

# ଟମାଟୋ ଖାଇ ମହିଳାଙ୍କ ମୃତ୍ୟୁ

ମୁମ୍ବାଇ: ମୁମ୍ବାଇରେ ଘଟିଯାଇଛି ଏକ ଅଜବ ଘଟଣା। ଟମାଟୋ ଖାଇ ରେଖା ନିଶାଦଙ୍କ ଜୀବନ ଚାଲିଯାଇଛି। ଖବରଟି ଅଜବ ଲାଗିଲେ ମଧ୍ୟ ସତ। ମହିଳା ଜଣଙ୍କ ମୂଷା ମାରିବା ପାଇଁ ଟମାଟୋରେ ମୂଷାମାରି ଦେଇ ରଖିଥିଲେ। ଭୁଲବଶତଃ ସେହି ଟମାଟୋକୁ ରେଖା ନୁଡୁଲ୍ସ ତିଆରି କଲାବେଳେ ପକେଇଥିଲେ। ଫଳରେ ମୂଷାମାରି ଟମାଟୋ ଖାଇ ମହିଳା ପ୍ରାଣ ହରାଇଛନ୍ତି। ନୁଡୁଲ୍ସ ଖାଇବା ପରେ ରେଖାଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯାଇଥିଲା ଫଳରେ ଘରଲୋକେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ହିଁ ସେମାନଙ୍କର ମୃତ୍ୟୁ ହୋଇଯାଇଥିଲା।

## ସଂକ୍ଷେପରେ

### ପ୍ରକୃତ ମାଲିକଙ୍କୁ ଫେରାଗଲା ଜବତ ୧୮୨ ମୋବାଇଲ

ଭୁବନେଶ୍ୱର,୩୦।୭(ବ୍ୟୁରୋ) : ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରୁ ମୋବାଇଲ ଚୋରି କରି ଫେରାର ହୋଇଯାଉଥିବା ଲୁଟେରାଙ୍କୁ ଗିରଫ କରିଥିଲା କମିଶନରେଟ ପୋଲିସ । ସେମାନଙ୍କଠାରୁ ୧୮୨ଟି ମୋବାଇଲ ଫୋନ ଜବତ କରାଯାଇଥିଲା । ପ୍ରକୃତ ମାଲିକଙ୍କୁ ଉକ୍ତ ମୋବାଇଲ ଫେରାଇବା ଲାଗି ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାର ଡିସିପିଙ୍କ କାର୍ଯ୍ୟାଳୟରେ ଶନିବାର ଏକ ହସ୍ତାନ୍ତର ମେଳା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଡିସିପି ପ୍ରତୀକ୍ ସିଂଙ୍କ ସମେତ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଜବତ ୧୮୨ ମୋବାଇଲ ଫୋନ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଥିଲା। ଚୋରି ମୋବାଇଲ ଫୋନ ଫେରି ପାଇବା ପରେ ଅଭିଯୋଗକାରୀମାନେ ଖୁସି ପ୍ରକଟ କରିବା ସହ କମିଶନରେଟ ପୋଲିସକୁ ଧନ୍ୟବାଦ ଦେଇଥିଲେ। ଭୁବନେଶ୍ୱର ଓସିପିଓ ସେଲ୍‌ର ୫୦, ଶହୀଦନଗର ଥାନା ଅଞ୍ଚଳରେ ୫୦, ଭରତପୁରର ୨୭, ଜଟଣୀ ଓ ଲକ୍ଷ୍ମୀସାଗର ୧୦, ଖାରବେଳନଗରର ୭, କ୍ୟାପିଟାଲ ଓ ଚନ୍ଦ୍ରଶେଖରପୁରର ୪, ନୟାପଲ୍ଲୀର ୫, ଇନ୍‌ଫୋସିଟି, ଇନ୍‌ଫୋଭ୍ୟାଲି ଓ ମଞ୍ଚେଶ୍ୱରର ୩ ଟି ଲେଖାଏ, ଖଣ୍ଡଗିରି, ବଡଗଡ ଓ ଧଉଳିର ୨ ଟି ଲେଖାଏ ମୋବାଇଲ୍ ପ୍ରଦାନ କରାଯାଇଛି।

### ନାବାଳିକାଙ୍କୁ ବ୍ଲାକ୍‌ମେଲ, ୧୭ ମାସ ପରେ ଯୁବକ ଗିରଫ

ଭୁବନେଶ୍ୱର,୩୦।୭(ବ୍ୟୁରୋ) : ନାବାଳିକାଙ୍କ ଖରାପ ଫଟୋ ଉଠାଇ ବ୍ଲାକ୍‌ମେଲ କରିବା ଅଭିଯୋଗରେ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ୧୭ ମାସ ପରେ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଲେ କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ତୁଳସୀପୁର ଗ୍ରାମର ପ୍ରଦୀପ କୁମାର ସ୍ୱାଇଁ (୨୨)। ଏନେଇ ସାଇବର ଥାନା ପୋଲିସ ଏକ ମାମଲା (ନଂ. ୩୦/୨୨) ରୁଜୁକରି ଶନିବାର କୋର୍ଟ ଚାଲାଣ କରିଥିଲା। ହେଲେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୂଚନାନୁସାରେ, ଅଭିଯୁକ୍ତ ପ୍ରଦୀପ ଟିକ୍‌ଟକ୍‌ରେ ନାବାଳିକାଙ୍କ ସହ ପରିଚିତ ହୋଇଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ନମ୍ବର ଦିଆନିଆ ହୋଇଥିଲା। ପ୍ରଦୀପ ନିଜକୁ ଶିକ୍ଷକ ପରିଚୟ ଦେଇ ସମ୍ପର୍କ ବଢ଼ାଇଥିଲେ। ଏପରିକି ନାବାଳିକାଙ୍କୁ ସବୁଠୁ ଭଲ କଲେଜରେ ଆଡ୍‌ମିଶନ କରାଇଦେବା ସହ ଲାପଟପ ଦେବାର ଲୋଭ ଦେଖାଇଥିଲେ। ଏଥିପାଇଁ କିଛି କାଗଜପତ୍ର ନିହାତି ଦରକାର ଥିବା ଦର୍ଶାଇ ହ୍ୱାଟ୍‌ସଆପ୍ ନମ୍ବର ମାଗି ଭିଡିଓ କଲ ଜରିଆରେ ନାବାଳିକାଙ୍କ ଫୋଟୋ ସଂଗ୍ରହ କରି ନେଇଥିଲେ। ପୁନର୍ବାର ଅଭିଯୁକ୍ତ ଜଣକ ଭିଡିଓ କଲ୍ କରି କଥା ହେବା ସମୟରେ ଛଳନା କରି କିଛିଟା ସମ୍ବେଦନଶୀଳ ଭିଡିଓ ସଂଗ୍ରହ କରିନେବା ପରେ ବ୍ଲାକ୍‌ମେଲ ଆରମ୍ଭ କରିଥିଲେ। ଭିଡିଓ ଭାଇରାଲ ଧମକ ଦେଇ ଟଙ୍କା ଦାବି କରିଥିଲେ। ଟଙ୍କା ନ ମିଳିବାରୁ ଅଭିଯୁକ୍ତ ପ୍ରଦୀପ ଯୁବତୀଙ୍କ ନିକଟ ସମ୍ପର୍କୀୟଙ୍କୁ ହ୍ୱାଟସଆପ୍‌ରେ ଉକ୍ତ ଭିଡିଓ ପଠାଇଥିଲେ। ଏଥିସହ ଯୁବତୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବାଲାଗି ମଧ ଧମକ ଦେଇଥିଲେ। ଏନେଇ ଲିଖିତ ଅଭିଯୋଗ ପରେ ସାଇବର ଥାନା ପୋଲିସ ତଦନ୍ତ କରିଥିଲା।

# ବିଦ୍ୟୁତ୍ ସଂରକ୍ଷଣର ବାର୍ତ୍ତା ଦେଲା 'ବିଜୁଳି ମହୋତ୍ସବ'



କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ଅନ୍ୟମାନେ।

ଭୁବନେଶ୍ୱର,୩୦।୭ (ବ୍ୟୁରୋ)

ଉଜ୍ଜ୍ୱଳ ଭାରତ ଉଜ୍ଜ୍ୱଳ ଭବିଷ୍ୟତ–ପାୱାର @ ୨୦୪୭ ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ପ୍ରଶାସନ, ଏନ୍‌ଟିପିସି, ଓପିଟିସିଏଲ୍ ଓ ଟିପିସିଓଡିଏଲ୍ ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଜନସଚେତନତା କାର୍ଯ୍ୟକ୍ରମ 'ବିଜୁଳି ମହୋତ୍ସବ' ଅନୁଷ୍ଠିତ ହୋଇଯାଇଛି। ଦେଶ ପାଇଁ ବିଜୁଳି ବିତରଣ ଆଧୁନିକୀକରଣ ବ୍ୟବସ୍ଥା, ନ୍ୟାଶନାଲ ରୁଫଟପ୍ ସୋଲାର ପୋର୍ଟାଲ ଓ ଏନ୍‌ଟିପିସିର ସ୍ୱଚ୍ଛ ଶକ୍ତି ପରିଯୋଜନା ଆଦି କାର୍ଯ୍ୟକ୍ରମର ଲୋକାର୍ପଣ ଓ ଶିଳାନ୍ୟାସ ବିଷୟରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ଶିଳ୍ପ, ଅଣୁ,କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ଓ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ବିଦ୍ୟୁତ୍‌ଶକ୍ତିର ଉପଯୁକ୍ତ ବ୍ୟବହାର ଓ ଶକ୍ତି ସଞ୍ଚୟ ଉପରେ ସଚେତନ କରାଇଥିଲେ। ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ନିକୁଞ୍ଜ କିଶୋର ଧଳ ଯୋଗଦେଇ ବିଦ୍ୟୁତ୍ ଶକ୍ତିର ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ରାଷ୍ଟ୍ର ଉଦ୍ଦେଶ୍ୟରେ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ଲୋକାର୍ପଣ ଓ ଶିଳାନ୍ୟାସର ସିଧା ପ୍ରସାରଣ ଓ ବିଭିନ୍ନ ହିତାଧିକାରୀଙ୍କ ସହିତ ବାର୍ତ୍ତାଳାପ ପ୍ରସାରଣ କରାଯାଇଥିଲା। ଟିପିସିଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ସ୍ନେହାବେଗମ ମାଥିରମ, ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା, ଏନ୍‌ଟିପିସିର ଓଡ଼ିଶା ଜୋନ୍ ଆଞ୍ଚଳିକ ନିର୍ଦ୍ଦେଶକ ଅସୀମ କୁମାର ଗୋସ୍ୱାମୀ,ଏନ୍‌ଟିପିସିର ସାଧାରଣ ପରିଚାଳକ ଅମିୟ କୁମାର ପାଢୀ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବିଦ୍ୟୁତ ଶକ୍ତି ସଂରକ୍ଷଣ ଓ ଉପଯୁକ୍ତ ବ୍ୟବହାର ସମ୍ପର୍କରେ ସୂତ୍ରଧାରା ଅନୁଷ୍ଠାନ ତରଫରୁ ଏକ ପଥପ୍ରାନ୍ତ ନାଟକ ଏବଂ ଉକ୍ତ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ଗୁରୁକୁଳ ଗୀତାଞ୍ଜଳି ପକ୍ଷରୁ ଶନିବାର ସୂଚନା ଭବନଠାରେ ଅନୁଷ୍ଠିତ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟାରେ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

# ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଭିଲେଖାଗାର ଲୋକାର୍ପିତ

ଭୁବନେଶ୍ୱର,୩୦।୭

'ମୋ କଲେଜ' ଅଭିଯାନ ଅଧୀନରେ ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ ଅଭିଲେଖାଗାର ସ୍ଥାପନ କରାଯାଇଛି। ଶନିବାର ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଲୋକର୍ପିତ କରିଛନ୍ତି। ଖୋର୍ଦ୍ଧା ବିଧାୟକ ତଥା ପୁରାତନ ଛାତ୍ର ସଂସଦ ସଭାପତି ଜ୍ୟୋତିରୀନ୍ଦ୍ରନାଥ ମିତ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୋ କଲେଜ ଅଭିଯାନ ଅଧ୍ୟକ୍ଷ ଆକାଶ କହିଲେ, ଅଭିଲେଖାଗାରରେ ବିଭିନ୍ନ ପୋଥି, ପୁରୁଣା ମୁଦ୍ରା, ପାରମ୍ପରିକ ଅଳଙ୍କାର, କଂସା ଏବଂ ପିତ୍ତଳରେ ନିର୍ମିତ ପ୍ରାଚୀନ ମୂର୍ତ୍ତି, ଆଦିବାସୀ ସାମଗ୍ରୀ ଆଦି ସଂଗ୍ରହ କରି ରଖାଯାଇଛି। ଏହା ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା, ଗବେଷଣା କ୍ଷେତ୍ରରେ ବିଶେଷ ସହାୟକ ହେବ। ବିଧାୟକ ମିତ୍ର ନିଜ କଲେଜ ଜୀବନର ଅନୁଭୂତି ବର୍ଣ୍ଣନା କରି ଆଗାମୀ ଦିନରେ କିପରି ଉକ୍ତ ଶିକ୍ଷାନୁଷ୍ଠାନ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇବ ସେଥିପାଇଁ ସମସ୍ତେ ଉଦ୍ୟମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ରଞ୍ଜିତା ସେଠୀଙ୍କୁ ମୋ' କଲେଜ ଅଧ୍ୟକ୍ଷ ସମ୍ବର୍ଦ୍ଧିତ କରିଥିଲେ। ମହାବିଦ୍ୟାଳୟ ପରିସରରେ ଏକ ପ୍ରଶାସନିକ କୋଠା ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିପାଇଁ ପୁରାତନ ଛାତ୍ର ସଂସଦ ପକ୍ଷରୁ ମୋ' କଲେଜ ଅଭିଯାନ ପାଣ୍ଠିକୁ ଆର୍ଥିକ ସହାୟତା ଦିଆଯାଇଛି। ଲୋକାର୍ପଣ କାର୍ଯ୍ୟକ୍ରମ ଅବସରରେ ଅଧ୍ୟକ୍ଷ ଆକାଶଙ୍କୁ ଅଭିଯାନର ସଂଯୋଜକ ଡ. ସନ୍ତୋଷ କୁମାର ମିଶ୍ର ୩ଲକ୍ଷ ୨୩ହଜାର ୫୦୦ ଏବଂ ୧୦ ହଜାର ଟଙ୍କାର ଦୁଇଟି ଚେକ୍ ପ୍ରଦାନ କରିଥିଲେ। କଲେଜର ପୁରାତନ ଛାତ୍ର ସଞ୍ଜୟ ପଟ୍ଟନାୟକ ପୁରାତନ ଛାତ୍ର ସଂସଦ ପାଣ୍ଠିକୁ ୫୦ ହଜାର ଟଙ୍କା ଆର୍ଥିକ ସହଯୋଗ ପ୍ରଦାନ କରିଛନ୍ତି।

# ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଆସର

ଭୁବନେଶ୍ୱର,୩୦।୭

ଗୁରୁକୁଳ ଗୀତାଞ୍ଜଳି ପକ୍ଷରୁ ଶନିବାର ସୂଚନା ଭବନଠାରେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ, ଭାରତୀୟ ବିଦ୍ୟାଭବନର ପୂର୍ବତନ ନିର୍ଦ୍ଦେଶକ ଡ. ଏସ୍. କେ. ତାମୋଟିଆ ଓ ଭାରତର ପୂର୍ବତନ ରାଷ୍ଟ୍ରଦୂତ ଡ. ଅବସର ବେଉରିଆ ଯୋଗଦେଇଥିଲେ। ଅନୁଷ୍ଠାନ ସଭାପତି ତଥା ସଂଗୀତଜ୍ଞ ଡ. ଚିତ୍ତରଞ୍ଜନ ପାଣିଙ୍କ ଶିଷ୍ୟା ଓ ଶିଷ୍ୟମାନେ ବିଭିନ୍ନ ରାଗରେ ଶାସ୍ତ୍ରୀୟ ସଂଗୀତ ଗାୟନ କରିଥିଲେ। ଡ. ପାଣିଙ୍କ ଶିଷ୍ୟ ତଥା ପୁତ୍ର ଇଂ. ଅରୋଶିଷ ପାଣିଙ୍କ ଚନ୍ଦ୍ରକୋଷ ରାଗରେ ଗାୟନ କରିଥିଲା। ସନ୍ଧ୍ୟାର ସମସ୍ତ ସଂଗୀତ କାର୍ଯ୍ୟକ୍ରମ ସଂଗୀତଜ୍ଞ ପଣ୍ଡିତ ଡ. ଦାମୋଦର ହୋତାଙ୍କୁ ସମର୍ପିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ମନୋଜ ଦାସ ଧନ୍ୟବାଦ ଦେଇଥିଲେ।

# ଲୋକଙ୍କୁ ସାମ୍ବିଧାନିକ ଅଧିକାର ଦେବା ସରକାରଙ୍କ ପ୍ରାଥମିକତା ହେବା ଉଚିତ




ମାନବାଧିକାର ସମ୍ମେଳନରେ ଉପସ୍ଥିତ ମାନବାଧିକାର କର୍ମୀ ଓ ଅତିଥିମାନେ।

ଭୁବନେଶ୍ୱର, ୩୦।୭ (ବ୍ୟୁରୋ)

ଦେଶରେ ଗଣତନ୍ତ୍ର ସୁରକ୍ଷା ସହ ସାଧାରଣ ଲୋକଙ୍କୁ ସାମ୍ବିଧାନିକ ଅଧିକାର ପ୍ରଦାନ କରିବା ସରକାରଙ୍କ ପ୍ରାଥମିକତା ହେବା ଉଚିତ। ସ୍ୱାଧୀନତାର ୭୫ ବର୍ଷ ପରେ ଏବେବି ସମାଜର ଶେଷ ଶ୍ରେଣୀର ବ୍ୟକ୍ତିଙ୍କୁ ଆମେ ମଣିଷ ଭଳିଆ ବଞ୍ଚିବାର ସୁଯୋଗ ଦେଇପାରି ନାହୁଁ। ଆବଶ୍ୟକ ମୌଳିକ ସୁବିଧା ଓ ସମ୍ମାନର ସହ ବଞ୍ଚିବାର ଅଧିକାର ସୁନିଶ୍ଚିତ କରିପାରିଲେ ଆମେ ଏକ ସୁସ୍ଥ ସମାଜର ସ୍ୱପ୍ନ ଦେଖିପାରିବା ବୋଲି ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ମାନବାଧିକାର ସମ୍ମେଳନରେ ମତପ୍ରକାଶ ପାଇଛି।

ଜାତୀୟ ମାନବାଧିକାର ଆୟୋଗର କୋର କମିଟି ସଦସ୍ୟ ତଥା ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆ ଅଧ୍ୟକ୍ଷ ମନୋଜ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମ୍ମେଳନରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ମାନବାଧିକାର କର୍ମୀ ନିଜ ଅଞ୍ଚଳ ତଥା ଜିଲାର ମାନବାଧିକାର ସମସ୍ୟା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏଥିସହ ବିଭିନ୍ନ ସମସ୍ୟା ଓ ଆହ୍ୱାନ ଉପରେ ରିପୋର୍ଟ ଉପସ୍ଥାପନ କରିଥିଲେ। ରାଜ୍ୟ ସରକାର ଲୋକାଭିମୁଖୀ ଶାସନ ପାଇଁ ୫–ଟି ଓ ମୋ ସରକାର ସ୍ଲୋଗାନ ଦେଉଥିବାବେଳେ ତଳସ୍ତରରେ କାର୍ଯ୍ୟକାରିତା ପାଇଁ କୌଣସି ସ୍ୱଚ୍ଛ ନିର୍ଦ୍ଦିଷ୍ଟ ମନିଟରିଂ ବ୍ୟବସ୍ଥା ନାହିଁ, ଯାହା ଆଜି ପାଇଁ ଏକ ବିରାଟ ପ୍ରଶ୍ନବାଚୀ ? ଏହି ପରିପ୍ରେକ୍ଷୀରେ ମାନବାଧିକାର କର୍ମୀମାନେ ବଡ଼ ଭୂମିକା ନେଇ ସାଧାରଣ ଲୋକଙ୍କୁ ତାଙ୍କର ସାମାନ୍ୟ ସମ୍ମାନ ଓ ନ୍ୟାର୍ଯ୍ୟ ମାନବିକ ଅଧିକାର ପ୍ରଦାନ କରି ପାରିବେ ବୋଲି ଅଧ୍ୟକ୍ଷ ଜେନା ଉପସ୍ଥିତ ହ୍ୟୁମାନ ଡିଫେଣ୍ଡରମାନଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ଆବାହକ ରାଜୀବ ପଟ୍ଟନାୟକ ସଂଯୋଜନା କରିଥିବାବେଳେ ଓଡ଼ିଶା ଅଭିଭାବକ ମହାସଂଘ ସହ ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ, ଫ୍ରଣ୍ଟର ରାଜ୍ୟ ସଂଯୋଜକ କଳ୍ପତରୁ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।



କଟକ ଚୌଧୁରୀ ବଜାର ଦୁର୍ଗାଘର ସମ୍ମୁଖ ରାସ୍ତା ମଝିରେ ଶନିବାର ପ୍ରାୟ ୫ ଫୁଟର ଗର୍ତ୍ତ ସୃଷ୍ଟି ହୋଇଥିଲା। ଏଥିଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ମେୟର ସୁବାସ ସିଂ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ନିମ୍ନମାନର କାର୍ଯ୍ୟକୁ ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ତୁରନ୍ତ ଏହାର ମରାମତି ପାଇଁ ଜାଇକା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଖାଲରେ ବାଲି ଭର୍ତ୍ତି କରି ରାସ୍ତା ମରାମତି କରାଯାଇଛି।

# ରୋଟାରି ରୟାଲର ଅଧିଷ୍ଠାନ ଦିବସ



ଭୁବନେଶ୍ୱର,୩୦।୭ (ବ୍ୟୁରୋ)

ରୋଟାରି କ୍ଲବ୍ ଅଫ୍ ଭୁବନେଶ୍ୱର ରୟାଲର ଅଧିଷ୍ଠାନ ଦିବସ ଶନିବାର ଖାରବେଳନଗରସ୍ଥିତ ଏକ ହୋଟେଲ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ପୋଲିସ କମିଶନର ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ରୋଟାରି ଉତ୍ସର୍ଗୀକୃତ ସେବା ସମାଜରେ ଅନେକ ପରିବର୍ତ୍ତନ ଆଣିବାରେ ସଫଳ ହୋଇଛି। ସେହିଭଳି ରୋଟାରିଆନଙ୍କ ସଂଘବଦ୍ଧ ଉଦ୍ୟମକୁ କମିଶନର ପ୍ରିୟଦର୍ଶୀ ଭୂୟସୀ ପ୍ରଶଂସା କରିଥିଲେ। ଏହି ପରିପ୍ରେକ୍ଷୀରେ ୨୦୨୨–୨୩ ରୋଟାରି ବର୍ଷ ପାଇଁ କ୍ଲବର ସଭାପତି ଭାବେ ରୋଟାରିଆନ ସଞ୍ଜିତ କୁମାର ଜେନା ଓ ସମ୍ପାଦକ ଭାବେ ରୋଟାରିଆନ ବିଭୂତି ଭୂଷଣ କର, ପୂର୍ବ ବର୍ଷର ସଭାପତି ରୋଟାରିଆନ ଅଜୟ କୁମାର ପଟ୍ଟନାୟକ ଓ ସମ୍ପାଦକ ପ୍ରତାପ ଚୌଧୁରୀଙ୍କଠାରୁ ଦାୟିତ୍ୱ ଭାର ଗ୍ରହଣ କରିଥିଲେ। ଉକ୍ତ ଉତ୍ସବରେ ସଭାପତି ଜେନା ନିଜ ଅଭିଭାଷଣରେ କହିଥିଲେ, ତାଙ୍କ କାର୍ଯ୍ୟକାଳରେ ରୋଟାରି ସେବାକୁ ଅଧିକ ସଂକଳ୍ପବଦ୍ଧତାର ସହ ବଞ୍ଚିତ ବର୍ଗଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିବା ପାଇଁ ଉଦ୍ୟମ କରିବେ। କ୍ଲବର ନବନିଯୁକ୍ତ ସମ୍ପାଦକ କର କହିଥିଲେ, ସମର୍ପିତ ସେବା ମନୋଭାବ ସହ ରୋଟାରିଆନମାନେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ଓ ସାମାଜିକ ସଚେତନତା କ୍ଷେତ୍ରରେ ପାରଦର୍ଶିତା ସହ କାର୍ଯ୍ୟ କରୁଛନ୍ତି। ଚଳିତ ବର୍ଷ କ୍ଲବ ପକ୍ଷରୁ ଏହାକୁ ଅଧିକ କ୍ରିୟାଶୀଳ କରାଯିବା ସହ ଅଧିକରୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଗୁରୁତ୍ୱ ଦିଆଯିବ। ଚଳିତବର୍ଷ ବିଭିନ୍ନ ସେବା ପ୍ରକଳ୍ପ ସମ୍ପର୍କରେ କର ସୂଚନା ଦେବା ସହ ପରିକଳ୍ପନା ବିବରଣୀ ପାଠକରିଥିଲେ। ଉକ୍ତ ବୈଠକରେ ସହାୟକ ପ୍ରାନ୍ତପାଳ ସତ୍ୟବ୍ରତ ମୀନକେତନ ଯୋଗଦେଇ ମାନବ ସେବା କ୍ଷେତ୍ରରେ ରୋଟାରିର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ରୋଟାରିଆନ ଶୁଭଶ୍ରୀ ଭଞ୍ଜ ମଞ୍ଚ ସଞ୍ଚାଳନ କରିଥିବା ବେଳେ ରୋଟ୍ରାକ୍ଟର କ୍ଲବର ସଭାପତି ଜୟଶ୍ରୀ ବିଶ୍ୱାଳ ଓ ନିର୍ଲିପ୍ତା ପଟ୍ଟନାୟକ ଉତ୍ସବ ସଂଯୋଜନା କରିଥିଲେ।

# 'ରଞ୍ଜନଙ୍କ ନିବନ୍ଧ ଓଡ଼ିଆ ସାହିତ୍ୟର ଉଲ୍ଲେଖନୀୟ କୃତି'

## ୩ ପୁସ୍ତକ ଲୋକାର୍ପିତ

କଟକ ଅଫିସ, ୩୦।୭

ବିଶିଷ୍ଟ କବି ରଞ୍ଜନ କୁମାର ଦାସଙ୍କ ରଚିତ ୩ଟି ପୁସ୍ତକ 'ଅସନ୍ତୋଷର ପୃଥିବୀ', 'ଥାଇ ଘୋର ଜଳେଣ' ଏବଂ 'ଶବ୍ଦ ଶସ୍ତ୍ର'ର ଲୋକାର୍ପଣ ଉତ୍ସବ କଟକ ସାରଳା ଭବନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସାରଳା ସାହିତ୍ୟ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ରବିନାରାୟଣ ସେନାପତି ପୁସ୍ତକକୁ ଉନ୍ମୋଚନ କରି କହିଥିଲେ, ଦାସଙ୍କ ନିବନ୍ଧଗୁଡ଼ିକ ଓଡ଼ିଆ ସାହିତ୍ୟର ଏକ ଉଲ୍ଲେଖନୀୟ କୃତି।

ସାମ୍ପ୍ରତିକ ଘଟଣାବଳୀକୁ ସେ ନିଛକ ଭାବରେ ତାଙ୍କ ସୃଷ୍ଟିରେ ଚିତ୍ରଣ କରିଛନ୍ତି। ସେହିପରି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଥିଲେ, ଲେଖକ ମନସ୍କ ହେବା ସହିତ ପ୍ରଶାସନିକ କାର୍ଯ୍ୟରେ ଦାସ ସଫଳତା ଅର୍ଜନ କରିଛନ୍ତି। ବିଶିଷ୍ଟ ପ୍ରାବନ୍ଧିକ ଡ. ବୈଷ୍ଣବ ଚରଣ ମହାନ୍ତି କହିଥିଲେ, ଦୈନନ୍ଦିନ ଘଟୁଥିବା ସମାଜର ଘଟଣାକୁ ନିଜସ୍ୱ ଦୃଷ୍ଟିଭଙ୍ଗୀରେ ଉପସ୍ଥାପନ କରି ପାଠକଙ୍କୁ ଏକ ସଫଳ କୃତି ଉପହାର ଦେଇଛନ୍ତି ଲେଖକ ରଞ୍ଜନ କୁମାର ଦାସ।

ବିଶିଷ୍ଟ ନାଟ୍ୟକାର ଡ. ବିଜୟ କୁମାର ଶତପଥୀ ସମ୍ମାନିତ ଅତିଥି ରୂପେ ଯୋଗଦେଇ କହିଥିଲେ, କବି ଦାସ ଆଧୁନିକ ମଣିଷର ଜୀବନ ଜିଜ୍ଞାସା ଓ ଗତିପଥକୁ ସରଳ ଏବଂ ସୁନ୍ଦର ଭାବରେ ନିରୀକ୍ଷଣ କରି ନିଜ ସୃଷ୍ଟିରେ ପ୍ରତିଫଳିତ କରିଛନ୍ତି। ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ପ୍ରଭାକର ନାୟକ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବକୁ ପ୍ରକାଶକ ବିଭୁ ତ୍ରିପାଠୀ ଓ ଦେବାଶିଷ ବେହେରା ପରିଚାଳନା କରିଥିଲେ।



ଶନିବାର କଟକ ସାରଳା ଭବନରେ କବି ରଞ୍ଜନ କୁମାର ଦାସଙ୍କ ରଚିତ ତିନୋଟି ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

# ୪ବର୍ଷରେ ୩.୮୨ଲକ୍ଷ କୋଟିର ନିବେଶ

- ନିବେଶକଙ୍କୁ ଆକୃଷ୍ଟ କରୁଛି ଓଡ଼ିଶା
- ଏମ୍ଏସ୍ଏମ୍ଇ ଏକ୍ସପୋର୍ଟ ପ୍ରମୋଶନ କାଉନସିଲ ରିପୋର୍ଟ

ଭୁବନେଶ୍ୱର,୩୦।୭




ବିଗତ କିଛି ବର୍ଷ ହେବ ଓଡ଼ିଶା ସରକାର ରାଜ୍ୟର ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଶେଷକରି ସରକାରଙ୍କ ନୂଆ ଶିଳ୍ପନୀତି ଯୋଗୁ କ୍ରମାଗତ ଭାବେ ନିବେଶକଙ୍କ ଚାହିଦା ବୃଦ୍ଧି ପାଉଛି। ୨୦୧୮-୧୯ରୁ ୨୦୨୧-୨୨ ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟକୁ ପ୍ରାୟ ୪ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆସିଥିବା ଏମ୍ଏସ୍ଏମ୍ଇ ଏକ୍ସପୋର୍ଟ ପ୍ରମୋଶନ କାଉନସିଲ ଏବଂ ନଲେଜ ଫାର୍ମ ବିଲ୍ ମାର୍ଟ ପକ୍ଷରୁ ମିଳିତ ଭାବେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ପ୍ରକଳ୍ପ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ଅନେକ ଚ୍ୟାଲେଞ୍ଜ ରହୁଥିବା ଉକ୍ତ ରିପୋର୍ଟରେ ମଧ୍ୟ ଉଲ୍ଲେଖ କରାଯାଇଛି। ଗତ ୪ ବର୍ଷରେ ଓଡ଼ିଶା ୩.୮୨ ଲକ୍ଷ କୋଟି ଟଙ୍କାର ବିନିଯୋଗ ପ୍ରସ୍ତାବ ହାସଲ କରିଥିବା ଜଣାପଡ଼ିଛି। ଏପରିକି ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନମି (ସିଏମ୍ଆଇଇ)ର ସୂଚନା ଅନୁଯାୟୀ ପ୍ରସ୍ତୁତ କରାଯାଇଥିବା ଏକ ରିପୋର୍ଟରୁ ଏହା ମଧ୍ୟ ଜଣାପଡ଼ିଛି। ସେହିପରି ୨୦୧୮-୧୯ ଆର୍ଥିକ ବର୍ଷରେ ଓଡ଼ିଶା ୧,୨୦,୮୫୫.୩୯ କୋଟି ଟଙ୍କାର ନୂଆ ନିବେଶ ପାଇଥିବା ବେଳେ ୨୦୧୯-୨୦ରେ ୪୬,୫୬୦.୪୮ କୋଟି ଟଙ୍କା,୨୦୨୦-୨୧ରେ ୧,୧୧,୬୭୯.୫୧ କୋଟି ଟଙ୍କା ଏବଂ ୨୦୨୧-୨୨ରେ ୧,୦୨,୮୮୦.୯୬ କୋଟି ଟଙ୍କାର ନିବେଶ ପାଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିଭଳି ନଲେଜ ଫାର୍ମ ବିଲ୍ ମାର୍ଟ ବିଲ୍ମାର୍ଟ ଫିନ୍ଟେକ୍ ଓ ଏମ୍ଏସ୍ଏମ୍ଇ ଏକ୍ସପୋର୍ଟ ପ୍ରମୋସନ କାଉନସିଲ ପକ୍ଷରୁ ନିକଟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ସଂସ୍ଥା ପକ୍ଷରୁ ପ୍ରସ୍ତୁତ କରାଯାଇଥିବା 'ନିବେଶକମାନଙ୍କ ପାଇଁ ଓଡ଼ିଶା ପସନ୍ଦର ନିବେଶ ସ୍ଥଳ ହୋଇ ରହିଛି' ଶୀର୍ଷକ ରିପୋର୍ଟକୁ ଏମ୍ଏସ୍ଏମ୍ଇ ଇପିସିର ଅଧ୍ୟକ୍ଷ ଡ. ଡି.ଏସ୍. ରାୱତ ଉନ୍ମୋଚନକରି ଉଭୟ ଓଡ଼ିଶା ଓ ସର୍ଭେ ରିପୋର୍ଟ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗୌରବ ଗୁପ୍ତା ଓ ଜିଗିଶ ସୋନାଗାର ଉପସ୍ଥିତ ଥିଲେ।

ଏହି ରିପୋର୍ଟ ଅନୁଯାୟୀ, ୨୦୧୮-୧୯ରେ ସରକାରୀ କ୍ଷେତ୍ରରେ ୧୬,୨୨୪.୦୭ କୋଟି ଟଙ୍କା, ୨୦୧୯-୨୦ରେ ୨୫,୦୭୯.୫୬ କୋଟି ଟଙ୍କା, ୨୦୨୦-୨୧ରେ ୧୩,୯୦୭.୬୩ କୋଟି ଟଙ୍କା ଓ ୨୦୨୧-୨୨ରେ ୭,୧୪୫.୧୦ କୋଟି ଟଙ୍କାର ନିବେଶ ପ୍ରକଳ୍ପ ଘୋଷଣା କରାଯାଇଛି।

# ୧.୫ ଟ୍ରିଲିୟନ ନିକଟବର୍ତ୍ତୀ ୫ଜି ବିଡିଂ

ନୂଆଦିଲ୍ଲୀ,୩୦।୭

ଭାରତୀୟ ଟେଲିକମ୍ ସେବା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ଲାଗି କେନ୍ଦ୍ର ସରକାର ଗତ ମଙ୍ଗଳବାରଠାରୁ ୫ଜି ନିଲାମ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏପରିକି ଶନିବାରର ନିଲାମ ପ୍ରକ୍ରିୟା ଶେଷ ସୁଦ୍ଧା ପ୍ରାୟ ୧.୫ ଟ୍ରିଲିୟନ ବିଡିଂ ହୋଇପାରିଛି। ନିଲାମର ୫ମ ଦିନ ଶେଷ ସୁଦ୍ଧା ମୋଟ ୨୪ ରାଉଣ୍ଡ ବିଡିଂରୁ ୧,୪୯,୯୬୬ କୋଟି ଟଙ୍କାର ବିଡିଂ ଆସିଥିବା ଶନିବାର ଟେଲିକମ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି।

ଅପରପକ୍ଷରେ ଆସନ୍ତା ଅକ୍ଟୋବର ଶେଷ ସୁଦ୍ଧା ସାରା ଦେଶରେ ୫-ଜି ଟେଲିକମ୍ ସେବା ଆରମ୍ଭ ହେବା ଯଥେଷ୍ଟ ସମ୍ଭାବନା ରହିଛି। ଏହା ପ୍ରଥମେ ଦେଶର ପ୍ରମୁଖ ସହରରେ ସେବା ଯୋଗାଇବ। ପରବର୍ତ୍ତୀ ସମୟରେ ଦେଶର ଅଧିକାଂଶ ସହରରେ ଏହା ଆରମ୍ଭ ହୋଇଯିବ ବୋଲି ମନ୍ତ୍ରୀ ବୈଷ୍ଣବ ମତବ୍ୟକ୍ତ କରିଛନ୍ତି। ସେହିଭଳି ଗତ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ୫ଜିସ୍ପେକ୍ଟ୍ରମ ନିଲାମ ରବିବାର ମଧ୍ୟ ହେବ।

# ଓଡିଏମ୍ ଗ୍ଲୋବାଲ ସ୍କୁଲ ସମ୍ମାନିତ



ଭୁବନେଶ୍ୱର,୩୦।୭

ରାଜ୍ୟର ଏକ ଜଣାଶୁଣା ସାଟେଲାଇଟ ନ୍ୟୁଜ୍ ଚ୍ୟାନେଲ ପକ୍ଷରୁ ଶନିବାର ସ୍ଥାନୀୟ ଜୟଦେବ ବିହାରସ୍ଥିତ ଏକ ହୋଟେଲ ପରିସରରେ 'ଅର୍ଗସ ଶିକ୍ଷାଲୋଚନା ଉତ୍ସବ' ଶୀର୍ଷକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ବିଶେଷକରି ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ସଦ୍ୟ ପ୍ରତିଷ୍ଠିତ ଓଡିଏମ୍ ଗ୍ଲୋବାଲ ସ୍କୁଲକୁ 'ଦି ବେଷ୍ଟ ଏମର୍ଜିଙ୍ଗ୍ ସ୍କୁଲ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଓଡିଏମ୍ ଶିକ୍ଷା ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ ଉକ୍ତ ଆଲୋଚନାଚକ୍ରରେ ଯୋଗଦେଇ ଉପରୋକ୍ତ ସମ୍ମାନ ଗ୍ରହଣ କରିଥିଲେ। ସେହିଭଳି ବିଦ୍ୟାଳୟଗୁଡ଼ିକରେ ଗୁଣାତ୍ମକ ଶିକ୍ଷାର କିପରି ପ୍ରଚାର ପ୍ରସାର ହୋଇପାରିବ ସେ ସମ୍ପର୍କରେ ମଧ୍ୟ ନିଜର ସୁଚିନ୍ତିତ ବକ୍ତବ୍ୟ ସେ ପ୍ରଦାନ କରିଥିଲେ। ଅପରପକ୍ଷରେ ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପରୋକ୍ତ ସଫଳତା ପାଇଁ ଅଧ୍ୟକ୍ଷଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି।

# ଯାତ୍ରୀସେବା ଦେବ ମହିନ୍ଦ୍ରାର ଇ- ଯାନ

ଭୁବନେଶ୍ୱର,୩୦।୭

ଦେଶର ପ୍ରମୁଖ ଅଟୋଶିଳ୍ପ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଏବଂ ଓଡ଼ିଶା ସରକାରଙ୍କ ସହଯୋଗରେ ଭୁବନେଶ୍ୱରରେ ବ୍ୟାଟେରିଚାଳିତ ମୋ ବସ୍ ଏବଂ ଇ-ଅଟୋରିକ୍ସା ସେବାର ଶୁଭାରମ୍ଭ କରାଯାଇଛି। ବିଶେଷକରି ସହରରେ ଏକ ସବୁଜ ପରିବେଶ ସୃଷ୍ଟି ସାଙ୍ଗକୁ ଶବ୍ଦ ପ୍ରଦୂଷଣ ମୁକ୍ତ କରିବା ଲକ୍ଷ୍ୟରେ ସ୍ଥାନୀୟ ଏୟାରପୋର୍ଟ ରୋଡ୍ଠାରେ ଉଭୟ ମୋ ଇ-ରାଇଡ୍ ଏବଂ ଇ-ବସ୍ ସେବାକୁ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ସେହିଭଳି ଉଭୟ ଯାନ ବାୟୁ ଏବଂ ଶବ୍ଦ ପ୍ରଦୂଷଣ ମୁକ୍ତ ହୋଇଥିବା ଯୋଗୁ ଯାତ୍ରୀମାନେ ଆରାମରେ ସେମାନଙ୍କର ଗନ୍ତବ୍ୟସ୍ଥଳରେ ବିନା ମାନସିକ ଚାପରେ ପହଞ୍ଚିପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ମହିନ୍ଦ୍ରାର ସ୍ୱୀକୃତିପ୍ରାପ୍ତ ଡିଲର ଉତ୍କଳ ଅଟୋମୋବାଇଲର ବରିଷ୍ଠ ଅଧିକାରୀ କହିଛନ୍ତି, କମ୍ପାନୀର ଏହି ଇ-ଯାନଗୁଡିକ ସହରବାସୀଙ୍କୁ ଯାତ୍ରା ସମୟରେ ଏକ ଭିନ୍ନ ଅନୁଭୂତି ପ୍ରଦାନ କରିବ।



# ଆଜିଠାରୁ ହାଇ ଲାଇଫ୍‌ର ୨ ଦିନିଆ ପ୍ରଦର୍ଶନୀ



ଭୁବନେଶ୍ୱର,୩୦।୭

ଦେଶର ଅଗ୍ରଣୀ ଫ୍ୟାଶନ ଆଣ୍ଡ ଲାଇଭ ଷ୍ଟାଇଲ ଏକ୍‌ଜିବିଶନ ଅନୁଷ୍ଠାନ 'ହାଇ ଲାଇଫ୍' ପକ୍ଷରୁ ୨ଦିନିଆ ପ୍ରଦର୍ଶନୀ ରବିବାରଠାରୁ ଆରମ୍ଭ ହେଉଛି। ଚଳିତ ବର୍ଷ ମଧ୍ୟରେ ୨ୟ ଥର ପାଇଁ ଭୁବନେଶ୍ୱରରେ ସଂସ୍ଥା ପକ୍ଷରୁ ଏଭଳି ଏକ ଜାତୀୟ ସ୍ତରର ପ୍ରଦର୍ଶନୀ ସ୍ଥାନୀୟ ହୋଟେଲ ମେ ଫେୟାର ପରିସରରେ ଆୟୋଜନ କରାଯାଇଛି। ଜୁଲାଇ ୩୧ ଏବଂ ୧ ଅଗଷ୍ଟରେ ଏହି ଫ୍ୟାଶନ ଆଣ୍ଡ ଲାଇଭ ଷ୍ଟାଇଲ ଏକ୍‌ଜିବିଶନ ଆୟୋଜନ ହୋଇଛି। ଉକ୍ତ ପ୍ରଦର୍ଶନୀରେ ଭାରତର ଖ୍ୟାତିସମ୍ପନ୍ନ ପ୍ରଦର୍ଶନକାରୀ ଏବଂ ଡିଜାଇନରମାନେ ସେମାନଙ୍କ ସାମଗ୍ରୀ ପ୍ରଦର୍ଶନ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ବ୍ରାଇଡାଲ ୱେର୍‌ଠାରୁ ଆରମ୍ଭକରି ଡିଜାଇନର୍‌ର ପୋଷାକ, ଗହଣା, ଫ୍ୟାଶନ ଆସେସୋରିଜ୍, ହୋମ୍ ଆସେସୋରିଜ୍ ଏବଂ କଳାକୃତି ଭଳି ଅନେକ ଲାଇଫଷ୍ଟାଇଲ୍ ଏବଂ ଫ୍ୟାଶନ ସାମଗ୍ରୀ ଏଠାରେ ଉପଲବ୍ଧ ହେବ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ 'ଗ୍ରୀନ୍ ହାର୍ଟସ'

ଭୁବନେଶ୍ୱର,୩୦।୭

ଦେଶର ପ୍ରମୁଖ ଘରୋଇ ବାଣିଜ୍ୟିକ ପ୍ରତିଷ୍ଠାନ 'ବେଦାନ୍ତ'ର ଓଡ଼ିଶା ଓ ଛତିଶଗଡ଼ କାର୍ଯ୍ୟକ୍ଷେତ୍ର ପରିସରରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଚାରାରୋପଣ ପାଇଁ ଯୋଜନା କରାଯାଇଛି। ବିଶେଷକରି ଏକ ସବୁଜ ପରିବେଶ ସୃଷ୍ଟି ଲକ୍ଷ୍ୟରେ ବେଦାନ୍ତ ଆଲୁମିନିୟମ ପକ୍ଷରୁ ମିଶନ 'ଗ୍ରୀନ୍ ହାର୍ଟସ' ଅଭିଯାନର ଶୁଭାରମ୍ଭ କରାଯାଇଛି। ନିକଟରେ ଆରମ୍ଭ ହୋଇଥିବା ଏହି ଅଭିଯାନ ହେଉଛି, ବାର୍ଷିକ ଜୈବ ନିବେଶ ଅଭିଯାନ ଯେଉଁଥିରେ କମ୍ପାନୀର ବ୍ୟବସାୟ ୟୁନିଟ୍‌ଗୁଡ଼ିକ ବର୍ଷାଋତୁ ସମୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଥାନ୍ତି। ସେହିଭଳି ଏହି ଅଭିଯାନ ଜରିଆରେ କମ୍ପାନୀ ତା'ର ବ୍ୟବସାୟିକ ସହଯୋଗୀ କର୍ମଚାରୀ ଓ ସ୍ଥାନୀୟ ଗୋଷ୍ଠୀଙ୍କୁ ଉକ୍ତ ଅଭିଯାନରେ ସାମିଲ କରାଉଛି। ୨୦୫୦ ସୁଦ୍ଧା ନେଟ୍ ଜିରୋ କାର୍ବନ ପରିଚାଳନା ପାଇଁ କମ୍ପାନୀ ପକ୍ଷରୁ ଏକ ରୋଡ୍ ମ୍ୟାପ୍ ମଧ୍ୟ ପ୍ରସ୍ତୁତ କରାଯାଇଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ ଲିମିଟେଡ୍‌ର ସିଇଓ ରାହୁଲ ଶର୍ମା କହିଛନ୍ତି, ଭାରତରେ କମ୍ପାନୀ ଏକ ବୃହତ୍ ଆଲୁମିନିୟମ ଉତ୍ପାଦକ ହୋଇଥିବାରୁ ଆମେ ଜଳବାୟୁ କାର୍ଯ୍ୟକ୍ରମ ପ୍ରତି ସଜାଗ ରହିଛୁ। ଆଲୁମିନିୟମ ଉଦ୍ୟୋଗରେ ଆମେ ଚାହୁଁ ଆମର ପ୍ରତ୍ୟେକ ସଦସ୍ୟ ଜଳବାୟୁ ସୁରକ୍ଷା ଦିଗରେ କାର୍ଯ୍ୟ କରନ୍ତୁ। ବାୟୋ ନିବେଶ ଦିଗରେ ସାମୂହିକ ତଥା ଅଂଶଗ୍ରହଣକାରୀ କାର୍ଯ୍ୟରେ କର୍ମଚାରୀ, ଅଂଶୀଦାର ଓ ଷ୍ଟେକ୍‌ହୋଲ୍‌ଡରମାନଙ୍କୁ ସାମିଲ କରିଛୁ। ସମସ୍ତଙ୍କୁ ଅଭିଯାନର ମହତ୍ତ୍ୱ ସମ୍ପର୍କରେ ଉତ୍ସାହିତ କରିଛୁ। ବୃକ୍ଷରୋପଣକୁ ପ୍ରାଧାନ୍ୟ ଦେଇ ଆମ ପରିବେଶ ଓ ଜୈବ ବିବିଧତାର ସଂରକ୍ଷଣ ପ୍ରତି ଆମେ ସର୍ବଦା ଗୁରୁତ୍ୱ ଦେଇ ଆସୁଛୁ। ବେଦାନ୍ତ ଆଲୁମିନିୟମ ଏକ ବହୁମୁଖୀ ଜଳବାୟୁ କାର୍ଯ୍ୟ କୌଶଳକୁ ସ୍ଥାନିତ କରିଛି, ଯେଉଁଥିରେ କାରଖାନାର ଯନ୍ତ୍ରାଂଶଗୁଡ଼ିକୁ ଉଚ୍ଚସ୍ତରୀୟ କାର୍ଯ୍ୟଦକ୍ଷତା ଅନୁଯାୟୀ ପରିଚାଳନା କରାଯାଉଛି।

# ଓପୋର ରେନୋ ସିରିଜ ଶୁଭାରମ୍ଭ

ନୂଆଦିଲ୍ଲୀ,୩୦।୭

ଦେଶର ପ୍ରମୁଖ ମୋବାଇଲ ଫୋନ୍ ବିକ୍ରେତା 'ଓପୋ' ର ନୂଆ ରେନୋ ସିରିଜ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଓପୋ ଇଣ୍ଡିଆର ଚିଫ୍ ମାର୍କେଟିଂ ଅଫିସର ଦମୟନ୍ତ ସିଂହ ଖାନୋରିଆ କହିଛନ୍ତି, ଓପୋ ଟେକ୍ନୋଲୋଜିକାଲ ଉଦ୍ଭାବନ କ୍ଷେତ୍ରରେ ବଜାର ଲିଡର ଭାବେ ଉଭା ହୋଇଛି। ଦୁଇଟି ସୁନ୍ଦର ଭାବେ ଡିଜାଇନ୍ ହୋଇଥିବା ଡିଭାଇସ୍ ରେନୋ୮ ପ୍ରୋ ଓ ରେନୋ୮ ସହିତ ଆମେ ଆମର ସ୍ୱବିକଶିତ ମାରିସିଲିକନ୍ ଏକ୍ସ ନ୍ୟୁରାଲ ପ୍ରୋସେସିଂ ୟୁନିଟ୍ ସହ ଇମେଜିଂ କ୍ଷେତ୍ରରେ ବେଞ୍ଚମାର୍କ ସ୍ଥାପନ କରିଛୁ।

# ଓଏମ୍‌ସିର ୬୭ତମ ବାର୍ଷିକ ଉତ୍ସବ




ଭୁବନେଶ୍ୱର,୩୦।୭

ଓଡ଼ିଶା ସରକାରଙ୍କ ଅଧୀନରେ ଥିବା ଓଡ଼ିଶା ଖଣି ନିଗମ (ଓଏମ୍‌ସି) ର ୬୭ତମ ବାର୍ଷିକ ଉତ୍ସବ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ନିଗମର ୨ ଦିନିଆ ବାର୍ଷିକ ଉତ୍ସବ ପରିପ୍ରେକ୍ଷୀରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇସ୍ପାତ, ଖଣି ବିଭାଗର ପ୍ରମୁଖ ଶାସନ ସଚିବ ତଥା ଓଏମ୍‌ସିର ଅଧ୍ୟକ୍ଷ ଦେଓରଞ୍ଜନ କୁମାର ସିଂ, ନିଗମର ପରିଚାଳନା ନିର୍ଦ୍ଦେଶକ ବଳବନ୍ତ ସିଂ ଏବଂ ନିଗମର ଉପଦେଷ୍ଟା ଖଣି, ଦୀପକ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।

ସମାବେଶକୁ ସମ୍ବୋଧିତ କରି ସିଂ କହିଛନ୍ତି, ଓଏମ୍‌ସି ଉତ୍କର୍ଷ ପଥରେ ଅଛି ଏବଂ ସଂଗଠନରେ କାର୍ଯ୍ୟ କରୁଥିବା ଲୋକଙ୍କ ବିକାଶ ଉପରେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିଭଳି ଗତ ଆର୍ଥିକ ବର୍ଷରେ କମ୍ପାନୀ ଅତ୍ୟନ୍ତ ଭଲ ପ୍ରଦର୍ଶନ ସହ ଉତ୍ପାଦନ, ବିକ୍ରୟ ଏବଂ କାରବାର ଆଦିରେ ଶୀର୍ଷ ଖଣି କମ୍ପାନୀଗୁଡିକ ମଧ୍ୟରେ ନିଜକୁ ସ୍ଥାନିତ କରିଛି ବୋଲି ବଳବନ୍ତ କହିଛନ୍ତି। ପରିଶେଷରେ ନିଗମର ବାର୍ଷିକ ପୁରସ୍କାର ଉତ୍ସବ ସହ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଇପିଏଫ୍‌ଓର ଏଫ୍‌ଆର୍‌ଏଫ୍ ସେବାର ଶୁଭାରମ୍ଭ

ନୂଆଦିଲ୍ଲୀ,୩୦।୭

କର୍ମଚାରୀ ଭବିଷ୍ୟ ନିଧି ସଙ୍ଗଠନ (ଇପିଏଫ୍‌ଓ)ର ୭୩ ଲକ୍ଷ ପେନ୍‌ସନଭୋଗୀଙ୍କ ପାଇଁ ସରକାର ଏକ ନୂତନ ସେବା 'ଫେସ୍ ରେକୋଗ୍‌ନାଇଜସନ ଫ୍ୟାସିଲିଟି (ଏଫ୍‌ଆର୍‌ଏଫ୍)ର ଆରମ୍ଭ କରିଛନ୍ତି। ଫଳରେ ପେନ୍‌ସନଭୋଗୀ ନିଜର ଡିଜିଟାଲ ଜୀବନ ପ୍ରମାଣପତ୍ର ଦାଖଲ କରିବା ପାଇଁ ବର୍ତ୍ତମାନ ଚେହେରା ଚିହ୍ନଟ ସୁବିଧା ବା ଏଫ୍‌ଆର୍‌ଏଫ୍‌ର ଲାଭ ଉଠାଇପାରିବେ। ଏହା କେବଳ ସେହି ପେନ୍‌ସନଧାରୀଙ୍କୁ ଲାଭ ପହଞ୍ଚାଇବା, ଯେଉଁମାନେ ଜୀବନ ପ୍ରମାଣପତ୍ର ଦାଖଲ କରିବା ସମୟରେ ବୃଦ୍ଧାବସ୍ଥା ଯୋଗୁ ନିଜର ବାୟୋମେଟ୍ରିକ ଠିକ୍ ଭାବେ ଦେଇପାରୁ ନାହାନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର କେନ୍ଦ୍ର ଶ୍ରମ ଏବଂ ନିଯୋଜନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ପେନ୍‌ସନଭୋଗୀଙ୍କ ପାଇଁ ଏହି ସୁବିଧାର ଶୁଭାରମ୍ଭ କରିଛନ୍ତି। ଏହାସହ କେନ୍ଦ୍ରମନ୍ତ୍ରୀ ପେନ୍‌ସନ ଏବଂ କର୍ମଚାରୀଙ୍କ ଜମା ସହ ଜଡିତ ବୀମା ଯୋଜନା କାଲ୍‌କୁଲେଟରର ମଧ୍ୟ ପ୍ରଚଳନ କରିଛନ୍ତି। ଏହି କାଲ୍‌କୁଲେଟର ଜରିଆରେ ପେନ୍‌ସନଭୋଗୀ ଏବଂ ପରିବାର ସଦସ୍ୟଙ୍କ ପେନ୍‌ସନ କିମ୍ବା ମୃତ୍ୟୁ ସହ ଜଡ଼ିତ ବୀମାର ଲାଭ ଗଣତି କରିବାରେ ଅନ୍‌ଲାଇନ ସୁବିଧା ମିଳିପାରିବ। ଅପରପକ୍ଷରେ ପେନ୍‌ସନଭୋଗୀ ଯେ କୌଣସି ସ୍ଥାନରୁ ଏହି ସୁବିଧାର ଲାଭ ଉଠାଇପାରିବେ। ଉଲ୍ଲେଖଯୋଗ୍ୟ, ପେନ୍‌ସନ ପାଇବା ପାଇଁ ପ୍ରତି ବର୍ଷ ଜୀବନ ପ୍ରମାଣପତ୍ର କରିବାକୁ ପଡ଼ିଥାଏ। ଏହା ଜରିଆରେ ଜୀବିତ ଥିବାର ପ୍ରମାଣ ଦିଆଯାଇଥାଏ।

CLASSIFIED DISPLAY ALL EDITION - BW (Everyday)
MORE SPACE ' SAME PRICE
For Booking Contact 0674-2580385 8637280816, 7894447167, 9338226625

DHANLAXMI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି,
BPL, IIT ଭଉ, କୁକୁଡାପାଳନ,
ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
4% ସୁଧ ଏବଂ 50% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
8902403044

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଓଡ଼ିଶାର ୨,୬୯୨ ଗ୍ରାମକୁ ମିଳିବ ୪ଜି ସେବା

ଭୁବନେଶ୍ୱର,୩୦।୭




ସାରା ଦେଶବାସୀଙ୍କୁ ଉନ୍ନତ ସେବା ଯୋଗାଇବା ସହ ସମସ୍ତଙ୍କ ପାଇଁ ଡିଜିଟାଲ କ୍ଷେତ୍ରରେ ଅନ୍ତର୍ଭୁକ୍ତି ଏବଂ ସଂଯୋଗୀକରଣ ହେଉଛି ସରକାରଙ୍କ ଅନ୍ତ୍ୟୋଦୟ ଦର୍ଶନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ୨୦୨୧ ସ୍ୱାଧୀନତା ଦିବସ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରୀ ଯୋଜନାରେ ଏହାକୁ ପରିପୂର୍ଣ୍ଣ କରିବାକୁ ଘୋଷଣା କରିଥିଲେ। ନିକଟରେ ଅନୁଷ୍ଠିତ ହୋଇଥିବା କେନ୍ଦ୍ର କ୍ୟାବିନେଟ୍ ଦେଶର ଅଣ ସଂଯୋଗୀକରଣ ଗ୍ରାମଗୁଡ଼ିକରେ ୪ଜି ମୋବାଇଲ ସେବା ପ୍ରଦାନ କରିବା ପାଇଁ ବିଭିନ୍ନ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଉକ୍ତ ପ୍ରକଳ୍ପଗୁଡିକର ମୋଟ ମୂଲ୍ୟ ୨୬,୩୧୬ କୋଟି ଟଙ୍କା ରହିଛି। ଏହି ପ୍ରକଳ୍ପ ୨୪,୬୮୦ ଅଣ ସଂଯୋଗୀକରଣ ଦୁର୍ଗମ ଗ୍ରାମ ତଥା କଷ୍ଟକର ଅଞ୍ଚଳରେ ୪ଜି ମୋବାଇଲ୍ ସେବା ଯୋଗାଇବ। ପୁନଃ ଥଇଥାନ, ନୂତନ ବସତି, ବିଦ୍ୟମାନ ଅପରେଟରଙ୍କ ଦ୍ୱାରା ସେବା ପ୍ରତ୍ୟାହାର ଇତ୍ୟାଦି ହିସାବରେ ୨୦% ଅତିରିକ୍ତ ଗ୍ରାମ ଅନ୍ତର୍ଭୁକ୍ତ କରିବାକୁ ଏହି ପ୍ରକଳ୍ପର ବ୍ୟବସ୍ଥା ରହିଛି। ଏହା ସହିତ କେବଳ ୨ଜି-୩ଜି ସଂଯୋଗ ଥିବା ୬,୨୭୯ ଗାଁକୁ ୪ଜିକୁ ଉନ୍ନୀତ କରାଯିବ। ଗତ ବର୍ଷ ସରକାର ୫ ଟି ରାଜ୍ୟର ୪୪ ଟି ଉଚ୍ଚାକାଂକ୍ଷା ଜିଲାର ୭,୨୮୭ ଟି ଅଣ ସଂଯୋଗୀକରଣ ଗ୍ରାମରେ ୪ଜି ମୋବାଇଲ ସେବା ଯୋଗାଇବା ପାଇଁ ଏକ ପ୍ରକଳ୍ପ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ଆତ୍ମନିର୍ଭର ଭାରତର ୪ଜି ଟେକ୍ନୋଲୋଜି ଷ୍ଟାକ ବ୍ୟବହାର କରି ବିଏସ୍ଏନ୍ଏଲ୍ ଦ୍ୱାରା କାର୍ଯ୍ୟକାରୀ ହେବ ଏବଂ ୟୁନିଭର୍ସାଲ ସର୍ଭିସ ବାଧ୍ୟତାମୂଳକ ପାଣ୍ଠି ମାଧ୍ୟମରେ ଅର୍ଥ ପ୍ରଦାନ କରାଯିବ। ଉକ୍ତ ପ୍ରକଳ୍ପ କ୍ୟାପେକ୍ସ ଏବଂ ୫ ବର୍ଷର ଓପେକ୍ସ ଅନ୍ତର୍ଭୁକ୍ତ ଯାହାର ମୂଲ୍ୟ ୨୬,୩୧୬ କୋଟି ଟଙ୍କା ରହିଛି। ବିଏସ୍ଏନ୍ଏଲ୍ ପୂର୍ବରୁ ଆତ୍ମନିର୍ଭର ଭାରତର ୪ଜି ଟେକ୍ନୋଲୋଜି ଷ୍ଟାକ ନିୟୋଜନ ପ୍ରକ୍ରିୟାରେ ଅଛି। ଯାହା ଏହି ପ୍ରକଳ୍ପରେ ମଧ୍ୟ ନିୟୋଜିତ ହେବ। ଗ୍ରାମାଞ୍ଚଳରେ ମୋବାଇଲ୍ ସଂଯୋଗ ପାଇଁ ସରକାରଙ୍କ ଦୃଷ୍ଟିଭଙ୍ଗୀ ପାଇଁ ଏହି ପ୍ରକଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପ୍ରକଳ୍ପ ମୋବାଇଲ ବ୍ରଡ୍‌ବ୍ୟାଣ୍ଡ ମାଧ୍ୟମରେ ବିଭିନ୍ନ ଇ-ଶାସନ ସେବା, ବ୍ୟାଙ୍କିଙ୍ଗ୍ ସେବା, ଟେଲି ମେଡିସିନ୍, ଟେଲି ଶିକ୍ଷା ଇତ୍ୟାଦି ବିତରଣକୁ ପ୍ରୋତ୍ସାହିତ କରିବ ଏବଂ ଗ୍ରାମାଞ୍ଚଳରେ ନିଯୁକ୍ତି ସୃଷ୍ଟି କରିବ। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ମୋବାଇଲ୍ ୪ଜି ସେବା ପାଇଁ ଅଣ ସଂଯୋଗୀକରଣ ଗ୍ରାମର ତାଲିକା ପ୍ରକାଶ କରାଯାଇଛି। ସେଥିମଧ୍ୟରୁ ଅନୁଗୋଳ ଜିଲାରେ ୫୭ଗ୍ରାମ ଅନ୍ତର୍ଭୁକ୍ତ ଥିବାବେଳେ ବାଲାଙ୍ଗୀର ୭, ବାଲେଶ୍ୱର୧୧, ବରଗଡ଼ ୧୨, ବୌଦ୍ଧ ୧୧୮,ଭଦ୍ରକ ୧୬, କଟକ ୩୭, ଦେବଗଡ଼ ୮୩, ଢେଙ୍କାନାଳ ୧୦, ଗଜପତି ୨୩୮, ଗଞ୍ଜାମ ୧୯୦, ଜଗତ୍‌ସିଂହପୁର ୨, ଯାଜପୁର ୪୧, ଝାରସୁଗୁଡ଼ା ୩, କଳାହାଣ୍ଡି ୨୦୩, କନ୍ଧମାଳ ୪୬୫, କେନ୍ଦ୍ରାପଡ଼ା ୭, କେନ୍ଦୁଝର ୮୦, ଖୋର୍ଦ୍ଧା ୯, କୋରାପୁଟ ୨୭୦, ମାଲକାନଗିରି ୧୦୨, ମୟୂରଭଞ୍ଜ ୧୬୫, ନବରଙ୍ଗପୁର ୧୫,ନୟାଗଡ଼ ୩୦, ନୂଆପଡା ୨୮, ପୁରୀ ୪, ରାୟଗଡ଼ା ୨୦୩, ସମ୍ବଲପୁର ୮୧, ସୁବର୍ଣ୍ଣପୁର ୫ ଏବଂ ସୁନ୍ଦରଗଡ଼ ୧୯୬ ଗ୍ରାମ ଅନ୍ତର୍ଭୁକ୍ତ ରହିଛି।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ

୰ବିଜୟ କୁମାର ପଟ୍ଟନାୟକ
ଖୁସୀ କ୍ଲାସିକ୍ ଆପାର୍ଟମେଣ୍ଟ, ଝାରପଡ଼ା, ଭୁବନେଶ୍ୱର
ଆବିର୍ଭାବ : ତା.୨୧.୦୨.୧୯୪୮
ତିରୋଧାନ : ତା.୧୦.୦୮.୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ପାଦ ପଦ୍ମରେ ବିନୀତ ପ୍ରାର୍ଥନା।
ଶୋକସନ୍ତପ୍ତ : ବନ୍ଧୁ ଓ ପରିବାର ବର୍ଗ
ଧ-୧୧୪୦

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

୰ରଜନୀ ଦେବୀ
ପୁରୁଣା ଭୁବନେଶ୍ୱର
ଊହୁଁ ଊହୁଁ ଆଠ ବର୍ଷ ବିତିଗଲା। ତୋର ସେଇ ହସ ଆଜି ବି ଶୁଣିପାରୁଛୁ ଆମ ଘରିପଟେ। ତୁ କୁଆଡ଼େ ଚାଲିଗଲୁ। ତତେ ଜାଣିଥିବା ସମସ୍ତେ ଦେଖାହେଲେ ତୋରି କଥା ହିଁ କହୁଛନ୍ତି। ତୋ ପାଇଁ ଆମେ ଗର୍ବିତ। ଯେଉଁଠି ଥିଲେ ବି ଖୁସିରେ ଥାଆ, ଏମିତି ହସୁଥାଆ।
ଶୋକସନ୍ତପ୍ତ
ପୁଅବୋହୂ, ନାତିନାତୁଣୀ, ଝିଅଜ୍ୱାଇଁ ବନ୍ଧୁ, ପରିବାରବର୍ଗ ଓ
ଉମା ଫ୍ରେମିଙ୍ଗ୍ ସେଣ୍ଟର
ଅଶୋକନଗର, ଭୁବନେଶ୍ୱର
ଧ-୧୧୫୫

ଦ୍ୱାଦଶାହ ଉପଲକ୍ଷେ

୰ପର୍ଶୁରାମ ଦାସ
ଆବିର୍ଭାବ: ୦୧।୧୦।୧୯୩୭
ତିରୋଧାନ: ୨୦।୦୭।୨୦୨୨
ତୁମର ଶୂନ୍ୟସ୍ଥାନ ଚିର ଅପୂରଣୀୟ। ତୁମର ଅମାୟିକ ସ୍ନେହ, ଆଦର୍ଶ, ଭଲପାଇବା ସର୍ବଦା ପ୍ରେରଣାର ଉତ୍ସ ହେଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ କରୁଣାମୟ ଆବେଦନ।
ଶୋକସନ୍ତପ୍ତ ପରିବାରବର୍ଗ:-
ପୁତ୍ର: ଇଂ. ଶୁପ୍ରଭାତ କୁମାର ଦାସ, ପୁତ୍ରବଧୂ: ସୁଦିପ୍ତା, ଦୀପ୍ତିରେଖା, ଜ୍ୱାଇଁ: ସଞ୍ଜୟ, ତ୍ରିଲୋଚନ, ଝିଅ: ମମି, ଝୁନା, ନାତି: ରୋନକ, ରୋହନ, ଦେବାଶିଷ, ଯଶ, ତ୍ରୀବେନ୍ଦମ୍, ନାତୁଣୀ: ସୋନି, ପ୍ରଜ୍ଞା, ସୁପ୍ରିୟା।
ଧ-୧୧୨୬



# ନିଆରା ଚିତ୍ରଶିଳ୍ପୀ

ଚିତ୍ରାଙ୍କନ ଏକ କଳା। ଏହାଦ୍ୱାରା କାନ୍ଭାସରେ ପ୍ରତିଫଳିତ ହୋଇଥାଏ ଚିତ୍ରକରଙ୍କ ପରିକଳ୍ପନା ଆଉ ତାହା ହିଁ ଦେଇଥାଏ ତାଙ୍କ ସୃଜନଶୀଳତାର ପରିଚୟ। ତେବେ ଏମିତି କେତେଜଣ ଚିତ୍ରକର ଅଛନ୍ତି, ଯାହାଙ୍କ ଭିନ୍ନଶୈଳୀର ଚିତ୍ରକଳା ତାଙ୍କୁ କରିଥାଏ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର। ଏଭଳି କେତେଜଣ ନିଆରା ଯୁବ ଚିତ୍ରକରଙ୍କୁ ନେଇ ଏଥରର ବିଶେଷ ଉପସ୍ଥାପନା...


ଯତୀନ୍

**ପ୍ରାକୃତିକ ରଙ୍ଗରେ ଶୃଙ୍ଗାର ରସ:** ଭରତମୁନୀଙ୍କ ରଚିତ ନାଟ୍ୟଶାସ୍ତ୍ରରେ ନବରସ ମଧ୍ୟରୁ ଶୃଙ୍ଗାର ରସ ହେଉଛି ଅନ୍ୟତମ। ଏହି ଶୃଙ୍ଗାର ରସକୁ ନେଇ କବି, ଔପନ୍ୟାସିକ, ଗାଳ୍ପିକ, ଚିତ୍ରଶିଳ୍ପୀ, ଲେଖକ ନିଜ ନିଜ କଥାବସ୍ତୁରେ ଲେଖନୀରେ ଜୀବନ୍ୟାସ ଦିଅନ୍ତି। ଆଉ ନିଜ ଚିତ୍ରକଳାରେ ଏହି ଶୃଙ୍ଗାର ରସକୁ ଜୀବନ୍ତ ରୂପେ ପ୍ରସ୍ଫୁଟିତ କରିପାରିଛନ୍ତି ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଧନିଶୋ ଗ୍ରାମର ପ୍ରେମଲତା ଏବଂ ନାଗେଶ୍ୱର ସାଉଙ୍କ ପୁଅ ପ୍ରସନ୍ନ କୁମାର। ବିଭିନ୍ନ କାବ୍ୟ କବିତା, ଗଳ୍ପ, ପୌରାଣିକ କଥାବସ୍ତୁ ତଥା ସାମାଜିକ ଜୀବନଶୈଳୀକୁ ଆଧାର କରି ଚିତ୍ରମାନ ସବୁ ଆଙ୍କୁଛନ୍ତି। ଯେଉଁଥିରେ ଭାରତୀୟ କାବ୍ୟ, କବିତା, ଲାଳିତ୍ୟ, ଅଙ୍ଗଭଙ୍ଗୀ ଆଦି ପ୍ରତିଫଳିତ ହୁଏ। ତେବେ ତାଙ୍କ ଚିତ୍ରଗୁଡ଼ିକର ବିଶେଷତ୍ୱ ହେଉଛି ସେ ବ୍ୟବହାର କରୁଥିବା ବିଭିନ୍ନ ପ୍ରାକୃତିକ ରଙ୍ଗ। ସେ କୁହନ୍ତି, ମାର୍କେଟ୍‌ରେ ମିଳୁଥିବା କେମିକାଲ୍‌ଯୁକ୍ତ ରଙ୍ଗ ପରିବର୍ତ୍ତେ କିପରି ନିଜେ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିପାରିବି, ତା'କୁ ନେଇ ବିଭିନ୍ନ ବହି, ଇଣ୍ଟରନେଟ୍ ଆଦିରୁ ରିସର୍ଚ୍ଚ କରିବା ପରେ ପୋଇ ଶାଗ ଏବଂ ମଞ୍ଜି, ବିଟ୍, ପାଳଙ୍ଗ, ଜୟନ୍ତି, କୋଶଳା ଶାଗ, କଫି ମଞ୍ଜି, ପଳାଶ ଫୁଲ, ଜାମୁକୋଳି, ହଳଦୀ ଆଦିରୁ ବିଭିନ୍ନ ରଙ୍ଗ ପ୍ରସ୍ତୁତ କରୁଛି। ଏହି ଅର୍ଗାନିକ୍ ରଙ୍ଗରେ ପ୍ରସ୍ତୁତ ଚିତ୍ର ଅପେକ୍ଷାକୃତ ଉଜ୍ଜ୍ୱଳ, ଦୀର୍ଘସ୍ଥାୟୀ। ନାଟ୍ୟଶାସ୍ତ୍ର ଅନୁସାରେ ଶୃଙ୍ଗାର ରସର ଦେବତା ହେଉଛନ୍ତି ଭଗବାନ୍ ବିଷ୍ଣୁ। ଯାହା ତାଙ୍କର କମନୀୟ ରୂପରେଖ, ସ୍ମିତହାସ୍ୟ ମୁଖମଣ୍ଡଳ, ଲାଳିତ୍ୟ, ବସ୍ତ୍ର ପରିପାଟୀ, ଆଭୂଷଣ, ଅଙ୍ଗଭଙ୍ଗୀରୁ ଦେଖିବାକୁ ମିଳେ। ମୁଖ୍ୟତଃ ଶୃଙ୍ଗାର ରସ ଭାରତୀୟ ଚିତ୍ରକଳା- ଟେମ୍ପୋରା ପେଣ୍ଟିଂ, କାଙ୍ଗରା ମିନିଏଚର ପେଣ୍ଟିଂ, ରାଜସ୍ଥାନୀ ମିନିଏଚର ପେଣ୍ଟିଂରେ ବିଶେଷ ଭାବେ ଦେଖିବାକୁ ମିଳେ। ଏହି ପୁରାତନ ଚିତ୍ରକଳାରୁ ଅନେକ ପ୍ରେରଣା ପାଇ ପ୍ରାକୃତିକ ରଙ୍ଗ ବ୍ୟବହାର କରି କଣ୍ଟେମ୍ପରାରୀ ବା ଆଧୁନିକ ଶୈଳୀରେ ଏଭଳି ଚିତ୍ର ଆଙ୍କୁଛି, ଯାହାକି ମୋତେ ଅଧିକ ଲୋକପ୍ରିୟତା ଦେଇଛି' ବୋଲି କୁହନ୍ତି ପ୍ରସନ୍ନ କୁମାର। ତେବେ ପ୍ରସନ୍ନଙ୍କ ଏଭଳି ପେଣ୍ଟିଂ ପାଇଁ ତାଙ୍କୁ ମିଳିଛି ଅନେକ ପ୍ରଶଂସା ଓ ପୁରସ୍କାର। ଏହି ସୁନ୍ଦର ଚିତ୍ରାଙ୍କନ ଲାଗି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଚିତ୍ରକଳା ବିଭାଗ ପକ୍ଷରୁ ଓଡ଼ିଶାର ରାଜ୍ୟପାଳଙ୍କ ଦ୍ୱାରା ସେ ଗୋଲ୍ଡ ମେଡାଲ୍‌ରେ ସମ୍ମାନିତ ହୋଇଛନ୍ତି। ତାଙ୍କ ପ୍ରସ୍ତୁତ ଚିତ୍ରକଳା କେବଳ ଓଡ଼ିଶାରେ ନୁହେଁ, ଜାତୀୟ ଏବଂ ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ସ୍ଥାନ ପାଇବା ସହ ଉଚ୍ଚ ପ୍ରଶଂସିତ ଓ ପୁରସ୍କୃତ ହୋଇଛି। ଭବିଷ୍ୟତରେ ନିଜ ଚିତ୍ରକଳାକୁ ନେଇ କିଛି ନୂଆ କରିବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରନ୍ତି ପ୍ରସନ୍ନ।






ପ୍ରସନ୍ନ

**ଡିବିରି ଧୂଆଁରେ ଅଙ୍କିତ ଚିତ୍ର ଲାଗେ ଜୀବନ୍ତ:** ତାଙ୍କ ହାତରେ ନା ଥାଏ ପେନ୍‌ସିଲ୍, ରଙ୍ଗ ନା ରଙ୍ଗତୂଳୀ, ହେଲେ ତାଙ୍କ ଅଙ୍କିତ ବିନା ରଙ୍ଗର ଚିତ୍ର ଦେଖିବାକୁ କିଛି କ୍ଷଣ ଅଟକିଯାଏ ଆଖି। ତେବେ କାନ୍ଭାସ୍ ଉପରେ ଜୀବନ୍ତ ଲାଗୁଥିବା ଏହି ଚିତ୍ରସବୁ ଆଙ୍କିବାକୁ ସେ ବ୍ୟବହାର କରନ୍ତି ଡିବିରି ଧୂଆଁ। ଏଭଳି ଏକ ନିଆରା ଚିତ୍ରକଳା ସ୍ମୋକ୍ ଆର୍ଟକୁ ପ୍ରସ୍ତୁତ କରି ବେଶ୍ ଲୋକପ୍ରିୟତା ହାସଲ କରିଥିବା ଚିତ୍ରଶିଳ୍ପୀ ହେଉଛନ୍ତି କଟକ ଝାଞ୍ଜିରିମଙ୍ଗଳାରେ ରହୁଥିବା ବାସନ୍ତି ଏବଂ ଗୟାଧର ବିଶ୍ୱାଳଙ୍କ ପୁଅ ଦୀପକ। ପିଲାବେଳୁ ଚିତ୍ରାଙ୍କନରେ ତାଙ୍କର ରୁଚି ରହିଥିଲା, ହେଲେ ଏତେ ସୁଯୋଗ ମିଳି ନ ଥିଲା। ଧୀରେ ଧୀରେ ଚିତ୍ରକୁ ନେଇ କିଛି ଏକ୍ସପେରିମେଣ୍ଟ କରିବାକୁ ଚେଷ୍ଟା କରିଥିଲେ ଏବଂ ସ୍ମୋକ୍ ଆର୍ଟ ଭଳି ଏକ ନିଆରା ପ୍ରୟାସ ଆରମ୍ଭ କରିଥିଲେ। ମହାପ୍ରଭୁ ଜଗନ୍ନାଥ, ବଡ଼ଦେଉଳ, ଗୌତମ ବୁଦ୍ଧ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମହାତ୍ମା ଗାନ୍ଧୀ, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପ୍ରମୁଖଙ୍କ ସ୍ମୋକ୍ ଆର୍ଟ କରି ସେ ଅନେକ ପ୍ରଶଂସା ସାଉଁଟିଛନ୍ତି। ତେବେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଚିତ୍ର କରି ବେଶ୍ ଚର୍ଚ୍ଚାରେ ରହିଥିଲେ। ତାଙ୍କ ଅଙ୍କିତ ଚିତ୍ରଗୁଡ଼ିକୁ ସେ କଲର ଏକ ମ୍ୟାଚିସ୍ କା, ପିହୁ, ଘର କି ରାନୀ, ଅମୃତ, ମଧୁରାତି, ପରିଭାଷା ଭଳି ବିଭିନ୍ନ ନାମକରଣ କରିଛନ୍ତି। ତେବେ କେବଳ ଡିବିରିଧୂଆଁ, ଧଳା କାଗଜ, ସରୁ ପିନ୍, ତୁଳା ଏବଂ ପାରା ପର ବ୍ୟବହାର କରି ସେ ଚିତ୍ରଗୁଡ଼ିକୁ ଜୀବନ୍ତ ରୂପ ଦେଇ ପାରୁଛନ୍ତି। ସେ କୁହନ୍ତି, ଅନେକ ଚିତ୍ରଶିଳ୍ପୀ ସୁନ୍ଦର ସୁନ୍ଦର ଚିତ୍ର କରୁଥିବାର ଦେଖିଲେ ଖୁସିଲାଗେ। ହେଲେ ନିଜେ ଏହାକୁ ନେଇ କିଛି ଭିନ୍ନ କରିବାକୁ ସର୍ବଦା ଚାହୁଁଥିଲି। ତେଣୁ ଏହି ନୂଆ ଚିନ୍ତାଧାରା ମନକୁ ଆସିଲା। ବିନା ପ୍ରଶିକ୍ଷଣରେ କେବଳ ୟୁଟ୍ୟୁବ୍ ଦେଖି ଏଭଳି ଚିତ୍ର ଆଙ୍କିବା ପରେ ଦର୍ଶକଙ୍କ ପ୍ରଶଂସା ମୋତେ ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଇଲା। ଭାରତରେ ଏହି କଳାର ଏତେଟା ପ୍ରସାର ପ୍ରଚାର ନ ଥିବାରୁ ଇଣ୍ଡିଆସ୍ ଗଟ୍ ଟ୍ୟାଲେଣ୍ଟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜର ନିଆରା କଳାକୁ ଲୋକଲୋଚନକୁ ଆଣିବାକୁ ଲକ୍ଷ୍ୟ ରଖି ପ୍ରୟାସ ଜାରି ରଖିଛି। ଭବିଷ୍ୟତରେ ନିଜର ଏକ ଆର୍ଟ ସ୍କୁଲ୍ କରି ପିଲାମାନଙ୍କୁ ଏହି କଳା ଶିକ୍ଷା ଦେବକୁ ଇଚ୍ଛା ରଖିଛି।


ଦୀପକ





**ଚକୋଲେଟ୍ ପେଣ୍ଟିଂ ଦେଇଛି ପରିଚୟ:** ଚକୋଲେଟ୍ ଖାଇବାକୁ କିଏବା ଭଲ ନ ପାଏ! ହେଲେ ସେ କିନ୍ତୁ ଅଲଗା। ତାଙ୍କୁ ଖାଇବା ଅପେକ୍ଷା ଚକୋଲେଟ୍ ବ୍ୟବହାର କରି ପେଣ୍ଟିଂ କରିବାରେ ମିଳେ ଅପାର ଆନନ୍ଦ। ଆଉ ଏହି ଅଭିନବ ପ୍ରୟାସ ହିଁ ତାଙ୍କୁ ଆଣିଦେଇଛି ଏକ ସ୍ୱତନ୍ତ୍ର ପରିଚୟ। ସେ ହେଉଛନ୍ତି କଟକ ଜିଲା ଚୌଦ୍ୱାରରେ ରହୁଥିବା ମା' ଲିଲି ଏବଂ ବାପା ସୁକାନ୍ତ ତରାଇଙ୍କ ପୁଅ ଯତୀନ୍। ସ୍କୁଲ୍‌ରେ ପଢ଼ିବା ବେଳୁ ହିଁ ସେ ଖୁବ୍ ସୁନ୍ଦର ଚିତ୍ର ଆଙ୍କି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିଲେ। ଧୀରେ ଧୀରେ ପେନ୍‌ସିଲ୍ ସ୍କେଚ୍ ଏବଂ ଅଏଲ୍ ପେଣ୍ଟିଂରେ ସେ ନିଜର ଦକ୍ଷତା ପ୍ରତିପାଦନ କରିପାରିଲେ। ହେଲେ ପେଣ୍ଟିଂକୁ ନେଇ କିଛି ନୂଆ ଏକ୍ସପେରିମେଣ୍ଟ କରିବାକୁ ତାଙ୍କର ଇଚ୍ଛା ଥିଲା। ତେଣୁ ସେ ଏଥିପାଇଁ ରଙ୍ଗ ବଦଳରେ ବାଛି ନେଇଥିଲେ ଚକୋଲେଟ୍। ଆଉ କାନ୍ଭାସ୍ ଉପରେ ଆଙ୍କିଥିଲେ ନିଜ ଫେଭରେଟ୍ କ୍ରିକେଟର ଏମ୍‌ଏସ୍ ଧୋନୀଙ୍କ ଚିତ୍ର, ଯାହାକୁ ଦେଖି ତାଙ୍କ ପାଖକୁ ଛୁଟିଥିଲା ପ୍ରଶଂସାର ସୁଅ। ସେହି ସମୟରେ ତାଙ୍କ ମୁଣ୍ଡରେ ପେଣ୍ଟିଂ କରିବାର ନିଶା ଏତେ ଘାରିଥିଲା ଯେ, ସେ ବି.ଟେକ୍. ପାଠପଢ଼ା ଅଧାରୁ ଛାଡ଼ି ଦେଇଥିଲେ। ସେ କୁହନ୍ତି, ପେଣ୍ଟିଂ ମୋର ନିଶା। ଯଦିଓ ଏଥିପାଇଁ କୌଣସି ତାଲିମ ନେଇନାହିଁ, ତଥାପି ଏହାକୁ ନେଇ କିଛି ସବୁବେଳେ ଏକ୍ସପେରିମେଣ୍ଟ କରିଆସିଛି। ତେବେ ଚକୋଲେଟ୍ ପେଣ୍ଟିଂ ମୋତେ ଅଧିକ ଲୋକପ୍ରିୟତା ଦେଇପାରିଛି। ଏହା ବ୍ୟତୀତ ରିଏଲିଷ୍ଟିକ୍ ପେନ୍‌ସିଲ୍ ସ୍କେଚ୍‌ରେ ମୋର ବିଶେଷ ଆଗ୍ରହ ରହିଛି। ଜଣେ ବନ୍ଧୁଙ୍କ ସହ ମିଶି ଏକ ୱେବ୍‌ସାଇଟ୍ କରି ଦେଶ ବିଦେଶର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଗ୍ରାହକଙ୍କ ନିକଟକୁ ପେଣ୍ଟିଂ କରି ପଠାଇ ପାରୁଛି। ଭବିଷ୍ୟତରେ ସୁଯୋଗ ଅଭାବରୁ ଲୋକଲୋଚନ ଆଢୁଆଳରେ ରହିଯାଉଥିବା ଅଧିକରୁ ଅଧିକ ଚିତ୍ରକରଙ୍କୁ ନିଜ କଳା ପ୍ରଦର୍ଶନ କରିବାକୁ ପ୍ରୋତ୍ସାହନ ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛି।' ଏଭଳି ନିଆରା ଚିତ୍ରକଳା କରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ଓ ପ୍ରଶଂସିତ ହୋଇଛନ୍ତି ଯତୀନ୍।

–ପୌର୍ଣ୍ଣମାସୀ

## ଏ ସପ୍ତାହର ପ୍ରଶ୍ନ

୧– ଇଣ୍ଡିଆନ୍ ଅଲିମ୍ପିକ୍ ଆସୋସିଏଶନ୍ ଦ୍ୱାରା ନ୍ୟାଶନାଲ୍ ଗେମ୍ସ ୨୦୨୨...... ଠାରେ ଆୟୋଜନ କରାଯିବ ?
୨– ୱାର୍ଲ୍ଡ ୟୁଏଫ୍‌ଓ ଡେ' ......... ତାରିଖରେ ପାଳନ କରାଯାଏ ?
୩– ଭାରତର ନ୍ୟାଶନାଲ କଞ୍ଜ୍ୟୁମର ହେଲ୍ପଲାଇନ୍ ନମ୍ବର ........... ?
୪– ଭିକ୍ଟୋରିଆ ବୋଲିଭିଆନା ଏକ ............. ପ୍ରଜାତିର ନାମ ?
୫– ଗ୍ଲୋବାଲ ଜେଣ୍ଡର ଗ୍ୟାପ୍ ରିପୋର୍ଟ ........... ପକ୍ଷରୁ ପ୍ରକାଶ ପାଇଥାଏ ?

## ଗତ ଥରର ଉତ୍ତର

୧ ପାଟଳିପୁତ୍ର
୨ ଅର୍ଜ୍ଜୁନ
୩ କାଶ୍ମୀର
୪ ଲୁଇସ୍ ଫିସର୍
୫ ଦକ୍ଷିଣ ଆଣ୍ଡାମାନ

## ଉତ୍ତରଦାତା


ଶିବ ପ୍ରସାଦ ସାହୁ, ନୟାଗଡ଼


କିଶୋର ପାଣି, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଅଧିକ ବ୍ୟବହୃତ କ୍ୟାମେରା ବ୍ରାଣ୍ଡ–୨୦୨୨



୧...... କ୍ୟାନନ୍
୨...... ସୋନି
୩...... ନିକନ୍
୪...... ଫୁଜିଫିଲ୍ମସ୍
୫...... ପାନାସୋନିକ୍
୬...... ଲିକା
୭ ...... ପେଣ୍ଟାକ୍ସ
୮...... ହାସେଲ୍‌ବ୍ଲାଡ୍
୯...... ଓଲିମ୍ପସ୍
୧୦...... କୋଡାକ୍

ୟୁଥ୍ ଆଲର୍ଟ

## ରାତିରେ ନିଦ ହେଉ ନ ଥିଲେ

*ସୁସ୍ଥ ଜୀବନଶୈଳୀ ପାଇଁ ଭଲ ନିଦ ନିହାତି ଦରକାର। କିନ୍ତୁ ବର୍ତ୍ତମାନର ଅଧିକାଂଶ ଯୁବପିଢ଼ିଙ୍କଠାରେ କାର୍ଯ୍ୟ ଚାପ ହେଉ ଅବା ଅନ୍ୟାନ୍ୟ କାରଣରୁ ନିଦ୍ରାହୀନତା ଏକ ପ୍ରମୁଖ ସମସ୍ୟା ପାଲଟିଛି। ଅପରପକ୍ଷେ ଏହା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣୁଛି। ତେଣୁ ରାତିରେ ଭଲ ନିଦ ପାଇଁ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେବେ ଜାଣିରଖନ୍ତୁ...*



- ଦିନଯାକର ଥକାପଣ ଦୂର କରିବା ଲାଗି ଭଲ ଭାବେ ଗୋଡ଼ହାତ ଧୋଇ ଶୋଇବାକୁ ଯାଆନ୍ତୁ। ଗାଧୋଇବା ଦ୍ୱାରା ମଧ୍ୟ କେବେକେବେ ଆରାମଦାୟକ ନିଦ ହୋଇଥାଏ। ଆବଶ୍ୟକ ହେଲେ ଶୋଇବାକୁ ଯିବା ପୂର୍ବରୁ ଗାଧୋଇ ପଡ଼ନ୍ତୁ। ଦେଖିବେ, ଆପଣଙ୍କୁ ରିଲାକ୍ସ ଫିଲ୍ ହେବା ସହ ଭଲ ନିଦ ହେବ।
- ମନରେ କୌଣସି ଟେନ୍‌ସନ୍ ଥିଲେ ମଧ୍ୟ ନିଦ ହେବା କଷ୍ଟ। ତେଣୁ ମନରୁ ଏହାକୁ ଦୂର କରିବାକୁ ଚେଷ୍ଟା କରନ୍ତୁ। ଶୋଇବା ପୂର୍ବରୁ କିଛି ସମୟ ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତୁ, ସ୍ଲୋ ମ୍ୟୁଜିକ୍ ଶୁଣନ୍ତୁ, ଖୁସି ଦେଉଥିବା ପୁରୁଣା ଘଟଣାଗୁଡ଼ିକୁ ମନେପକାନ୍ତୁ। ଦେଖିବେ ଏପରି କରିବା ଦ୍ୱାରା ଆପଣଙ୍କ ମନ ହାଲୁକା ହୋଇଯିବ ଏବଂ ନିଦ ଆସିବ।
- ଶୋଇବାକୁ ଯିବା ବେଳେ ଲାଇଟ୍ ଅଫ୍ କରିଦିଅନ୍ତୁ। ନଚେତ୍ ଆଖିରେ ଲାଇଟ୍ ପଡ଼ି ନିଦ ବାରମ୍ବାର ଭାଙ୍ଗିପାରେ।
- ବେଡ୍‌ରୁମ୍‌ରେ ଅଧିକ ଗରମ କିମ୍ବା ଥଣ୍ଡା ଲାଗିଲେ ବି ନିଦ ପ୍ରଭାବିତ ହୋଇଥାଏ। ଶୋଇବାକୁ ଯିବା ପୂର୍ବରୁ ବେଡରୁମ୍‌ର ଟେମ୍ପରେଚର କମ୍ଫର୍ଟେବଲ୍ ରଖିବା ଲାଗି ଫ୍ୟାନ୍ କିମ୍ବା ଏସି ଲଗାନ୍ତୁ।
- ଶୋଇବା ପୂର୍ବରୁ ମୋବାଇଲ୍, ଟିଭି, ଲାପଟପ୍ ଆଦି ଇ–ଗ୍ୟାଜେଟ୍ସକୁ ସୁଇଚ୍ ଅଫ୍ କରନ୍ତୁ। କାରଣ ଏହାର ଲାଇଟ୍ ଏବଂ ରେଡିଏଶନ୍ ଆପଣଙ୍କ ନିଦ୍ରାରେ ପ୍ରଭାବ ପକାଇଥାଏ।
- ନିଦ ଆସିବା ପାଇଁ ମନ ପସନ୍ଦର ବହି ପଢ଼ିପାରିବେ। ଏହାଦ୍ୱାରା ମାଇଣ୍ଡ ରିଲାକ୍ସ ହେବ ଏବଂ ନିଦ ଭଲ ହେବ।
- ଭଲ ନିଦ ହେବା ପାଇଁ ଧ୍ୟାନ, ଯୋଗ କିମ୍ବା ବ୍ରେଥିଙ୍ଗ୍ ଏକ୍ସରସାଇଜ୍ କରିପାରିବେ। ଏହା ଶରୀରକୁ ସ୍ଫୂର୍ତ୍ତି ଯୋଗାଇବା ସହ ପର୍ଯ୍ୟାପ୍ତ ନିଦ୍ରା ହେବାରେ ସାହାଯ୍ୟ କରିବ।
- ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଳମ୍ବିତ ରାତ୍ରିଭୋଜନ ଅଭ୍ୟାସ ଥିଲେ ତୁରନ୍ତ ଦୂର କରନ୍ତୁ ଏବଂ ସୁଷମ ଖାଦ୍ୟାଭ୍ୟାସ ରଖନ୍ତୁ। ଏହାଦ୍ୱାରା ଗ୍ୟାସ୍, ଯେତେ ସମ୍ଭବ ଚା, କଫି, ମଦ, ସିଗାରେଟ୍ ଇତ୍ୟାଦି ସେବନଠାରୁ ଦୂରେଇ ରୁହନ୍ତୁ। କାରଣ ଏହାସବୁ ନିଦ୍ରାହୀନତାର ପ୍ରମୁଖ କାରଣ।



ଜାଣନ୍ତୁ ଦୁନିଆ



## ଏହି ଦେଶରେ ଭାରତୀୟଙ୍କୁ ଲୋଡ଼ା ନାହିଁ ଭିଜା

ବିଦେଶ ଭ୍ରମଣ କରିବା ଅନେକଙ୍କ ସ୍ୱପ୍ନ। ଆଉ ଏଥିପାଇଁ ଲୋଡ଼ାହୁଏ ଭିଜା। ହେଲେ ଆପଣ ଜାଣନ୍ତିକି ଏମିତି କେତେକ ଦେଶ ରହିଛି, ଯେଉଁଠାରେ ବୁଲିବା ଲାଗି ଭାରତୀୟଙ୍କୁ ଆବଶ୍ୟକ ହୁଏ ନାହିଁ ଭିଜା। ଜାଣିବା ଏ ସମ୍ପର୍କରେ...



**୧. ନେପାଳ:** ଭାରତର ପଡ଼ୋଶୀ ଦେଶ ନେପାଳରେ ରହିଛି ପଶୁପତିନାଥ ମନ୍ଦିର, ପୋଖରା, ଅନ୍ନପୂର୍ଣ୍ଣା ମାସିଫ୍‌ଠାରୁ ଆରମ୍ଭ କରି ଏଭରେଷ୍ଟ ପର୍ଯ୍ୟନ୍ତ ଅନେକ ପର୍ଯ୍ୟଟନ ସ୍ଥାନ। ଯାହାକୁ ଦେଖିବା ଲାଗି ବିଭିନ୍ନ ଦେଶ ସହ ଆମ ଦେଶରୁ ମଧ୍ୟ ଅନେକ ପର୍ଯ୍ୟଟକ ସେଠାକୁ ଯାଆନ୍ତି। ତେବେ ଜାଣନ୍ତିକି, ନେପାଳ ସହିତ ଆମ ଦେଶର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିବାରୁ ୧୯୫୦ ମସିହାରେ 'ଇଣ୍ଡୋ–ନେପାଳ ଟ୍ରିଟି ଅଫ୍ ପ୍ରିସ୍ ଆଣ୍ଡ ଫ୍ରେଣ୍ଡଶିପ୍' ଗଠନ କରାଯାଇଥିଲା। ଏହା ଅନୁଯାୟୀ ସେଠାକୁ ଯିବା ଲାଗି ଭାରତୀୟଙ୍କୁ ଭିଜା ଆବଶ୍ୟକ ହୋଇ ନ ଥାଏ।

**୨. ମରିସସ୍:** ଏସିଆ ମହାଦେଶର ସୁନ୍ଦର ଦେଶଗୁଡ଼ିକ ମଧ୍ୟରେ ମରିସସ୍‌ର ନାମ ରହିଛି। ଏଠାରେ ଥିବା ଏକାଧିକ ମନୋରମ ସି'ବିଚ୍, ୱାଟର ଫଲ୍ ଏବଂ ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ସ୍ଥାନ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏହା ବ୍ୟତୀତ ସେଠାକାର ୱାଟର ସ୍ପୋର୍ଟ୍ସ ମଧ୍ୟ ସଭିଙ୍କ ଲାଗି ଅନ୍ୟତମ ଆକର୍ଷଣ। ଏହି ଦେଶ ସହ ଭାରତର ଭଲ ସମ୍ପର୍କ ଥିବାରୁ ସେଠାକୁ ବୁଲିଯିବା ଲାଗି ଭିଜାର ଆବଶ୍ୟକତା ପଡ଼େନି। କେବଳ ପାସ୍‌ପୋର୍ଟ ଦେଖାଇ ସେଠାରେ ୬୦ ଦିନ ପର୍ଯ୍ୟନ୍ତ ରହିବାକୁ ଅନୁମତି ମିଳିଥାଏ।

**୩. ଭୁଟାନ୍:** ଦକ୍ଷିଣ ଏସୀୟ ଦେଶ ଭୁଟାନ୍ ହିମାଳୟ ପାଦ ଦେଶରେ ଥିବାରୁ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ। ସେଠାରେ ଥିବା ପାରୋ ତକ୍‌ସାଙ୍ଗ, ପୁନାଖା ଜୋଙ୍ଗ୍, ତାସିଛୋ ଜୋଙ୍ଗ୍, ରିନ୍‌ପଙ୍ଗ୍ ଜୋଙ୍ଗ୍ ଆଦି ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷଣ କରିଥାଏ। ଏହି ଦେଶକୁ ବୁଲିଯିବା ପାଇଁ ମଧ୍ୟ ଭାରତୀୟଙ୍କୁ ଭିଜାର ଆବଶ୍ୟକତା ପଡ଼ି ନ ଥାଏ। ସେଠାରେ ପାସ୍‌ପୋର୍ଟ, ଭୋଟର ଆଇଡି କିମ୍ବା ଆଧାରକାର୍ଡ ଭଳି ପ୍ରମାଣ ପତ୍ର ହିଁ ଯଥେଷ୍ଟ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୩୧ ଜୁଲାଇ, ୨୦୨୨ Bhubaneswar, Sunday, July 31/2022

# ସଙ୍କେତଙ୍କୁ ରୌପ୍ୟ, ଗୁରୁରାଜାଙ୍କୁ ବ୍ରୋଞ୍ଜ


ରୌପ୍ୟ ପଦକ ସହ ସଙ୍କେତ ସର୍‌ଗର୍।



ବ୍ରୋଞ୍ଜ ପଦକ ସହ ଗୁରୁରାଜା ପୂଜାରୀ।

**ବର୍ମିଂହାମ୍, ୩୦।୭(ପି.ଟି.)**

ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରୋତ୍ତୋଳକ ସଙ୍କେତ ସର୍‌ଗର୍ ଭାରତ ପାଇଁ ପ୍ରଥମ ପଦକ ଆଣିଦେଇଛନ୍ତି। ଶନିବାର ପୁରୁଷ ୫୫ କେଜି ଶ୍ରେଣୀରେ ସେ ରୌପ୍ୟ ପଦକ ଜିତିଛନ୍ତି। ୨୧ ବର୍ଷୀୟ ଭାରୋତ୍ତୋଳକ ସ୍ୱର୍ଣ୍ଣ ଜିତିବେ ବୋଲି ଅନୁମାନ କରାଯାଉଥିଲା। ମାତ୍ର ସେ କ୍ଲିନ ଓ ଜର୍କ ପ୍ରଚେଷ୍ଟାରେ ଦୁଇଥର ବିଫଳ ହୋଇଥିଲେ। ସେ ମୋଟ (୧୧୩ କେଜି+୧୩୫ କେଜି) ୨୪୮ କେଜି ଉତ୍ତୋଳନ କରିପାରିଥିଲେ। ମାଲେସିଆର ମହମଦ ଆନିକ୍ କ୍ଲିନ ଓ ଜର୍କରେ ୨୪୯କେଜି (୧୦୭କେଜି+ ୧୪୨କେଜି) ଉତ୍ତୋଳନ କରି ଗେମ୍ସ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଶ୍ରୀଲଙ୍କାର ଇସୁରୁ କୁମାରା ୨୨୫କେଜି(୧୦୫କେଜି+ ୧୨୦କେଜି) ଓଜନ ଉଠାଇ ବ୍ରୋଞ୍ଜ ପଦକ ପାଇଥିଲେ। ସ୍ନାଚ ବିଭାଗରେ ସର୍‌ଗର୍ ସମସ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ଦେଇଥିଲେ। କ୍ଲିନ ଓ ଜର୍କ ପୂର୍ବରୁ ସେ ୬ କିଲୋଗ୍ରାମ ଅଗ୍ରଣୀ ରହିଥିଲେ। ମାତ୍ର ଭାରତୀୟ ଭାରୋତ୍ତୋଳକ ଓଜନ ଉଠାଇବା ବେଳେ ତ୍ରୁଟି ଯୋଗୁ ତାଙ୍କ ଡାହାଣ କହୁଣିରେ ଆଘାତ ଲାଗିଥିଲା। ଏଥିଯୋଗୁ ସେ କ୍ଲିନ୍ ଓ ଜର୍କରେ ଥରେ ମାତ୍ର ଉତ୍ତୋଳନ କରିପାରିଥିଲେ। ସେ ତାଙ୍କ ଦ୍ୱିତୀୟ ଓ ତୃତୀୟ ପ୍ରଚେଷ୍ଟାରେ ୧୩୯କେଜି ଉତ୍ତୋଳନ କରିବାରେ ବିଫଳ ରହିଥିଲେ। ସୂଚନାଯୋଗ୍ୟ, ଗତ ସଂସ୍କରଣରେ ଭାରତୀୟ ଭାରୋତ୍ତୋଳକମାନେ ୫ ସ୍ୱର୍ଣ୍ଣ ସହ ୯ ପଦକ ଜିତିଥିଲେ। ଏଥର ମଧ୍ୟ ସେମାନଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରାଯାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଯୁବ ଆଥଲେଟ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସଙ୍କେତ ଭାରତ ପାଇଁ ଭଲ ଆରମ୍ଭ କରିଛନ୍ତି। ତାଙ୍କ ଭବିଷ୍ୟତର ଉତ୍ତରୋତ୍ତର କାମନା କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରୋତ୍ତୋଳକ ଜଣକ କହିଛନ୍ତି, ତାଙ୍କଠାରୁ ଡୋପ୍ ସାମ୍ପଲ ସଂଗ୍ରହ ପରେ ସେ ତାଙ୍କର ତୁରନ୍ତ ଏକ୍ସ-ରେ କରାଇନେବେ। ବର୍ତ୍ତମାନ ସେ ବହୁ ଯନ୍ତ୍ରଣା ଅନୁଭବ କରୁଛନ୍ତି। ସେ ତାଙ୍କ ପଦକକୁ ସ୍ୱାଧୀନତା ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ସାଙ୍ଗ୍‌ଲିରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପଦକ ଜିତିବାରେ ସର୍‌ଗର୍ ହେଉଛନ୍ତି ଦ୍ୱିତୀୟ ଆଥଲେଟ୍। ପୂର୍ବରୁ ରେସ୍‌ଲର ଭାରତୀ ମାନେ ପଦକ ହାସଲ କରିଥିଲେ। ସୂଚନାଯୋଗ୍ୟ ମହାରାଷ୍ଟ୍ରର ସାଙ୍ଗ୍‌ଲିରେ ତାଙ୍କ ପିତାଙ୍କ ସହ ମିଶି ସେ ଏକ ପାନ ଦୋକାନ ଚଳାଉଛନ୍ତି।

ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୁରୁଷ ୬୧କେଜି କାଟେଗୋରିରେ ଗୁରୁରାଜା ପୂଜାରୀ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଭାରୋତ୍ତୋଳନରେ ଏହା ହେଉଛି ଭାରତର ଦ୍ୱିତୀୟ ପଦକ। ପୂର୍ବରୁ ସଙ୍କେତ ସର୍‌ଗର୍ ପୁରୁଷ ୫୫କେଜି କାଟେଗୋରିରେ ରୌପ୍ୟ ପଦକ ହାସଲ କରିସାରିଛନ୍ତି। ଗୋଲ୍ଡକୋଷ୍ଟରେ ଅନୁଷ୍ଠିତ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ଜିତିଥିବା ଗୁରୁରାଜା ମୋଟ ୨୬୯କେଜି (୧୧୮କେଜି+ ୧୫୧କେଜି) ଉତ୍ତୋଳନ କରି ତୃତୀୟ ହୋଇଥିଲେ। ମାଲେସିଆର ଅଜ୍‌ନିଲ ବିନ୍ ବିଦିନ୍ ମହମଦ ୨୮୫କେଜି (୧୨୭+୧୫୮) ଉତ୍ତୋଳନ ସହ ଗେମ୍ସ ରେକର୍ଡ କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ପାପୁଆ ନ୍ୟୁଗିନିର ମୋରିଆ ବାରୁ ମୋଟ ୨୭୩କେଜି (୧୨୧+୧୫୨କେଜି) ଓଜନ ଉଠାଇ ରୌପ୍ୟ ଜିତିଥିଲେ।



ଶ୍ରୀଲଙ୍କା ବିପକ୍ଷ ମିକ୍ସଡ ଡବଲ୍ସ ବ୍ୟାଡ୍‌ମିଣ୍ଟନ ମ୍ୟାଚ ଜିତିବା ପରେ ଭାରତର ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ (ବାମ) ଓ ମାଚିମାଣ୍ଡା ପୋନାପ୍ପା।

## ସ୍କ୍ୱାଶ: ଭାରତର ସର୍ବକନିଷ୍ଠ ଆଥ୍‌ଲେଟଙ୍କ ବିଜୟ

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ସର୍ବକନିଷ୍ଠ ଆଥ୍‌ଲେଟ ୧୪ ବର୍ଷୀୟ ସ୍କ୍ୱାଶ ଖେଳାଳି ଅନାହତ ସିଂ ବିଜୟ ସହ ମହିଳା ସିଙ୍ଗଲ୍ସରେ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ଅନାହତ ସେଣ୍ଟ ଭିନ୍‌ସେଣ୍ଟର ଜାଡା ରସ୍‌ଙ୍କୁ ୧୧-୫, ୧୧-୨, ୧୧-୦ରେ ହରାଇ ଦେଇଛନ୍ତି। ଅନାହତଙ୍କର ଏହା ହେଉଛି ପ୍ରଥମ ସିନିୟର ଟୁର୍ନାମେଣ୍ଟ। ଚଳିତବର୍ଷ ୧୫ ବର୍ଷରୁ କମ୍ ସ୍ତରରେ ଏସିଆନ ଜୁନିୟର ସ୍କ୍ୱାଶ ଓ ଜର୍ମାନ ଓପନ ଜିତିବା ପରେ ତାଙ୍କୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଭାରତୀୟ ଦଳରେ ସାମିଲ କରାଯାଇଥିଲା।

## ନକ୍‌ଆଉଟରେ ବ୍ୟାଡ୍‌ମିଣ୍ଟନ ଦଳ

ଶ୍ରୀଲଙ୍କା ବିପକ୍ଷରେ ୫-୦ରେ ବିଜୟ ସହିତ ନକ୍‌ଆଉଟ ରାଉଣ୍ଡରେ ପ୍ରବେଶ କରିଛି ଭାରତ। ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନକୁ ୫-୦ରେ ହରାଇଥିବା ଦଳ ଶନିବାର ମଧ୍ୟ ସମାନ ବ୍ୟବଧାନରେ ବିଜୟ ହାସଲ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମିକ୍ସଡ୍ ଟିମ୍ ବର୍ଗରେ ଆରେନା ବର୍ମିଂହାମରେ ଖେଳାଯାଇଥିବା ମୁକାବିଲାକୁ ଅନାୟାସରେ ଜିତି ନେଇଥିଲା ଭାରତ। ଅଶ୍ୱିନୀ ପୋନାପ୍ପା ଓ ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀଙ୍କ ଯୋଡ଼ି ସଚିନ ଡିଆସ୍-ଥିଳିନି ହେଣ୍ଡାହେୱାଙ୍କୁ ୨୧-୧୪ ଓ ୨୧-୧୯ରେ ପରାସ୍ତ କରିଥିଲା। ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ଲକ୍ଷ୍ୟ ସେନ୍ ଭେଟେରାନ୍ ନିଲୁକା କରୁଣାରତ୍ନେଙ୍କୁ ୨୧-୧୮ ଓ ୨୧-୫ରେ ପରାସ୍ତ କରିଥିଲେ।



ଶ୍ରୀହରି ନଟରାଜ

ଆକର୍ଷୀ କାଶ୍ୟପ ୨୧-୩ ଓ ୨୧-୯ ସେଟ୍‌ରେ ବିଦରା ସୁଶାନୀ ବିତାନାଗେଙ୍କୁ ପରାସ୍ତ କରି ଭାରତକୁ ୩-୦ରେ ଅଗ୍ରଣୀ ପ୍ରଦାନ କରିଥିଲେ। ବି. ସୁମିତ ରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ବିଜୟୀ ହେବା ସହ ଭାରତର ଅଗ୍ରଣୀକୁ ୪-୦ରେ ପହଞ୍ଚାଇଥିଲେ। ୨୧-୧୦ ଓ ୨୧-୧୩ ସେଟ୍‌ରେ ଦୁମିନ୍ଦୁ ଆବେୱିକ୍ରମା-ସଚିନ୍ ଡିଆସଙ୍କୁ ପରାସ୍ତ କରିଥିଲେ। ଦିନର ଅନ୍ତିମ ମୁକାବିଲାରେ ମହିଳା ଡବଲ୍ସ ଯୋଡ଼ି ଗାୟତ୍ରୀ ଗୋପୀଚାନ୍ଦ ଓ ତ୍ରିସା ଜୋଲି ବିଜୟୀ ହେବା ସହିତ ଭାରତ କ୍ଲିନ୍ ସୁଇପ୍ କରିଥିଲା। ଭାରତୀୟ ଯୋଡ଼ି ୨୧-୧୮ ଓ ୨୧-୬ ସେଟ୍‌ରେ ବିଦରା ସୁଶାନୀ ବିତାନାଗେ-ଥିଳିନି ହେଣ୍ଡାହେୱା ଯୋଡ଼ିକୁ ପରାସ୍ତ କରିଥିଲା।

## ଚିନାପ୍ପା, ଘୋଷାଲ ପ୍ରି-କ୍ୱାର୍ଟରରେ

ଭାରତର ଅଗ୍ରଣୀ ସ୍କ୍ୱାଶ ଖେଳାଳି ଜୋତ୍ସ୍ନା ଚିନାପ୍ପା ଓ ସୌରଭ ଘୋଷାଲ ଯଥାକ୍ରମେ ମହିଳା ଓ ପୁରୁଷ ସିଙ୍ଗଲ୍ସ ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଉଭୟ ଚିନାପ୍ପା ଓ ଘୋଷାଲ ସମାନ ୩-୦ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ଉଭୟେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି। ଚିନାପ୍ପା ବାର୍ବାଡୋସ୍‌ର ମିଗାନ ବେଷ୍ଟଙ୍କୁ ହରାଇ ଦେଇଛନ୍ତି। ୧୮ଥର ଜାତୀୟ ଚାମ୍ପିୟନ ୧୧-୮, ୧୧-୯, ୧୨-୧୦ ସିଧାସଳଖ ସେଟ୍‌ରେ ବିଜୟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ୩୫ ବର୍ଷୀୟ ଘୋଷାଲ ଶ୍ରୀଲଙ୍କାର ଶାମିଲ୍ ୱାକିଲ୍‌ଙ୍କୁ ୧୧-୪, ୧୧-୪, ୧୧-୬ରେ ହରାଇ ଦେଇଛନ୍ତି।

## ସୁଇମିଂ: ନଟରାଜ ଫାଇନାଲରେ

ଭାରତୀୟ ସନ୍ତରଣକାରୀ ଶ୍ରୀହରି ନଟରାଜ ପୁରୁଷ ୧୦୦ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ସେମିଫାଇନାଲରେ ସେ ୫୪:୫୪ ସେକେଣ୍ଡ ଟାଇମିଂରେ ତାଙ୍କ ରେସ୍ ଶେଷ କରିଥିଲେ। ୨୧ବର୍ଷୀୟ ଏହି ସନ୍ତରଣକାରୀ ତାଙ୍କ ହିଟ୍‌ରେ ଚତୁର୍ଥ ଏବଂ ଓଭରାଲ ୭ମ ସ୍ଥାନ ସହ ରବିବାର ହେବାକୁଥିବା ପଦକ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଉଭୟ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାର ପିଟର କୋଜି ସବୁଠାରୁ ଦ୍ରୁତତମ ଥିଲେ। ତାଙ୍କର ଟାଇମିଂ ୫୩.୬୭ ସେକେଣ୍ଡ ରହିଥିଲା। ବେଙ୍ଗାଲୁରୁର ଏହି ସନ୍ତରଣକାରୀ ଯଦି ପଦକ ହାସଲ କରନ୍ତି ତେବେ ଦ୍ୱିତୀୟ ଭାରତୀୟ ଭାବେ ସଫଳତା ହାସଲ କରିବେ। ପୂର୍ବରୁ ପ୍ରଶାନ୍ତ କର୍ମକାର ୨୦୧୦ ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାରା ସୁଇମିଂରେ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ଗତବର୍ଷ ଟୋକିଓ ଅଲିମ୍ପିକ୍ସରେ ନଟରାଜ ପ୍ରଥମ ଭାରତୀୟ ଭାବେ କ୍ଲାସିଫିକେଶନ 'ଏ' ହିଟ୍‌ରେ ସନ୍ତରଣ କରିଥିଲେ।

ରାଜ୍ୟଗୋଷ୍ଠୀ କ୍ରୀଡ଼ା

ପୁରୁଷ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟରେ ଏହି ଯୁବ ସନ୍ତରଣକାରୀ ୫୪:୩୧ ସେକେଣ୍ଡ ଟାଇମିଂରେ ୨୭ ତମ ସ୍ଥାନରେ ରହିଥିଲେ। ପୂର୍ବରୁ ପୁରୁଷ ୪୦୦ ମିଟର ଫ୍ରିଷ୍ଟାଇଲ ହିଟ୍‌ରେ କୁଶାଗ୍ର ରାୱତ ସେମିଫାଇନାଲ ପ୍ରବେଶରେ ବିଫଳ ହୋଇଥିଲେ। ସେ ୩:୫୭.୪୫ ଟାଇମିଂ ସହ ଓଭରାଲ ୧୪ତମ ସ୍ଥାନରେ ରହିଥିଲେ। ସଜନ ପ୍ରକାଶ ମଧ୍ୟ ପୁରୁଷ ୫୦ମିଟର ବଟରଫ୍ଲାଏରେ ବିଫଳ ହୋଇଛନ୍ତି। ସେ ୨୫.୦୧ ସେକେଣ୍ଡ ଟାଇମିଂ ସହ ୮ମ ସ୍ଥାନରେ ରହିଥିଲେ।

## ଯୋଗେଶ୍ୱର ଅଲ୍‌ରାଉଣ୍ଡ ଫାଇନାଲରେ

ଯୋଗେଶ୍ୱର ସିଂ ଏକମାତ୍ର ଭାରତୀୟ ପୁରୁଷ ଜିମ୍ନାଷ୍ଟ ଭାବେ ଅଲ୍‌ରାଉଣ୍ଡ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ତାଙ୍କ ଟିମ୍‌ମେଟ୍ ସଇଫ ତାମ୍ବୋଲି ଓ ସତ୍ୟଜିତ ମଣ୍ଡଳ ଅଳ୍ପକେ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ତିନୋଟି ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେଇଥିବା ହରିୟାଣାର ଏହି ୨୫ ବର୍ଷୀୟ ଜିମ୍ନାଷ୍ଟଙ୍କୁ କଡ଼ା ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେ ୭୩.୬୦୦ ସ୍କୋର ସହ ଓଭରାଲ ୧୬ତମ ସ୍ଥାନରେ ରହିଥିଲେ। ଅଗଷ୍ଟ ୨ରେ ଫାଇନାଲ ଅନୁଷ୍ଠିତ ହେବ।

## ବକ୍ସିଂ: ହୁସାମୁଦ୍ଦିନ ପ୍ରି-କ୍ୱାର୍ଟରରେ

ଭାରତୀୟ ବକ୍ସର ମହମ୍ମଦ ହୁସାମୁଦ୍ଦିନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୁରୁଷ ଫିଦରୱେଟ୍ (୫୭ କେଜି) କାଟେଗୋରି ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏକ ବ୍ରୋଞ୍ଜ ଜିତିଥିବା ହୁସାମୁଦ୍ଦିନ ଆଫ୍ରିକାର ଯୁବ ବକ୍ସର ଆମ୍‌ଜୋଲି ଦାଏଇଙ୍କୁ ୫-୦ରେ ସର୍ବସମ୍ମତି ରାୟରେ ପରାସ୍ତ କରିଥିଲେ। ପରବର୍ତ୍ତୀ ରାଉଣ୍ଡରେ ସେ ବାଂଲାଦେଶର ମହମଦ ସଲିମ୍ ହୋସେନଙ୍କୁ ଭେଟିବେ।

## ନଭଜୋତ କୌରଙ୍କୁ କରୋନା

ଭାରତୀୟ ମିଡ୍‌ଫିଲ୍ଡର ନଭଜୋତ୍ କୌର କରୋନା ସଂକ୍ରମିତ। ରାଜ୍ୟଗୋଷ୍ଠୀ କ୍ରୀଡାରେ ଖେଳୁଥିବା ମହିଳା ହକି କ୍ୟାମ୍ପରେ ଏହାକୁ ନେଇ ଦେଖାଦେଇଛି ଆତଙ୍କ। ନଭଜୋତଙ୍କୁ ଆଇସୋଲେସନରେ ରଖାଯାଇଛି। ନଭଜୋତଙ୍କ ସିଟି ଭାଲ୍ୟୁ ଅଣ ସଂକ୍ରାମକ ରହିଛି। ପ୍ରଥମ ଟେଷ୍ଟରେ ସେ ପଜିଟିଭ୍ ଆସିଥିବା ବେଳେ ଦ୍ୱିତୀୟ ଟେଷ୍ଟରେ ବିପରୀତ ଫଳ ଆସିଥିଲା। ନଭଜୋତଙ୍କୁ ଭାରତ ପଠାଯିବାର ସମ୍ଭାବନା ରହିଥିବା ଜଣାପଡିଛି। ଭାରତୀୟ ଶିବିର ବର୍ତ୍ତମାନ ଯାଏ କୋଭିଡ୍ ମୁକ୍ତ ରହିଥିବା ଜଣାପଡିଛି।

# ଦ. ଆଫ୍ରିକାକୁ ହରାଇଲା ନ୍ୟୁଜିଲାଣ୍ଡ

**ବର୍ମିଂହାମ୍,୩୦।୭(ପି.ଟି)**

ରାଜ୍ୟଗୋଷ୍ଠୀ ମହିଳା ଟି୨୦ କ୍ରିକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି ନ୍ୟୁଜିଲାଣ୍ଡ। ପ୍ରଥମେ ବ୍ୟାଟିଂ କରି ସୋଫି ଡିଭାଇନଙ୍କ ଦଳ ୨ଉଇକେଟ ହରାଇ ୧୬୭ ରନ୍ କରିଥିଲା। ସୁଜି ବେଟ୍‌ସ ଅପରାଜିତ ୯୧ ରନ୍ ସଂଗ୍ରହ କରିଥିଲେ। ଦକ୍ଷିଣ ଆଫ୍ରିକା ଦଳ ଦୃଢ ବ୍ୟାଟିଂ କରିଥିଲେ ହେଁ ୭ଉଇକେଟ ବିନିମୟରେ ୧୫୪ ରନ କରି ବିଜୟରୁ ୧୩ ରନ୍ ଦୂରରେ ରହି ଯାଇଥିଲା।

ନ୍ୟୁଜିଲାଣ୍ଡ ପକ୍ଷରୁ ସୋଫି ଡିଭାଇନ୍(୪୮) ଓ ସୁଜି(୯୧*) ପ୍ରଥମ ଉଇକେଟରେ ୯୯ ରନ୍ ଯୋଡିଥିଲେ। ବେଟ୍ସ ୬୪ ବଲ ଖେଳି ୮ ଚୌକା ଓ ୩ ଛକା ସହିତ ୯୧ ରନ୍‌ରେ ଅପରାଜିତ ରହିଥିଲେ। ମାଲବା ଦକ୍ଷିଣ ଆଫ୍ରିକା ପକ୍ଷରୁ ଏକମାତ୍ର ଉଇକେଟ ନେଇଥିଲେ। ୧୬୮ ରନର ପିଛା କରୁଥିବା ଦକ୍ଷିଣ ଆଫ୍ରିକା ମାତ୍ର ୧୫ ରନରେ ଦୁଇଟି ଉଇକେଟ ହରାଇଥିଲା। ତେବେ ନିମ୍ନକ୍ରମରେ କ୍ଲୋଏ ଟ୍ରାୟନଙ୍କ ୧୭ ବଲରୁ ୩୯ ରନ ବଳରେ ଦଳ ମ୍ୟାଚକୁ ଫେରିଥିଲା। ୩ଟି ଲେଖାଏ ଛକା ଓ ଚୌକା ମାରିଥିବା ଟ୍ରାୟନ ରନଆଉଟ ହେବା ପରେ ଅନ୍ତିମ ୩ ଓଭରରେ ୪୩ ରନ ଆବଶ୍ୟକ କରୁଥିଲା ଦକ୍ଷିଣ ଆଫ୍ରିକା। ଅଧିନାୟିକା ସୁନ ଲୁସଙ୍କ ୧୮ ବଲ୍ ୩୨ ରନ ସତ୍ତ୍ୱେ ଦଳ ୧୩ ରନ୍ ପଛରେ ରହିଥିଲା। ସୋଫି ଡିଭାଇନ୍ ସର୍ବାଧିକ ୩ଟି ଉଇକେଟ ନେଇଥିଲେ।


ନ୍ୟୁଜିଲାଣ୍ଡ ଅଧିନାୟିକା ସୋଫି ଡିଭାଇନ୍‌ଙ୍କ ଉଇକେଟ ପତନ ପରେ ଜଣେ ସାଥୀ ଖେଳାଳିଙ୍କ ସହ ଖୁସି ମୁହୂର୍ତ୍ତରେ ଦକ୍ଷିଣ ଆଫ୍ରିକାର ନନ୍‌କୁଲୁଲେକୋ ମଲାବା (ଡାହାଣ)।

## ଇତିହାସ ରଚିଲେ ଭିସିନି

**ବାକୁ,୩୦।୭(ପି.ଟି.)**

ବୟସ୍କ ଖେଳାଳି ଭାବରେ ଡେଭିସ୍ କପ ଖେଳି ରେକର୍ଡ ବୁକ୍‌ରେ ନିଜର ନାମ ରଖିଥିବା ଡୋମେନିକୋ ଭିସିନି ରଚିଛନ୍ତି ଇତିହାସ। ପ୍ରଥମ ଖେଳାଳି ଭାବରେ ଡେଭିସ୍ କପରେ ନିଜର ୧୦୦ତମ ମ୍ୟାଚ ଖେଳିଛନ୍ତି ଭିସିନି। ସାନମାରିନୋର ଏହି ଖେଳାଳି ଆସନ୍ତା ସେପ୍ଟେମ୍ବରରେ ୫୧ ବର୍ଷରେ ପହଞ୍ଚିବେ। ୧୭ ବର୍ଷୀୟ ସିମୋନ ଡେ ଲୁଇଗିଙ୍କ ସହିତ ଆଇସଲ୍ୟାଣ୍ଡ ବିପକ୍ଷରେ ଡବଲ୍ସ ମୁକାବିଲା ଖେଳିଥିଲେ। ଗ୍ରୁପ୍-୪ର ଏହି ମୁକାବିଲାରେ ୬-୨ ଓ ୬-୩ରେ ହାରି ଯାଇଥିଲା ସାନମାରିନୋ। ଏହା ଭିସିନିଙ୍କ ୨୪ ତମ ଡେଭିସ୍ କପ୍ ମୁକାବିଲା ହୋଇଥିବା ବେଳେ ୨୦୦୮ ପରଠାରୁ ସେ ସାନମାରିନୋର ଅଧିନାୟକ ରହିଛନ୍ତି।



ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ହକି ପୁଲ୍ ଏ'ରେ ଶନିବାର ଇଂଲଣ୍ଡ ଓ ଘାନା ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଏକ ଉତ୍ତେଜନାପୂର୍ଣ୍ଣ ମୁହୂର୍ତ୍ତ।

# ଟିମ୍ ଇଭେଣ୍ଟରେ ପୁରୁଷ, ମହିଳା ଦଳର ବିଜୟ

**ବର୍ମିଂହାମ୍, ୩୦।୭ (ପି.ଟି.)**

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ପୁରୁଷ ଓ ମହିଳା ଟେବୁଲ ଟେନିସ ଖେଳାଳି ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ଟିମ୍ ଇଭେଣ୍ଟରେ ସେମାନେ ବିଜୟ ଧାରାଜାରି ରଖିଛନ୍ତି। । ପ୍ରଥମେ ମନିକା ବାତ୍ରାଙ୍କ ନେତୃତ୍ୱାଧୀନ ମହିଳା ଦଳ ଗ୍ରୁପ୍-୨ରେ ୩-୦ରେ ଗୁୟାନାକୁ ହରାଇ ଦେଇଥିବା ବେଳେ ପୁରୁଷ ଦଳ ଗ୍ରୁପ୍ ୩ ଗେମ୍‌ରେ ସମାନ ବ୍ୟବଧାନରେ ନର୍ଦ୍ଦର୍ନ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ୪ ବର୍ଷ ପୂର୍ବେ ଗୋଲ୍ଡକୋଷ୍ଟରେ ସ୍ୱର୍ଣ୍ଣ ଜିତିଥିବା ମହିଳା ଦଳ ଟାଇଟଲ ବଜାୟ ରଖିବାକୁ ଚେଷ୍ଟା କରିବ। ଦଳ ଶୁକ୍ରବାର ଦକ୍ଷିଣ ଆଫ୍ରିକା ଓ ଫିଜିକୁ ସମାନ ୩-୦ ବ୍ୟବଧାନରେ ହରାଇ ଦେଇଥିଲା। ପ୍ରଥମ ମ୍ୟାଚରେ ଶ୍ରୀଜା ଆକୁଲା ଓ ରିଥ୍ ଟେନିସନ ୧୧-୫, ୧୧-୭, ୧୧-୭ରେ ନାଟାଲି କମିଙ୍ଗ୍ସ ସ ଚେଲ୍‌ସି ଏଝିଲଙ୍କୁ ହରାଇ ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ପରେ ଗତ ସଂସ୍କରଣରେ ପ୍ରଥମ ଭାରତୀୟ ଟେବୁଲ ଟେନିସ ଖେଳାଳି ଭାବେ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଥିବା ବାତ୍ରା ୧୧-୧, ୧୧-୩, ୧୧-୩ରେ ଥୁରାଇଆ ଥୋମାସଙ୍କୁ ପରାସ୍ତ କରିଥିଲେ। ଅନ୍ୟ ମହିଳା ସିଙ୍ଗଲ୍ସରେ ରିଥ୍ ଲଢୁଆ ପ୍ରଦର୍ଶନ ସହ ଚେଲ୍‌ସି ଏଝିଲଙ୍କ ବିପକ୍ଷରେ ୧୧-୭, ୧୪-୧୨, ୧୩-୧୧ରେ ବିଜୟ ଲାଭ କରିଥିଲେ। ପୁରୁଷ ଟିମ୍ ଇଭେଣ୍ଟରେ ଭେଟେରାନ ଅଚନ୍ତା ଶରଥ କମଲ ଓ ହରମିତ୍ ଦେଶାଇ ଯୋଡ଼ି ଡବଲ୍ସରେ ଜେମ୍ସ ସ୍କେଲଟନ ଓ ଓଏନ କ୍ୟାଥକାର୍ଟଙ୍କୁ ୧୧-୩, ୯-୧୧, ୧୧-୬, ୧୧-୧ରେ ହରାଇ ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ପରେ ସୁନିଲ ଶେଟ୍ଟି ପଲ୍ ମ୍ୟାକ୍‌ଚେରୀଙ୍କୁ ୧୧-୫, ୧୫-୧୩, ୧୧-୬ରେ ହରାଇ ଭାରତକୁ ୨-୦ରେ ଆଗୁଆ କରାଇଥିଲେ। କିନ୍ତୁ ଦ୍ୱିତୀୟ ସିଙ୍ଗଲ୍ସରେ ହରମିତ୍ ଦେଶାଇଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା। ସେ କ୍ୟାଟ୍‌କାର୍ଟଙ୍କୁ ୫-୧୧, ୧୧-୯, ୧୨-୧୪, ୧୧-୩, ୧୧-୬ରେ ପରାସ୍ତ କରିଥିଲେ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ନୂଆପଡ଼ା ସମବାୟ ଉପସଭାପତି ଝୁନାରାଣୀ

**କୃଷ୍ଣପ୍ରସାଦ,୩୦।୭(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ନୂଆପଡ଼ା ସେବା ସମବାୟ ସମିତିର ଉପସଭାପତି ଭାବେ ଭାଜପା ସମର୍ଥିତ ପ୍ରାର୍ଥିନୀ ଝୁନାରାଣୀ ମହାନ୍ତି ବିଜୟୀ ହୋଇଛନ୍ତି। ଶନିବାର ଏଥିପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଝୁନାରାଣୀ ୯ ଖଣ୍ଡ ଭୋଟ୍ ପାଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କନକଲତା ପ୍ରଧାନ ୫ ଖଣ୍ଡ ଭୋଟ ପାଇଥିଲେ। ନିର୍ବାଚନ ଅଧିକାରୀ ଜିତେନ୍ଦ୍ର ନାୟକ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ। ସମବାୟ ସମ୍ପାଦକ ସୁରେନ୍ଦ୍ର କୁମାର ପ୍ରଧାନ ନିର୍ବାଚନ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ନୂଆପଡ଼ା ସମବାୟ ସମିତିର ନବନିର୍ବାଚିତ ସଭାପତି ଅଜୟ କୁମାର ଜେନା, ବରିଷ୍ଠ ଭାଜପା ନେତା ରବୀନ୍ଦ୍ର ନାଥ ତରେଇ, ସୁଶାନ୍ତ କୁମାର ଜେନା, ନଳିନୀକାନ୍ତ ଜେନା, ରାଜକିଶୋର ସିଠ, ଗୋବର୍ଦ୍ଧନ ତରେଇ, ଜଗନ୍ନାଥ ସିଠ ପ୍ରମୁଖ ଝୁନାରାଣୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

### ଟଙ୍କା ନ ଦେଇ ସାମଗ୍ରୀ ନେଇଗଲେ

**ଝାଁଲା,୩୦।୭(ଡି.ଏନ୍.ଏ.):** ଇନ୍‌ଫୋଭ୍ୟାଲି ଇନ୍‌ଫୋଭ୍ୟାଲି ଥାନା ୧୬ନଂ. ଜାତୀୟ ରାଜପଥର ରେତଙ୍ଗ ଛକ ନିକଟରେ ଥିବା ଏକ ଚା’ଦୋକାନୀଙ୍କଠାରୁ ଜଣେ ବ୍ୟକ୍ତି ୧ ହଜାର ଟଙ୍କାର ସାମଗ୍ରୀ ସହ ୫୦୦ ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି। ଲୁଟ୍‌ର ଶିକାର ହୋଇଛନ୍ତି ଝାଁଲା ଗ୍ରାମର ଦୀପକ ସାହୁ। ସୂଚନା ମୁତାବକ, ରେତଙ୍ଗ ଛକ ନିକଟରେ ଦୀପକଙ୍କ ଏକ ଚା’ ଦୋକାନ ରହିଛି। ଶୁକ୍ରବାର ସନ୍ଧ୍ୟାରେ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ କାରରେ ଆସି ଉକ୍ତ ଦୋକାନରୁ ଚା’ ପିଇଥିଲେ। ଏଥିସହ ୧ହଜାର ଟଙ୍କାର ବିଭିନ୍ନ ସାମଗ୍ରୀ କିଣିବା ସହ ୫ଶହ ଟଙ୍କା ନେଇଥିଲେ। ଏବେ ମୋ ପାଖରେ ଟଙ୍କା ନାହିଁ, ନିକଟରେ ଥିବା ଆପାର୍ଟମେଣ୍ଟକୁ ଯାଇ ଟଙ୍କା ଆଣୁଛି ବୋଲି ବ୍ୟକ୍ତି ଜଣଙ୍କ ଦୋକାନୀଙ୍କୁ କହିଥିଲେ। ଉକ୍ତ କାରରେ ଦୀପକଙ୍କ ସାନଭାଇ ପପୁ ମଧ ଯାଇଥିଲେ। ଆପାର୍ଟମେଣ୍ଟ ଆଗରେ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ପପୁଙ୍କୁ କହିଲେ, ଏଠାରେ ଛିଡ଼ା ହୋଇଥାଅ, ମୁଁ ଟଙ୍କା ନେଇ ଆସୁଛି। ପପୁ ଯେପରି କାରରୁ ଓହ୍ଲାଇଛନ୍ତି ବ୍ୟକ୍ତି ଜଣଙ୍କ ଦ୍ରୁତଗତିରେ କାରକୁ ନେଇ ଖୋର୍ଦ୍ଧା ଅଭିମୁଖେ ପଳାଇଥିଲେ।

### ବିଦ୍ୟାଳୟରେ ଚାରା ରୋପଣ



**ବୋଲଗଡ଼, ୩୦।୭(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଅଧୀନ ଟିକାତାଲସ୍ଥିତ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶୈଳବାଳା ନାୟକଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପରମାନନ୍ଦ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଅବସରପ୍ରାପ୍ତ ଡେପୁଟି କଲେକ୍ଟର ସୁଧାକର ସାମନ୍ତରାୟ, ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ, ଖବରଦାତା ରଞ୍ଜିତ୍ କୁମାର ସାମନ୍ତରାୟ, ଯୋଗେଶ୍ୱର ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବଉଳ, ହରିଡ଼ା, ବାହାଡ଼ା, ଅଁଳା, କରଞ୍ଜ, ନିମ୍ବ, ବେଲ ଆଦି ୫୦ଟି ବିଭିନ୍ନ କିସମର ଔଷଧୀୟ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ସଭାନେତ୍ରୀ ସୌଭାଗିନୀ ପ୍ରଧାନ, ଉପସଭାପତି ସୁମନ୍ତ ବେହେରା, ଶିକ୍ଷୟିତ୍ରୀ କୌସ୍ତୁରୀ ପ୍ରିୟଦର୍ଶିନୀ, ସଭ୍ୟା ସବିତା ମହାପାତ୍ର, ପ୍ରିୟଦର୍ଶିନୀ ବରାଡ଼, କୁନି ବେହେରା, ରମେଶ ପାଇକରାୟ, ଶେଖର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ବଡ଼କୁମାରୀ ସମବାୟ ସଭାପତିଙ୍କ ଦାୟିତ୍ୱ ଗ୍ରହଣ

**ବୋଲଗଡ଼,୩୦।୭(ଡି.ଏନ୍.ଏ.):** ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ବୋଲଗଡ଼ ବ୍ଲକ ବଡ଼କୁମାରୀ ସେବା ସମବାୟ ସମିତିର ପରିଚାଳନା ପରିଷଦ ସଭାପତି ଭାବେ ପ୍ରଫୁଲ୍ଲ କୁମାର ପ୍ରଧାନ ଦାୟିତ୍ୱ ଗ୍ରହଣ କରିଛନ୍ତି। ସମିତି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏହି ଦାୟିତ୍ୱ ଗ୍ରହଣ କାର୍ଯ୍ୟକ୍ରମରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସିଇଓ ଅନନ୍ତ ସାମଲ, ବୋଲଗଡ଼ ଶାଖା ପରିଚାଳକ ସନ୍ଦୀପ କୁମାର ପଟ୍ଟନାୟକ ଏବଂ ସମିତି ସମ୍ପାଦକ ବସନ୍ତ କୁମାର ନାୟକଙ୍କ ସମେତ ସମିତି ପରିଚାଳନା ପରିଷଦର ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ପୂର୍ବରୁ ପ୍ରଧାନ ମଧ ଏହି ସମିତିର ଏକାଧିକ ଥର ପରିଚାଳନା ପରିଷଦ ସଭାପତି ହୋଇ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଡାଇରେକ୍ଟର ହୋଇଥିଲେ।

# ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି ଡିଆଇଇଟି

**ଖୋର୍ଦ୍ଧା ଅଫିସ,୩୦।୭**



ଜିଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଉଠିଥିବା ଅନାବନା ଗଛଲତା।

ଶିକ୍ଷାର ବିକାଶ ଏବଂ ଭିତ୍ତିଭୂମି ଲାଗି ରାଜ୍ୟ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ୫-ଟି ଯୋଜନା ଅନ୍ତର୍ଗତ ସ୍କୁଲ ରୂପାନ୍ତରଣରେ ସ୍ମାର୍ଟ ସ୍କୁଲ ନିର୍ମାଣ ଚାଲିଛି। ତେବେ ଦୀପ ତଳ ଅନ୍ଧାର ଭଳି ଖୋର୍ଦ୍ଧା ଜିଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡିଆଇଇଟି)ରେ ଅବ୍ୟବସ୍ଥା ଘେରରେ ପାଠପଢ଼ା ଚାଲିଥିବା ଦେଖିବାକୁ ମିଳିଛି। ଏକ ଅସ୍ୱାସ୍ଥ୍ୟକର ପରିବେଶରେ ପିଲାମାନେ ପାଠ ପଢୁଥିବା ଜଣାପଡ଼ିଛି। ଚାରିଆଡ଼େ ଅନାବନା ଗଛଲତା ମାଡ଼ିଯାଇଛି। ଯେପରି କୃତ୍ରିମ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ମଶାଙ୍କ ଦୌରାତ୍ମ୍ୟ ସହ ସରୀସୃପଙ୍କ ଭୟ ମଧ ରହୁଛି। ଛାତ୍ରୀ ମାନଙ୍କ ପାଇଁ ଛାତ୍ରୀନିବାସ ନାହିଁ। ଫଳରେ ଦୂରରୁ ଆସୁଥିବା ଛାତ୍ରୀମାନେ ଭଡ଼ା ଘରେ ରହୁଛନ୍ତି। ଛାତ୍ରୀନିବାସ ନିର୍ମାଣ କରାଗଲେ ଅଧିକ ଖର୍ଚ୍ଚାନ୍ତରୁ ମୁକ୍ତି ମିଳିବ ବୋଲି ଏକାଧିକ ଛାତ୍ରୀ ଗଣମାଧ୍ୟମ ଆଗରେ କହିଛନ୍ତି। ୧୯୮୯ ମସିହାରେ ଖୋର୍ଦ୍ଧା ସହରରେ ଏହି ଶିକ୍ଷାନୁଷ୍ଠାନ ଗଢ଼ିଉଠିଥିଲା। ଶିକ୍ଷାର ବିକାଶ ଲାଗି ଏଠାରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଭିନ୍ନ ପ୍ରସଙ୍ଗରେ ଟ୍ରେନିଂ ଦିଆଯିବା ସହ ସିଟି ଛାତ୍ରୀଛାତ୍ରମାନେ ପ୍ରଶିକ୍ଷଣ ନେଉଛନ୍ତି। ଏଠାରେ ୬୬ ଜଣ ଛାତ୍ରୀ ଏବଂ ୨୭ ଛାତ୍ର ରହିଛନ୍ତି। ଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଶିକ୍ଷାନୁଷ୍ଠାନ ପରିସରରେ ଛାତ୍ରୀନିବାସ, କ୍ୟାମ୍ପସ୍ ପରିସରରେ ଏକ ଉତ୍ତମ ବାତାବରଣ ଓ ସୌନ୍ଦର୍ଯ୍ୟକରଣ ଲାଗି ବୁଦ୍ଧିଜୀବୀଙ୍କ ମହଲରେ ଦାବି ହୋଇଛି। ଏ ନେଇ କଲେଜ ଅଧକ୍ଷ ତାପସ କୁମାର ନାୟକ କୁହନ୍ତି, ଛାତ୍ରୀନିବାସ ଲାଗି ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। କ୍ୟାମ୍ପସ୍‌ର ସୌନ୍ଦର୍ଯ୍ୟକରଣ ଲାଗି ଗୁରୁତ୍ୱ ଦିଆଯାଉଛି। ଆଗାମୀ ଦିନରେ ଏକ ସୁନ୍ଦର ବାତାବରଣ ମଧ୍ୟରେ କ୍ୟାମ୍ପସ୍‌ରେ ପିଲାଙ୍କ ପାଠପଢ଼ା ଲାଗି ପଦକ୍ଷେପ ନିଆଯିବ।

# ପିଏନ୍ କଲେଜରେ ଅଭିଲେଖାଗାର ଲୋକାର୍ପିତ




ଅଭିଲେଖାଗାର ଲୋକାର୍ପଣ ଅବସରରେ ମୋ’ କଲେଜ ଅଭିଯାନର ଅଧକ୍ଷ ଆକାଶ ଦାସନାୟକ, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଓ ଅନ୍ୟମାନେ।

**ଭୁବନେଶ୍ୱର,୩୦।୭**

‘ମୋ କଲେଜ’ ଅଭିଯାନ ଅଧୀନରେ ଖୋର୍ଦ୍ଧାସ୍ଥିତ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଶନିବାର ଅଭିଲେଖାଗାର କକ୍ଷ ଲୋକାର୍ପିତ ହୋଇଯାଇଛି। ଖୋର୍ଦ୍ଧା ବିଧାୟକ ତଥା ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସଭାପତି ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୋ କଲେଜ ଅଭିଯାନର ଅଧକ୍ଷ ଆକାଶ ଦାସନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଅଭିଲେଖାଗାରରେ ବିଭିନ୍ନ ପୋଥି, ପୁରୁଣା ମୁଦ୍ରା, ପାରମ୍ପରିକ ଅଳଙ୍କାର, କଂସା ଏବଂ ପିତ୍ତଳରେ ନିର୍ମିତ ପ୍ରାଚୀନ ମୂର୍ତ୍ତି, ଆଦିବାସୀ ସାମଗ୍ରୀ ଆଦି ସଂଗ୍ରହ କରି ରଖାଯାଇଛି। ଯାହା ଛାତ୍ରୀଛାତ୍ରମାନଙ୍କ ଉଚ୍ଚଶିକ୍ଷା, ଗବେଷଣା କ୍ଷେତ୍ରରେ ବିଶେଷ ସହାୟକ ହେବ। ବିଧାୟକ ମିତ୍ର ନିଜ କଲେଜ ଜୀବନର ଅନୁଭୂତି ବର୍ଣ୍ଣନା କରି ଆଗାମୀ ଦିନରେ କିପରି ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇବ ସେଥିପାଇଁ ସମସ୍ତେ ଉଦ୍ୟମ ଜାରି ରଖିବା ଲାଗି ଆହ୍ୱାନ ଦେଇଥିଲେ। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ପରିସରରେ ଏକ ପ୍ରଶାସନିକ କୋଠା ନିର୍ମାଣ କରିବା ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହାର ନିର୍ମାଣ ଲାଗି ପୁରାତନ ଛାତ୍ର ସଂସଦ ପକ୍ଷରୁ ମୋ’ କଲେଜ ଅଭିଯାନ ପାଣ୍ଠିକୁ ଆର୍ଥିକ ସହାୟତା ଦିଆଯାଇଛି। ଅଭିଲେଖାଗାର ଲୋକାର୍ପଣ କାର୍ଯ୍ୟକ୍ରମ ବେଳେ ଅଧକ୍ଷ ଦାସନାୟକଙ୍କୁ ଅଭିଯାନର ସଂଯୋଜକ ଡ. ସନ୍ତୋଷ କୁମାର ମିଶ୍ର ୩ ଲକ୍ଷ ୨୩ ହଜାର ୫୦୦ ଏବଂ ୧୦ ହଜାର ଟଙ୍କାର ଦୁଇଟି ଚେକ୍ ପ୍ରଦାନ କରିଥିଲେ। ସେହିପରି କଲେଜର ପୁରାତନ ଛାତ୍ର ସଞ୍ଜୟ ପଟ୍ଟନାୟକ ପୁରାତନ ଛାତ୍ର ସଂସଦ ପାଣ୍ଠିକୁ ୫୦ ହଜାର ଟଙ୍କା ଆର୍ଥିକ ସହଯୋଗ ପ୍ରଦାନ କରିଥିବା ଜଣାପଡ଼ିଛି।

# ‘ଶୃଙ୍ଖଳିତ ଜୀବନଶୈଳୀ ସଫଳତା ଆଣେ’



ସମ୍ବର୍ଦ୍ଧନା ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

**ଖୋର୍ଦ୍ଧା ଅଫିସ,୩୦।୭**

ଖୋର୍ଦ୍ଧା ବ୍ଲକରେ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍‌ପ୍ରାପ୍ତ ବିଦ୍ୟାର୍ଥୀ, ସଫଳ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସ୍ଥାନୀୟ ଜୟୀ ରାଜଗୁରୁ ଟାଉନ୍ ହଲ୍‌ରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତଙ୍କ ପୌରୋହିତରେ ଆୟୋଜିତ ଏହି ଉତ୍ସବରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ଜିଲା ପରିଷଦ ଅଧକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂହ, ଖୋର୍ଦ୍ଧା ପୌରାଧକ୍ଷା କନକଲତା ମହାନ୍ତି, ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ପଞ୍ଚାୟତ ସମିତି ଉପାଧକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ତାପସ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶୃଙ୍ଖଳିତ ଜୀବନଶୈଳୀ ସଫଳତା ଆଣେ ବୋଲି ବିଧାୟକ ମିତ୍ର ପରାମର୍ଶ ଦେଇଥିଲେ। ପ୍ରତ୍ୟେକସ୍ତରରେ ପରୀକ୍ଷା ଦେବାକୁ ପଡ଼େ। ଏଥିରେ କୃତକାର୍ଯ୍ୟ ହେବାକୁ ହେଲେ କଠିନ ପରିଶ୍ରମ ଏବଂ ପାଠପଢ଼ାରେ ଏକାଗ୍ରତା ଆବଶ୍ୟକ। ତେଣୁ ପରିଶ୍ରମୀ ହୁଅ, ନିଜ ବିଦ୍ୟାଳୟର ଗୌରବ ବୃଦ୍ଧି ସହ ପ୍ରତିଭା ବିକଶିତ ଲାଗି ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଯୁଧିଷ୍ଠିର ସାହୁ, ଶିକ୍ଷକ ପ୍ରସନ୍ନ କୁମାର ମହାପାତ୍ର, ରବି ନାରାୟଣ ପଣ୍ଡା, ଅମିୟ କୁମାର ପରିଡ଼ା, ଧ୍ରୁବଚରଣ ରଣା, ରବୀନ୍ଦ୍ର ପ୍ରଧାନ, ରେବତୀ ପଣ୍ଡା, ଅଗାଧୁ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ଭରତ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ସରକାରୀ ଜାଗା ଜବରଦଖଲ ମୁକ୍ତ ଦାବି

**ଖୋର୍ଦ୍ଧା ଅଫିସ,୩୦।୭**

ଖୋର୍ଦ୍ଧା ବ୍ଲକ ନାଳିପଡ଼ା ଅର୍ଜୁନପୁର ପଞ୍ଚାୟତ ଗୋପପୁରିଆ ପାଟପୁର ଗ୍ରାମରେ ରହିଥିବା ସରକାରୀ ଜାଗାର ଜବରଦଖଲ ମୁକ୍ତ ଲାଗି ସ୍ଥାନୀୟ ଗ୍ରାମବାସୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମର କେତେଜଣ ବ୍ୟକ୍ତି ଜୋର୍‌ଜବରଦସ୍ତ ପ୍ଲଟ୍ ନମ୍ବର ୮୫୬, ୩୬୬୦ ଏବଂ ଖାତା ନମ୍ବର ୨୨୨ ଜାଗାକୁ ଜବରଦଖଲ କରି କୋଠାବାଡ଼ି ନିର୍ମାଣ କରିଛନ୍ତି। ଅବଶିଷ୍ଟ ଜାଗାକୁ ନିଜ ଅକ୍ତିଆରରେ ରଖିଛନ୍ତି। ଏନେଇ ଗ୍ରାମରେ ଅନେକଥର ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ସର୍ବସାଧାରଣ ଜାଗା ଅବରୋଧ ଯୋଗୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର ଗୋରୁଗାଈ ଚରିବୁଲି ପାରୁନାହାନ୍ତି। ଉକ୍ତ ଜାଗାକୁ ଜବରଦଖଲ ମୁକ୍ତ ଲାଗି ଦାବିପତ୍ରରେ ଉଲ୍ଲେଖ ରହିଛି।

## ଭାଷା ସୁରକ୍ଷା ସମ୍ମିଳନୀର ଅଷ୍ଟମ ବାର୍ଷିକୋତ୍ସବ

**ବାଣପୁର,୩୦।୭(ଡି.ଏନ୍.ଏ.)**

ଚିଲିକା ଅଞ୍ଚଳର ଭାଷା ସୁରକ୍ଷା ସମ୍ମିଳନୀର ଅଷ୍ଟମ ବାର୍ଷିକ ଉତ୍ସବ ଗୋପୀନାଥପୁର ଛକ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସତ୍ୟବାଦୀ ବଳିୟାରସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ କବି, କବୟିତ୍ରୀ ଓ ସାହିତ୍ୟିକମାନେ ଯୋଗଦେଇଥିଲେ। ସରକାରୀ ସ୍ତରରେ ଓଡ଼ିଆ ଭାଷା ପ୍ରଚଳନ ତଥା ଭାଷା ଆୟୋଗ ଗଠନ ପାଇଁ ଦାବି ହୋଇଥିଲା। ପ୍ରାଧାପକ ସର୍ବେଶ୍ୱର ଷଡ଼ଙ୍ଗୀ, ମଦନ ମୋହନ ମହାପାତ୍ର, ରବୀନ୍ଦ୍ର ନାଥ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ମଦନ ମୋହନ ମହାପାତ୍ର ଓ ସର୍ବେଶ୍ୱର ଷଡ଼ଙ୍ଗୀ ଉପଦେଷ୍ଟା ଭାବେ ନିର୍ବାଚିତ ହୋଇଥିବା ବେଳେ ରଙ୍ଗନାଥ ସେଠୀ ସଭାପତି, ରବୀନ୍ଦ୍ରନାଥ ପ୍ରଧାନ ଏବଂ ଦିଲୀପ ମହାନ୍ତି ଉପସଭାପତି, ଶେଷଦେବ ମହାରଣା ସମ୍ପାଦକ, ବନ୍ଦନା ମହାପାତ୍ର ସହ-ସମ୍ପାଦିକା, କୁନ୍ତଳା ବେହେରା ସଙ୍ଗଠନ ସମ୍ପାଦିକା, ଝରଣାରାଣୀ ଷଡ଼ଙ୍ଗୀ କୋଷାଧକ୍ଷ ଏବଂ କାର୍ଯ୍ୟକାରୀ କମିଟିରେ ସଦସ୍ୟ ଭାବେ ରାଜକିଶୋର କେଇ ମନୋନୀତ ହୋଇଥିଲେ।

# ମୋବାଇଲ ଫାଇନାନ୍ସ ଆଳରେ ଠକେଇ ଘଟଣା, ୨ ଗିରଫ

**ଖୋର୍ଦ୍ଧା ଅଫିସ,୩୦।୭**

ମୋବାଇଲ ଫୋନ୍ ଫାଇନାନ୍ସରେ କରାଇଦେବାକୁ କହି ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ଖୋର୍ଦ୍ଧା ଟାଉନ ଥାନା ପୋଲିସ ଶନିବାର ଏକ ମୋବାଇଲ ଦୋକାନର ୨ କର୍ମଚାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ମାନସ ରଞ୍ଜନ ଦାସ ଓ ଶାନ୍ତନୁ ସାହୁ। ଏହି ଘଟଣା ନେଇ ଏକାଧିକଙ୍କ ନାଁରେ ମାମଲା ହୋଇଛି। ଘଟଣାର ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି। ତେବେ ଘଟଣା ପରଠାରୁ ସମ୍ପୃକ୍ତ ଦୋକାନ ମାଲିକ ଫେରାର ଅଛନ୍ତି। ଏହି ଘଟଣାର ମାଷ୍ଟରମାଇଣ୍ଡ କିଏ, ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି ପୋଲିସ

**ମାଷ୍ଟରମାଇଣ୍ଡଙ୍କୁ ଖୋଜୁଛି ପୋଲିସ**

ତାହାର ଖୋଳତାଡ଼ ଜାରି ରଖିଛି।

ସୂଚନାଥାଉ କି, ଖୋର୍ଦ୍ଧା ସହରରେ ଜଣେ ବ୍ୟକ୍ତିଙ୍କ ମୋବାଇଲ ଫୋନ୍ ଦୋକାନ ରହିଛି। ଦାମୀ ମୋବାଇଲ ଫାଇନାନ୍ସରେ କରାଇଦେବାକୁ କହି ବ୍ୟକ୍ତି ଜଣଙ୍କ ଖୋର୍ଦ୍ଧା ସମେତ ଜଟଣୀ ଅଞ୍ଚଳର ଏକାଧିକ ଗ୍ରାହକଙ୍କୁ ନିଜ ଜାଲରେ ଫସାଇ ଆବଶ୍ୟକ କାଗଜପତ୍ର ସହ ଅଗ୍ରିମ ଟଙ୍କା ନେଇଥିଲେ। ଏଥିସହ ଗ୍ରାହକଙ୍କୁ ଖାଲି ମୋବାଇଲ ଖୋଳ ଧରାଇ ଦୋକାନ ଆଗରେ ଫଟୋ ଉଠାଇବା ସହ ସପ୍ତାହେ ପରେ ଫାଇନାନ୍ସ ହୋଇଗଲେ ମୋବାଇଲ ଆସି ନେଇଯିବ ବୋଲି କହିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଗ୍ରାହକଙ୍କୁ ମୋବାଇଲ ମିଳି ନ ଥିଲା। ହେଲେ ଉକ୍ତ ଫାଇନାନ୍ସ ସଂସ୍ଥା ପକ୍ଷରୁ ଇଏମ୍‌ଆଇ ଭରିବା ଲାଗି ଗ୍ରାହକଙ୍କ ମୋବାଇଲକୁ ମେସେଜ ଆସିଥିଲା। ଏ ନେଇ କେତେଜଣ ଗ୍ରାହକ ସମ୍ପୃକ୍ତ ଦୋକାନ ମାଲିକଙ୍କୁ ପଚାରିଥିଲେ। ମୋବାଇଲ ପାଇ ନ ଥିବା ବେଳେ କିପରି ଇଏମ୍‌ଆଇ ଭରିବାକୁ ମେସେଜ ଆସୁଛି ବୋଲି ପ୍ରଶ୍ନ କରିଥିଲେ। ପରେ ଦୋକାନୀ ଓ ଗ୍ରାହକଙ୍କ ମଧ୍ୟରେ ବଚସା ହୋଇଥିଲା। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଦୋକାନ ମାଲିକ ଫେରାର ହୋଇଯାଇଥିବା ଖବର ପାଇ ଠକେଇର ଶିକାର ହୋଇଥିବା ଏକାଧିକ ଗ୍ରାହକ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୩୫୬/୨୨) ରୁଜୁ କରି ତଦନ୍ତ ଚଳାଇଥିଲା।

# ରୋଟାରୀ କ୍ଲବ ପକ୍ଷରୁ ‘ପରିଧାନ’ ଶୁଭାରମ୍ଭ




କାର୍ଯ୍ୟକ୍ରମରେ ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି ଓ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୩୦।୭**

ଖୋର୍ଦ୍ଧା ରୋଟାରୀ କ୍ଲବ ଆନୁକୂଲ୍ୟରେ ପରିଧାନ (ଲେଟ୍ ଇଓର କ୍ଲଥେସ୍ ଲିଭ୍ ଏ ନ୍ୟୁ ଲାଇଫ)ର ଶୁଭାରମ୍ଭ ରୋଟାରୀ ଭବନ ପରିସରରେ ଶନିବାର ହୋଇଯାଇଛି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସପ୍ତାହର ପ୍ରତି ରବିବାର ସକାଳ ୯ଟା ରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଗରିବ, ଅସହାୟ ଲୋକଙ୍କ ପାଇଁ ବ୍ୟବହାରଯୋଗ୍ୟ ବସ୍ତ୍ର ସଂଗ୍ରହ କରାଯିବ। ପରିଧାନ କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବା ନେଇ ଆଲୋଚନା ହୋଇଥିଲା। ରୋଟାରୀ ଲୋକଙ୍କ ନିକଟରେ ପହଞ୍ଚିବ। ରୋଟାରୀ କ୍ଲବ ସଭାପତି ସୌର୍ଯ୍ୟରଞ୍ଜନ ମହାନ୍ତି, ସମ୍ପାଦକ ରୁଦ୍ର ନାରାୟଣ ଦତ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ରୋଟାରିଆନ ଦେବ ପ୍ରସାଦ ମଜୁମ୍‌ଦାର, ମିହିର ନାରାୟଣ ନାୟକ, ପ୍ରହଲ୍ଲାଦ ପ୍ରଧାନ, ସୁକାନ୍ତ ନାୟକ, ମନୋଜ ପ୍ରଧାନ, ସବ୍ୟସାଚୀ ଚକ୍ରବର୍ତ୍ତୀ, ସଞ୍ଜୟ ବର୍ମନ, ଇନରହୁଇଲ ସଭ୍ୟା ମନ୍ଦିରା ରାଏ, ସୁଶୀଲ ପଟ୍ଟନାୟକ, ସ୍ୱୟଂପ୍ରଭା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ବହୁ ବଦାନ୍ୟ ବ୍ୟକ୍ତି ଏବଂ ରୋଟାରୀ କ୍ଲବ ସଭ୍ୟାସଭ୍ୟ ବସ୍ତ୍ରଦାନ କରିଥିଲେ।

# ସ୍କୁଲ ବାରଣ୍ଡା ପାଲଟିଛି ଗାଧୁଆ ସ୍ଥଳ

**ନିରାକାରପୁର,୩୦।୭(ଡି.ଏନ୍.ଏ.)**

ଶିକ୍ଷାର ବିକାଶ ଏବଂ ଭିତ୍ତିଭୂମି ଲାଗି ରାଜ୍ୟ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ୫-ଟି ଯୋଜନା ଅନ୍ତର୍ଗତ ସ୍କୁଲ ରୂପାନ୍ତରଣରେ ସ୍ମାର୍ଟ ସ୍କୁଲ ନିର୍ମାଣ ଚାଲିଛି। ତେବେ ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ରହିଥିବା କ୍ଷେତ୍ରବାସୀ ସରକାରୀ ହାଇସ୍କୁଲର ରକ୍ଷଣାବେକ୍ଷଣ ଅଭାବରୁ କେତେଜଣ ବ୍ୟକ୍ତି ବିଦ୍ୟାଳୟର ପଶି ବାରଣ୍ଡାରେ ତାସ୍ ଖେଳୁଛନ୍ତି। ଏପରି କି ପାଣି ପିଇବା ପାଇଁ ଲଗାଯାଇଥିବା ଟ୍ୟାପ୍‌ରେ ଗାଧୋଉଥିବା ଦେଖିବାକୁ ମିଳିଛି। ନିୟମିତ ଗାଧୋଇବା ଫଳରେ ସେଠାରେ ଏକପ୍ରକାର ଶିଉଳି ହୋଇଗଲାଣି। ଫଳରେ ପିଲାମାନେ ଶ୍ରେଣୀଗୃହକୁ ଯିବା ପାଇଁ ବିପଦ ସୃଷ୍ଟି କରୁଛି। ଅନ୍ୟପକ୍ଷରେ ବାରଣ୍ଡାରେ ଗାଧୋଇବା ପାଇଁ ମନା କରିବା ସହ ତାଗିଦ କରିଛି ବୋଲି ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କୁମାର ଦାସ କହିଛନ୍ତି।



ଜଣେ ବ୍ୟକ୍ତି ସ୍କୁଲ ବାରଣ୍ଡାରେ ଗାଧୋଉଛନ୍ତି।

# ବିଦ୍ୟୁତ୍ ସଂରକ୍ଷଣର ବାର୍ତ୍ତା ଦେଲା ‘ବିଜୁଳି ମହୋତ୍ସବ’

**ଭୁବନେଶ୍ୱର,୩୦।୭ (ବ୍ୟୁରୋ)**



ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

ଉଜ୍ଜ୍ୱଳ ଭାରତ ଉଜ୍ଜ୍ୱଳ ଭବିଷ୍ୟତ-ପାୱାର @ ୨୦୪୭ ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ପ୍ରଶାସନ, ଏନ୍‌ଟିପିସି, ଓପିଟିସିଏଲ୍ ଓ ଟିପିସିଓଡିଏଲ୍ ପକ୍ଷରୁ କିଟ୍ ବିଶ୍ୱ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଜନସଚେତନତା କାର୍ଯ୍ୟକ୍ରମ ‘ବିଜୁଳି ମହୋତ୍ସବ’ ଅନୁଷ୍ଠିତ ହୋଇଯାଇଛି। ଦେଶ ପାଇଁ ବିଜୁଳି ବିତରଣ ଆଧୁନିକୀକରଣ ବ୍ୟବସ୍ଥା, ନ୍ୟାଶନାଲ ରୁଫଟପ୍ ସୋଲାର ପୋର୍ଟାଲ ଓ ଏନ୍‌ଟିପିସିର ସ୍ୱଚ୍ଛ ଶକ୍ତି ପରିଯୋଜନା ଆଦି କାର୍ଯ୍ୟକ୍ରମର ଲୋକାର୍ପଣ ଓ ଶିଳାନ୍ୟାସ ବିଷୟରେ ଆଲୋଚନା କରାଯାଇଥିଲା।

ମୁଖ୍ୟ ଅତିଥି ଭାବେ ରାଜ୍ୟ ଶିଳ୍ପ, ଅଣୁ,କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ଓ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ବିଦ୍ୟୁତ୍ ଶକ୍ତିର ଉପଯୁକ୍ତ ବ୍ୟବହାର ଓ ଶକ୍ତି ସଞ୍ଚୟ ଉପରେ ସଚେତନ କରାଇଥିଲେ। ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ନିକୁଞ୍ଜ କିଶୋର ଧଳ ଯୋଗଦେଇ ବିଦ୍ୟୁତ୍ ଶକ୍ତିର ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ରାଷ୍ଟ୍ର ଉଦ୍ଦେଶ୍ୟରେ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ଲୋକାର୍ପଣ ଓ ଶିଳାନ୍ୟାସର ସିଧା ପ୍ରସାରଣ ଓ ବିଭିନ୍ନ ହିତାଧିକାରୀଙ୍କ ସହିତ ବାର୍ତ୍ତାଳାପ ପ୍ରସାରଣ କରାଯାଇଥିଲା। ଟିପିସିଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ସ୍ନେହାବେଗମ ମାଥିରମ, ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା, ଏନ୍‌ଟିପିସିର ଓଡ଼ିଶା ଜୋନ୍ ଆଞ୍ଚଳିକ ନିର୍ଦ୍ଦେଶକ ଅସୀମ କୁମାର ଗୋସ୍ୱାମୀ,ଏନ୍‌ଟିପିସିର ସାଧାରଣ ପରିଚାଳକ ଅମୀୟ କୁମାର ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବିଦ୍ୟୁତ ଶକ୍ତି ସଂରକ୍ଷଣ ଓ ଉପଯୁକ୍ତ ବ୍ୟବହାର ସମ୍ପର୍କରେ ସୂତ୍ରଧାରା ଅନୁଷ୍ଠାନ ତରଫରୁ ଏକ ପଥପ୍ରାନ୍ତ ନାଟକ ଏବଂ ଉତ୍ତ୍ର ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

**ମିଜିଜି ସହିତ ହସ୍ତଶିଳ୍ପ କାରିଗରଙ୍କ ସହବନ୍ଧନ**

ସାକ୍ଷୀଗୋପାଳ,(ଡି.ଏନ୍.ଏ.): ମିଜିଜି ଅନ୍‌ଲାଇନ୍ ପ୍ଲାଟଫର୍ମ ପକ୍ଷରୁ ହସ୍ତଶିଳ୍ପ କାରିଗରଙ୍କ ସହ ଯୋଡି ହେବା ନିମନ୍ତେ ରଘୁରାଜପୁର ରଘୁନାଥ ଚିତ୍ର କାରିଗରି ଶିଳ୍ପ ସମବାୟ ସମିତି ଗୃହରେ ଶନିବାର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ମିଜିଜି ସହିତ ଚିତ୍ର କାରିଗର ଶିଳ୍ପୀମାନେ ସାମିଲ ହେବା ନିମନ୍ତେ ଉଭୟଙ୍କ ମଧ୍ୟରେ ଚୁକ୍ତି ହୋଇଥିଲା। ଏହା ଦ୍ୱାରା ଅନ୍‌ଲାଇନ୍ ଆପ୍ ଜରିଆରେ ଶିଳ୍ପୀମାନେ ଉପକୃତ ହୋଇପାରିବେ। କାର୍ଯ୍ୟକ୍ରମରେ ରଘୁରାଜପୁର ସହିତ ଆଖପାଖ ଗ୍ରାମରୁ ୧୦୦ କାରିଗର ଯୋଗ ଦେଇଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ମାଳତୀପାଟପୁର ସରପଞ୍ଚ ମହେନ୍ଦ୍ର କୁମାର ମହାପାତ୍ର, ସମିତିସଭ୍ୟ ପ୍ରମୋଦ ମହାରଣା, ଗ୍ରାମ ସଭାପତି ଲକ୍ଷ୍ମୀଧର ସୁବୁଦ୍ଧି, ୱାର୍ଡ ମେମ୍ବର ସନ୍ତୋଷ ମହାରଣା, ମିଜିଜି ଅନୁଷ୍ଠାନର ନିର୍ଦ୍ଦେଶିକା ନିକିତା ଭଗାରୀୟା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆକାଶ ସ୍ୱାଇଁ ପରିଚାଳନା କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୦।୭।୨୦୨୨

| | |
|---|---|
| ୩,୨୨,୪୩୧ ଟଙ୍କା | |
| ସୁନା | ୯୦୦ ମିଲିଗ୍ରାମ |
| ରୁପା | ୮୧ ଗ୍ରାମ |

# ସରିଛି ମାତ୍ର ୫% ବୁଷ୍ଟର ଡୋଜ୍ ଟିକାକରଣ

■ ହୋଇପାରୁନି ସ୍ଲଟ୍ ବୁକିଂ
■ ଅଭାବୀ ସ୍ଥିତିକୁ ନେଇ ଅସନ୍ତୋଷ

**ପୁରୀ ଅଫିସ,୩୦।୭:**

କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ପୁରୀ ଜିଲାରେ ବୁଷ୍ଟର ଡୋଜ୍ ଟିକାକରଣ ଜାରି ରହିଛି। ଜିଲାରେ ଗତ ୧୫ ତାରିଖରୁ ଟିକାକରଣ ଚାଲିଛି। ୨୮ ତାରିଖ ସୁଦ୍ଧା ୧୮ରୁ ୫୯ ବର୍ଷ ବୟସର ବ୍ୟକ୍ତିଙ୍କୁ ୫.୬ ପ୍ରତିଶତ ବୁଷ୍ଟର ଡୋଜ୍ ଦିଆଯାଇଛି। ଜିଲାରେ ଟିକାକରଣ ସାମାନ୍ୟ ମନ୍ଥର ରହିଥିଲେ ମଧ୍ୟ ପ୍ରତିଦିନ ଲୋକେ ଟିକାକରଣ କେନ୍ଦ୍ରରେ ପହଞ୍ଚି ଟିକା ନେଉଛନ୍ତି। ଜିଲାରେ ୧୧ ଲକ୍ଷ ୪୬ ହଜାର ୧୬୮ ଜଣଙ୍କୁ ବୁଷ୍ଟର ଡୋଜ୍ ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୬୪୬୨୯ ଜଣଙ୍କୁ ଟିକାକରଣ କରାଯାଇଛି। ସତ୍ୟବାଦୀରେ ୨୮୧୩, ଅସ୍ତରଙ୍ଗରେ ୪୪୦୨, କାକଟପୁରରେ ୩୩୬୮, ପୁରୀ ସଦରରେ ୩୫୯୬, ନିମାପଡ଼ାରେ ୭୩୪୧, କୃଷ୍ଣପ୍ରସାଦରେ ୪୦୯୪, ଡେଲାଙ୍ଗରେ ୪୨୯୦, ଗୋପରେ ୬୬୪୮, କଣାସରେ ୩୮୧୬, ପିପିଲିରେ ୬୫୮୪, ବ୍ରହ୍ମଗିରିରେ ୩୩୭୨ ଓ ପୁରୀ ପୌରାଞ୍ଚଳରେ ୧୪,୩୦୫ ଜଣ ବର୍ତ୍ତମାନ ସୁଦ୍ଧା ବୁଷ୍ଟର ଡୋଜ୍ ନେଇଛନ୍ତି। ସମୁଦାୟ ୬୪ ହଜାର ୬୨୯ ଜଣ ଟିକା ନେଇସାରିଲେଣି। ସେହିଭଳି ପ୍ରଥମ ଡୋଜ୍ ଟିକାକରଣ ଶହେ ପ୍ରତିଶତ ଅତିକ୍ରମ କରିସାରିଛି। ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କର ୨ୟ ଡୋଜ୍ ଟିକାକରଣ ୯୭ ପ୍ରତିଶତରେ ପହଞ୍ଚିଛି। ୧୫ରୁ ୧୮ ବର୍ଷର ପିଲାଙ୍କୁ ମଧ୍ୟରୁ ୬୮.୮ ପ୍ରତିଶତ ପ୍ରଥମ ଡୋଜ୍ ଓ ୬୬.୭ ପ୍ରତିଶତ ୨ୟ ଡୋଜ୍ ନେଇଛନ୍ତି। ୧୨ରୁ ୧୪ ବର୍ଷର ୭୮.୭ ପ୍ରତିଶତ ପ୍ରଥମ ଡୋଜ୍ ଓ ୬୪.୮ ପ୍ରତିଶତ ୨ୟ ଡୋଜ୍ ଟିକା ନେଇସାରିଲେଣି। ସେହିଭଳି ୨୩.୭ ପ୍ରତିଶତ ବରିଷ୍ଠ ନାଗରିକ ବୁଷ୍ଟର ଡୋଜ୍ ନେଇଛନ୍ତି। ତେବେ ଟିକାକରଣ ବିଳମ୍ବ ହେବା ନେଇ ଟିକା ଅଭାବୀ ସ୍ଥିତିକୁ ଲୋକେ ଦାୟୀ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜେଶ କୁମାର ସାହୁ କହିଛନ୍ତି, ବୁଷ୍ଟର ଡୋଜ୍ ନେବାକୁ ସେ ମାର୍ଚ୍ଚ ୩୦ରୁ ଯୋଗ୍ୟ ବିବେଚିତ ହୋଇଥିଲେ ମଧ୍ୟ ସ୍ଲଟ୍ ବୁକିଂ ହୋଇପାରୁନାହିଁ। ଫଳରେ ଟିକା ନେଇପାରିନାହାନ୍ତି। ତାଙ୍କ ଭଳି ବହୁ ଲୋକ ଏଭଳି ଅପେକ୍ଷାରେ ରହିଛନ୍ତି। ଅନ୍ୟପକ୍ଷରେ ଟିକା ଅଭାବୀ ସ୍ଥିତି ରହିଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି।



ପୁରୀର ହରଚଣ୍ଡୀ ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଶନିବାର ଅନୁଷ୍ଠିତ ଭାରତୀୟ ପାଠ୍ୟ ଉପକରଣ ପ୍ରଦର୍ଶନୀକୁ ଛାତ୍ରୀଛାତ୍ର ଦେଖୁଛନ୍ତି ।

## ଭାରତୀୟ ପାଠ୍ୟ ଉପକରଣ ପ୍ରଦର୍ଶନୀ

**ପୁରୀ ଅଫିସ,୩୦।୭**

ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ପୁରୀର ହରଚଣ୍ଡୀ ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବିଦ୍ୟାଳୟରେ ଭାରତୀୟ ପାଠ୍ୟ ଉପକରଣ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ମାତୃଭାଷା, ଗଣିତି, ଇଂଲିଶ, ବିଜ୍ଞାନ ଓ ସାମାଜିକ ବିଜ୍ଞାନ ଆଦି ବିଭାଗରେ ପ୍ରସ୍ତୁତ କରାଯାଇଥିବା ପାଠ୍ୟ ଉପକରଣକୁ ସଜେଇ ରଖାଯାଇଥିଲା। ଏହି ପ୍ରଦର୍ଶନୀକୁ ସମସ୍ତ ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକମାନେ ବୁଲି ଦେଖିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ପ୍ରଦର୍ଶନୀ ହୋଇଥିବା ପାଠ୍ୟ ଉପକରଣର ଆବଶ୍ୟକ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ପ୍ରଦର୍ଶନୀକୁ ଦେଖିବାକୁ ଛାତ୍ରୀଛାତ୍ରମାନେ ଉତ୍ସାହିତ ହୋଇଥିଲେ।

## ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଉଚ୍ଛେଦ



ଗୋପରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ରାସ୍ତା ପାର୍ଶ୍ୱରେ ଥିବା ଦୋକାନ ଉଚ୍ଛେଦ କରାଯାଉଛି ।

**ଜୀବିକା ହରାଇଲେ ୪୭ ବ୍ୟବସାୟୀ, ୪ ପରିବାର**

**ଗୋପ,୩୦।୭(ଡି.ଏନ୍.ଏ.):**

ଗୋପ-ବାଲିଘାଇ ଓ ଗୋପ-ନିମାପଡା ରାସ୍ତାରେ ନୂତନ ଅତ୍ୟାଧୁନିକ ବସ୍ ଷ୍ଟାଣ୍ଡ ନିର୍ମାଣ ପାଇଁ ଦୀର୍ଘ ବର୍ଷ ଧରି ସେଠାରେ ଥିବା ବ୍ୟବସାୟୀ ଏବଂ ୪ ପରିବାରଙ୍କୁ ଶନିବାର ଉଚ୍ଛେଦ କରାଯାଇଛି। ପୂର୍ବାହ୍ନ ୯ଟା ସମୟରେ ୨ଟି ଡୋଜର ସାହାଯ୍ୟରେ ଉଚ୍ଛେଦ କାର୍ଯ୍ୟ ହୋଇଥିଲା। ଗୋପ ତହସିଲ ପକ୍ଷରୁ ଏହି ଉଚ୍ଛେଦ ହୋଇଥିବାବେଳେ ସେହି ସମୟରେ ଗୋପ ତହସିଲଦାର ଏସ୍.କେ. ସାର୍ଗି, ଅତିରିକ୍ତ ତହସିଲଦାର ଶରତ କୁମାର ପରିଡ଼ା, ଗୋପ ଥାନା ଅଧିକାରୀ କାଳନ୍ଦୀ ବେହେରାଙ୍କ ସହିତ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

ସୂଚନା ମୁତାବକ, ବସ୍ ଷ୍ଟାଣ୍ଡ ନିର୍ମାଣ ପାଇଁ ୪ କୋଟି ଟଙ୍କା ମଞ୍ଜୁର ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହାର ଶିଳାନ୍ୟାସ କରିଥିଲେ। ତହସିଲଦାର ସାର୍ଗି ସମସ୍ତ ବ୍ୟବସାୟୀଙ୍କ ସହ କଥାବାର୍ତ୍ତା ହୋଇ ସହଯୋଗ ଲାଗି କହିଥିଲେ। ସେଠାରେ ରହୁଥିବା ୪୭ଜଣ ବ୍ୟବସାୟୀ ଏବଂ ୪ ପରିବାରଙ୍କୁ ଉଚ୍ଛେଦ ନିମନ୍ତେ ନୋଟିସ ଜାରି ପରେ ମାଇକ୍ ଯୋଗେ ଘୋଷଣା ମଧ୍ୟ ହୋଇଥିଲା। ଶନିବାର ଉଚ୍ଛେଦ ସମୟରେ ଜଣେ ବ୍ୟବସାୟୀ ଗଣ୍ଡଗୋଳ କରିବାରୁ ପୋଲିସ ଉକ୍ତ ବ୍ୟବସାୟୀଙ୍କୁ କାବୁ କରିଥିଲା। ତହସିଲଦାର ସାର୍ଗିଙ୍କ ନିର୍ଦ୍ଦେଶରେ ୪ ପରିବାରକୁ ଶୁକ୍ରବାର ରାତିରେ ଗୋପ ବ୍ଲକ ଅନ୍ତର୍ଗତ ଶାରଡା ବାତ୍ୟା ଆଶ୍ରୟସ୍ଥଳୀକୁ ନିଆଯାଇଥିବାବେଳେ ପରେ ସେମାନଙ୍କୁ ସରକାରୀ ଜମି ଦିଆଯିବ ବୋଲି ଜଣାପଡିଛି। ଗୋପରେ ମାର୍କେଟ୍ କମ୍ପ୍ଲେକ୍ସ କରାଯାଇ ସେଠାରେ ୪୭ଜଣ ବ୍ୟବସାୟୀଙ୍କୁ ଥଇଥାନ କରିବେ ବୋଲି ପୂର୍ବରୁ ଗଣଶିକ୍ଷା ମନ୍ତ୍ରୀ ଦାଶ ସୂଚନା ଦେଇଥିଲେ। ଅନ୍ୟପଟେ ବିଶ୍ୱ ପ୍ରସିଦ୍ଧ କୋଣାର୍କ ମନ୍ଦିର ଏବଂ ପୁରୀରୁ ଦେଶ ବିଦେଶର ବହୁ ପର୍ଯ୍ୟଟକ ଆସୁଥିବାରୁ ଗୋପ ବଜାରର ଦୁଇ ପାର୍ଶ୍ୱରେ ଥିବା ଦୋକାନ ଉଚ୍ଛେଦ କରାଯିବା ସୂଚନା ରହିଛି। ଅପରପକ୍ଷେ ଗୋପ ବଜାରଠାରୁ କୁଶୁପୁର ପର୍ଯ୍ୟନ୍ତ କେତେ ଜଣ ବ୍ୟକ୍ତି ଜୋର ଜବରଦସ୍ତି ନୟନଯୋରିକୁ ଜବରଦଖଲ କରି ଗୃହ ନିର୍ମାଣ କରିଥିବା ଭଳି ଅଭିଯୋଗ ଆସିବାରୁ ଏହାକୁ ମଧ୍ୟ ଉଚ୍ଛେଦ କରାଯିବ ବୋଲି ତହସିଲଦାର ସାର୍ଗି କହିଛନ୍ତି।

## ସଂକ୍ଷେପରେ

### ଗିରଫ ଅଭିଯୁକ୍ତଙ୍କ ହାଇକୋର୍ଟରେ ଜାମିନ ଆବେଦନ

ସେବାୟତ କାଳିଆ ପଡ଼ିଆରୀ ହତ୍ୟା ଘଟଣା

ପୁରୀ ଅଫିସ, ୩୦।୭- ବହୁ ଚର୍ଚ୍ଚିତ ସୁଆର ମହାସୁଆର ନିଯୋଗ ସମ୍ପାଦକ ସେବାୟତ କାଳିଆ ପଡ଼ିଆରୀ ହତ୍ୟାକାଣ୍ଡ ମାମଲାରେ ଗିରଫ ହୋଇଥିବା କାଳିଆ ସିଂହାରୀ ତଳୁଛ ନିତ୍ୟାନନ୍ଦ ମହାପାତ୍ର ହାଇକୋର୍ଟରେ ଜାମିନ ଆବେଦନ କରିଛନ୍ତି। ଏହାର ଶୁଣାଣି ନେଇ ଗତ ୨୮ତାରିଖରେ ହୋଇଥିବା ବେଳେ ତୁରନ୍ତ କେସ ଡାଏରୀ ଦାଖଲ କରିବା ପାଇଁ ଷ୍ଟେଟ କାଉନସିଲକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଯାହାକୁ ନେଇ ଆଇନଜୀବୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପୁରୀ ଏସ୍‌ପିଙ୍କ ନିକଟକୁ ଚିଠି ମାଧ୍ୟମରେ ସୂଚନା ଦିଆଯାଇଥିବା ବେଳେ ଏକ ସପ୍ତାହ ମଧ୍ୟରେ ତୁରନ୍ତ କେସ୍ ଡାଏରୀ ଦାଖଲ କରିବା ପାଇଁ କୁହାଯାଇଛି। ଏହି ଘଟଣାକୁ ଗୁରୁତର ସହ ଗ୍ରହଣ କରିବାକୁ ଚିଠିରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୧୬ତାରିଖରେ ବାରବାଟୀ ଜାଗା ପରିସରରେ ସୁଆର ମହାସୁଆର ନିଯୋଗ ସମ୍ପାଦକ କାଳିଆ ପଡ଼ିଆରୀଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା।

### ନୂଆ ନଈରେ ଏନ୍‌ଡିଆର୍‌ଏଫ୍ ମକ୍‌ଡ୍ରିଲ୍

ପୁରୀ ଅଫିସ,୩୦।୭: ପୁରୀ ବେଲଦଳ ପଞ୍ଚାୟତ ନୂଆନଈ ଅଞ୍ଚଳରେ ଶନିବାର ଏନ୍‌ଡିଆର୍‌ଏଫ୍ ଟିମ୍ ମକ୍‌ଡ୍ରିଲ୍ କରିଛି। ଜରୁରିକାଳୀନ ସ୍ଥିତିରେ କିଭଳି ଉଦ୍ଧାର କାର୍ଯ୍ୟ କରାଯିବ ସେନେଇ ଏନଡିଆରଏଫ୍ ଟିମ୍ ଏହି ମକ୍‌ଡ୍ରିଲ୍ କରିଛି। ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ଏନଡିଆରଏଫ୍ ଟିମ୍ ସଚେତନ କରାଇବା ସହ ଜଣେ ପାଣିରେ ଭାସିଗଲେ କିମ୍ବା ଅତ୍ୟଧିକ ପାଣି ପିଇଗଲେ କିଭଳି ପ୍ରାଥମିକ ଚିକିତ୍ସା କରାଯିବ ତାହା ବୁଝାଇ ଦିଆଯାଇଥିଲା। ପ୍ରଶିକ୍ଷଣ ଶିବିରରେ ଏକ ମକ୍‌ଡ୍ରିଲ୍ କରାଗଲା, ଜଣେ ବ୍ୟକ୍ତିଙ୍କୁ ନଦୀରୁ ଉଦ୍ଧାର କରାଯାଇ ସ୍ୱାଭାବିକ ସ୍ଥିତିକୁ ଅଣାଯାଇଥିଲା। ଏନଡିଆରଏଫ୍ ଅଧିକାରୀଙ୍କ ସମେତ ପୁରୀ ସଦର ବିଡିଓ ଓ ସ୍ଥାନୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବେଲଦଳ ସରପଞ୍ଚ ବିପିନ ଦାସ କହିଛନ୍ତି, ପିଲାମାନେ ନଦୀ କୂଳବର୍ତ୍ତୀ ଅଞ୍ଚଳରେ ବୁଲାବୁଲି କରୁଥିବା ବେଳେ ବୁଡ଼ିଯିବାର ଆଶଙ୍କା ରହୁଛି। ଏଣୁ ଏ ନେଇ ବ୍ୟାପକ ସଚେତନତା ଦରକାର। ଏନ୍‌ଡିଆର୍‌ଏଫ୍‌ର ଏଭଳି କାର୍ଯ୍ୟକ୍ରମ ନିହାତି ସ୍ୱାଗତଯୋଗ୍ୟ ବୋଲି କହିଥିଲେ।

### ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ, ସମ୍ପାଦକଙ୍କ ସମ୍ମିଳନୀ

ପିପିଲି,୨୯।୭(ଡି.ଏନ୍.ଏ.)- ପିପିଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପୁରୀ ଜିଲାର ୫୩ଟି ବିଭାଗର ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଓ ସମ୍ପାଦକଙ୍କର ଦୁଇଦିନିଆ ସମ୍ମିଳନୀ ଶନିବାର ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଡିଓ ରଶ୍ମିତା ନାଥ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷା ବିକାଶ ସମିତିର ସଂଗଠନ ସମ୍ପାଦକ ରମାକାନ୍ତ ମହନ୍ତ, ପିପିଲି ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟିର ସଭାପତି ବିକ୍ରମ କେଶରୀ ସିଂ, ସମ୍ପାଦକ ଆଇନଜୀବୀ ରମାକାନ୍ତ ସାହୁ, କୋଷାଧ୍ୟକ୍ଷ ରାକେଶ କୁମାର ମହାପାତ୍ର, ସହସମ୍ପାଦକ ରୁଦ୍ରନାରାୟଣ ବେହେରା ପ୍ରମୁଖ ଯୋଗଦେଇ ମାଟ୍ରିକ ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସର୍ବୋତ୍ତମ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ପୁରୀ ଜିଲା ବିଭାଗ ନିରୀକ୍ଷକ ପ୍ରସନ୍ନ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବ ସଂଭାଗ ସଂଯୋଜକ ଶିଶିର ହାତୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପୂର୍ବ ସଂଭାଗ ସମ୍ପାଦକ ପ୍ରଫୁଲ୍ଲ ପଣ୍ଡାଙ୍କ ସଭା ପରିଚାଳିତ ହୋଇଥିଲା। ଜିଲାର ସମସ୍ତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏକକ ଶିକ୍ଷାଦାନ, ପରୀକ୍ଷା ଓ ସହପାଠ୍ୟ କ୍ରିୟାକଳାପ ଆଦି ସମ୍ଭବ ହୋଇପାରିବ ବୋଲି ଏଥିରେ ଆଲୋଚନା କରାଯାଇଥିଲା। ପୂର୍ବ ସଂଭାଗର ପାଳକ କୈଳାସ ଚନ୍ଦ୍ର ମିଶ୍ର ସହଯୋଗ କରିଥିଲେ।

## ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲାଥିବା କହି ଠକୁଛନ୍ତି ଅଟୋଚାଳକ

**ପୁରୀ ଅଫିସ,୩୦।୭:**

ଶ୍ରୀଗୁଣ୍ଡିଚା ମନ୍ଦିରରେ ମରାମତି କାର୍ଯ୍ୟ ଚାଲୁଥିବାରୁ ପ୍ରାୟ ଅଢ଼େଇ ବର୍ଷ ହେଲା ମନ୍ଦିର ବନ୍ଦ ରହିଛି। ଫଳରେ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନେ ଶ୍ରୀଗୁଣ୍ଡିଚା ମନ୍ଦିର ଦର୍ଶନରୁ ବଞ୍ଚିତ ହେଉଛନ୍ତି। ହେଲେ ଏହାର ସୁଯୋଗ ନେଇ ଅଟୋ ଚାଳକମାନେ ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲାଥିବା କହି ପର୍ଯ୍ୟଟକଙ୍କୁ ଠକୁଛନ୍ତି। ପର୍ଯ୍ୟଟକମାନଙ୍କୁ ମିଛ କହି ଶ୍ରୀଗୁଣ୍ଡିଚା ମନ୍ଦିରରେ ଦର୍ଶନ କରାଯିବ ବୋଲି କହି ନିଆଯାଉଛି। କିନ୍ତୁ ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ଅଟୋଚାଳକମାନେ ମନ୍ଦିର ବନ୍ଦ ଥିବା ସମ୍ପର୍କରେ ଅଜ୍ଞ ଥିବା କହି ବର୍ତ୍ତିଯାଉଛନ୍ତି। ଫଳରେ ଯାତ୍ରୀ ଶ୍ରୀଗୁଣ୍ଡିଚା ମନ୍ଦିର ଭ୍ରମଣ ନ କରି ମଧ୍ୟ ଅଟୋଚାଳକଙ୍କୁ ଭଡ଼ା ଦେବାକୁ ବାଧ ହେଉଛନ୍ତି। ଏଭଳି ଅସାଧୁ ଉପାୟରେ ଯାତ୍ରୀମାନଙ୍କୁ ଠକେଇ କରାଯାଉଥିଲେ ମଧ୍ୟ ପ୍ରଶାସନ ଏ ନେଇ ଦୃଷ୍ଟି ଦେଉନାହିଁ। ମୁଖ୍ୟତଃ ପୁରୀ ସହରରେ ଥିବା ଧାର୍ମିକ ସ୍ଥଳୀ ଓ ପର୍ଯ୍ୟଟନସ୍ଥଳୀ ବୁଲାଇବା ପାଇଁ ଅଟୋ ଚାଳକଙ୍କର ଏକ ପ୍ୟାକେଜ ରହୁଛି। ସମ୍ପୃକ୍ତ ପ୍ୟାକେଜରେ ଶ୍ରୀଗୁଣ୍ଡିଚା ମନ୍ଦିର ମଧ୍ୟ ସାମିଲ ରହିଛି। ଯାତ୍ରୀମାନଙ୍କ ଅଜାଣତରେ ସେମାନଙ୍କଠାରୁ ଏଭଳି ଲୁଟ୍ ନ କରାଯିବା ଦରକାର ବୋଲି ପୁରୀ ସହରର ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ସାହିଭାଇ ସଙ୍ଗଠନର ଅଜୁ ମିଶ୍ର କହିଛନ୍ତି, ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଅଟୋ ଲଗାଇ ଯାତ୍ରୀଙ୍କୁ ମନ୍ଦିର ବାହାର ଦେଖାଇ ଦିଆଯାଉଛି। ମନ୍ଦିର ବନ୍ଦ ଥିବା ଅଟୋ ଚାଳକ ଜାଣି ନ ଥିବା କହୁଛନ୍ତି। କାହାରି ଅଜ୍ଞତାର ସୁଯୋଗ ନେଇ ଅର୍ଥ ଉପାର୍ଜନ କରିବା ଆଦୌ ଗ୍ରହଣୀୟ ନୁହେଁ। ସେହିଭଳି ବିଗତ ଦିନରେ ଅଟୋ ଚାଳକମାନେ ଦର ନିର୍ଦ୍ଧାରଣ ନ କରି ମନଇଚ୍ଛା ଦର ନେଉଥିବା ବେଳେ ପୁରୀ ସହରବାସୀ ଏନେଇ ପ୍ରଶାସନ ନିକଟରେ ଫେରାଦ ହୋଇଥିଲେ। ପ୍ରଶାସନ ଏ ନେଇ କାର୍ଯ୍ୟାନୁଷ୍ଠାନ ମଧ୍ୟ ନେଲେ। ଏସ୍‌ପି ଅଟୋ ଚାଳକଙ୍କ ସହ ଆଲୋଚନା କରି ଏକ ଦର ସାରଣୀ ପ୍ରସ୍ତୁତ କରିଥିଲେ। ରଥଯାତ୍ରା ସମୟରେ ସମ୍ପୃକ୍ତ ଦର ସାରଣୀ ଆଧାରରେ ଯାତ୍ରୀମାନେ ଭଡ଼ା ଦେଲେ। ବର୍ତ୍ତମାନ ଏସ୍‌ପି ଉକ୍ତ ଘଟଣାରେ ହସ୍ତକ୍ଷେପ କରି ଅଟୋ ଚାଳକ ସଂଘ ସହ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ସାଧାରଣରେ ଦାବି ହେଉଛି।




ଖାଦ୍ୟ ସାମଗ୍ରୀରେ ଜିଏସ୍‌ଟି ଲାଗୁ ପ୍ରତିବାଦରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ଏମ୍) ପକ୍ଷରୁ ବ୍ରହ୍ମଗିରି ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ।

## ଜିଲାର ୪ ଦୁର୍ଗମ ଅଞ୍ଚଳରେ ମିଳିବ ୪ଜି ସେବା

**ପୁରୀ ଅଫିସ,୩୦।୭:**

କେନ୍ଦ୍ର କ୍ୟାବିନେଟ୍ ଦେଶର ଅଣସଂଯୋଗୀକରଣ ଗ୍ରାମଗୁଡ଼ିକରେ ୪ଜି ମୋବାଇଲ ସେବା ପ୍ରକଳ୍ପକୁ ଶନିବାର ଅନୁମୋଦନ କରିଛି। ଏହି ତାଲିକାରେ ପୁରୀରେ ୪ଟି ଗ୍ରାମ ରହିଛି। ଏଥିପାଇଁ ୟୁନିଭର୍ସାଲ ସର୍ଭିସ ବାଧ୍ୟତାମୂଳକ ପାଣ୍ଠି ମାଧ୍ୟମରେ ସମସ୍ତ ଅର୍ଥ ଖର୍ଚ୍ଚ ହେବ। ପୁରୀ ଜିଲାର ପୁରୀର ପଞ୍ଚମୁହଁ, ଡେଲାଙ୍ଗ ବ୍ଲକ୍‌ର କୁଞ୍ଜର, ବ୍ରହ୍ମଗିରିର ଆଇଁପୁର ଓ ପୁରୀର ନୂଆ ପାଟଣାରେ ଏପର୍ଯ୍ୟନ୍ତ ୪ଜି ସେବା ପହଞ୍ଚିପାରି ନାହିଁ। ଏହି ୪ଟି ସ୍ଥାନରେ ଆତ୍ମନିର୍ଭର ଭାରତ ଅଧୀନରେ ୪ଜି ଟେକ୍ନୋଲୋଜି ଷ୍ଟାକ୍ ବ୍ୟବହାର କରି ବିଏସ୍‌ଏନ୍‌ଏଲ୍ ଦ୍ୱାରା ୪ଜି ଟାୱାର ପାଇଁ କାର୍ଯ୍ୟକାରୀ ହେବ। ଗ୍ରାମାଞ୍ଚଳରେ ମୋବାଇଲ ସଂଯୋଗ ପାଇଁ ସରକାରଙ୍କ ଦୃଷ୍ଟିଭଙ୍ଗୀ ଲାଗି ଏହି ପ୍ରକଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପ୍ରକଳ୍ପ ବ୍ରଡବ୍ରାଣ୍ଡ ମାଧ୍ୟମରେ ବିଭିନ୍ନ ଇ-ଶାସନ ସେବା, ବ୍ୟାଙ୍କିଂ ସେବା, ଟେଲି ମେଡିସିନ୍, ଟେଲି-ଶିକ୍ଷା ଇତ୍ୟାଦି ବିତରଣକୁ ପ୍ରୋତ୍ସାହିତ କରିବ ଓ ଗ୍ରାମାଞ୍ଚଳରେ ନିଯୁକ୍ତି ସୃଷ୍ଟି ହେବ ବୋଲି ପ୍ରଶାସନ ସୂଚନା ଦେଇଛି।

## ନିଜସ୍ୱ ଖର୍ଚ୍ଚରେ ରାସ୍ତା ମରାମତି କଲେ ସାମାଜିକ କର୍ମୀ



ଗ୍ରାମବାସୀଙ୍କ ସହାୟତାରେ ସାମାଜିକ କର୍ମୀ ପ୍ରତାପ ରାସ୍ତା ମରାମତି କରୁଛନ୍ତି ।

**କାକଟପୁର,୩୦।୭(ଡି.ଏନ୍.ଏ.)**

କାକଟପୁର ବ୍ଲକ ଅନ୍ତର୍ଗତ ସୁହାଗପୁର ଗ୍ରାମପଞ୍ଚାୟତ ଟଭାଗୋଲରାଗଡ ଏକ ନିପଟ ମଫସଲ ଛୋଟ ଗାଁ। ହେଲେ ଗାଁକୁ ଯିବା ଆସିବା କରିବା ପାଇଁ ଭଲ ରାସ୍ତା ନ ଥିବାରୁ ଲୋକେ ଯାତାୟାତ ବେଳେ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ ଗ୍ରାମବାସୀ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଗ୍ରାମର ସାମାଜିକ କର୍ମୀ ପ୍ରତାପ କୁମାର ପାତ୍ର ନିଜସ୍ୱ ଖର୍ଚ୍ଚରେ ଗ୍ରାମରେ ଥିବା ମୁଖ୍ୟ ରାସ୍ତାକୁ ମରାମତି କରିଛନ୍ତି। ଗ୍ରାମବାସୀଙ୍କ ସହାୟତାରେ ମାଟି, ଗୋଡ଼ି ଆଣି ରାସ୍ତାରେ ଥିବା ଖାଲଖମାକୁ ପୋତିବା ସହ ରାସ୍ତାକୁ ଏକପ୍ରକାର ନୂଆ ଭଳି କରିଦେଇଛନ୍ତି। ପୂର୍ବରୁ ପ୍ରଶାସନ ପକ୍ଷରୁ ରାସ୍ତା ହୋଇଥିବା ବେଳେ ଦୀର୍ଘ ଦିନ ହୋଇଯାଇଥିବାରୁ ରାସ୍ତାଟି ଖାଲଖମା ହୋଇଯିବା ସହ ମାଟି, ଗୋଡ଼ି ଉଠିଯାଇଥିଲା। ଏ ନେଇ ଗ୍ରାମର ଲୋକେ ସ୍ଥାନୀୟ ଅଧିକାରୀଙ୍କୁ ଜଣାଇବାରୁ ପଞ୍ଚାୟତର ଅନୁଦାନ ସମୁଦ୍ରକୁ ଶଙ୍ଖେ ଭଳି ରହୁଥିବାରୁ କୌଣସି ଠିକାଦାର କାର୍ଯ୍ୟ କରିବାକୁ ଇଚ୍ଛା ପ୍ରକାଶ କରୁ ନ ଥିଲେ। ଶେଷରେ ସାମାଜିକ କର୍ମୀ ପ୍ରତାପ ଗାଁର ଉନ୍ନତି ପାଇଁ ନିଜେ ଅଣ୍ଟାଭିଡି ସରକାରୀ ସୀମିତ ଅନୁଦାନ ସହ ନିଜର ବ୍ୟକ୍ତିଗତ ଜମା ଖର୍ଚ୍ଚ କରି ଗାଁ ଲୋକଙ୍କ ପାଇଁ ଏକ ରାସ୍ତା ନିର୍ମାଣ କାର୍ଯ୍ୟ କରିଥିଲେ। ତାଙ୍କର ଏଭଳି କାର୍ଯ୍ୟ ପାଇଁ ଗ୍ରାମବାସୀ ସାଧୁବାଦ ଜଣାଇବା ସହ ଏହା ଆଗାମୀ ଯୁବପିଢି ପାଇଁ ପ୍ରେରଣା ଯୋଗାଇବ ବୋଲି ପଞ୍ଚାୟତବାସୀ ମତ ପ୍ରକାଶ କରିଛନ୍ତି।

## ବେଳାଭୂମିରେ ଭାଜପାର ସ୍ୱଚ୍ଛ ଭାରତ ଅଭିଯାନ

**ପୁରୀ ଅଫିସ, ୩୦।୭**

ଭାରତୀୟ ଜନତା ପାର୍ଟି ପୁରୀ ଶାଖା ପକ୍ଷରୁ ଶନିବାର ପୁରୀ ବେଳାଭୂମିରେ ଏକ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ସାଧ୍ୱୀ ନିରଞ୍ଜନ ଜ୍ୟୋତି ଯୋଗଦେଇ କହିଥିଲେ, ୮ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅବିଶ୍ୱସନୀୟ କାର୍ଯ୍ୟ ସ୍ୱଚ୍ଛ ଭାରତ ଆଜି ଜନ ସମର୍ଥନରେ ପରିଣତ ହୋଇଛି। ନିଜେ ସ୍ୱଚ୍ଛ ରହିବା ସହିତ ନିଜ ସହର, ଗ୍ରାମକୁ ସ୍ୱଚ୍ଛ ରଖିଲେ ଦେଶ ସ୍ୱଚ୍ଛ ରହିବ। କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ନେତା ଶଙ୍କର ପରିଡା ଯୋଗଦେଇଥିଲେ। ସ୍ୱଚ୍ଛ ଭାରତ ଜିଲା ସଂଯୋଜକ ହେମନ୍ତ ମହାନ୍ତିଙ୍କ ନେତୃତ୍ୱରେ ଜିଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ, ଉପସଭାପତି ଦିଗ୍‌ଦର୍ଶନ ପଟ୍ଟନାୟକ, ଓବିସି ମୋର୍ଚ୍ଚାର ରବୀନ୍ଦ୍ର ସ୍ୱାଇଁ, ବ୍ରଜବନ୍ଧୁ ଦାସ, ସଂଗ୍ରାମ କାନୁନଗୋ, ମଧୁସୂଦନ ସିଂହାରି, ବିଜୟ ପଟ୍ଟନାୟକ, ଅଜୟ ଦାସ, ଶିବା ରାଓ, ସୁଦର୍ଶନ ରାଉଳ, ଅନିତା ପଟ୍ଟନାୟକ, ଦାଶରଥି ମହାନ୍ତି, ଦୀପକ ନାୟକ, ଜଗା ସାହୁ ପ୍ରମୁଖ ଉପସ୍ଥିତ ରହି ବେଳାଭୂମିରୁ ବହୁତ ବର୍ଜ୍ୟବସ୍ତୁ ସଫେଇ କରିଥିଲେ।




ଭାଜପା ପକ୍ଷରୁ ଶନିବାର ପୁରୀ ବେଳାଭୂମି ଅନୁଷ୍ଠିତ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

## ରୋଟାରି ସଭାପତି କମଳେନ୍ଦୁ, ଇନରହ୍ୱିଲ୍‌ର ଜ୍ୟୋତିର୍ମୟୀ




ପୁରୀ ରୋଟାରି କ୍ଲବ ଓ ମହିଳ ସେବା ସଙ୍ଗଠନ ଇନରହ୍ୱିଲ୍ କ୍ଲବର ଯୁଗ୍ମ ଅଧିଷ୍ଠାନ ଉତ୍ସବ ଅବସରରେ ଶନିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟ ଅତିଥି ।

■ ୨ କ୍ଲବର ଯୁଗ୍ମ ଅଧିଷ୍ଠାନ ଉତ୍ସବ
■ ନୂଆ କର୍ମକର୍ତ୍ତା ଚୟନ

**ପୁରୀ ଅଫିସ,୩୦।୭:**

ପୁରୀ ରୋଟାରି କ୍ଲବ ଓ ମହିଳ ସେବା ସଙ୍ଗଠନ ଇନରହ୍ୱିଲ୍ କ୍ଲବର ୫୪ତମ ଯୁଗ୍ମ ଅଧିଷ୍ଠାନ ଉତ୍ସବ ଶନିବାର ସ୍ଥାନୀୟ ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଭାବେ ରୋଟାରି କ୍ଲବ୍‌ର ଡ୍ରିଷ୍ଟିକ୍ଟ ପୂର୍ବତନ ଗଭର୍ନର ଅଶୋକ ସିଂ ଓ ସମ୍ମାନିତ ଅତିଥି ଭାବେ ଇନରହ୍ୱିଲ୍‌ର ସମ୍ପାଦିକା ମଧୁସ୍ମିତା ତ୍ରିପାଠୀ ଯୋଗଦେଇଥିଲେ। ପ୍ରଥମେ ଅତିଥିମାନେ ରୋଟାରିର ପ୍ରତିଷ୍ଠାତା ପଲ୍ ହ୍ୟାରିସ୍ ଓ ଇନରହ୍ୱିଲ୍‌ର ପ୍ରତିଷ୍ଠାତା ମାର୍ଗାରେଟ୍ ଗୋଲଡିଂଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପରେ ଜାତୀୟ ସଙ୍ଗୀତ ଓ ଇନରହ୍ୱିଲ୍‌ର ପ୍ରାର୍ଥନା ବୋଲା ଯାଇ କାର୍ଯ୍ୟକ୍ରମକୁ ଆରମ୍ଭ କରାଗଲା। ରୋଟାରି କ୍ଲବ୍‌ର ବିଦାୟୀ ସଭାପତି ବଦ୍ରିନାରାୟଣ ପାତ୍ର, ସମ୍ପାଦକ କୃଷ୍ଣଚନ୍ଦ୍ର ପାତ୍ର ଓ ଇନରହ୍ୱିଲ୍‌ର ବିଦାୟୀ ସଭାନେତ୍ରୀ ସୁଖଜିତ୍ ସିନ୍ଧୁ କର ଏବଂ ସମ୍ପାଦକ ସରିତା ମିଶ୍ର ବାର୍ଷିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହାପରେ ନୂତନ କର୍ମକର୍ତ୍ତାମାନଙ୍କୁ ଚୟନ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇ ସ୍ୱାଗତ କରାଯାଇଥିଲା। ରୋଟାରି କ୍ଲବ୍‌ର ସଭାପତି ଭାବେ କମଳେନ୍ଦୁ ଦାଶ, ସମ୍ପାଦକ ରତିକାନ୍ତ ନାୟକ ଓ ଇନରହ୍ୱିଲ୍‌ର ସଭାନେତ୍ରୀ ଭାବେ ଜ୍ୟୋତିର୍ମୟୀ ଦାଶ ଓ ସମ୍ପାଦିକା ଶୋଭନା ମିଶ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ କର୍ମକର୍ତ୍ତାମାନେ ନିଜ ନିଜ କାର୍ଯ୍ୟକାରୀ କମିଟିକୁ ପରିଚିତ କରାଇବା ସହ ଚଳିତବର୍ଷ କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ। ଅତିଥିମାନେ ରୋଟାରୀ କ୍ଲବ୍ ପକ୍ଷରୁ ପ୍ରତିବର୍ଷ ଆୟୋଜିତ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଓ ବିଶେଷ ଭାବେ ସ୍ଥାୟୀ ଚକ୍ଷୁ ପରୀକ୍ଷା କେନ୍ଦ୍ରକୁ ପ୍ରଶଂସା କରିଥିଲେ। ଏହି ଅବସରରେ ରୋଟାରି କ୍ଲବ୍‌ର ମୁଖପତ୍ର ନୀଳଚକ୍ରର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ ହୋଇଥିଲା। ରୋଟାରି କ୍ଲବ୍ ଚଳିତ ବର୍ଷ ପଲିଥିନମୁକ୍ତ ପୁରୀ ସହର ଓ ଦୁର୍ଘଟଣାମୁକ୍ତ ମହୋଦଧି ପାଇଁ ପଦକ୍ଷେପ ଗ୍ରହଣ କରାଯିବା ସମେତ ବଡ଼ଦାଣ୍ଡକୁ ଛେପମୁକ୍ତ କରିବା ପାଇଁ ବ୍ୟାପକ ଜନସଚେତନା କରାଯିବ ବୋଲି ଘୋଷଣା କରାଯାଇଛି। କାର୍ଯ୍ୟକ୍ରମରେ ଉଭୟ କ୍ଲବ୍‌ର ସଦସ୍ୟ ଓ ସେମାନଙ୍କ ପରିବାର ଲୋକେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ରୋଟାରି କ୍ଲବ୍‌ର ପୂର୍ବତନ ସଭାପତି ଭୀମସେନ ପାତ୍ର ଧନ୍ୟବାଦ ଦେଇଥିଲେ।

## ନାବାଳିକାଙ୍କୁ ଉଦ୍ଧାର କଲେ ସିଡିପିଓ

**ସାଲେପୁର,(ଡି.ଏନ୍.ଏ.):** ସାଲେପୁର ଥାନା ଅଞ୍ଚଳରେ ଘରୁ ଚାଲିଯାଇଥିବା ଜଣେ ନାବାଳିକାଙ୍କୁ ସମନ୍ୱିତ ଶିଶୁବିକାଶ ଯୋଜନା ଅଧିକାରିଣୀ(ସିଡିପିଓ) ସୁଷମା ମହାପାତ୍ର ଶନିବାର ଉଦ୍ଧାର କରିଛନ୍ତି। ଏହି ଅଞ୍ଚଳର ଜଣେ ଯୁବକ ବିବାହ ପ୍ରଲୋଭନ ଦେଖାଇ ସମ୍ପୃକ୍ତା ନାବାଳିକାଙ୍କୁ ଘରେ ନେଇ ରଖିଛନ୍ତି ବୋଲି ସିଡିପିଓଙ୍କ ନିକଟରେ ପରିବାର ଲୋକେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ସିଡିପିଓ ମହାପାତ୍ରଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୁବକଙ୍କ ଘରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଶିଶୁମଙ୍ଗଳ ସମିତି କଟକରେ ଜିମା ଦେଇଛନ୍ତି।

## ସଂକ୍ଷେପରେ

### ଅଳଙ୍କାର ଜବତ, ୨ ଗିରଫ

**ମଙ୍ଗୁଳି,୩୦।୭(ଡି.ଏନ୍.ଏ.):** ଜୁଏଲେରିରୁ ଅଳଙ୍କାର ଚୋରି କରିବା ଅଭିଯୋଗରେ ଜଗତ୍‌ପୁର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମର୍କତନଗର ଥାନା ଅଧୀନ ସତୀଚଉରା ଇମାମପଡାର ଅନିଲ ଦାସ ଓ ମଙ୍ଗଳାବାଗ ଥାନା ଅନ୍ତର୍ଗତ ବାସୁଲିସାହିର ରଞ୍ଜନ କୁମାର ପୃଷ୍ଟି। ସେମାନଙ୍କ ନିକଟରୁ ୧କେଜି ୩୫୩ ଗ୍ରାମର ରୁପାଇଟା, ୬୦୦ ଗ୍ରାମର ରୁପା ଓ ୧୪ ଗ୍ରାମ ସୁନାଅଳଙ୍କାର ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଗତ ଶନିବାର ରାତିରେ ଦୁର୍ବୃତ୍ତମାନେ ଜଗତପୁର ଥାନା ଅଧୀନ ଆଇବି ରୋଡ୍‌ସ୍ଥିତ ବାସନ୍ତୀଦୁର୍ଗା ଜୁଏଲେରିର ଆଜବେଷ୍ଟସ ଭାଙ୍ଗି ଭିତରେ ପଶିଥିଲେ। ପରେ ଲକର କାଟି ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରିକରି ନେଇଥିଲେ। ଏ ନେଇ ଜୁଏଲାରୀ ମାଲିକ ଦୟାନିଧି ସାହୁ ରବିବାର ସକାଳେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୩୧୩/୨୨) ରୁଜୁ କରିଥିଲା।

### ସତ୍‌ସଙ୍ଗ ବିହାରରେ ବଡ଼ମା'ଙ୍କ ଜନ୍ମ ମହୋତ୍ସବ

**କଟକ ଅଫିସ, ୩୦।୭:** ବକ୍ସିବଜାରସ୍ଥିତ ସତ୍‌ସଙ୍ଗ ବିହାରରେ ଶ୍ରୀ ଶ୍ରୀ ବଡ଼ମା'ଙ୍କ ୧୨୯ତମ ଜନ୍ମ ମହୋତ୍ସବ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନରେ ସତ୍‌ସଙ୍ଗ ଆୟୋଜିତ ହୋଇଥିଲା। ଅମରନାଥ ବାନାର୍ଜୀଙ୍କ ପରିଚାଳନାରେ ଅନୁଷ୍ଠିତ ସତ୍‌ସଙ୍ଗରେ ଋତ୍ୱିକ ବିଭୂତି ଭୂଷଣ ପତି, ସନାତନ ନାୟକ, ପ୍ରମୋଦ ଦାସ ପ୍ରମୁଖ ବଡ଼ମା'ଙ୍କ ଜୀବନାଲେଖ୍ୟ ସମ୍ପର୍କରେ କହିଥିଲେ। ସେହିପରି ଆଧାତ୍ମିକ ସଙ୍ଗୀତ କାର୍ଯ୍ୟକ୍ରମରେ ସବିତା ନାୟକ, ମମତା ପ୍ରଧାନ, ସ୍ୱରୂପ ଦାସ, ସ୍ମୃତି ଧରଙ୍କ ସହ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ। କଟକ ସତ୍‌ସଙ୍ଗ ବିହାର ସମ୍ପାଦକ ଋତ୍ୱିକ ଉମ୍ବରୁଧର ଦାସ ଧନ୍ୟବାଦ ଦେଇଥିଲେ। ସୁରେନ୍ଦ୍ର ନାଥ ବେଉରା, ରାମଚନ୍ଦ୍ର ସାହୁ, ମୀନକେତନ ମହାନ୍ତି, ସୁରେଶ ଚନ୍ଦ୍ର ବେହେରା, ରବୀନ୍ଦ୍ର ନାଥ ଦୀକ୍ଷିତ ପ୍ରମୁଖ ସତ୍‌ସଙ୍ଗ ପରିଚାଳନାରେ ସହଯୋଗ କରିଥିଲେ।

### ଓଡ଼ିଶା ସ୍ୱାସ୍ଥ୍ୟ ବଜେଟ ଶୀର୍ଷକ ଆଲୋଚନାଚକ୍ର

**କଟକ ଅଫିସ, ୩୦।୭:** ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୂଲ୍ୟରେ ୩୫୫ତମ ପାଠଚକ୍ର 'ଓଡ଼ିଶା ସ୍ୱାସ୍ଥ୍ୟ ବଜେଟ୍: ୨୦୨୨-୨୩' ଶୀର୍ଷକ ଆଲୋଚନାଚକ୍ର ପ୍ରଜାତନ୍ତ୍ର ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏସ୍‌ସିବି ମେଡିକାଲ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ସିଦ୍ଧାର୍ଥ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଏମ୍‌ପି ଭର୍ତ୍ତୃହରି ମହତାବ କହିଥିଲେ, ରାଜ୍ୟ ସରକାର ପୂର୍ବ ବଜେଟ ତୁଳନାରେ ପ୍ରାୟ ୨୫ ପ୍ରତିଶତ ଅଧିକ ବଜେଟ୍ ବରାଦ କରିଛନ୍ତି। ମହିଳାଙ୍କ କ୍ଷେତ୍ରରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା, ମାଗଣା ଔଷଧ ଯୋଗାଣ, ଘରୋଇ ଡାକ୍ତରଖାନାଗୁଡ଼ିକ ନଗଦବିହୀନ ଚିକିତ୍ସାର ପ୍ରତିପୂରଣ ଖର୍ଚ୍ଚ, ସ୍ୱାସ୍ଥ୍ୟସେବାରେ ନୂଆପଡ଼ା, କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର ଜିଲାକୁ ଅନ୍ତର୍ଭୁକ୍ତ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେ କହିଥିଲେ। ସମ୍ମାନିତ ବକ୍ତା ଭାବେ ବିଧାୟକ ଦେବୀ ପ୍ରସାଦ ମିଶ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଦୀନବନ୍ଧୁ ପଣ୍ଡା, ବିଶିଷ୍ଟ ସ୍ତମ୍ଭକାର ଡ. ସନ୍ତୋଷ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସନ୍ତୋଷ ପତି କାର୍ଯ୍ୟକ୍ରମ ପରିଚାଳନା ଏବଂ ଡା. ରବି ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

### ସଡ଼କ ଦୁର୍ଘଟଣାରେ ଖବରକାଗଜ ବିତରକ ଗୁରୁତର

**ସାଲେପୁର,୩୦।୭(ଡି.ଏନ୍.ଏ.):** କଟକ-ସାଲେପୁର ରାସ୍ତାର ହୋଣ୍ଡା ଶୋ'ରୁମ୍ ନିକଟରେ ଶନିବାରଏକ ସଡ଼କ ଦୁର୍ଘଟଣାରେ ଲୁଣାହାର ଗ୍ରାମର ନିରଞ୍ଜନ ବାରିକ ଗୁରୁତର ହୋଇଛନ୍ତି। ସେ ସାଲେପୁର ଅଞ୍ଚଳରେ ଖବରକାଗଜ ବିତରକ ଭାବେ କାର୍ଯ୍ୟ କରନ୍ତି। ସେ ପ୍ରତିଦିନ ଭଳି କାଉଣ୍ଟରରୁ ସାଇକେଲ୍‌ରେ ଖବରକାଗଜ ନେଇ ବିତରଣ କରିବାକୁ ଯାଉଥିବାବେଳେ ବିପରୀତ ଦିଗରୁ ଚାନ୍ଦୋଳ ଅଞ୍ଚଳର ଜୟନ୍ତ କୁମାର ଦାଶ ଏକ ବାଇକ୍‌ରେ ୨ ଜଣଙ୍କ ସହ ଆସୁଥିଲେ। ହୋଣ୍ଡା ଶୋ'ରୁମ୍ ନିକଟରେ ଉଭୟଙ୍କ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ନିରଞ୍ଜନଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଛି। ଦୁର୍ଘଟଣାରେ ଜୟନ୍ତ ମଧ ଆହତ ହୋଇଛନ୍ତି। ଖବରପାଇ ଦମକଳବାହିନୀ ପହଞ୍ଚି ନିରଞ୍ଜନଙ୍କୁ ଉଦ୍ଧାର କରି ପ୍ରଥମେ ସାଲେପୁର ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି।

# ରାସ୍ତାରେ ୫ ଫୁଟର ଗର୍ତ୍ତ

- ସ୍ଥିତି ଅନୁଧ୍ୟାନ କଲେ ମେୟର
- ଯାତାୟାତ ବାଧାପ୍ରାପ୍ତ

**କଟକ ଅଫିସ, ୩୦।୭**

କଟକ ସହରର ବିଭିନ୍ନ ସ୍ଥାନରେ ରାସ୍ତାଘାଟ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଠିକା ସଂସ୍ଥା ଜାଇକା ବିଭିନ୍ନ ୱାର୍ଡରେ ରାସ୍ତା ମରାମତି ଆଳରେ ଖୋଳି ପକାଇଛି। ବର୍ଷା ହେଲେ ସେଥିରେ ପାଣି ରହୁଛି। ଲୋକମାନେ ଖାଲରେ ପଡି ଆହତ ହେଉଥିବାବେଳେ ଯାତାୟାତରେ ସମସ୍ୟା ହେଉଛି। ଜାଇକା ଯନ୍ତ୍ରଣାରେ ଲୋକମାନେ ଅତିଷ୍ଠ ହୋଇପଡିଲେଣି। ନିମ୍ନମାନର କାମ ଯୋଗୁ ଚୌଧୁରୀ ବଜାର ଦୁର୍ଗାଘର ସମ୍ମୁଖ ରାସ୍ତା ମଝିରେ ଶନିବାର ପ୍ରାୟ ୫ ଫୁଟର ଗର୍ତ୍ତ ସୃଷ୍ଟି ହୋଇଛି। ଏଥିଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଖବରପାଇ ସିଏମ୍‌ସି ମେୟର ସୁବାସ ସିଂ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ନିମ୍ନମାନର କାର୍ଯ୍ୟ ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ତୁରନ୍ତ ଏହାର ମରାମତି ପାଇଁ ଜାଇକା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।


ମେୟର ସୁବାସ ସିଂ ଚୌଧୁରୀ ବଜାର ଦୁର୍ଗାଘର ସମ୍ମୁଖ ରାସ୍ତାର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ମରାମତି ସରିଲେ ଘଟଣାସ୍ଥଳରୁ ଯିବି ବୋଲି ମେୟର କହିଥିଲେ। ଘଟଣାସ୍ଥଳରେ ଜାଇକା କର୍ତ୍ତୃପକ୍ଷ ପହଞ୍ଚି ମେୟରଙ୍କ ସହ ଆଲୋଚନା କରିଥିଲେ। ପରେ ବାଲି ଭର୍ତ୍ତି କରାଯାଇ ଉକ୍ତ ଗର୍ତ୍ତ ମରାମତି କରାଯାଇଥିଲା। ଏ ସମ୍ପର୍କରେ ମେୟର ସିଂ କହିଛନ୍ତି, ରାସ୍ତା ଧସିବା ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲି। ନିଜେ ଉପସ୍ଥିତ ରହି ମରାମତି କାର୍ଯ୍ୟ ତଦାରଖ କରିଥିଲି।

ସହରରେ ଏପରି ଘଟଣା ନୂଆ ନୁହଁ। ପୂର୍ବରୁ ରିଂରୋଡ, ଟିଭି ସେଣ୍ଟର, ବାଦାମବାଡି, ଲିଙ୍କ୍‌ରୋଡ ଆଦି ସ୍ଥାନରେ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା। ରାସ୍ତା ମରାମତି ଓ ଡ୍ରେନ୍ ନିର୍ମାଣ ପାଇଁ ଟେଣ୍ଡର ମାଧ୍ୟମରେ ୨୦୧୩ରେ ଜାଇକାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଇତିମଧ୍ୟରେ ୮ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହି କାର୍ଯ୍ୟ ସାରିବା ପାଇଁ ସହରବାସୀଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ଜାଇକା କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# 'ସଚେତନ ହେଲେ ହେପାଟାଇଟିସ ସଂକ୍ରମଣ ରୋକାଯାଇପାରିବ'

**ବାଙ୍କୀ,୩୦।୭(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ହେପାଟାଇଟିସ ଦିବସ ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡାକ୍ତର ଅମରେଶ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ରୋଗର କାରଣ, ଲକ୍ଷଣ ଓ ନିରାକରଣ ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯାଇଥିଲା। ଏହି ରୋଗର କାରଣଗୁଡିକ ହେଲା ଅସୁରକ୍ଷିତ ଯୌନ ସମ୍ପର୍କ, ଡ୍ରଗ୍ସ ନେବା ବେଳେ ଗୋଟିଏ ଛୁଞ୍ଚିକୁ ଏକାଧିକବାର ବ୍ୟବହାର, ସେଲୁନରେ ଗୋଟିଏ ବ୍ଲେଡରେ ଏକାଧିକ ଲୋକ ସେଭିଂ ହେବା, ଗୋଟିଏ ଛୁଞ୍ଚିରେ ଏକାଧିକ ଲୋକ ଚିତ୍ତା କୁଟାଇବା ଇତ୍ୟାଦି ବୋଲି ସାହୁ କହିଥିଲେ। ସଂକ୍ରମିତ ମା'ଠାରୁ ତା'ର ଶିଶୁକୁ ଏହି ରୋଗ ବ୍ୟାପିଥାଏ ବୋଲି ସେ କହିଥିଲେ। ସଚେତନ ହେଲେ ହେପାଟାଇଟିସ ସଂକ୍ରମଣ ରୋକାଯାଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ କୁମାର ସାହୁ, ବିପିଏମ୍ ସଙ୍ଗୀତା ଦାଶ, ସୁପରଭାଇଜର ମାନଭଞ୍ଜନ ଦଳେଇ, ସ୍ୱାସ୍ଥ୍ୟକର୍ମୀ ମଞ୍ଜୁଲତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ମୋ ସ୍କୁଲ ଅଭିଯାନ ସମ୍ପର୍କିତ ସଭା

**କଟକ ସଦର,୩୦।୭(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଞ୍ଚଳର ୧୬ଟି ହାଇସ୍କୁଲକୁ ମୋ ସ୍କୁଲ ଅଭିଯାନରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ୪୨ ମୌଜା ଅନ୍ତର୍ଗତ ବେଣ୍ଟକାର ହାଇସ୍କୁଲରେ ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା।

ପ୍ରତି ସ୍କୁଲ ପାଇଁ ସରକାର ୪୫ ଲକ୍ଷ ଟଙ୍କା ପ୍ରଦାନ କରିବେ। ଏହି ଟଙ୍କା ମୋ ସ୍କୁଲ ଅଭିଯାନ ପାଇଁ ଖୋଲାଯାଇଥିବା ବ୍ୟାଙ୍କ ଆକାଉଣ୍ଟରେ ରହିବ। ଏଥିରୁ ୧୮ ଲକ୍ଷ ଟଙ୍କା ବିଡିଓଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର୍ କରାଯାଇ ସ୍କୁଲ ଘରର ମରାମତି ଓ ରଙ୍ଗ କରାଯିବ। ପୂର୍ବରୁ ସାମିଲ ହୋଇଥିବା ସ୍କୁଲରେ ବିଭାଗୀୟ କାମବେଳେ କାର୍ଯ୍ୟନିର୍ବାହୀ ଅନୁପସ୍ଥିତ ରହିବା ସମ୍ପର୍କରେ ଜଣେ ପୁରାତନ ଛାତ୍ର ବିଡିଓଙ୍କୁ ପ୍ରଶ୍ନ କରିଥିଲେ। ହେଲେ ଏ ସମ୍ପର୍କରେ ବିଡିଓ ପରିଡ଼ା ଉତ୍ତର ଦେଇପାରି ନ ଥିଲେ। ଏହାକୁ ନେଇ ଉପସ୍ଥିତ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। କାରଣ ଘରର କ୍ଷତି ହେଲେ ଅଭିଭାବକମାନେ ଶିକ୍ଷକଙ୍କୁ ଉତ୍ତରଦାୟୀ କରିବେ। ବ୍ଲକର ଭୂମିକା ନଗଣ୍ୟ ହୋଇଯିବ। ଏହି ସଭାରେ ବିଭୂତି ଭୂଷଣ ପରିଡ଼ାଙ୍କ ସମେତ ବ୍ଲକର ସମସ୍ତ ଯନ୍ତ୍ରୀ, ଗ୍ରାମପଞ୍ଚାୟତ ବୈଷୟିକ ସହାୟକ, ସ୍କୁଲ ପରିଚାଳନା କମିଟି ସଭ୍ୟ ଉପସ୍ଥିତ ଥିଲେ। ତେବେ ସଭା ଆରମ୍ଭରୁ ୨ ଜଣ ଲୋକପ୍ରତିନିଧିଙ୍କ ମଧ୍ୟରେ ଏକ କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଜଣେ ଅନ୍ୟ ଜଣଙ୍କୁ ଚାପୁଡା ମାରିଥିଲେ। ଏହାକୁ ନେଇ କିଛି ସମୟ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ସମୟରେ କଟକ ସଦର ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର ଉଭୟଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।


ଶନିବାର କଟକ ସାରଳା ଭବନରେ କବି ରଞ୍ଜନ କୁମାର ଦାସଙ୍କ ରଚିତ ତିନୋଟି ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

# 'ରଞ୍ଜନ ଦାସଙ୍କ ନିବନ୍ଧ ଓଡ଼ିଆ ସାହିତ୍ୟର ଉଲ୍ଲେଖନୀୟ କୃତି'

## ୩ ପୁସ୍ତକ ଲୋକାର୍ପିତ

**କଟକ ଅଫିସ, ୩୦।୭**

ବିଶିଷ୍ଟ କବି ରଞ୍ଜନ କୁମାର ଦାସଙ୍କ ରଚିତ ୩ଟି ପୁସ୍ତକ 'ଅସନ୍ତୋଷର ପୃଥିବୀ', 'ଥାଇ ଘୋର ଜଳେଣ' ଏବଂ 'ଶବ୍ଦ ଶସ୍ତ୍ର'ର ଲୋକାର୍ପଣ ଉତ୍ସବ କଟକ ସାରଳା ଭବନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସାରଳା ସାହିତ୍ୟ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ରବିନାରାୟଣ ସେନାପତି ପୁସ୍ତକକୁ ଉନ୍ମୋଚନ କରି କହିଥିଲେ, ଦାସଙ୍କ ନିବନ୍ଧଗୁଡ଼ିକ ଓଡ଼ିଆ ସାହିତ୍ୟର ଏକ ଉଲ୍ଲେଖନୀୟ କୃତି। ସାମ୍ପ୍ରତିକ ଘଟଣାବଳୀକୁ ସେ ନିଛକ ଭାବରେ ତାଙ୍କ ସୃଷ୍ଟିରେ ଚିତ୍ରଣ କରିଛନ୍ତି। ସେହିପରି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଥିଲେ, ଲେଖକ ମନସ୍କ ହେବା ସହିତ ପ୍ରଶାସନିକ କାର୍ଯ୍ୟରେ ଦାସ ସଫଳତା ଅର୍ଜନ କରିଛନ୍ତି। ବିଶିଷ୍ଟ ପ୍ରାବନ୍ଧିକ ଡ. ବୈଷ୍ଣବ ଚରଣ ମହାନ୍ତି କହିଥିଲେ, ଦୈନନ୍ଦିନ ଘଟୁଥିବା ସମାଜର ଘଟଣାକୁ ନିଜସ୍ୱ ଦୃଷ୍ଟିଭଙ୍ଗୀରେ ଉପସ୍ଥାପନ କରି ପାଠକଙ୍କୁ ଏକ ସଫଳ କୃତି ଉପହାର ଦେଇଛନ୍ତି ଲେଖକ ରଞ୍ଜନ କୁମାର ଦାସ। ବିଶିଷ୍ଟ ନାଟ୍ୟକାର ଡ. ବିଜୟ କୁମାର ଶତପଥୀ ସମ୍ମାନିତ ଅତିଥି ରୂପେ ଯୋଗଦେଇ କହିଥିଲେ, କବି ଦାସ ଆଧୁନିକ ମଣିଷର ଜୀବନ ଜିଜ୍ଞାସା ଓ ଗତିପଥକୁ ସରଳ ଏବଂ ସୁନ୍ଦର ଭାବରେ ନିରୀକ୍ଷଣ କରି ନିଜ ସୃଷ୍ଟିରେ ପ୍ରତିଫଳିତ କରିଛନ୍ତି। ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ପ୍ରଭାକର ନାୟକ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବକୁ ପ୍ରକାଶକ ବିଭୁ ତ୍ରିପାଠୀ ଓ ଦେବାଶିଷ ବେହେରା ପରିଚାଳନା କରିଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟର ମଜୁରି ମିଳୁନି

## ବିଡିଓଙ୍କ ନିକଟରେ ଅଭିଯୋଗ

**ସାଲେପୁର,୩୦।୭(ଡି.ଏନ୍.ଏ.)**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବହୁ ହିତାଧିକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ମିଳି ନ ଥିବା ନେଇ ଶନିବାର ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ନରଦା ପଞ୍ଚାୟତର ବହୁ ଜବ୍‌କାର୍ଡଧାରୀମାନେ ୨୦୨୧-୨୨ ଓ ଚଳିତ ଆର୍ଥିକ ବର୍ଷରେ ନରଦା ପଞ୍ଚାୟତ କାର୍ଯ୍ୟାଳୟଠାରୁ ତାରିଣୀ ପୋଖରୀ ହରିପୁର ଚକ ରାସ୍ତା ନିର୍ମାଣରେ ଶ୍ରମିକ ଭାବେ କାର୍ଯ୍ୟ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ମଜୁରି ବାବଦ ଟଙ୍କା ବ୍ୟାଙ୍କ ଖାତାକୁ ଆସି ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସରପଞ୍ଚ ଓ ଗ୍ରାମ ରୋଜଗାର ସେବକ ଏବଂ ଗ୍ରାମ ସାଥୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ କେଦାର ମଲ୍ଲିକ, ରାମଚନ୍ଦ୍ର ମଲ୍ଲିକ, ଦୀପକ କୁମାର ମହାନ୍ତି, ଜଗବନ୍ଧୁ ସାହୁ, ବିଷ୍ଣୁଚରଣ ମଲ୍ଲିକ, ସୁନାକର ସାମଲ ପ୍ରମୁଖ ଅଭିଯୋଗ କରିଛନ୍ତି।

# 'ସୂଚନା, ପ୍ରଯୁକ୍ତି ବିଦ୍ୟା ଉଚ୍ଚଶିକ୍ଷାର ମାନ ବୃଦ୍ଧି କରିଛି'



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

**ବାଙ୍କୀ,୩୦।୭(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗର ଆନୁକୂଲ୍ୟରେ ଏକ ଆଞ୍ଚଳିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷାରେ ସୂଚନା, ଯୋଗାଯୋଗ, ପ୍ରଯୁକ୍ତି ଓ ଅଭିନବୀକରଣ ଏହାର ବିଷୟବସ୍ତୁ ଥିଲା। ଏହି ଆଲୋଚନାଚକ୍ରକୁ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଉଦ୍‌ଘାଟନ କରି ବିଂଶ ଶତାବ୍ଦୀରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଯୋଗୁ ଉଚ୍ଚଶିକ୍ଷାର ମାନ ବୃଦ୍ଧି ପାଇଛି ବୋଲି କହିଥିଲେ। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ଡ.ଭାବଗ୍ରାହୀ ବିଶ୍ୱାଳ ଯୋଗଦେଇ ଉଚ୍ଚ ଶିକ୍ଷାର ମୂଲ୍ୟବୋଧ ଓ ଅଭିନବୀକରଣ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତାଭାବେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଡ.ପ୍ରସନ୍ନ କୁମାର ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବେରୁନିଆ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ.ପ୍ରମୋଦ କୁମାର ଦାଶ, ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ନିରଞ୍ଜନ ମହାନ୍ତି ଓ ଅଧ୍ୟାପିକା ଶିବାନୀ ଦେବଦର୍ଶିନୀ ପ୍ରଧାନ ଯୋଗଦେଇଥିଲେ। ଅଧ୍ୟାପିକା ଜ୍ୟୋତିର୍ମୟୀ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ପାଠଚକ୍ର ସମ୍ପାଦିକା ରଶ୍ମିତା ରାଉତ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଏଲିଜା ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଉପନ୍ୟାସ ସମାଜର ବାସ୍ତବ ଚିତ୍ରକୁ ପ୍ରଦର୍ଶନ କରେ

## ଡମପଡ଼ା ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ବାଙ୍କୀ,୩୦।୭(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟର ୨୨ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ କଲେଜ ପରିସରରେ ଏକ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାର ଶୀର୍ଷକ ଥିଲା ସାହିତ୍ୟରେ ଉପନ୍ୟାସର ଭୂମିକା। ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ରଣା ଏଥିରେ ସଭାପତିତ୍ୱ କରି ଉପନ୍ୟାସ ସମ୍ବନ୍ଧରେ ଛାତ୍ରୀଛାତ୍ରମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର ନଟବର ଶତପଥୀ ଯୋଗଦେଇ ଉପନ୍ୟାସ ସମାଜର ବାସ୍ତବ ଚିତ୍ରକୁ ପ୍ରଦର୍ଶନ କରେ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଡ.ଗଣେଶ୍ୱର ସ୍ୱାଇଁ ଯୋଗଦେଇ ଫକୀରମୋହନଙ୍କ ଛଅମାଣ ଆଠଗୁଣ୍ଠର ଚରିତ୍ର ସମ୍ବନ୍ଧରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ହରିହର ସ୍ୱାଇଁ, ଆଞ୍ଚଳିକ ହରିଜନ କଲ୍ୟାଣ ପରିଷଦର ସମ୍ପାଦକ କେଶବ ଚନ୍ଦ୍ର ବେହେରା, ଭୋକିଲା ପେଟର ସମ୍ପାଦକ ସୁଧୀର ଚନ୍ଦ୍ର ନାୟକ, ନୀଳମାଧବ କଲେଜର ଅଧ୍ୟାପକ ନୀରୋଦ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତପୋଷଣ କରିଥିଲେ। ମହାବିଦ୍ୟାଳୟର କର୍ମଚାରୀ ଜ୍ୟୋତିପ୍ରକାଶ ପାଣିନୀ, ତାପସ କୁମାର ମହାନ୍ତି, ମହେଶ କୁମାର ରାଉତ, ସ୍ମୃତି ସନ୍ଧ୍ୟା ଦାଶ ଓ ବିଷ୍ଣୁପ୍ରିୟା ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# 'ବିଦ୍ୟୁତ୍ ସଞ୍ଚୟରେ ସଂସ୍କାର ଆଣିଛି ଓଡ଼ିଶା'

## ଉଜ୍ଜ୍ୱଳ ଭାରତ, ଉଜ୍ଜ୍ୱଳ ଭବିଷ୍ୟତ ବିଜୁଳି ମହୋତ୍ସବ

- ବିଜୁ ଗ୍ରାମ ଜ୍ୟୋତି ଯୋଜନାରେ ଦୁର୍ଗମ ଅଞ୍ଚଳରେ ପହଞ୍ଚିଛି ବିଦ୍ୟୁତ୍

**କଟକ ଅଫିସ, ୩୦।୭**

ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜାଦି କା ଅମୃତ ମହୋତ୍ସବ ପାଳନ କରାଯାଉଛି। ଏହି ଅବସରରେ କେନ୍ଦ୍ର ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗର ମିଳିତ ଆନୁକୂଲ୍ୟରେ କଟକ ଶହୀଦ ଭବନଠାରେ ଉଜ୍ଜ୍ୱଳ ଭାରତ, ଉଜ୍ଜ୍ୱଳ ଭବିଷ୍ୟତ୨୦୪୭ ବିଜୁଳି ମହୋତ୍ସବର ଉଦ୍‌ଯାପନୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଏମ୍‌ସି ମେୟର ସୁବାସ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ରାଜ୍ୟ ସରକାରଙ୍କ ବିଜୁ ଗ୍ରାମଜ୍ୟୋତି ଯୋଜନା ମାଧ୍ୟମରେ ଦୁର୍ଗମ ଅଞ୍ଚଳରେ ବିଜୁଳି ପହଞ୍ଚି ପାରିଛି। ତୃଣମୂଳ ସ୍ତରରେ ବିଜୁଳି ଆଲୋକ ଯୋଗାଇ ଉଜ୍ଜ୍ୱଳ ଭାରତ, ଉଜ୍ଜ୍ୱଳ ଭବିଷ୍ୟତ ଯୋଜନାକୁ ସଫଳ କରାଯାଇପାରିଛି ବୋଲି ସିଂ କହିଥିଲେ। ସେହିପରି ଜିଲାପାଳ ଭବାନୀ ଶଙ୍କର ଚୟନୀ ଉତ୍ସବରେ ସଭାପତିତ୍ୱ କରି ବିଦ୍ୟୁତ ସଞ୍ଚୟ, ଅଣପାରମ୍ପରିକ ବିଦ୍ୟୁତ୍ ଶକ୍ତିର ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ସମଗ୍ର ଦେଶରେ ସଂସ୍କାର ଆଣିପାରିଛି ବୋଲି କହିଥିଲେ। ଏଥିରେ ଓପିଟିସିଏଲ ନିର୍ଦ୍ଦେଶକ ରଘୁନାଥ ପ୍ରତିହାରୀ, ଟିପିସିଓଡିଏଲ ଚିଫ୍ ଅପରେସନ ଅଧିକାରୀ ରାଜ କୁମାର ରସ୍ତୋଗୀ, ଏନଟିପିସି ସହକାରୀ ସାଧାରଣ ପରିଚାଳକ ଅଞ୍ଜନ କ୍ରିଷ୍ଣକାମିଲା, ଅସିମ କୁମାର ଗୋସ୍ୱାମୀ ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଶକ୍ତି ଯୋଜନା ସମ୍ବନ୍ଧରେ ବକ୍ତବ୍ୟ ଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଇଂ. ସଞ୍ଜୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁଳି ଶକ୍ତି ସଂରକ୍ଷଣ, ବ୍ୟବହାର ଓ ସତର୍କତାଜନିତ ପାୱାର ପଏଣ୍ଟ ଦୃଶ୍ୟଶ୍ରାବ୍ୟ ନାଟକ ଓ ସମ୍ବଲପୁରୀ ନୃତ୍ୟ ଆଦି ପରିବେଷିତ ହୋଇଥିଲା।

# ସଚେତନତା ଦ୍ୱାରା ଡେଙ୍ଗୁ ନିରାକରଣ ସମ୍ଭବ

**କଟକ ଅଫିସ, ୩୦।୭**



ଜିଲାସ୍ତରୀୟ ଡେଙ୍ଗୁ ନିରାକରଣ ମାସ ବୈଠକରେ ମଞ୍ଚାସୀନ ଅତିଥିମାନେ।

## ଜିଲାସ୍ତରୀୟ ଡେଙ୍ଗୁ ନିରାକରଣ ମାସ ବୈଠକ

- ସପ୍ତାହରେ ଗୋଟିଏ ଦିନ ଡ୍ରାଏ ଦିବସ ପାଳନକୁ ଗୁରୁତ୍ୱ
- ଆଶାକର୍ମୀଙ୍କ ଦ୍ୱାରା କରାଯାଉଛି ଡେଙ୍ଗୁ ସଚେତନତା ଅଭିଯାନ

ବର୍ଷା ଋତୁରେ ପ୍ରତି ସପ୍ତାହର ଗୋଟିଏ ଦିବସକୁ ଡ୍ରାଏ ଦିବସ ଭାବେ ପାଳନ କରାଯାଉ। ଏଥିସହ ପ୍ରତ୍ୟେକ ପରିବାର ନିଜ ଘର ଓ ଚତୁଃପାର୍ଶ୍ୱ, ଶିକ୍ଷାନୁଷ୍ଠାନ ପରିସର, ପ୍ରତ୍ୟେକ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଔଦ୍ୟୋଗିକ ଅନୁଷ୍ଠାନ ଏବଂ ଶିଳ୍ପସଂସ୍ଥା କର୍ତ୍ତୃପକ୍ଷମାନେ କୌଣସି ସ୍ଥାନରେ ବର୍ଷାଜଳ ଜମିବାକୁ ଦିଅନ୍ତୁ ନାହିଁ। ଡେଙ୍ଗୁ ନିରାକରଣ ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ସମସ୍ତ କର୍ତ୍ତୃପକ୍ଷ ଯତ୍ନବାନ ହୁଅନ୍ତୁ। ଏହାଦ୍ୱାରା ଜିଲାରେ ଡେଙ୍ଗୁ ନିରାକରଣ ମାସ ପାଳନର ଯଥାର୍ଥତା ହୋଇପାରିବ ବୋଲି ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ କହିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଡେଙ୍ଗୁ ନିରାକରଣ ମାସ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଣ୍ଡାୟତରାୟ ଅଧ୍ୟକ୍ଷତା କରି ଉପରୋକ୍ତ ବିଷୟରେ କହିଥିଲେ। ସେହିପରି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସତ୍ୟବ୍ରତ ଛୋଟରାୟ ଯୋଗଦେଇ କହିଥିଲେ, ଡେଙ୍ଗୁର ସାନ୍ଦ୍ରତା ଅଗଷ୍ଟ ମାସରେ ଅଧିକ ପରିଲକ୍ଷିତ ହୋଇଥାଏ। ଏଣୁ ସମଗ୍ର ଜିଲାରେ ସମନ୍ୱିତ ଡେଙ୍ଗୁ ନିରାକରଣ ସଚେତନତା ଅଭିଯାନ ଆଶାକର୍ମୀଙ୍କ ଦ୍ୱାରା କରାଯାଉଛି। ସେହିପରି ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରଞ୍ଜନ କୁମାର ସିଂ କହିଥିଲେ, ଡେଙ୍ଗୁ ଏଡିସ ମଶା ଦ୍ୱାରା ବ୍ୟାପେ। ଏଣୁ ଘର ଚତୁଃପାର୍ଶ୍ୱରେ ବର୍ଜ୍ୟବସ୍ତୁ ନ ରଖିବାକୁ ସେ ପରାମର୍ଶ ଦେଇଥିଲେ। ଏଥିରେ ପରାମର୍ଶଦାତ୍ରୀ ତୃପ୍ତିରାଣୀ ନାୟକ ଯୋଗଦେଇ କହିଥିଲେ, ଜିଲାର ଡେଙ୍ଗୁପ୍ରବଣ ଗ୍ରାମାଞ୍ଚଳ ବେଣ୍ଟକାର, ନିଆଳି, ଅଡଶପୁର, ମହୀଧରପଡା, ମାହାଙ୍ଗା, ଟାଙ୍ଗୀ-ସାଲେପୁରକୁ ଚିହ୍ନଟ କରାଯାଇଛି। ସେହିପରି ସହରାଞ୍ଚଳରେ ଜଗତପୁର, ଖପୁରିଆ, ଯୋବ୍ରା, କଲେଜଛକ, ଏସ୍‌ସିବି ମେଡିକାଲ ପରିସର, ମଧୁପାଟଣାକୁ ଚିହ୍ନଟ କରାଯାଇଛି। ଉପରୋକ୍ତ ଅଞ୍ଚଳରେ ସିଡିଏ, ସିଏମ୍‌ସି ଏବଂ ରାଜ୍ୟ ଶିଳ୍ପ ସଂଘ କର୍ମକର୍ତ୍ତା ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ନାୟକ ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେରେ ଡେପୁଟି କଲେକ୍ଟର ପ୍ରସନ୍ନ ସେନାପତି, ଓଡିଶା ଶିଳ୍ପସଂଘ ସାଧାରଣ ସମ୍ପାଦକ ବିନୋଦ ଭଞ୍ଜ, ଅର୍ଥ ସମ୍ପାଦକ କିଶୋର ଚନ୍ଦ୍ର ମହାନ୍ତି, ଜିଲା ସମାଜ ମଙ୍ଗଳ ଅଧିକାରୀ ଅଭୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।